# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶନିବାର, ମେ ୩୧/୨୦୨୫ (୧୪ ପୃଷ୍ଠା+ପିଲାଙ୍କ ଧରିତ୍ରୀ) | Bhubaneswar, Saturday, May 31/2025 | Page 14 | ₹ 7.00 | BALASORE

୫୧ଶ ଭାଗ ୧୮୫ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 185 | ମୂଲ୍ୟ₹୭/-




**ହଲିଉଡ୍ର ଷ୍ଟଣ୍ଟ ଡାଇରେକ୍ଟରଙ୍କ ସହାୟତା ନେଲେ ଯଶ୍**

କନ୍ନଡ ଅଭିନେତା ଯଶ୍ 'ରାମାୟଣ' ଚଳଚ୍ଚିତ୍ରରେ ନିଜ ଅଭିନୟକୁ ନିଖୁଣ କରିବା ପାଇଁ ହଲିଉଡ୍ର ଷ୍ଟଣ୍ଟ ଡାଇରେକ୍ଟର ଗେ' ନୋରିସ୍ଙ୍କ ସହାୟତା ନେଇଛନ୍ତି।

୦୪

୧୪

**ସାବାଲେଙ୍କା ଚତୁର୍ଥ ରାଉଣ୍ଡରେ**

ବେଲାରୁଷର ଆରିନା ସାବାଲେଙ୍କା ଫ୍ରେଞ୍ଚ ଓପନ ଗ୍ରାଣ୍ଡସ୍ଲାମ ଟେନିସ ମହିଳା ସିଙ୍ଗଲ୍ସ ୪ର୍ଥ ରାଉଣ୍ଡରେ ପ୍ରବେଶ କରିଛନ୍ତି।



# ଏନ୍ଇଇଟି-ପିଜି ଗୋଟିଏ ଶିଫ୍ଟରେ କରିବାକୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ

**ନୂଆଦିଲ୍ଲୀ,୩୦।୫(ପି.ଟି.)**

ଜୁନ୍ ୧୫ରେ ଅନୁଷ୍ଠିତ ହେବାକୁ ଥିବା ଚଳିତ ବର୍ଷରେ ପୋଷ୍ଟ ଗ୍ରାଜୁଏଟ୍ ଡାକ୍ତରୀ ପ୍ରବେଶିକା ପରୀକ୍ଷା (ଏନ୍ଇଇଟି-ପିଜି) ଗୋଟିଏ ଶିଫ୍ଟରେ କରିବା ପାଇଁ ସୁପ୍ରିମକୋର୍ଟ ଶୁକ୍ରବାର ନିର୍ଦ୍ଦେଶନାମା ଜାରି କରିଛନ୍ତି। ୨ଟି ଶିଫ୍ଟରେ ପରୀକ୍ଷା ସ୍ୱେଚ୍ଛାଚାରିତା ସୃଷ୍ଟି କରୁଥିବା ଜଷ୍ଟିସ୍ ବିକ୍ରମ ନାଥଙ୍କ ଅଧ୍ୟକ୍ଷତାରେ ଜଷ୍ଟିସ୍ ସଞ୍ଜୟ କୁମାର ଏବଂ ଏନ୍.ଭି. ଅଞ୍ଜାରିଆଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି। ଏନ୍ଇଇଟି-ପିଜି ୨୦୨୫ ଗୋଟିଏ ଶିଫ୍ଟରେ କରିବା ନିମନ୍ତେ ବ୍ୟବସ୍ଥା କରାଇବାକୁ ଖଣ୍ଡପୀଠ ପରୀକ୍ଷା ପରିଚାଳନା କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେବା ସହ ସମ୍ପୂର୍ଣ୍ଣ ସ୍ୱଚ୍ଛତା ବଜାୟ ରଖିବା ସହ ସୁରକ୍ଷିତ ସେଣ୍ଟର ସୁନିଶ୍ଚିତ କରିବାକୁ କହିଛନ୍ତି।

ଖଣ୍ଡପୀଠ ଆହୁରି କହିଛନ୍ତି, ୨ଟି ପ୍ରଶ୍ନପତ୍ର ମଧ୍ୟରେ ଅସୁବିଧା କିମ୍ବା ସହଜର ସମାନ ସ୍ତର କଦାପି ରହିପାରିବ ନାହିଁ। ଚଳିତ ବର୍ଷର ଏନ୍ଇଇଟି-ପିଜି ପରୀକ୍ଷା ଦୁଇଟି ଶିଫ୍ଟରେ ହେବ ବୋଲି ବିଜ୍ଞପ୍ତି ପ୍ରକାଶ ପାଇବା ପରେ ଆଇନଜୀବୀ ସୁକ୍ରିତି ଭଟ୍ଟନାଗର ଏହାକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ସାରା ଦେଶରେ ହେବାକୁ ଥିବା ଏହି ପରୀକ୍ଷା ପାଇଁ ୨,୪୨,୬୭୮ ଜଣ ଆବେଦନ କରିଛନ୍ତି। ଗୋଟିଏ ଶିଫ୍ଟରେ ପରୀକ୍ଷା କରାଇବା ପାଇଁ ପରୀକ୍ଷା ପରିଚାଳନାକାରୀ ସଂସ୍ଥା ସାରା ଦେଶରୁ ଯଥେଷ୍ଟ ସେଣ୍ଟର ପାଉ ନାହାନ୍ତି କି ବୋଲି ଖଣ୍ଡପୀଠ ପ୍ରଶ୍ନ କରିଛନ୍ତି। ପରୀକ୍ଷା ଜୁନ୍ ୧୫ରେ ହେବାକୁ ଥିବାରୁ ଗୋଟିଏ ଶିଫ୍ଟରେ କରାଇବା ପାଇଁ ଅଧିକ ପରୀକ୍ଷା କେନ୍ଦ୍ର ଚିହ୍ନଟ କରିବାକୁ ପରୀକ୍ଷା ପରିଚାଳନାକାରୀ ସଂସ୍ଥା ନ୍ୟାଶନାଲ ବୋର୍ଡ ଅଫ୍ ଏକ୍ଜାମିନେଶନ୍ସ ଇନ୍ ମେଡିକାଲ ସାଇନ୍ସ (ଏନ୍ବିଇଏମ୍ଏସ୍) ପାଖରେ ଏବେ ବି ୨ ସପ୍ତାହ ସମୟ ରହିଥିବା ଖଣ୍ଡପୀଠ କହିଛନ୍ତି।

**ଆଜିର ସମ୍ପାଦକୀୟ** ସ୍ୱର ବଦଳୁଛି



କନ୍ଧମାଳ ଜିଲା ବାଲିଗୁଡ଼ାରେ ଶୁକ୍ରବାର ମା' ପାଟ୍ଟଖଣ୍ଡା ଠାକୁରାଣୀଙ୍କ ସାହି ପରିକ୍ରମା।

# ଖାଦ୍ୟ ପ୍ୟାକେଟରେ '୧୦୦%' ଲେବଲ ମନା

## ଏଫ୍ଏସ୍ଏସ୍ଏଆଇ କଟକଣା

**ଦେଶରେ ଖାଦ୍ୟ ଅପମିଶ୍ରଣ ବଢ଼ିବାରେ ଲାଗିଥିବାବେଳେ କମ୍ପାନୀଗୁଡ଼ିକ ନିଜ ଉତ୍ପାଦର ପ୍ରଚାରପ୍ରସାର ସକାଶେ ସେଥିରେ '୧୦୦% ବିଶୁଦ୍ଧ' ଲେବଲ ଲଗାଉଛନ୍ତି। ବିଜ୍ଞାପନ ପାଇଁ ଏଭଳି ପ୍ରମୋଶନାଲ କଣ୍ଟେଣ୍ଟ ଉପଭୋକ୍ତାଙ୍କୁ ବିଭ୍ରାନ୍ତ କରୁଥିବା ଦର୍ଶାଇ କେନ୍ଦ୍ର ସରକାର ଏହା ଉପରେ ଅଙ୍କୁଶ ଲଗାଇଛନ୍ତି। ଏଣିକି କୌଣସି କମ୍ପାନୀ ନିଜ ଉତ୍ପାଦର ପ୍ୟାକିଂ ଉପରେ ୧୦୦% ଶୁଦ୍ଧ ବୋଲି ଉଲ୍ଲେଖ କରିପାରିବେ ନାହିଁ। ଏପରିକି ଖାଦ୍ୟ ପ୍ରସ୍ତୁତକାରୀ କମ୍ପାନୀ ଫୁଡ୍ ପ୍ରଡକ୍ଟ ସମ୍ପର୍କରେ ସମ୍ପୂର୍ଣ୍ଣ ନିର୍ଭୁଲ ସୂଚନା ଦେବାକୁ ବାଧ ବୋଲି ଭାରତୀୟ ଖାଦ୍ୟ ସୁରକ୍ଷା ଓ ମାନକ କର୍ତ୍ତୃପକ୍ଷ (ଏଫ୍ଏସ୍ଏସ୍ଏଆଇ) ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି।**




**ନୂଆଦିଲ୍ଲୀ,୩୦।୫**

ଭାରତର ସର୍ବୋଚ୍ଚ ଖାଦ୍ୟ ସୁରକ୍ଷା କର୍ତ୍ତୃପକ୍ଷ ଫୁଡ୍ ବିଜ୍ନେସ୍ ହାଉସ୍ଗୁଡ଼ିକ ଉପରେ କଠୋର ଆଭିମୁଖ୍ୟ ଦେଖାଇଛନ୍ତି। କମ୍ପାନୀଗୁଡ଼ିକ କୌଣସି ଖାଦ୍ୟ ପ୍ୟାକେଟ, ଲେବଲ୍ ଓ ବିଜ୍ଞାପନରେ '୧୦୦% ବିଶୁଦ୍ଧ' ଦାବି କରିପାରିବେ ନାହିଁ ବୋଲି ଫୁଡ୍ ସିକ୍ୟୁରିଟି ଆଣ୍ଡ ଷ୍ଟାଣ୍ଡାର୍ଡ୍ସ ଅଥରିଟି ଅଫ୍ ଇଣ୍ଡିଆ (ଏଫ୍ଏସ୍ଏସ୍ଏଆଇ) ସ୍ପଷ୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏଫ୍ଏସ୍ଏସ୍ଏଆଇ ପକ୍ଷରୁ ଗୁରୁବାର ଜାରି ଏକ ନିର୍ଦ୍ଦେଶନାମାରେ କୁହାଯାଇଛି ଯେ, '୧୦୦%' ବୋଲି ଉଲ୍ଲେଖ କରାଯିବା ଦ୍ୱାରା ବଜାରରେ ସବୁ ଖାଦ୍ୟର ବିକ୍ରି ଉଲ୍ଲେଖନୀୟ ଭାବେ ବୃଦ୍ଧି ପାଇଛି। ତେବେ ଫୁଡ୍ ସେଫ୍ଟି ଆଣ୍ଡ ଷ୍ଟାଣ୍ଡାର୍ଡ୍ସ (ଏଫ୍ଏସ୍ଏସ୍) ଆଇନ ଓ ଏହାର କୌଣସି ନିୟମରେ ଏପରି ଅଭିବ୍ୟକ୍ତି ସମ୍ପର୍କରେ ଉଲ୍ଲେଖ ନାହିଁ। ଖାଦ୍ୟ ପ୍ୟାକେଟରେ ଏପରି ଲେବଲ ଲଗାଇ ବଜାରକୁ ଛଡ଼ାଯିବା ଦ୍ୱାରା ଉପଭୋକ୍ତା ତାକୁ ସତକୁ ସତ ୧୦୦ ପ୍ରତିଶତ ବିଶୁଦ୍ଧ ମନେକରି କିଣିନେଉଛନ୍ତି। ଯେଉଁ ପ୍ୟାକେଟରେ ଏପରି ଉଲ୍ଲେଖ କରାଯାଉ ନାହିଁ, ତାକୁ ଲୋକେ ୧୦୦% ଶୁଦ୍ଧ ଲେଖାଥିବା ଖାଦ୍ୟ ତୁଳନାରେ ନ୍ୟୂନ ମନେକରୁଛନ୍ତି। ଏପରି ଭାଷା ଏଫ୍ଏସ୍ଏସ୍ଏଆଇ ନିୟାମକର କୌଣସି ବୈଧାନିକ ଆବଶ୍ୟକତାକୁ ପୂରଣ କରୁ ନ ଥିବାରୁ ଏହାକୁ ତୁରନ୍ତ ବନ୍ଦ କରିବାକୁ ପଡ଼ିବ ବୋଲି ଆଡ୍ଭାଇଜରିରେ କୁହାଯାଇଛି। '୧୦୦%' ଲେବଲକୁ ପ୍ରଚଳିତ ଆଇନ ଅନୁସାରେ ବିଧିବଦ୍ଧ ଭାବେ ପରିଭାଷିତ ଓ ନିର୍ଦ୍ଧାରିତ ନ କରି ବ୍ୟବହାର କରିବା ମିଥ୍ୟା ବିଜ୍ଞାପନ ବୋଲି ଏଫ୍ଏସ୍ଏସ୍ଏଆଇ ଚେତାଇଦେଇଛନ୍ତି।

କେବଳ ଏତିକି ନୁହେଁ, ଦେଶର ସର୍ବୋଚ୍ଚ ଖାଦ୍ୟ ସୁରକ୍ଷା କର୍ତ୍ତୃପକ୍ଷ ଏଫ୍ଏସ୍ଏସ୍(ଆଡଭର୍ଟାଇଜିଂ ଆଣ୍ଡ କ୍ଲେମ୍ସ) ରେଗୁଲେଶନ୍ସ, ୨୦୧୮: ସବ୍-ରେଗୁଲେଶନ୍ ୪(୧) ଏବଂ ୧୦(୭)ର ଅବତାରଣା କରି କମ୍ପାନୀଗୁଡ଼ିକୁ ସତର୍କ କରାଇଛନ୍ତି। ସବ୍-ରେଗୁଲେଶନ୍୪(୧)ଅନୁସାରେ ଖାଦ୍ୟ ଲେବଲ ବା ବିଜ୍ଞାପନର ଦାବିରେ ସମ୍ପୂର୍ଣ୍ଣ ସତ୍ୟତା ଓ ସ୍ୱଚ୍ଛତା ରହିବା ଉଚିତ। ଉପଭୋକ୍ତାମାନେ ବଜାରରେ ଉପଲବ୍ଧ କେଉଁ ଖାଦ୍ୟ କିଣିବେ ତାକୁ ନେଇ ସମ୍ପୂର୍ଣ୍ଣ ରୂପେ ବିଭ୍ରାନ୍ତିମୁକ୍ତ ହୋଇପାରିବେ। ସେହିପରି ସବ୍-ରେଗୁଲେଶନ୍ ୧୦(୭) ଅନୁସାରେ ଅନ୍ୟ ଉତ୍ପାଦକୁ ନ୍ୟୂନ କରୁଥିବା କୌଣସି ଦାବି କିମ୍ବା ବିଜ୍ଞାପନ ପ୍ରସାର କରାଯାଇପାରିବ ନାହିଁ। ବିସ୍ତୃତ ଭାବେ ବିବରଣୀ ପ୍ରଦାନ ନ କରି କେବଳ ସଂଖ୍ୟାରେ ଉଲ୍ଲେଖ କରିବା ପ୍ରଚଳିତ ଆଇନର ଉଲ୍ଲଂଘନ ବୋଲି ଏଫ୍ଏସ୍ଏସ୍ଏଆଇ ଉକ୍ତ ନିର୍ଦ୍ଦେଶନାମାରେ କହିଛନ୍ତି।

ପ୍ରକାଶ ଯେ, ଏହା ପୂର୍ବରୁ ଦିଲ୍ଲୀ ହାଇକୋର୍ଟ ମଧ୍ୟ ଫ୍ରୁଟ୍ ଜୁସ୍ ପ୍ୟାକେଟରେ '୧୦୦% ଫ୍ରୁଟ୍ ଜୁସ୍' ଉଲ୍ଲେଖକୁ ବାରଣ କରିଥିଲେ। ଏହା ଆଇନତଃ ଅନୁମତିଯୋଗ୍ୟ ନୁହେଁ ଏବଂ ମାର୍କେଟିଂ ପାଇଁ ବିଭ୍ରାନ୍ତିକର ବୋଲି ଉଚ୍ଚ ଅଦାଲତ ସ୍ପଷ୍ଟ କରିଥିଲେ। ୨୦୨୪ ଜୁନ୍ରେ ଡାବର ପକ୍ଷରୁ ଦାଖଲ ଏକ ପିଟିଶନର ଜବାବରେ ଏଫ୍ଏସ୍ଏସ୍ଏଆଇ ୧୦୦% ଦାବିକୁ ଖାରଜ କରିବା ସହ ବର୍ତ୍ତମାନ ପ୍ରଚଳିତ କୌଣସି ଆଇନରେ ଏପରି ବ୍ୟବସ୍ଥା ନ ଥିବା ଉଲ୍ଲେଖ କରିଥିଲେ।

# ଏମ୍ସ ଭୁବନେଶ୍ୱରରେ ୮.୭ କେଜିର କିଡ୍ନୀ ମାସ୍ର ସଫଳ ଅସ୍ତ୍ରୋପଚାର



**ଭୁବନେଶ୍ୱର,୩୦।୫ (ଅନୁରାଧା ମହାରଣା)**

ଏମ୍ସ ଭୁବନେଶ୍ୱରରେ ଅଟୋଜୋମାଲ ଡୋମିନାଣ୍ଟ ପଲିସିଷ୍ଟିକ୍ କିଡ୍ନୀ ରୋଗ (ଏଡିପିକେଡି)ରେ ପୀଡିତ ଜଣେ ୫୦ ବର୍ଷୀୟ ବ୍ୟକ୍ତିଙ୍କଠାରୁ ଅସ୍ତ୍ରୋପଚାର ମାଧ୍ୟମରେ ୮.୭ କେ.ଜି. କିଡ୍ନୀ ମାସ୍ ବାହାର କରାଯାଇଛି। ଭାରତର ସବୁଠାରୁ ବଡ଼ କିଡ୍ନୀ ମାସ୍ ସଫଳତାର ସହ ବାହାର କରି ଏମ୍ସ ଏକ ମାଇଲଖୁଣ୍ଟ ହାସଲ କରିଛି ବୋଲି ହସ୍ପିଟାଲ ପକ୍ଷରୁ କୁହାଯାଇଛି। ତେବେ କିଡ୍ନୀ ରୋଗରେ ପୀଡିତ ନୟାଗଡ ଜିଲାର ବିଶାଳ ଗୁରୁତର ଯନ୍ତ୍ରଣା ଭୋଗୁଥିଲେ। ଅସ୍ତ୍ରୋପଚାର ପରେ ସେ ସୁସ୍ଥ ଥିବା ସୂଚନା ମିଳିଛି। ୫ ଘଣ୍ଟା ଧରି ଏହି ହାଇରିସ୍କ ଅସ୍ତ୍ରୋପଚାର ୟୁରୋଲୋଜିର ଆସୋସିଏଟ୍ ପ୍ରଫେସର ଡା. ମନୋଜ କୁମାର ଦାସଙ୍କ ନେତୃତ୍ୱରେ କରାଯାଇଥିଲା। ଆସୋସିଏଟ୍ ପ୍ରଫେସର ଡା. ସମ୍ବିତ ତ୍ରିପାଠୀ ଓ ଯୁବ ରେସିଡେଣ୍ଟ ଡାକ୍ତର ଡା. ସହର୍ଷ, ଡା. ମିଥିଲେଶ, ଡା. ହୁଜୈଫା, ଡା. ସାବିକ ଏବଂ ଡା. ସଚିନ ଏହି ଜଟିଳ ଅସ୍ତ୍ରୋପଚାରରେ ସାମିଲ ଥିଲେ। ଏଥିରେ ଡା. ପୂଜା ବିହାନୀଙ୍କ ନେତୃତ୍ୱରେ ଆନାସ୍ଥେସିଆ ଟିମ୍ ଏବଂ ରେସିଡେଣ୍ଟ ଡାକ୍ତର, ନର୍ସିଂ ଅଧିକାରୀ ଶ୍ରେୟା ଓ ପରିଣିତାଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଏହି ଅବସରରେ ଡା. ଦାସ କହିଛନ୍ତି, ଏହା କେବଳ ଏକ ଚିକିତ୍ସା ସଫଳତା ନୁହେଁ, ବରଂ ବିଶ୍ୱାସ ଓ ଟିମ୍ୱାର୍କର ଏକ କାହାଣୀ ଥିଲା।

# ତିସ୍ତା ନଦୀକୁ ଖସିଲା ଗାଡ଼ି



ଇତିଶ୍ରୀ ଜେନା



ସାହିଲ ଜେନା



ଅଜିତ ନାୟକ



ସୁନିତା ନାୟକ

## ଭାଜପା ନେତ୍ରୀ ଇତିଶ୍ରୀଙ୍କ ସମେତ ୪ ନିଖୋଜ

**ଯାଜପୁର,୩୦।୫ (ହର୍ଷବର୍ଦ୍ଧନ ବେହେରା)**

ଉତ୍ତର ସିକ୍କିମର ତିସ୍ତା ନଦୀକୁ ଏକ କାର ଖସିପଡିବାରୁ ଯାଜପୁର ରୋଡ୍ର ଭାଜପା ନେତ୍ରୀ ତଥା ଭାଜପା ମହିଳା ମୋର୍ଚ୍ଚାର ରାଜ୍ୟ ସମ୍ପାଦିକା ଇତିଶ୍ରୀ ଜେନାଙ୍କ ସମେତ ତାଙ୍କ ପରିବାରର ୪ ଜଣ ନିଖୋଜ ହୋଇଯାଇଛନ୍ତି । ଗୁରୁବାର ରାତି ପ୍ରାୟ ୮ଟା ସମୟରେ ଏହି ମର୍ମନ୍ତୁଦ ଦୁର୍ଘଟଣା ଘଟିଛି । ନିଖୋଜମାନେ ହେଲେ ଇତିଶ୍ରୀ ଜେନା ଓ ତାଙ୍କ ବଡ଼ ପୁଅ ସାହିଲ ଜେନା, ଭାଇ ଅଜିତ ନାୟକ ଓ ଭାଉଜ ସୁନିତା ନାୟକ। ସଙ୍କଟାପନ୍ନ ଅବସ୍ଥାରେ ଇତିଶ୍ରୀଙ୍କ ସାନପୁଅ ସାଇରାଜ ଓ ଭାଇଙ୍କ ପୁଅ ଅଂଶୁମାନ ନାୟକଙ୍କୁ ଉଦ୍ଧାର କରାଯାଇ ସ୍ଥାନୀୟ ଏକ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଏନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉଦ୍ଧାର କାର୍ଯ୍ୟ, ଆବଶ୍ୟକ ଚିକିତ୍ସା ଏବଂ ଫେରିବା ବ୍ୟବସ୍ଥା କରିବାକୁ ସିକିମ ମୁଖ୍ୟମନ୍ତ୍ରୀ ପ୍ରେମ ସିଂ ତମାଙ୍ଗଙ୍କ ସହ ଆଲୋଚନା କରିଛନ୍ତି। ତେବେ ଶୁକ୍ରବାର ସେଠାରେ ପ୍ରବଳ ବର୍ଷା ଲାଗି ରହିଥିବାରୁ ଉଦ୍ଧାର କାର୍ଯ୍ୟରେ ବାଧା ସୃଷ୍ଟି ହୋଇଛି। ନଦୀର ଆରପଟରେ ଏକ ମୃତଦେହ ପଡିଥିବା ସୂଚନା ମିଳିଛି। ହେଲେ ସେହି ମୃତଦେହ କାହାର ତାହା ସ୍ପଷ୍ଟ ହୋଇନାହିଁ ବୋଲି ସ୍ଥାନୀୟ ପୋଲିସ କହିଛି।

ସୂଚନା ଅନୁଯାୟୀ, ଇତିଶ୍ରୀ ଜେନା ତାଙ୍କ ୧୧ ଜଣ ପରିବାର ସଦସ୍ୟଙ୍କ ସହ ଯାଜପୁରରୁ ରବିବାର ରାତି ୧୨ଟାରେ ଟ୍ରେନ ଯୋଗେ ସିକ୍କିମ ଯାତ୍ରା କରିଥିଲେ। ସିଲିଗୁଡି ଷ୍ଟେଶନରୁ ଓହ୍ଲାଇ ସେମାନେ ଆଖପାଖ ଅଞ୍ଚଳ ବୁଲାବୁଲି କରି ଗ୍ୟାଙ୍ଗଟକ୍ ଯାଇଥିଲେ। ସେଠାରୁ ପ୍ରାୟ ୧୦୦୦ଫୁଟ ଉଚ୍ଚରେ ଥିବା ଚୁଙ୍ଗଥାଙ୍ଗକୁ ଟୁରିଷ୍ଟ ଗାଡ଼ିରେ ବୁଲିବାକୁ ଯାଇ ଫେରୁଥିବା ସମୟରେ ଇତିଶ୍ରୀ ☞ପୃଷ୍ଠା-୪

# ଝରକା ବାଟେ ଫିଙ୍ଗିଦେଲେ କୋଟିଏ

## ଗ୍ରାମ୍ୟ ଉନ୍ନୟନ ବିଭାଗ ମୁଖ୍ୟଯନ୍ତ୍ରୀଙ୍କ ୧୫ କୋଟିର ସମ୍ପତ୍ତି ଠାବ

**ଭୁବନେଶ୍ୱର,୩୦।୫ (ସତ୍ୟଜିତ ରାଉତ)**

ଭିଜିଲାନ୍ସ ସ୍କାନରରେ ଦୁର୍ନୀତିଗ୍ରସ୍ତ ବାବୁ। ଏବେ ଫସିଛନ୍ତି ଗ୍ରାମ୍ୟ ଉନ୍ନୟନ ବିଭାଗର ମୁଖ୍ୟଯନ୍ତ୍ରୀ (ପ୍ଲାନ୍ ରୋଡ୍ସ) ବୈକୁଣ୍ଠନାଥ ଷଡ଼ଙ୍ଗୀ। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଭିଜିଲାନ୍ସ ନିର୍ଦ୍ଦେଶାଳୟ ପକ୍ଷରୁ ଶୁକ୍ରବାର ବୈକୁଣ୍ଠନାଥଙ୍କ ଅନୁଗୋଳ, ଭୁବନେଶ୍ୱର ଓ ପିପିଲି(ପୁରୀ)ର ୭ଟି ସ୍ଥାନରେ ଏକକାଳୀନ ଚଢ଼ାଉ ହୋଇଛି। ଏସବୁ ସ୍ଥାନ ମଧ୍ୟରେ ଭୁବନେଶ୍ୱରସ୍ଥିତ ଅଫିସ ଚାମ୍ବର ଓ ଅନୁଗୋଳ ଜିଲା ଲୋକେଇପଶି ଗ୍ରାମସ୍ଥିତ ପୈତୃକଘର, ଶିକ୍ଷକପଡାସ୍ଥିତ ସମ୍ପର୍କୀୟଙ୍କ ଘର ଆଦି ରହିଛି। ସନ୍ଧ୍ୟାସୁଦ୍ଧା ହୋଇଥିବା ଯାଞ୍ଚରୁ ବୈକୁଣ୍ଠ ୧୫ କୋଟିରୁ ଅଧିକ ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ଠୁଳ କରିଥିବା ସୂଚନା ମିଳିଛି। ତେବେ ଭିଜିଲାନ୍ସ ଟିମ୍କୁ ଦେଖି ବୈକୁଣ୍ଠ ଭୁବନେଶ୍ୱର ଡୁଡୁଡୁମାସ୍ଥିତ ଫ୍ଲାଟ୍ର ଝରକା ବାଟେ ବିଡ଼ା ବିଡ଼ା ୫୦୦ ଟଙ୍କିଆ ନୋଟ୍ (କୋଟିଏରୁ ଊର୍ଦ୍ଧ୍ୱ ଟଙ୍କା) ଫିଙ୍ଗିଦେଇଥିଲେ, ଯାହାର ଭିଡିଓ ସୋସିଆଲ ☞ପୃଷ୍ଠା-୪



ବୈକୁଣ୍ଠନାଥ ଷଡ଼ଙ୍ଗୀ

- **ଘରୁ ମିଳିଲା କେଜିଏ ସୁନା, ନଗଦ ୨.୫୬ କୋଟି ଟଙ୍କା**
- **୭ ପ୍ଲଟ୍, ୨ କୋଠା, ୨ ଫ୍ଲାଟ୍ ଠାବ**





ଝରକାରୁ (ବୃତ୍ତ ଚିହ୍ନିତ) ତଳେ ଥିବା ଆଜବେଷ୍ଟସ୍ ଉପରକୁ ଟଙ୍କା ବିଡ଼ା ଫିଙ୍ଗାଯାଇଛି।

## ସଂକ୍ଷେପରେ

### ପାକିସ୍ତାନୀ ଗୁପ୍ତଚର ଗିରଫ

ନୂଆଦିଲ୍ଲୀ,୩୦ା୫

ପାକିସ୍ତାନୀ ଗୋଇନ୍ଦା ସଂସ୍ଥା ଆଇଏସ୍ଆଇ ପାଇଁ ଗୁପ୍ତଚରଗିରି କରୁଥିବା ଅଭିଯୋଗରେ ଦିଲ୍ଲୀ ପୋଲିସ ଜଣେ ୩୪ ବର୍ଷୀୟ ଯୁବକ କାସିମ୍‌ଙ୍କୁ ଗିରଫ କରିଛି। ସେ ୨ ଥର ପାକିସ୍ତାନ ଯାଇ ଆଇଏସ୍ଆଇର ଅଧିକାରୀମାନଙ୍କୁ ଭେଟିଥିବା ଅଭିଯୋଗ ହୋଇଛି। ଦ୍ୱିତୀୟ ଥର ପାକିସ୍ତାନ ଯାଇଥିବାବେଳେ କାସିମ୍ ସେଠାରେ ମାସେ ତାଲିମ ନେଇଥିଲେ। ଗୁପ୍ତଚରଗିରି ପାଇଁ ପାକିସ୍ତାନୀ ଗୋଇନ୍ଦା ସଂଚାଳକମାନେ ଭାରତୀୟ ମୋବାଇଲ ନମ୍ବର ବ୍ୟବହାର କରୁଥିବା ଗତ ସେପ୍ଟେମ୍ବରରେ ଦିଲ୍ଲୀ ପୋଲିସର ସ୍ପେଶାଲ ସେଲ୍‌କୁ ସୂଚନା ମିଳିଥିଲା। ଭାରତୀୟଙ୍କ ଜରିଆରେ ଏହି ସିମ୍‌କାର୍ଡଗୁଡ଼ିକ ପାକିସ୍ତାନ ପଠାଯାଉଥିବା ଜଣାପଡ଼ିବା ପରେ କାସିମ୍‌ଙ୍କ ନାମ ସାମ୍ନାକୁ ଆସିଥିଲା। ସେ ୨୦୨୪ରେ ଥରେ ଏବଂ ୨୦୨୫ ମାର୍ଚ୍ଚରେ ଦ୍ୱିତୀୟ ଥର ପାକିସ୍ତାନ ଯାଇଥିଲେ। ସେ ସେଠାରେ ୯୦ ଦିନ ରହିବା ସହ ଆଇଏସ୍ଆଇ ଅଫିସରମାନଙ୍କୁ ଭେଟିଥିବା ତଦନ୍ତକାରୀ ଜାଣିବାକୁ ପାଇଛନ୍ତି। ଭାରତୀୟମାନଙ୍କ ସହ ହ୍ୱାଟ୍ସଆପ୍‌ରେ ଯୋଗାଯୋଗ ପାଇଁ ପାକିସ୍ତାନୀ ଗୋଇନ୍ଦା ଅଧିକାରୀମାନେ ଉକ୍ତ ସିମ୍ କାର୍ଡ ବ୍ୟବହାର କରୁଥିଲେ ଏବଂ ସାମରିକ ଏବଂ ସରକାରୀ ପ୍ରତିଷ୍ଠାନଗୁଡ଼ିକର ସମ୍ବେଦନଶୀଳ ତଥ୍ୟ ପାଉଥିଲେ ବୋଲି ପୋଲିସ କହିଛି।

### ସୁପ୍ରିମକୋର୍ଟର ୩ ବିଚାରପତି ଶପଥ ନେଲେ

ନୂଆଦିଲ୍ଲୀ,୩୦ା୫(ପି.ଟି.)

ଭାରତର ପ୍ରଧାନ ବିଚାରପତି ବି.ଆର୍. ଗବଇ ଶୁକ୍ରବାର ସୁପ୍ରିମକୋର୍ଟର ୩ ନବନିଯୁକ୍ତ ବିଚାରପତି ଜଷ୍ଟିସ୍ ଏନ୍.ଭି. ଅଞ୍ଜରିଆ, ବିଜୟ ବିଷ୍ଣୋଇ ଏବଂ ଏ.ଏସ୍. ଚନ୍ଦୁରକଙ୍କୁ ଶପଥ ପାଠ କରାଇଛନ୍ତି। ସେମାନଙ୍କ ଶପଥ ଗ୍ରହଣ ସହିତ ସର୍ବୋଚ୍ଚ ଅଦାଲତର ୩୪ ବିଚାରପତିଙ୍କୁ ନେଇ ଏହାର ପୂର୍ଣ୍ଣ କାର୍ଯ୍ୟ ସାମର୍ଥ୍ୟ ହାସଲ କରିଛି। କର୍ନାଟକ ହାଇକୋର୍ଟର ମୁଖ୍ୟ ବିଚାରପତି ଅଞ୍ଜରିଆ, ଗୁଆହାଟୀ ହାଇକୋର୍ଟର ମୁଖ୍ୟ ବିଚାରପତି ବିଷ୍ଣୋଇ ଏବଂ ବମ୍ବେ ହାଇକୋର୍ଟ ବିଚାରପତି ଜଷ୍ଟିସ୍ ଚନ୍ଦୁରକରଙ୍କୁ ସୁପ୍ରିମକୋର୍ଟର ବିଚାରପତି ଭାବେ ନିଯୁକ୍ତି ଦେବା ପାଇଁ ଗତ ସୋମବାର କଲେଜିୟମ୍ ସୁପାରିସ୍ କରିଥିବାବେଳେ ଗୁରୁବାର ରାଷ୍ଟ୍ରପତି ସେମାନଙ୍କୁ ନିଯୁକ୍ତି ଦେଇଥିବା ଆଇନ ମନ୍ତ୍ରୀ ଅର୍ଜୁନ ରାମ ମେଘୱାଲ ଏକ୍ସ'ରେ ଘୋଷଣା କରିଥିଲେ।

## ଅଙ୍କିତା ଭଣ୍ଡାରୀ ହତ୍ୟା ମାମଲା

# ୩ ଜଣଙ୍କୁ ଆଜୀବନ ଜେଲ

### ଦୋଷୀଙ୍କ ମଧ୍ୟରେ ପୂର୍ବ ଭାଜପା ନେତାଙ୍କ ପୁଅ

ଡେରାଡୁନ୍,୩୦ା୫


ଅଙ୍କିତା ଭଣ୍ଡାରୀ


ପୁଲକିତ ଆର୍ଯ୍ୟ

୨୦୨୨ରେ ଉତ୍ତରାଖଣ୍ଡକୁ ସ୍ତବ୍ଧ କରିଦେଇଥିବା ଅଙ୍କିତା ଭଣ୍ଡାରୀ ହତ୍ୟା ମାମଲାର ରାୟ ଶୁକ୍ରବାର ପ୍ରକାଶ ପାଇଛି। ଏକ ରିସର୍ଟରେ ରିସେପ୍ସନିଷ୍ଟ ଭାବେ କାର୍ଯ୍ୟ କରୁଥିବା ୧୯ ବର୍ଷୀୟା ଅଙ୍କିତା ଜଣେ ଭିଆଇପି ଗେଷ୍ଟଙ୍କୁ 'ସ୍ପେଶିଆଲ ସର୍ଭିସ୍' ଦେବାକୁ ମନା କରିବାରୁ ନିଯୁକ୍ତିଦାତା ପୁଲକିତ ଆର୍ଯ୍ୟ ଓ ୨ ସହଯୋଗୀ ତାଙ୍କୁ ହତ୍ୟା କରିଥିଲେ। ଏହି ବହୁଚର୍ଚ୍ଚିତ ମାମଲାରେ କୋଟଦ୍ୱାରସ୍ଥିତ ଅତିରିକ୍ତ ଜିଲା ଓ ସେସନ୍ସ କୋର୍ଟ ଜଜ୍ ରୀନା ନେଗି ୩ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ଆଜୀବନ ସଶ୍ରମ କାରାଦଣ୍ଡାଦେଶ ଦେଇଛନ୍ତି। ତେବେ ଅଙ୍କିତାଙ୍କ ମା' ଉକ୍ତ ରାୟରେ ଅସନ୍ତୋଷ ପ୍ରକାଶ କରି ଦୋଷୀମାନଙ୍କୁ ଫାଶୀଦଣ୍ଡ ଦିଆଯାଉ ବୋଲି ଦାବି କରିଛନ୍ତି।

ଉତ୍ତରାଖଣ୍ଡର ପୌରି ନିବାସୀ ଅଙ୍କିତା ଜଣେ ଗରିବ ଝିଅ ଥିଲେ। ସେ ପାଠ ପଢ଼ିବା ପାଇଁ ଋଷିକେଶକୁ ଯାଇଥିଲେ। ବାପା ବୀରେନ୍ଦ୍ର ଭଣ୍ଡାରୀ ଜଣେ ସିକ୍ୟୁରିଟି ଗାର୍ଡ ଭାବେ କାର୍ଯ୍ୟ କରୁଥିଲେ। ଅଙ୍କିତା ଏକ ହୋଟେଲ ମ୍ୟାନେଜମେଣ୍ଟ ଇନ୍‌ଷ୍ଟିଚ୍ୟୁଟ୍‌ରେ ନାମ ଲେଖାଇଥିଲେ। କିନ୍ତୁ କୋଭିଡ୍ ମହାମାରୀ ବେଳେ ଆର୍ଥିକ ଦୁରାବସ୍ଥା ଯୋଗୁ ଆଗକୁ ପାଠ ପଢ଼ିପାରି ନ ଥିଲେ। ତାଙ୍କ ଜଣେ ସାଙ୍ଗ ପୁଷ୍ପ ଋଷିକେଶସ୍ଥିତ ବନନ୍ତରା ରିସର୍ଟରେ ରିସେପ୍ସନିଷ୍ଟ ଭାବେ କାମ କରିବାକୁ ପ୍ରସ୍ତାବ ଦେଇଥିଲେ। ଅଙ୍କିତା ସେଠାରେ ଯୋଗଦେଇ ରିସେପ୍ସନିଷ୍ଟ କାର୍ଯ୍ୟ କଲେ। ୨୦୨୨ ସେପ୍ଟେମ୍ବର ୧୮ ରାତିରେ ରିସର୍ଟକୁ ଆସିଥିବା ଜଣେ ଭିଆଇପି ଗେଷ୍ଟଙ୍କୁ ସ୍ୱତନ୍ତ୍ର ସେବା ଦେବା ପାଇଁ ଭାଜପା ନେତା ବିନୋଦ ଆର୍ଯ୍ୟଙ୍କ ପୁଅ ତଥା ନିଯୁକ୍ତିଦାତା ପୁଲକିତ ଆର୍ଯ୍ୟ ଅଙ୍କିତାଙ୍କୁ କହିଥିଲେ। ଏହି ସ୍ୱତନ୍ତ୍ର ସେବା ବଦଳରେ ତାଙ୍କୁ ୧୦,୦୦୦ ଟଙ୍କା ଦିଆଯିବ ବୋଲି ଅଫର୍ ଦେଇଥିଲେ। ଅଙ୍କିତା ଏଥିରେ ରାଜି ନ ହେବାରୁ ରିସର୍ଟ ମାଲିକ ପୁଲକିତ ତାଙ୍କ ସହଯୋଗୀ ସୌରଭ ଭାସ୍କର ଓ ଅଙ୍କିତ ଗୁପ୍ତାଙ୍କ ସହ ମିଶି ଅଙ୍କିତାଙ୍କୁ ହତ୍ୟା କରିଥିଲେ। ଅଙ୍କିତାଙ୍କ ମୃତଦେହ ଏହାର ୬ ଦିନ ପରେ ଅର୍ଥାତ୍ ୨୪ ତାରିଖରେ ଚିଲ୍ଲା କେନାଲରୁ ଠାବ ହୋଇଥିଲା। ଧରାପଡ଼ିବା ପରେ ୩ ଅଭିଯୁକ୍ତ ନିଜ ଦୋଷ ସ୍ୱୀକାର କରିଥିଲେ। ୨୦୨୩ ଜାନୁଆରୀ ୩୦ରେ ଏହି ମାମଲାର ଶୁଣାଣି ଏଡିଜେ କୋର୍ଟରେ ଆରମ୍ଭ ହୋଇଥିଲା। ଏସ୍ଆଇଟି ତଦନ୍ତ ପରେ ପୋଲିସ ୫୦୦ ପୃଷ୍ଠାର ଚାର୍ଜଶିଟ୍ ଦାଖଲ କରିଥିଲା। ୨ ବର୍ଷ ୮ ମାସ ଧରି ଶୁଣାଣି ଚାଲିଥିଲା। ୪୭ ସାକ୍ଷୀଙ୍କ ସାକ୍ଷ୍ୟ ଗ୍ରହଣ ପରେ ଶୁକ୍ରବାର ଏହାର ରାୟ ପ୍ରକାଶ ପାଇଛି। କୋର୍ଟ ପୁଲକିତଙ୍କୁ ଆଇପିସି ଦଫା ୩୦୨ (ହତ୍ୟା), ୨୦୧(ପ୍ରମାଣ ଲୁଚାଇବା), ୩୫୪ଏ(ଅସଦାଚରଣ ଓ ମହିଳାଙ୍କ ମର୍ଯ୍ୟାଦାହାନୀ) ଏବଂ ବେଆଇନ ଚାଲାଣ ଆଇନ ବଳରେ ଦୋଷୀ ସାବ୍ୟସ୍ତ କରିଛନ୍ତି। ଅନ୍ୟ ୨ ଅଭିଯୁକ୍ତ ସୌରଭ ଓ ଅଙ୍କିତଙ୍କୁ ହତ୍ୟା, ପ୍ରମାଣ ଲୁଚାଇବା ଓ ବେଆଇନ ଚାଲାଣ ଆଇନର ବିଭିନ୍ନ ଧାରାରେ ଦୋଷୀ ସାବ୍ୟସ୍ତ କରାଯାଇଛି। ଉଲ୍ଲେଖଯୋଗ୍ୟ, ପୁଲକିତଙ୍କ ବାପା ବିନୋଦ ଉତ୍ତରାଖଣ୍ଡର ପୂର୍ବତନ ମୁଖ୍ୟମନ୍ତ୍ରୀ ତ୍ରିବେନ୍ଦ୍ର ସିଂ ରାୱତ୍‌ଙ୍କ ନେତୃତ୍ୱାଧୀନ ଭାଜପା ସରକାରରେ ମନ୍ତ୍ରୀ ଥିଲେ। ପୁଲକିତ ଏହି ମାମଲାରେ ଗିରଫ ହେବା ପରେ ଦଳ ବିନୋଦଙ୍କୁ ବହିଷ୍କାର କରିଥିଲା।

## ଜିଡିପି ଅଭିବୃଦ୍ଧି ୬.୫%କୁ ହ୍ରାସ



ନୂଆଦିଲ୍ଲୀ,୩୦ା୫(ପି.ଟି.)

ଭାରତର ଆର୍ଥିକ ଅଭିବୃଦ୍ଧି ଗତ ଜାନୁଆରୀ-ମାର୍ଚ୍ଚ ତ୍ରୈମାସିକରେ ୭.୪ ପ୍ରତିଶତକୁ ହ୍ରାସ ପାଇବା ସହ ୨୦୨୪-୨୫ ଆର୍ଥିକ ବର୍ଷରେ ଏହା ୬.୫ ପ୍ରତିଶତକୁ ଖସିଥିବା ଶୁକ୍ରବାର ପ୍ରକାଶିତ ସରକାରୀ ତଥ୍ୟରୁ ଜଣାପଡ଼ିଛି। ୪ ବର୍ଷ ମଧ୍ୟରେ ଏହା ସବୁଠୁ କମ୍ ଅଭିବୃଦ୍ଧି ହାର। ମୁଖ୍ୟତଃ ଉତ୍ପାଦନ ସେକ୍ଟରର ଖରାପ ପ୍ରଦର୍ଶନ ଯୋଗୁ ମୋଟ ଘରୋଇ ଉତ୍ପାଦନ (ଜିଡିପି) ଅଭିବୃଦ୍ଧି ହ୍ରାସ ପାଇଥିବା କୁହାଯାଉଛି।

ଭାରତର ଅର୍ଥନୀତି ୩୩୦.୬୮ ଲକ୍ଷ କୋଟି ଟଙ୍କା ବା ୩.୯ ଟ୍ରିଲିୟନ ଡଲାରକୁ ବୃଦ୍ଧି ପାଇଥିବାବେଳେ ଆଗାମୀ କିଛି ବର୍ଷରେ ଏହା ୫ ଟ୍ରିଲିୟନ ଡଲାର ଲକ୍ଷ୍ୟ ହାସଲ କରିବାକୁ ଯାଉଛି। ୨୦୨୩-୨୪ ଆର୍ଥିକ ବର୍ଷରେ ଆର୍ଥିକ ଅଭିବୃଦ୍ଧି ହାର ୯.୨ ପ୍ରତିଶତ ରହିଥିଲା। ଜାତୀୟ ପରିସଂଖ୍ୟାନ କାର୍ଯ୍ୟାଳୟ (ଏନ୍ଏସ୍ଓ) ଦ୍ୱାରା ପ୍ରକାଶିତ ଆର୍ଥିକ ଆକଳନ ଅନୁଯାୟୀ, ଗତ ଆର୍ଥିକ ବର୍ଷର ଶେଷ ତ୍ରୈମାସିକ (୨୦୨୫ ଜାନୁଆରୀରୁ ମାର୍ଚ୍ଚ)ରେ ଅଭିବୃଦ୍ଧି ହାର ୭.୪% ଥିବାବେଳେ ୨୦୨୪ ଅକ୍ଟୋବର-ଡିସେମ୍ବରରେ ୬.୪%, ଜୁଲାଇ-ସେପ୍ଟେମ୍ବରରେ ୫.୬% ଏବଂ ଏପ୍ରିଲ-ଜୁନ୍‌ରେ ୬.୫% ରହିଥିଲା। ଗତ ଫେବୃଆରୀରେ ଏନ୍ଏସ୍ଓ ପ୍ରକାଶ କରିଥିବା ଦ୍ୱିତୀୟ ଅଗ୍ରିମ ଆକଳନ ଅନୁଯାୟୀ ୨୦୨୪-୨୫ ବର୍ଷରେ ଅଭିବୃଦ୍ଧି ହାର ୬.୫ ପ୍ରତିଶତ ରହିବ ବୋଲି କୁହାଯାଇଥିଲା।



## ନାଇଜେରିଆରେ ବନ୍ୟା: ୧୧୧ ମୃତ

### ମୋକୱା ସହର ଜଳାର୍ଣ୍ଣବ

ଅବୁଜା,୩୦ା୫

କେନ୍ଦ୍ରୀୟ ନାଇଜେରିଆର ନାଇଜର ରାଜ୍ୟରେ ପ୍ରବଳ ବନ୍ୟା ଆସିବାରୁ ଅନ୍ୟୂନ ୧୧୧ ଜଣଙ୍କ ମୃତ୍ୟୁ ଘଟିଛି। ମୋକୱା ସହର ବନ୍ୟାପାଣିରେ ବୁଡ଼ିଯାଇଛି। ଅନେକ ଲୋକ ପାଣିଘେରରେ ଥିବାବେଳେ ଉଦ୍ଧାର କାର୍ଯ୍ୟ ଜାରି ରହିଛି। ଗୁରୁବାର ଲଗାଣ ବର୍ଷା ଦୀର୍ଘ ସମୟ ଲାଗିରହିବାରୁ ବନ୍ୟା ଆସିଥିବାବେଳେ ସହର ନିକଟବର୍ତ୍ତୀ ଏକ ନଦୀବନ୍ଧ ଭୁଶୁଡ଼ିବାରୁ ସ୍ଥିତି ଗମ୍ଭୀର ହୋଇଥିବା ସ୍ଥାନୀୟ କର୍ତ୍ତୃପକ୍ଷ କହିଛନ୍ତି। ବନ୍ୟା ଯୋଗୁ ଅନେକ ଲୋକ ବିସ୍ଥାପିତ ହୋଇଛନ୍ତି। ଶୁକ୍ରବାର ପ୍ରଥମେ ୮୮ ଜଣଙ୍କ ମୃତ୍ୟୁ ଘଟିଥିବା ଖବର ପ୍ରକାଶ ପାଇଥିବାବେଳେ ପରେ ଆଉ ୨୩ଟି ମୃତଦେହ ମିଳିଥିବା ନାଇଜର ରାଜ୍ୟ ଜରୁରୀ ସଂସ୍ଥା ପକ୍ଷରୁ କୁହାଯାଇଛି। ଉଦ୍ଧାର କାର୍ଯ୍ୟ ଜାରି ରହିଥିବାରୁ ମୃତ୍ୟୁସଂଖ୍ୟା ବଢ଼ିବା ଆଶଙ୍କା କରାଯାଉଛି। ନାଇଜେରିଆରେ ଅନେକ ସମୟରେ ବନ୍ୟା ଆସୁଥିବାରୁ ନାଇଜର ଏବଂ ବେନୁଇ ନଦୀକୂଳିଆ ଲୋକମାନେ ବିଶେଷ ପ୍ରଭାବିତ ହୋଇଥାନ୍ତି।

## ଦୁର୍ନୀତି ଖବର ଛାପିବାରୁ ନିର୍ଯାତନା: କ୍ୟାମେରା ଆଗରେ ବିଷ ପିଇଲେ ଖବରଦାତା ଓ ସ୍ତ୍ରୀ

ପିଲିଭିଟ୍,୩୦ା୫

ଉତ୍ତରପ୍ରଦେଶର ବିସାଲପୁର ସବ୍‌ଡିଭିଜନାଲ ମାଜିଷ୍ଟ୍ରେଟ୍ (ଏସ୍‌ଡିଏମ୍), ବାରଖେଡ଼ା ନଗର ପଞ୍ଚାୟତ ଅଧ୍ୟକ୍ଷ ଏବଂ ଜଣେ ଠିକାଦାରଙ୍କ ଉତ୍ପୀଡ଼ନରେ ଅତିଷ୍ଠ ହୋଇ ଜଣେ ସ୍ଥାନୀୟ ଖବରଦାତା ଓ ତାଙ୍କ ସ୍ତ୍ରୀ କ୍ୟାମେରା ସମ୍ମୁଖରେ ବିଷ ପିଇଛନ୍ତି। ସୋସିଆଲ ମିଡିଆରେ ଉକ୍ତ ଭିଡିଓ ପୋଷ୍ଟ କରି ଖବରଦାତା ଇସ୍ରାର ଅଭିଯୋଗ କରିଛନ୍ତି, ଏସ୍‌ଡିଏମ୍ ନାଗେନ୍ଦ୍ର ପାଣ୍ଡେ, ନଗର ପଞ୍ଚାୟତ ଅଧ୍ୟକ୍ଷ ଶ୍ୟାମବିହାରୀ ଭୋଜଓ୍ୱାଲ ଏବଂ ଠିକାଦାର ମୋଇନ ହୁସେନ୍ ହଇରାଣ କରୁଥିବାରୁ ସେମାନେ ଏଭଳି ଚରମ ପଦକ୍ଷେପ ନେବାକୁ ବାଧ୍ୟ ହେଲେ। ସେମାନଙ୍କୁ ତୁରନ୍ତ ଜିଲା ହସ୍ପିଟାଲକୁ ନିଆଯାଇଥିଲା। ଇସ୍ରାର ବିପଦମୁକ୍ତ ଥିବାବେଳେ ତାଙ୍କ ସ୍ତ୍ରୀ ଗୁରୁତର ରହିଥିବା ଜଣେ ଅଧିକାରୀ କହିଛନ୍ତି। ଅଭିଯୋଗ ଅନୁଯାୟୀ, ବରଖେଡ଼ା ନଗର ପଞ୍ଚାୟତର ଦୁର୍ନୀତି ସମ୍ପର୍କରେ ଇସ୍ରାର ଖବର ପ୍ରକାଶ କରିବାରୁ ତାହା ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ଦୃଷ୍ଟିକୁ ଆସିଥିଲା। ଏହା ପରେ ତାଙ୍କ ଉପରେ ନିର୍ଯାତନା ଆରମ୍ଭ ହୋଇଯାଇଥିଲା ବୋଲି ଇସ୍ରାର କହିଛନ୍ତି। ହୁସେନ୍ ଭୋଜୱାଲ ଓ ପାଣ୍ଡେ କ୍ରମାଗତ ଭାବେ ତାଙ୍କ ପରିବାରକୁ ଧମକଦେବା ସହ ମିଛ ମାମଲା ଲଗାଇଥିଲେ। ବିଷ ପିଇ ଆମେ ଜୀବନ ଦେବାକୁ ଯାଉଛୁ, ଯୋଗୀଜୀ ଆମକୁ ନ୍ୟାୟ ଦରକାର ବୋଲି ଇସ୍ରାର ଭିଡିଓରେ କହିଥିଲେ।

## କମଲ ହାସନଙ୍କ 'ଥୁଗ୍ ଲାଇଫ୍' କର୍ନାଟକରେ ବ୍ୟାନ୍

### କନ୍ନଡ-ତାମିଲ ବିବାଦୀୟ ମନ୍ତବ୍ୟ

ବେଙ୍ଗାଲୁରୁ,୩୦ା୫



ଅଭିନେତା କମଲ ହାସନ୍ ଗତ ସପ୍ତାହରେ ଚେନ୍ନାଇରେ ଏକ କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେବା ଅବସରରେ ତାମିଲରୁ କନ୍ନଡ ଭାଷାର ଜନ୍ମ ବୋଲି ବିବାଦୀୟ ମନ୍ତବ୍ୟ ଦେଇଥିଲେ। ଏଥିପାଇଁ କ୍ଷମା ମାଗିବାକୁ ସେ ମନା କରିଦେବା ପରେ କର୍ନାଟକରେ ଅଭିନେତାଙ୍କ ଚଳଚ୍ଚିତ୍ର 'ଥୁଗ୍ ଲାଇଫ୍' ବିରୋଧର ସମ୍ମୁଖୀନ ହୋଇଛି। କର୍ନାଟକ ଫିଲ୍ମ ଚାମ୍ବର ଅଫ୍ କମର୍ସ (କେଏଫ୍‌ସିସି) ଉକ୍ତ ଚଳଚ୍ଚିତ୍ରର ମୁକ୍ତିଲାଭ ଉପରେ ରୋକ୍ ଲଗାଇଛି। ଚଳଚ୍ଚିତ୍ରକୁ ବ୍ୟାନ୍ କରିବା ପାଇଁ କର୍ନାଟକ ରକ୍ଷଣ ବେଦିକେ ଏବଂ ଅନ୍ୟ କନ୍ନଡ ସଂଗଠନଗୁଡ଼ିକ ଦାବି କରିଥିଲେ। କମଲ ହାସନ ସର୍ବସାଧାରଣରେ କ୍ଷମା ନ ମାଗିବା ପର୍ଯ୍ୟନ୍ତ ଉକ୍ତ ଫିଲ୍ମକୁ ମୁକ୍ତିଲାଭ କରିବାକୁ ଦିଆଯିବ ନାହିଁ ବୋଲି କେଏଫ୍‌ସିସି ପକ୍ଷରୁ କୁହାଯାଇଛି। ତେବେ ସେ ଭୁଲ୍ ପ୍ରମାଣିତ ହୁଅନ୍ତି, ତେବେ କ୍ଷମା ମାଗିବେ ବୋଲି କମଲ ହାସନ କହିଛନ୍ତି।

## ଶତାବ୍ଦୀ ଶେଷ ସୁଦ୍ଧା ୭୫% ବରଫ ହରାଇପାରେ ହିନ୍ଦୁକୁଶ



ନୂଆଦିଲ୍ଲୀ,୩୦ା୫(ପି.ଟି.)

ଚଳିତ ଶତାବ୍ଦୀ ଶେଷ ସୁଦ୍ଧା ବିଶ୍ୱ ତାପମାତ୍ରା ଯଦି ୨ ଡିଗ୍ରୀ ସେଲ୍‌ସିୟସ୍ ବୃଦ୍ଧି ପାଏ, ତେବେ ହିନ୍ଦୁକୁଶ ହିମାଳୟ ଏହାର ୭୫ ପ୍ରତିଶତ ବରଫ ହରାଇବ ବୋଲି ଏକ ନୂଆ ଅଧ୍ୟୟନରୁ ଜଣାପଡ଼ିଛି। ଏହି ଅଞ୍ଚଳର ଗ୍ଲେସିୟର ହିମାଳୟରୁ ବାହାରିଥିବା ନଦୀଗୁଡ଼ିକୁ ପାଣି ଯୋଗାଇଥାଏ। ଗ୍ଲେସିୟର ତରଳିଗଲେ ଉକ୍ତ ନଦୀଗୁଡ଼ିକ ଉପରେ ନିର୍ଭର କରୁଥିବା ୨୦୦ କୋଟି ଲୋକ ପ୍ରଭାବିତ ହେବେ।

ସାଇନ୍ସ ଜର୍ନାଲରେ ପ୍ରକାଶିତ ଅଧ୍ୟୟନ ଅନୁଯାୟୀ, ଉତ୍ତାପ ବୃଦ୍ଧି ସ୍ତରକୁ ଯଦି ପ୍ରାକ୍ ଶିଳ୍ପାୟନ ସ୍ତରରୁ ୧.୫ ଡିଗ୍ରୀ ସେଲ୍‌ସିୟସ୍ ଅଧିକ ମଧ୍ୟରେ ସୀମିତ ରଖାଯାଇପାରିବ, ତେବେ ହିମାଳୟ ଏବଂ କୌକାସସ୍ ପର୍ବତମାଳାର ୪୦ରୁ ୪୫ ପ୍ରତିଶତ ଗ୍ଲେସିୟର ବରଫ ସଂରକ୍ଷିତ ରହିବ। ତେବେ ବର୍ତ୍ତମାନର ଜଳବାୟୁ ନୀତି ଯଦି ଜାରି ରହେ ଏବଂ ଶତାବ୍ଦୀ ଶେଷ ବେଳକୁ ବିଶ୍ୱ ତାପମାତ୍ରା ୨.୭ ଡିଗ୍ରୀ ସେଲ୍‌ସିୟସ୍ ବଢ଼ିଯାଏ, ତେବେ ସାରା ବିଶ୍ୱରେ ମାତ୍ର ୨୫ ପ୍ରତିଶତ ଗ୍ଲେସିୟର ବରଫ ତିଷ୍ଠି ରହିବ। ମାନବ ଜାତି ପାଇଁ ଗ୍ଲେସିୟର ଅଞ୍ଚଳ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏହା ତରଳିଲେ ୟୁରୋପୀୟ ଆଲ୍‌ପସ୍ ଏବଂ ପଶ୍ଚିମ ଆମେରିକା, କାନାଡ଼ା ଓ ଆଇସ୍‌ଲାଣ୍ଡର ରକି ପର୍ବତମାଳା ଅଧିକ କ୍ଷତିଗ୍ରସ୍ତ ହେବ ବୋଲି ଅଧ୍ୟୟନରେ କୁହାଯାଇଛି। ୨ ଡିଗ୍ରୀ ସେଲ୍‌ସିୟସ୍ ଉତ୍ତାପ ବଢ଼ିଲେ, ଉକ୍ତ ପର୍ବତମାଳାରେ ଥିବା ପ୍ରାୟ ସବୁ ବରଫ ହରାଇବ। ୨୦୨୦ରେ ସେଠାରେ ଯେତିକି ବରଫ ଥିଲା ସେଥିରୁ ମାତ୍ର ୧୦ରୁ ୧୫ ପ୍ରତିଶତ ତିଷ୍ଠି ରହିପାରେ ବୋଲି କୁହାଯାଇଛି। ସ୍କାଣ୍ଡିନେଭିଆରେ ଆଦୌ ବରଫ ଗ୍ଲେସିୟର ରହିବ ନାହିଁ ବୋଲି ଆକଳନ କରାଯାଇଛି। ତେବେ ୨୦୧୫ର ପ୍ୟାରିସ୍ ଚୁକ୍ତିନାମାରେ ଧାର୍ଯ୍ୟ ହୋଇଥିବା ବର୍ଦ୍ଧିତ ତାପମାତ୍ରାକୁ ଯଦି ୧.୫ ଡିଗ୍ରୀ ସେଲ୍‌ସିୟସ୍ ମଧ୍ୟରେ ସୀମିତ ରଖାଯାଇପାରେ, ତେବେ ସବୁ ଅଞ୍ଚଳରେ କିଛି ପରିମାଣରେ ଗ୍ଲେସିୟର ବରଫ ସଂରକ୍ଷିତ ରହିପାରିବ ବୋଲି କୁହାଯାଇଛି।

DSPL-86
ଓଡ଼ିଶା ସରକାର

ବିଶ୍ୱ ତମାଖୁ ବର୍ଜନ ଦିବସ
୩୧ ମଇ ୨୦୨୫

ତମାଖୁ ବ୍ୟବହାର ଦ୍ୱାରା ଜନସମାଜ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବରେ ସାମାଜିକ, ଅର୍ଥନୈତିକ ଓ ଅନ୍ୟାନ୍ୟ ପାରିପାର୍ଶ୍ୱିକ କ୍ଷେତ୍ରରେ ଅଗ୍ରଗତି ଅନେକ ମାତ୍ରାରେ ପ୍ରଭାବିତ ହେଉଅଛି । ଏଣୁ ତମାଖୁ ସେବନରୁ ନିବୃତ୍ତ ରହିବାପାଇଁ ବର୍ତ୍ତମାନ ଓ ଭବିଷ୍ୟତ ବଂଶଧରମାନଙ୍କୁ ସତର୍କ ଓ ସଚେତନ କରିବା ଜରୁରୀ ଅଟେ ।

ଧୂମପାନ ବା ତମାଖୁ ବ୍ୟବହାରର କୁପରିଣାମ :

- ପାଟି, ମୁଖ ଗହ୍ୱର, ସ୍ୱରଯନ୍ତ୍ର, ଫୁସ୍‌ଫୁସ୍, ମୁତ୍ରାଶୟ ଇତ୍ୟାଦିରେ କର୍କଟ ରୋଗ ହୋଇଥାଏ ।
- ହୃଦ୍‌ଘାତ, ଯକ୍ଷ୍ମା ଓ ଫୁସ୍‌ଫୁସ୍ ରୋଗର କାରଣ ହୋଇଥାଏ ।
- ନପୁଂସକତା, ପ୍ରଜନନ ଶକ୍ତି ହ୍ରାସ ଓ ଅକାଳ ବାର୍ଦ୍ଧକ୍ୟ ଦେଖାଦେଇଥାଏ ।
- ଗର୍ଭାବସ୍ଥାରେ ତମାଖୁ ସେବନ କଲେ ଶିଶୁ ନିର୍ଦ୍ଧାରିତ ସମୟ ପୂର୍ବରୁ ଜନ୍ମ ନିଏ ଓ କମ୍ ଓଜନର ହୋଇଥାଏ ।
- ଧୂମପାନ କରୁଥିବା ବ୍ୟକ୍ତି ପାଖରେ ଚଳପ୍ରଚଳ ହେଉଥିବା ବ୍ୟକ୍ତିମାନେ ଯେଉଁମାନେ କି ଧୂମପାନ କରନ୍ତି ନାହିଁ, ସେମାନଙ୍କର ମଧ୍ୟ ପରୋକ୍ଷ ଧୂମପାନ ଦ୍ୱାରା ହୃଦ୍‌ଘାତ ଓ ଫୁସ୍‌ଫୁସ୍ କର୍କଟରେ ଆକ୍ରାନ୍ତ ହେବାର ଅଧିକ ସମ୍ଭାବନା ଥାଏ ।
- ପରୋକ୍ଷ ଧୂମପାନ ଯୋଗୁଁ ପିଲାମାନଙ୍କର ଆଜ୍‌ମା, ଶ୍ୱାସନଳୀଜନିତ ତୀବ୍ର ଅସୁସ୍ଥତା ଏବଂ ଅନ୍ୟାନ୍ୟ ରୋଗ ମଧ୍ୟ ଦେଖାଯାଇଥାଏ ।

ତମାଖୁ ଆମ ସ୍ୱାସ୍ଥ୍ୟ ପ୍ରତି ବିପଜ୍ଜନକ




OIPR-10003/13/0193/2526

ତମାଖୁ ଓ ତମାଖୁ ଉତ୍ପାଦ ବିକ୍ରିବୃଦ୍ଧି ଅପକୌଶଳର ପର୍ଦ୍ଦାଫାଶ କରିବା, ଜନ ଆବେଦନର ଶୁଣାଣି କରିବା

ଆସନ୍ତୁ, ଏକ ତମାଖୁ ମୁକ୍ତ ଓ ସ୍ୱଚ୍ଛ ପରିବେଶ ଗଠନରେ ସମସ୍ତେ ସାମିଲ୍ ହୋଇ ସୁସ୍ଥ ଓଡ଼ିଶାର ସ୍ୱପ୍ନକୁ ସାକାର କରିବା ।

ତମାଖୁ ବର୍ଜନ, ସୁସ୍ଥ ଜୀବନ

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର
facebook.com/HFWOdisha
@HFWOdisha
http://www.health.odisha.gov.in/




# ଆଜି ହାଲୁକା ବର୍ଷା, ୭ ଯାଏ ଶୁଖିଲା ପାଗ

ଭୁବନେଶ୍ୱର,୩୦।୫
(ଅନୁରାଧା ମହାରଣା)



ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଗଭୀର ଅବପାତ କ୍ରମେ ଦୁର୍ବଳ ହୋଇ ଶୁକ୍ରବାର ଅବପାତରେ ପରିଣତ ହୋଇଛି। ଏହା ପ୍ରଭାବରେ ଉତ୍ତରପୂର୍ବ ରାଜ୍ୟଗୁଡିକରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହୋଇଛି। ତେବେ ଓଡ଼ିଶାର କିଛି ଜିଲାରେ ବର୍ଷା ହୋଇଥିଲେ ମଧ୍ୟ ଅଧିକାଂଶ ଜିଲାରେ ପାଗ ଶୁଖିଲା ରହିବା ସହ ଗୁଳୁଗୁଳି ଅନୁଭୂତ ହୋଇଛି। ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନାନୁସାରେ, ଶନିବାର ରାଜ୍ୟର ବିଭିନ୍ନ ଜିଲାର କିଛି କିଛି ସ୍ଥାନରେ ବଜ୍ରପାତ ସହ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହୋଇପାରେ। ବିଶେଷକରି ବାଲେଶ୍ୱର, ମୟୂରଭଞ୍ଜ, କେନ୍ଦୁଝର, ଦେବଗଡ଼, ଭଦ୍ରକ, କେନ୍ଦ୍ରାପଡ଼ା, ଯାଜପୁର, ସୁନ୍ଦରଗଡ଼, କୋରାପୁଟ, ମାଲକାନଗିରି, ନବରଙ୍ଗପୁର ଓ ରାୟଗଡ଼ା ଆଦି ଜିଲାରେ ଘଣ୍ଟା ପ୍ରତି ୩୦ରୁ ୪୦ କି.ମି. ବେଗରେ ପବନ ବହିବା ସହ ବଜ୍ରପାତ ସମ୍ଭାବନା ରହିଛି। ତେଣୁ ସମ୍ପୃକ୍ତ ଜିଲାଗୁଡ଼ିକୁ ପାଣିପାଗ କେନ୍ଦ୍ର ପକ୍ଷରୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ତେବେ ଜୁନ୍ ୨ରୁ ୭ ପର୍ଯ୍ୟନ୍ତ ରାଜ୍ୟରେ ଭାରି ବର୍ଷାର ସମ୍ଭାବନା ନାହିଁ। ରାଜ୍ୟର ଗୋଟିଏ ଦୁଇଟି ଜିଲାକୁ ବାଦ୍‌ଦେଲେ ବାକି ଜିଲାଗୁଡ଼ିକରେ ପାଗ ପ୍ରାୟତଃ ଶୁଖିଲା ରହିପାରେ ବୋଲି ପାଣିପାଗ ବିଜ୍ଞାନ କେନ୍ଦ୍ର ସୂଚନା ଦେଇଛି।




# ପୂର୍ବତନ ବିଧାୟକ ପ୍ରସନ୍ନ ପଟ୍ଟନାୟକଙ୍କ ପରଲୋକ


ପ୍ରସନ୍ନ କୁମାର ପଟ୍ଟନାୟକ

କାମାକ୍ଷାନଗର,୩୦।୫(ସୁଧୀର ପରିଡ଼ା)

ଢେଙ୍କାନାଳ ଜିଲା କାମାକ୍ଷାନଗର ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟକ ତଥା ଭାଜପାର ପ୍ରଥମ ବିଧାୟକ ପ୍ରସନ୍ନ କୁମାର ପଟ୍ଟନାୟକ ଶୁକ୍ରବାର ପରଲୋକ ଗମନ କରିଛନ୍ତି। ଦୀର୍ଘଦିନ ହେବ ଅସୁସ୍ଥ କାରଣରୁ ସେ ଚିକିତ୍ସିତ ହେଉଥିଲେ। ଗୁରୁବାର ଅଧିକ ଗୁରୁତର ହେବାରୁ ତାଙ୍କୁ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଶୁକ୍ରବାର ସକାଳେ ତାଙ୍କର ପରଲୋକ ହୋଇଥିଲା। ମୃତ୍ୟୁବେଳକୁ ତାଙ୍କୁ ୭୮ ବର୍ଷ ବୟସ ହୋଇଥିଲା। ଗଁଦିଆ ବ୍ଲକ ମାଧପୁରରେ ଜନ୍ମିତ ପ୍ରସନ୍ନ କୁମାର ପଟ୍ଟନାୟକ ତିନି ଥର କାମାକ୍ଷାନଗରରୁ ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। ପ୍ରଥମ ବିଧାୟକ ଭାବେ ଭାରତୀୟ ଜନତା ପାର୍ଟିରୁ ବିଜୟୀ ହୋଇ ରେକର୍ଡ ସୃଷ୍ଟି କରିଥିଲେ। ୧୯୭୭ରୁ ୧୯୮୦ ଜନତା ପାର୍ଟି, ୧୯୮୫ରୁ ୧୯୯୦ ଭାଜପା ଓ ୧୯୯୦ରୁ ୧୯୯୫ ଜନତା ଦଳରୁ ବିଧାୟକ ହୋଇଥିଲେ। କାମାକ୍ଷାନଗର ମହିଳା ମହାବିଦ୍ୟାଳୟ, ବିରାଶାଳ ଆଞ୍ଚଳିକ ମହାବିଦ୍ୟାଳୟ, ଭୁବନ ମହିଳା ମହାବିଦ୍ୟାଳୟ ଆଦି ୧୫ରୁ ଊର୍ଦ୍ଧ୍ୱ ଶିକ୍ଷାନୁଷ୍ଠାନ ତାଙ୍କ ଚେଷ୍ଟାରେ ହୋଇଥିଲା। ତାଙ୍କ ବିୟୋଗରେ ରାଜନୈତିକ ମହଲରେ ଶୋକର ଛାୟା ଖେଳିଯାଇଛି।

# କଟକରୁ ୨ କୋଭିଡ୍ ଆକ୍ରାନ୍ତ ଚିହ୍ନଟ

କଟକ,୩୦।୫(ଶିଳ୍ପା ପ୍ରିୟଦର୍ଶିନୀ)

ରାଜ୍ୟରେ ପୁଣି କୋଭିଡ୍ ସଂକ୍ରମଣ ବଢ଼ିବାରେ ଲାଗିଛି। ଭୁବନେଶ୍ୱର ପରେ ଏବେ କଟକରୁ ୨ଜଣ କୋଭିଡ୍ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। କଟକ ସହରରୁ ଗୁରୁବାର ଖୋଲାସାହି ଅଞ୍ଚଳର ୪୪ ବର୍ଷୀୟ ପୁରୁଷ ଆକ୍ରାନ୍ତ ଚିହ୍ନଟ ହୋଇଥିବାବେଳେ ଶୁକ୍ରବାର ନୂଆରାଉସାପାଟଣା ଅଞ୍ଚଳରୁ ଆଉ ଜଣେ ୭୧ବର୍ଷୀୟ ବୃଦ୍ଧା ବୋଲି ଜିଲା ସ୍ୱାସ୍ଥ୍ୟ ବିଭାଗରୁ ସୂଚନା ମିଳିଛି। ବୃଦ୍ଧାଙ୍କ ସ୍ୱାସ୍ଥ୍ୟାବସ୍ଥା ଠିକ ନ ଥିବାରୁ ତାଙ୍କୁ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଏହା ଜଣାପଡ଼ିବା ପରେ ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏକ ଟିମ୍ ଆକ୍ରାନ୍ତଙ୍କ ତଥ୍ୟ ହାସଲକରି ଯାଞ୍ଚ କରୁଥିବା ସୂଚନା ମିଳିଛି।

ସୂଚନା ଅନୁଯାୟୀ, କଟକ ସହରରୁ ୨ଜଣ କୋଭିଡ୍ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଖୋଲାସାହି ଅଞ୍ଚଳର ଆକ୍ରାନ୍ତ ଜଣକ ଅସୁସ୍ଥ ହେବାରୁ କଟକର ଏକ ଘରୋଇ ହସ୍ପିଟାଲକୁ ଚିକିତ୍ସା ନିମନ୍ତେ ଯାଇଥିଲେ। ସେଠାରେ ତାଙ୍କ ଲକ୍ଷଣ ଅନୁଯାୟୀ ଡାକ୍ତର କୋଭିଡ୍ ପରୀକ୍ଷା କରାଇବାକୁ କହିଥିଲେ। ପରୀକ୍ଷା ପରେ ରିପୋର୍ଟ ପଜିଟିଭ ଆସିଥିଲା। ଖୋଲାସାହି ଅଞ୍ଚଳର ଆକ୍ରାନ୍ତ ଜଣକ ଘରେ କ୍ୱାରାଣ୍ଟାଇନରେ ରହିଛନ୍ତି। ଏ ନେଇ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ପ୍ରଶାନ୍ତ କୁମାର ହୋତା କହିଛନ୍ତି, କଟକରେ କୋଭିଡ୍‌କୁ ଦୃଷ୍ଟିରେ ରଖି ସମସ୍ତ ସଚେତନତା ଅବଲମ୍ବନ କରିବାକୁ କୁହାଯାଇଛି। ଆକ୍ରାନ୍ତ ଚିହ୍ନଟ ପରେ ତାଙ୍କ ନିକଟକୁ ଯାଞ୍ଚ ନିମନ୍ତେ ଏକ ଟିମ୍ ପଠାଯାଇଛି। ଆକ୍ରାନ୍ତ ଜଣକ ବାହାର ରାଜ୍ୟରୁ ଆସି ନ ଥିବା ସ୍ପଷ୍ଟ ହୋଇଛି ଏବଂ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବା ହୋତା କହିଛନ୍ତି।

# ସିଡିଏ ଅଫିସ୍‌ର ୧୫ କର୍ମଚାରୀଙ୍କ ଦିନକର ଦରମା ବନ୍ଦ

କଟକ,୩୦।୫(କାର୍ତ୍ତିକ ସାହୁ)

## ବିଳମ୍ବରେ ଅଫିସ୍ ଆସିବା ମହଙ୍ଗା ପଡ଼ିଲା

ବିଳମ୍ବରେ ଅଫିସ ଆସିବା ମହଙ୍ଗା ପଡ଼ିଲା। କଟକ ଉନ୍ନୟନ କର୍ତ୍ତୃପକ୍ଷ (ସିଡିଏ)ର ଅରୁଣୋଦୟ ନଗରସ୍ଥିତ କାର୍ଯ୍ୟାଳୟର ୧୫ଜଣ କର୍ମଚାରୀଙ୍କ ଗୋଟିଏ ଦିନର ଦରମା ବନ୍ଦ କରାଯାଇଛି। ସିଡିଏ ସଚିବ ଶ୍ୱେତ କୁମାର ଦାଶ ଶୁକ୍ରବାର ଏପରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିବା ସୂଚନା ମିଳିଛି।

ପ୍ରକାଶ ଯେ, ବିଭିନ୍ନ ସରକାରୀ କାର୍ଯ୍ୟାଳୟରେ କେତେଜଣ କର୍ମଚାରୀ ଅଭ୍ୟାସଗତ ଭାବେ ବିଳମ୍ବରେ ଆସିବା ଯୋଗୁ ସରକାରୀ କାର୍ଯ୍ୟ ବାଧାପ୍ରାପ୍ତ ହେଉଛି। ଫଳରେ ଜନସାଧାରଣ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଲୋକମାନେ ଅଫିସ୍‌କୁ ଆସି ଅପେକ୍ଷା କରୁଥିବା ବେଳେ ସମ୍ପୃକ୍ତ ସରକାରୀ କର୍ମଚାରୀଙ୍କ ଦେଖା ମିଳୁନାହିଁ। ଏଭଳି ଅଭିଯୋଗମାନ ବିଭିନ୍ନ ସମୟରେ ହୋଇଆସୁଛି। ତେବେ ଏଭଳି କର୍ମଚାରୀଙ୍କୁ ଶୃଙ୍ଖଳିତ କରିବା ପାଇଁ ସରକାର ନିର୍ଦ୍ଦେଶ ଦେଇଛନ୍ତି। ତଦନୁସାରେ, ସିଡିଏ ସଚିବ ଦାଶ ତାଙ୍କ କାର୍ଯ୍ୟାଳୟର ବିଭିନ୍ନ ସେକ୍ସନ୍‌କୁ ଶୁକ୍ରବାର ଅଚାନକ ପରିଦର୍ଶନ କରିଥିଲେ। ସିଡିଏ କାର୍ଯ୍ୟାଳୟରେ ୯ଟି ସେକ୍ସନ ଥିବା ବେଳେ ପ୍ରାୟ ୫ଟି ସେକ୍ସନରେ ୧୫ କର୍ମଚାରୀ ଠିକ୍ ସମୟରେ କାର୍ଯ୍ୟାଳୟରେ ପହଞ୍ଚି ନ ଥିବା ଦେଖିଥିଲେ। ସେମାନେ ଅଫିସ୍ ବିଳମ୍ବରେ ପହଞ୍ଚିଥିଲେ। ଫଳରେ ସେମାନଙ୍କୁ ଚେତେଇ ଦେବା ପାଇଁ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ସ୍ୱରୂପ ଦିନକର ଦରମା ବନ୍ଦ କରାଯାଇଥିବା ସଚିବ ଦାଶ କହିଛନ୍ତି। ଏହାଦ୍ୱାରା ଅନ୍ୟ କର୍ମଚାରୀମାନେ ବି ସଚେତନ ହେବେ ଓ ସରକାରୀ ନିୟମ, ଶୃଙ୍ଖଳା ଭଙ୍ଗ କରିବାକୁ ଚେଷ୍ଟା କରିବେ ନାହିଁ ବୋଲି ସେ କହିଛନ୍ତି।

# ନିଜ ଆଡୁ ମାମଲା ରୁଜୁ କଲେ ଏନ୍‌ଏଚ୍‌ଆର୍‌ସି

## ବଲାଙ୍ଗୀରରେ ଖବରଦାତାଙ୍କୁ ମାଡ଼ ଘଟଣା

ଭୁବନେଶ୍ୱର,୩୦।୫(ଅନୁରାଧା ମହାରଣା)

ବଲାଙ୍ଗୀର ଜିଲାର କୁଲାଥିପାଲି ଗାଁରେ ଏକ ନିର୍ମାଣ କାର୍ଯ୍ୟରେ ହୋଇଥିବା ଦୁର୍ନୀତି ଅଭିଯୋଗର ରିପୋର୍ଟ ସଂଗ୍ରହ କରୁଥିବାବେଳେ ଗତ ୨୫ ତାରିଖରେ ଜଣେ ଟିଭି ଖବରଦାତାଙ୍କୁ ହାତଗୋଡ଼ ବାନ୍ଧି ସଂଘବଦ୍ଧ ଆକ୍ରମଣ ହୋଇଥିଲା। ଗଣମାଧ୍ୟମ ରିପୋର୍ଟକୁ ଆଧାର କରି ଜାତୀୟ ମାନବାଧିକାର କମିଶନ (ଏନ୍‌ଏଚ୍‌ଆର୍‌ସି) ନିଜ ଆଡୁ ମାମଲା ରୁଜୁ କରିଛନ୍ତି। ୨ ସପ୍ତାହ ମଧ୍ୟରେ ବିସ୍ତୃତ ରିପୋର୍ଟ ପ୍ରଦାନ ପାଇଁ ଓଡିଶା ପୋଲିସ ମହାନିର୍ଦ୍ଦେଶକଙ୍କୁ କମିଶନଙ୍କ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି।

କମିଶନ ଉଲ୍ଲେଖ କରିଛନ୍ତି ଯେ, ମେ' ୨୬ରେ ପ୍ରସାରିତ ଗଣମାଧ୍ୟମ ରିପୋର୍ଟ ଅନୁସାରେ, କର୍ତ୍ତବ୍ୟରତ ଟିଭି ଖବରଦାତାଙ୍କୁ ହଠାତ୍ ଆକ୍ରମଣ କରାଯାଇଥିଲା। ଅଭିଯୁକ୍ତମାନେ ତାଙ୍କ ହାତଗୋଡ ବାନ୍ଧି ନିର୍ଯାତନା ଦେଇଥିଲେ। ଗାଁ ବୁଲାଇବା ପରେ ଏକ ଖୁଣ୍ଟରେ ବାନ୍ଧି ନିର୍ମମ ଭାବେ ମାଡ଼ ମାରିଥିଲେ। ଅପରାଧୀମାନେ ପୀଡିତଙ୍କ ମୋବାଇଲ ଫୋନ୍ ଏବଂ ଭିଡିଓ କ୍ୟାମେରା ମଧ୍ୟ ଭାଙ୍ଗି ଦେଇଥିଲେ। ତାଙ୍କୁ ଘଟଣା କିମ୍ବା ଚାଲିଥିବା ନିର୍ମାଣ କାର୍ଯ୍ୟ ବିଷୟରେ କାହାକୁ କିଛି ନ ଜଣାଇବାକୁ ଧମକ ଦେଇଥିଲେ।

# ଆର୍‌ଏସ୍‌ଏସ୍ କାର୍ଯ୍ୟକ୍ରମରେ ଯୋଗଦେଲେ ମୁଖ୍ୟମନ୍ତ୍ରୀ


ମୁଖ୍ୟମନ୍ତ୍ରୀଙ୍କୁ ଧର୍ମଗଡ଼ ବିଧାୟକ ଓ ଅନ୍ୟମାନେ ସ୍ୱାଗତ କରୁଛନ୍ତି।

ଭବାନୀପାଟଣା,୩୦।୫
(ଉତ୍ତମ କୁମାର ଦାଶ)

## ୧୫ ଦିନିଆ ସଂଘ ଶିକ୍ଷା ବର୍ଗ

କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଗତ ୧୬ ତାରିଖଠାରୁ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ (ଆର୍‌ଏସ୍‌ଏସ୍) ଓଡ଼ିଶା ପଶ୍ଚିମପ୍ରାନ୍ତ ପକ୍ଷରୁ ୧୫ଦିନିଆ ସଂଘ ଶିକ୍ଷା ବର୍ଗ ଅନୁଷ୍ଠିତ ହେଉଛି। ଶୁକ୍ରବାର ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ ଓଡ଼ିଶା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ମଧ୍ୟାହ୍ନ ୧୨ଟା ୪୫ରେ ସ୍ଥାନୀୟ ସରକାରୀ ଇଞ୍ଜିନିୟରିଂ କଲେଜ ପଡିଆରେ ମୁଖ୍ୟମନ୍ତ୍ରୀ ହେଲିକପ୍ଟରରୁ ଓହ୍ଲାଇଥିଲେ। ଏହି ସମୟରେ ଧର୍ମଗଡ ବିଧାୟକ ସୁଧୀର ରଞ୍ଜନ ପଟ୍ଟଯୋଷୀ, ଭାଜପା ଜିଲା ସଭାପତି ଯୁଗଳ କିଶୋର ପୋଦ୍ଦାରଙ୍କ ସମେତ ବହୁ ନେତା ତାଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ସେଠାରୁ ସଡକପଥରେ ମୁଖ୍ୟମନ୍ତ୍ରୀ ସଭାସ୍ଥଳକୁ ଯାଇ ସଂଘ କାର୍ଯ୍ୟକର୍ତ୍ତାଙ୍କୁ ନିଜ ବକ୍ତବ୍ୟ ମାଧ୍ୟମରେ ଉତ୍ସାହିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ୧୭ ଜିଲାର ୨୭୦ ସ୍ୱୟଂସେବକ ଅଂଶଗ୍ରହଣ କରିଛନ୍ତି। ଏଥିରେ ସଂଘର ଅନୁଶାସନ, ବ୍ୟବସ୍ଥା ଓ ସଂସ୍କାର ଉପରେ ଆଲୋଚନା ହେଉଥିବା ଜଣାପଡିଛି। ଶନିବାର ଅପରାହ୍ନରେ ଭବାନୀପାଟଣାସ୍ଥିତ ଲାଲବାହାଦୁର ଶାସ୍ତ୍ରୀ ଷ୍ଟାଡିୟମଠାରେ ଉଦ୍‌ଯାପନୀ ସମାରୋହ ଅନୁଷ୍ଠିତ ହେବ।

# ୩ ଜଣଙ୍କ ବୟାନ ରେକର୍ଡ କଲା କ୍ରାଇମବ୍ରାଞ୍ଚ ଟିମ୍

## ପୂର୍ବତନ ମନ୍ତ୍ରୀ ନବ ଦାସ ହତ୍ୟା ମାମଲା

ଝାରସୁଗୁଡ଼ା/ବ୍ରଜରାଜନଗର, ୩୦।୫
(ଆଶିଷ ରଞ୍ଜନ ଦାଶ/ବିଜୟ ବରାଡ଼)


କ୍ରାଇମବ୍ରାଞ୍ଚ ଅତିରିକ୍ତ ଏସ୍‌ପି ବିଜୟ ମଲ୍ଲିକ ଖବରଦାତାଙ୍କୁ ସୂଚନା ଦେଉଛନ୍ତି।

ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାସ ହତ୍ୟା ଘଟଣାକୁ ନେଇ ପୁଣି ଚର୍ଚ୍ଚା ଆରମ୍ଭ ହୋଇଛି। ଏହି ହତ୍ୟା ଘଟଣାର ଦ୍ୱିତୀୟ ପର୍ଯ୍ୟାୟ ତଦନ୍ତ ପାଇଁ ଶୁକ୍ରବାର କ୍ରାଇମବ୍ରାଞ୍ଚ ଟିମ୍ ଝାରସୁଗୁଡ଼ା ଜିଲା ବ୍ରଜରାଜନଗର ଥାନା ଅନ୍ତର୍ଗତ ଗାନ୍ଧୀଛକ ଫାଣ୍ଡିରେ ପହଞ୍ଚିଥିଲା। ସେଠାରେ ରାଜପୁର ପଞ୍ଚାୟତର ସରପଞ୍ଚଙ୍କ ସ୍ୱାମୀ ଗଣେଶ ରାମବାଗ, ବିଜେଡି କର୍ମୀ ପ୍ରବୀଣ ଦେଓ ଓ ସ୍ୱାସ୍ଥ୍ୟକର୍ମୀ ମନୋଜ ବରିହାଙ୍କୁ କ୍ରାଇମବ୍ରାଞ୍ଚ ଟିମ୍ ଜେରା କରିଥିଲା। କ୍ରାଇମବ୍ରାଞ୍ଚ ଅତିରିକ୍ତ ଏସ୍‌ପି ବିଜୟ ମଲ୍ଲିକଙ୍କ ନେତୃତ୍ୱରେ ଟିମ୍‌ର ସଦସ୍ୟମାନେ ଉପରୋକ୍ତ ୩ ଜଣଙ୍କୁ ଅଧଘଣ୍ଟା ଲେଖାଏ ପଚରାଉଚରା କରିବା ସହ ୧୬୧ ଧାରାରେ ସେମାନଙ୍କ ବୟାନ ରେକର୍ଡ କରିଛନ୍ତି।

ସୂଚନା ଅନୁଯାୟୀ, ୨୦୨୩ ଜାନୁଆରୀ ୨୯ରେ ବ୍ରଜରାଜନଗର ଥାନା ଅନ୍ତର୍ଗତ ଗାନ୍ଧୀ ଛକଠାରେ ନବ ଦାସଙ୍କୁ ତତ୍କାଳୀନ ଫାଣ୍ଡି ଅଧିକାରୀ ଗୋପାଳକୃଷ୍ଣ ଦାସ ଗୁଳି କରି ହତ୍ୟା କରିଥିଲେ। ଏହି ଘଟଣାରେ ଗୋପାଳଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ୍ ହାଜତକୁ ପଠାଇ ଦିଆଯାଇଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ହତ୍ୟାକାଣ୍ଡ ଦିନ ଓ ଏହାର ପୂର୍ବଦିନ ଗୋପାଳଙ୍କୁ ଗଣେଶ ଓ ପ୍ରବୀଣ ଫୋନ୍ କରିଥିଲେ। ୨୦୨୩ ଜାନୁଆରୀ ୨୮ରେ ଗଣେଶ ଓ ପ୍ରବୀଣଙ୍କ ଗୋଷ୍ଠୀ ମଧ୍ୟରେ ରାଜନୈତିକ କାରଣକୁ ନେଇ ବଚସା ଓ ଗଣ୍ଡଗୋଳ ହୋଇଥିଲା। ଏନେଇ ସେମାନେ ଗୋପାଳଙ୍କୁ ଫୋନ୍‌ରେ ଜଣାଇଥିଲେ। ଶୁକ୍ରବାର ତଦନ୍ତବେଳେ ସେମାନେ ଏ ସମ୍ପର୍କରେ କ୍ରାଇମବ୍ରାଞ୍ଚ ନିକଟରେ ପ୍ରକାଶ କରିଛନ୍ତି। ଏହି ଘଟଣାରେ ପୂର୍ବରୁ ମନୋଜଙ୍କୁ କ୍ରାଇମବ୍ରାଞ୍ଚ ତଦନ୍ତ ପରିସରକୁ ନେଇ ୧୬୧ ଧାରାରେ ବୟାନ ରେକର୍ଡ କରିଥିବାବେଳେ ଶୁକ୍ରବାର ମଧ୍ୟ ପଚରାଉଚରା କରିଥିଲା। ହତ୍ୟାକାଣ୍ଡ ପୂର୍ବରୁ ଗୋପାଳଙ୍କୁ ମନୋଜ କହିଥିଲେ, ନବ ଦାସ ତୁମ ଉପରେ ଅସନ୍ତୁଷ୍ଟ ଅଛନ୍ତି। ତୁମ ଉପରକୁ ବିପଦ ଆସିପାରେ। ଜେରାବେଳେ ଗୋପାଳ ଏନେଇ କ୍ରାଇମବ୍ରାଞ୍ଚ ନିକଟରେ ବୟାନ ଦେଇଥିଲେ। ତେବେ ନବ ଦାସ କାହିଁକି ଗୋପାଳଙ୍କ ଉପରେ ଅସନ୍ତୁଷ୍ଟ ଥିଲେ ସେ ସମ୍ପର୍କରେ ଜାଣିବା ପାଇଁ କ୍ରାଇମବ୍ରାଞ୍ଚ ଟିମ୍ ମନୋଜଙ୍କୁ ତଦନ୍ତ ପରିସରଭୁକ୍ତ କରିଥିବା ଜଣାପଡିଛି। ଅପରପକ୍ଷରେ ହତ୍ୟାକାଣ୍ଡ ପୂର୍ବରୁ ଗୋପାଳ କାହା କାହା ସହ ଫୋନ୍‌ରେ କଥା ହେଉଥିଲେ ସେମାନଙ୍କୁ ଜେରା କରିବା ପାଇଁ କ୍ରାଇମବ୍ରାଞ୍ଚ ଟିମ୍ ପ୍ରସ୍ତୁତ ହେଉଛି। ତଦନ୍ତ ପରେ ଗଣମାଧ୍ୟମ ପ୍ରତିନିଧିଙ୍କୁ ସୂଚନା ଦେଇ କ୍ରାଇମବ୍ରାଞ୍ଚ ଅତିରିକ୍ତ ଏସ୍‌ପି ମଲ୍ଲିକ କହିଛନ୍ତି, ଗୋପାଳ ଦାସଙ୍କ କଲ୍ ରେକର୍ଡ ଯାଞ୍ଚ ଚାଲିଛି। ଏହି ଘଟଣାରେ ଯାହାର ସମ୍ପୃକ୍ତି ଥିବା ସନ୍ଦେହ କରାଯିବ ତାଙ୍କୁ ଡାକି ପଚରାଉଚରା କରାଯିବ। ସୂଚନାଯୋଗ୍ୟ, ନବ ଦାସ ହତ୍ୟା ଘଟଣାରେ କ୍ରାଇମବ୍ରାଞ୍ଚ ଟିମ୍ ଗତ ମାର୍ଚ୍ଚ ୧୮ରୁ ୨୨ ତାରିଖ ମଧ୍ୟରେ ଝାରସୁଗୁଡ଼ା ମୁଖ୍ୟ ଡାକ୍ତରଖାନା, ଏୟାରପୋର୍ଟ ଓ ନବ ଦାସଙ୍କ ସରବାହାଲସ୍ଥିତ ବାସଭବନରେ ପହଞ୍ଚି ତଦନ୍ତ କରିଥିଲା। ଏହି ହତ୍ୟା ଘଟଣାର ମୁଖ୍ୟ ସାକ୍ଷୀ ସରୋଜ ସା, ଜୀବନ ନାୟକଙ୍କ ସମେତ ମେଡିକାଲ କର୍ମଚାରୀ ଓ ୧୫ରୁ ଉର୍ଦ୍ଧ୍ୱ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଛି।

# ଫଲକ୍‌ନାମା ଏକ୍ସପ୍ରେସ୍‌ରେ ନିଆଁ



ବାହାନଗା,୩୦।୫
(ଅରୂପ କୁମାର ଦାସ)

ବାଲେଶ୍ୱର ଜିଲା ବାହାନଗା ବ୍ଲକ ଖନ୍ତାପଡା ଷ୍ଟେଶନରେ ସିକନ୍ଦରାବାଦ-ହାୱଡା ଯାଉଥିବା ଫଲକ୍‌ନାମା ଏକ୍ସପ୍ରେସ୍‌ରେ ଶୁକ୍ରବାର ଅପରାହ୍ନ ୨ଟାରେ ନିଆଁ ଲାଗିଯାଇଥିଲା। ଟ୍ରେନ ପଣପଣା ପାସେଞ୍ଜର ହଲ୍ଟ ଷ୍ଟେଶନ ଅତିକ୍ରମ କରୁଥିବା ବେଳେ ଷ୍ଟେଶନ କର୍ମଚାରୀମାନେ ଟ୍ରେନ ଚକରେ ଧୂଆଁ ବାହାରୁଥିବା ଦେଖିଥିଲେ। ଏ ସମ୍ପର୍କରେ ଷ୍ଟେଶନମାଷ୍ଟର ତୁରନ୍ତ ଖନ୍ତାପଡା ଷ୍ଟେଶନକୁ ଫୋନ କରି ଜଣାଇଥିଲେ। ଟ୍ରେନକୁ ଖନ୍ତାପଡା ଷ୍ଟେଶନରେ ଅଟକାଯାଇଥିଲା। ପରେ ଟ୍ରେନ ଚକ ପାଖରେ ଥିବା ବ୍ରେକ ରବରଟି ଗରମ ହୋଇ ଧୂଆଁ ବାହାରୁଥିବା ଜଣାପଡିଥିଲା। ଟ୍ରେନ ଚକକୁ ପାଣି ସ୍ପ୍ରେ କରି ଲିଭାଇବା ପରେ କିଛି ସମୟ ରହି ଟ୍ରେନ ହାୱଡା ଅଭିମୁଖେ ଯାଇଥିଲା।



ବିଶ୍ୱ ତମାଖୁ ନିରୋଧ ଦିବସ ଅବସରରେ ପୁରୀ ବେଳାଭୂମିଠାରେ ଶୁକ୍ରବାର ବାଲୁକା ଶିଳ୍ପୀ ସୁଦର୍ଶନ ପଟ୍ଟନାୟକଙ୍କ ଦ୍ୱାରା କରାଯାଇଥିବା ବାଲୁକା କଳାକୃତି।

# ଜେଲ ଗଲେ ଇଡି ଡେପୁଟି ଡାଇରେକ୍ଟର ରଘୁବଂଶୀ

ଭୁବନେଶ୍ୱର,୩୦।୫(ସତ୍ୟଜିତ ରାଉତ)

## ୨୦ ଲକ୍ଷ ଲାଞ୍ଚ ନେବା ଅଭିଯୋଗରେ ଗିରଫ ହୋଇଛନ୍ତି

୨୦ ଲକ୍ଷ ଟଙ୍କା ଲାଞ୍ଚ ନେବା ଅଭିଯୋଗରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଭୁବନେଶ୍ୱର ଜୋନାଲ ଅଫିସର ଡେପୁଟି ଡାଇରେକ୍ଟର ଚିନ୍ତନ ରଘୁବଂଶୀଙ୍କୁ ସିବିଆଇ ଶୁକ୍ରବାର ଗିରଫ କରିଛି। ଗିରଫ ପରେ ରଘୁବଂଶୀଙ୍କୁ ସିବିଆଇର ସ୍ୱତନ୍ତ୍ର କୋର୍ଟରେ ହାଜର କରାଯାଇଥିଲା। ସେଠାରେ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ୧୪ ଦିନିଆ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ପଥର ଖଣି ତଥା କ୍ରଶର ବ୍ୟବସାୟୀଙ୍କ ବିରୋଧରେ ହୋଇଥିବା ଖଣି ମାମଲାର ରଫାଦଫା ପାଇଁ ପ୍ରଥମ ଦଫାରେ ୫୦ଲକ୍ଷ ଟଙ୍କା ଦେବାକୁ ଡିଲ୍ ହୋଇଥିଲା। ସେଥିରୁ ୨୦ଲକ୍ଷ ଟଙ୍କା ଲାଞ୍ଚ ନେଉଥିବାବେଳେ ଗୁରୁବାର ସନ୍ଧ୍ୟାରେ ଭୁବନେଶ୍ୱରରେ ସିବିଆଇର ଏକ ଟିମ୍ ରଘୁବଂଶୀଙ୍କୁ କାବୁ କରିଥିଲା। ତାଙ୍କୁ ସିବିଆଇ କାର୍ଯ୍ୟାଳୟରେ ପଚରାଉଚରା କରିବା ପରେ ଶୁକ୍ରବାର ସ୍ୱାସ୍ଥ୍ୟ ପରୀକ୍ଷା ପରେ ଗିରଫ କରାଯାଇଥିଲା। ଏଥିସହ ଅଭିଯୋଗକାରୀଙ୍କଠାରୁ ଟଙ୍କା ଆଣିବାକୁ ଚାପ ପକାଇଥିବା ମଧ୍ୟସ୍ଥ ଭର୍ଗୋ ନାମକ ଜଣେ ଦଲାଲ୍‌ଙ୍କୁ ମଧ୍ୟ ସିବିଆଇ ଗିରଫ କରି କୋର୍ଟ ଚାଲାଣ କରିଛି।

ମିଳିଥିବା ସୂଚନା ଅନୁଯାୟୀ, ଗତ ୨୮ ତାରିଖରେ ନନ୍ଦନକାନନ ରୋଡ୍‌ସ୍ଥିତ ମଣି ତ୍ରିଭୁବନ ଆପାର୍ଟମେଣ୍ଟରେ ରହୁଥିବା ରତିକାନ୍ତ ରାଉତ ସିବିଆଇ ନିକଟରେ ଏକ ଅଭିଯୋଗ କରିଥିଲେ। ଅଭିଯୋଗ ଅନୁସାରେ ଇଡିରେ ହୋଇଥିବା ମାମଲା ନଂ. ଇସିଆଇଆର୍/ବିବିଜେଡ୍‌ଓ/ ୨୦/୨୦୨୦କୁ ଦଫାଦଫା କରିବା ପାଇଁ ଡେପୁଟି ଡାଇରେକ୍ଟର ରଘୁବଂଶୀ ରୋହିତଙ୍କୁ ପ୍ରଥମେ ୫କୋଟି ଟଙ୍କା ଦାବି କରିଥିଲେ। ପରେ ତାହା ୨କୋଟିରେ ଛିଣ୍ଡିଥିଲା। ପ୍ରଥମ ପର୍ଯ୍ୟାୟରେ ୫୦ଲକ୍ଷ ଟଙ୍କା ଦେବାକୁ ସ୍ଥିର ହୋଇଥିଲା। ମଧ୍ୟସ୍ଥ ଭର୍ଗୋଙ୍କ ମାଧ୍ୟମରେ ଟଙ୍କା କାରବାର ହେବାର ଥିଲା। ଏନେଇ ରୋହିତ ଗତ ୨୮ ତାରିଖରେ ସିବିଆଇ ଏସ୍‌ପିଙ୍କ ନିକଟରେ ଅଭିଯୋଗ କରିଥିଲେ। ଅଭିଯୋଗ ପାଇବା ପରେ ଏହାର ସତ୍ୟତା ଯାଞ୍ଚ କରିବା ପାଇଁ ସିବିଆଇ ସବ୍-ଇନ୍ସପେକ୍ଟର ଆୟନ୍ ମିଶ୍ରଙ୍କୁ ଦାୟିତ୍ୱ ଦିଆଯାଇଥିଲା। ଯାଞ୍ଚ ପରେ ମଧ୍ୟସ୍ଥ ଭର୍ଗୋ ଅଭିଯୋଗକାରୀଙ୍କୁ ୨କୋଟି ଟଙ୍କାରୁ ପ୍ରଥମ ପର୍ଯ୍ୟାୟରେ ୫୦ଲକ୍ଷ ଟଙ୍କା ୨୯।୫।୨୦୨୫ ପୂର୍ବାହ୍ନ ୧୧ଟାରେ ଦେବା ପାଇଁ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଥିଲା। ସେହି ଅନୁସାରେ ପୂର୍ବ ଯୋଜନା ଅନୁସାରେ ୨୦ଲକ୍ଷ ଟଙ୍କା ଲାଞ୍ଚ ନେବାବେଳେ ରଘୁବଂଶୀ ଏବଂ ମଧ୍ୟସ୍ଥ ଭର୍ଗୋଙ୍କୁ ସିବିଆଇ ଟିମ୍ କାବୁ କରିଥିଲା। ଜଣେ ଡେପୁଟି ଡାଇରେକ୍ଟର ପାହ୍ୟାର ଇଡି ଅଧିକାରୀ ଲାଞ୍ଚ ନେବା ଅଭିଯୋଗରେ ସିବିଆଇ ଦ୍ୱାରା ଗିରଫ ହୋଇ ଜେଲ ଯିବା ଘଟଣା ରାଜ୍ୟରେ ପ୍ରଥମ ବୋଲି କୁହାଯାଉଛି।


ଚିନ୍ତନ ରଘୁବଂଶୀ

# ପୁରୀ-ବାଙ୍ଗିରିପୋଷି ଏକ୍ସପ୍ରେସରେ ଚେୟାର କାର୍ କୋଚ୍ ବୃଦ୍ଧି

ଭୁବନେଶ୍ୱର,୩୦।୫(ଅନୁରାଧା ମହାରଣା)

ବର୍ଦ୍ଧିତ ଯାତ୍ରୀ ଚାହିଦାକୁ ଦୃଷ୍ଟିରେ ରଖି ୧୨୮୯୨/୧୨୮୯୧ ପୁରୀ-ବାଙ୍ଗିରିପୋଷି-ପୁରୀ ଏକ୍ସପ୍ରେସ୍‌ରେ ଗୋଟିଏ ଦ୍ୱିତୀୟ ଶ୍ରେଣୀ ଚେୟାର କାର୍ କୋଚ୍ ଅସ୍ଥାୟୀ ଭାବରେ ବୃଦ୍ଧି କରାଯାଇଛି। ପୂର୍ବରୁ ୧୪ କୋଚ୍ ସହିତ ଚଳାଚଳ କରୁଥିବା ଏହି କୋଚ୍ ଜୁନ ୧ରୁ ୩୦ ପର୍ଯ୍ୟନ୍ତ ୧୫ କୋଚ ସହିତ ପୁରୀରୁ ଚଳାଚଳ କରିବ। ଫେରିବା ମାର୍ଗରେ ଅତିରିକ୍ତ କୋଚ୍ ୨ ଜୁନ୍‌ରେ ବାଙ୍ଗିରିପୋଷିରୁ ସଂଲଗ୍ନ ହେବ। ଯୋଡା ଯାଇଥିବା ଚେୟାର କାର୍ କୋଚ୍ ଦୈନିକ ଯାତ୍ରୀ, ପର୍ଯ୍ୟଟକ ଏବଂ ଦୂର-ଦୂରାନ୍ତର ଯାତ୍ରୀଙ୍କ ପାଇଁ ଅଧିକ ଆସନ କ୍ଷମତା ତଥା ଉନ୍ନତ ସୁବିଧା ପ୍ରଦାନ କରିବ।

# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ପୁଣ୍ୟଶ୍ଳୋକ ଲୋକମାତା ଅହଲ୍ୟା ବାଇ ହୋଲକରଙ୍କ ୩୦୦ତମ ଜନ୍ମବାର୍ଷିକୀ ସମାରୋହ, ସ୍ଥାନ: ସୂଚନା ଭବନ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଫିଲ୍ମ ଜର୍ଣ୍ଣାଲିଷ୍ଟସ୍ ଫୋରମ ପକ୍ଷରୁ ୨୨ତମ ସ୍ମୃତିଛାୟା କାର୍ଯ୍ୟକ୍ରମ, ସ୍ଥାନ: ସୂଚନା ଭବନ, ସମୟ: ଅପରାହ୍ନ ୫ଟା ୧୫।
- ଇଶା ଫାଉଣ୍ଡେଶନର ନିଃଶୁଳ୍କ ଯୋଗ କାର୍ଯ୍ୟକ୍ରମ, ସ୍ଥାନ: ବିପରୀତ ନୀଳଶୈଳ ଭିଲ୍ଲା, (ରାଧିକା ଟାୱାର ନିକଟ), ଟଙ୍କପାଣି ରୋଡ, ସମୟ: ସନ୍ଧ୍ୟା ୬ଟା।
- 'ଉଦ୍ୟାନ ପଣ୍ଡିତ ଗୋପୀନାଥ' ପୁସ୍ତକ ଉନ୍ମୋଚନ ଏବଂ ଉଦ୍ୟାନବିତ୍ ଡ. ଗୋପୀନାଥ ପରିଡ଼ାଙ୍କ ୯୫ତମ ଜନ୍ମଦିନ ଉପଲକ୍ଷେ ସମ୍ବର୍ଦ୍ଧନା ସଭା, ସ୍ଥାନ: ବୁଦ୍ଧ ମନ୍ଦିର ନୂତନ ସଭାଗୃହ, ସମୟ: ସନ୍ଧ୍ୟା ୬ଟା ୩୦।
- ପ୍ରଜ୍ଞା ନୃତ୍ୟାୟନ ପକ୍ଷରୁ 'ପ୍ରଜ୍ଞା ପ୍ରତିଭା ପୁରସ୍କାର-୨୦୨୫', ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।

## କଟକ

- ପ୍ରଭୁ ରାମେଶ୍ୱର ମହାଦେବଙ୍କ ବିବାହ ନିମନ୍ତେ ନଗର ପରିକ୍ରମା, ସ୍ଥାନ: ନୂଆପାଟଣା, ତିଗିରିଆ, ସମୟ : ଅପରାହ୍ନ ୨ଟା।
- ଶ୍ରୀଧର ସ୍ୱାମୀଙ୍କ ଅମୃତ ମହୋତ୍ସବ, ସ୍ଥାନ: ଭଜଗୋବିନ୍ଦ ପୀଠ, ବେଣ୍ଟକାର, ସମୟ: ଅପରାହ୍ନ ୫ଟା।
- ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର କାର୍ଯ୍ୟକର୍ତ୍ତା ବିକାଶ ବର୍ଗ-୧ ଓ ସଂଘ ଶିକ୍ଷାବର୍ଗର ସମାରୋପ ଉତ୍ସବ, ସ୍ଥାନ: ସରସ୍ୱତୀ ବିଦ୍ୟାମନ୍ଦିର, ଗତିରାଉତପାଟଣା, କେଶବଧାମ, ସମୟ: ଅପରାହ୍ନ ୫ଟା ୩୦।
- ବାବୁଲାଲ ଦୋଶୀଙ୍କ ୧୦୭ତମ ଜୟନ୍ତୀ ଉତ୍ସବ, ସ୍ଥାନ: କଳାବିକାଶ କେନ୍ଦ୍ର ପ୍ରେକ୍ଷାଳୟ, ସମୟ: ସନ୍ଧ୍ୟା ୬ଟା ୩୦।
- ନୀଳକଣ୍ଠ ନାଥ ଦେବଙ୍କ ମନ୍ଦିରରେ ଶିବ ବିବାହ, ସ୍ଥାନ: ୪୨ ମୌଜା ଅନ୍ତର୍ଗତ ବରାଳ ଗ୍ରାମ, ସମୟ: ସନ୍ଧ୍ୟା ୭ଟା।
- ଶ୍ରୀ ଶ୍ରୀ ନୀଳକଣ୍ଠେଶ୍ୱର ଦେବଙ୍କ ବିବାହ ଉତ୍ସବ, ସ୍ଥାନ: ସାଆନ୍ତା ସାହି, ସମୟ: ସନ୍ଧ୍ୟା ୭ଟା ୩୦।

## ବାଲେଶ୍ୱର

- ବାବା ସୁବୁଦ୍ଧେଶ୍ୱର ମହାଦେବଙ୍କ ନୀତିକାନ୍ତି ପୂଜା, କାମିନା ବିବାହ, ମହାନୀଳ ଉତ୍ସବ ଓ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ପାଲୁସିଆ, ଭୋଗରାଇ, ସମୟ: ସକାଳ ୬ରୁ ବିଳମ୍ବିତ ରାତି ପର୍ଯ୍ୟନ୍ତ।
- ସୂଚନା ଅଧିକାର ସଂଘ, ବାଲିଆପାଳ ଶାଖା ପକ୍ଷରୁ ଧାରଣା, ସ୍ଥାନ: ବ୍ଲକ କାର୍ଯ୍ୟାଳୟ ସମ୍ମୁଖ, ବାଲିଆପାଳ, ସମୟ: ସକାଳ ୮ଟା।
- ରାଜ୍ୟସ୍ତରୀୟ ସାରସ୍ୱତ ମହୋତ୍ସବ ଓ କବିତା କୁମ୍ଭ ଉଦ୍‌ଘାଟନୀ ଦିବସ, ସ୍ଥାନ: ଗାନ୍ଧୀ ସ୍ମୃତି ଭବନ, ବାଲେଶ୍ୱର, ସମୟ: ସକାଳ ୯ଟା ୩୦।
- ସିଭିଲ ସୋସାଇଟିର ବୈଠକ, ସ୍ଥାନ: ଉଠା ଜଳସେଚନ କର୍ମଚାରୀ କାର୍ଯ୍ୟାଳୟ, ପତ୍ରୁଆଁପଦା, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ଅବସର ସମ୍ବର୍ଦ୍ଧନା ଉତ୍ସବ, ସ୍ଥାନ: ଭଗିଆ ପ୍ରାଥମିକ ବିଦ୍ୟାଳୟ ପରିସର, ସିମୁଳିଆ, ସମୟ: ପୂର୍ବାହ୍ନ ୧୦ଟା।
- କୃତୀ ଛାତ୍ରୀଛାତ୍ରଙ୍କ ଉଦ୍ଦେଶ୍ୟରେ ସମ୍ବର୍ଦ୍ଧନା ଉତ୍ସବ, ସ୍ଥାନ: ନୀଳମଣି ମହାବିଦ୍ୟାଳୟ, ରୂପସା, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଗ୍ରୀଷ୍ମକାଳୀନ ପ୍ରଶିକ୍ଷଣ କାର୍ଯ୍ୟକ୍ରମର ଦ୍ୱାଦଶ ଦିବସ, ସ୍ଥାନ: ଫକୀରମୋହନ ବିଶ୍ୱବିଦ୍ୟାଳୟ, ନୂଆପାଢ଼ୀ କ୍ୟାମ୍ପସ୍, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା ୩୦।
- କବି ଡ. ବ୍ରଜନାଥ ରଥଙ୍କ ଏକାଦଶ ପୁଣ୍ୟତିଥି, ସ୍ଥାନ: ଶାନ୍ତିକାନନ ପରିସର, ବାଲେଶ୍ୱର, ସମୟ: ସନ୍ଧ୍ୟା ୬ଟା।

## ଭଦ୍ରକ

- ବାବା ଅମରେଶ୍ୱର ମନ୍ଦିରରେ ଶିବ ବିବାହ, ସ୍ଥାନ:ଅନହରପୁର, ଧାମନଗର, ସମୟ: ସକାଳ ୮ଟା।
- ଭଦ୍ରକ ବୁଦ୍ଧିଜୀବି ପରିଷଦ ଉଦଘାଟନ ଓ ଅବସରକାଳୀନ ସମ୍ବର୍ଦ୍ଧନା ସଭା, ସ୍ଥାନ: ଜିଲା ସଂସ୍କୃତି ଭବନ, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ ଟା।
- ସିଟିବଜାର ମେଟ୍ରୋ ଶୁଭ ଉଦଘାଟନ, ସ୍ଥାନ: କଚେରୀ ବଜାର, ଧାମନଗର, ସମୟ: ପୂର୍ବାହ୍ନ ୧୦ ଟା।
- ବାବା ଜଗତେଶ୍ୱରଙ୍କ ବିବାହ ଉତ୍ସବ, ସ୍ଥାନ : ବାଲିପାଟଣା, ଆନନ୍ଦପୁର, ସମୟ : ରାତି ୯ ଟା।
- ଶିବ ବିବାହ , ସ୍ଥାନ:ବାବା ଆଖଣ୍ଡଳମଣିଙ୍କ ପୀଠ, ଆରଡ଼ି,ସମୟ: ରାତି ୧୨ଟା।

## କେନ୍ଦୁଝର

- ପାଟଣା ପଞ୍ଚାୟତ ସମିତି ଅଷ୍ଟମ ଅଧିବେଶନ ସ୍ଥାନ: ପାଟଣା ବ୍ଲକ୍‌ସଭା ଗୃହ, ସମୟ: ପୂର୍ବାହ୍ନ ୧୦ ଟା।

## ମୟୂରଭଞ୍ଜ

- ଅଣ ଆବାସିକ ଗ୍ରୀଷ୍ମକାଳୀନ ଫୁଟବଲ ପ୍ରଶିକ୍ଷଣ ଶିବିର,ସ୍ଥାନ:ଷ୍ଟାଡିୟମ ପଡିଆ ବାରିପଦା,ସମୟ: ସକାଳ ୮ଟା।
- ଜିଲାସ୍ତରୀୟ ନୋ ବିଶ୍ୱ ଟୋବାକୋ ଦିବସରେ ରାଲି,ସ୍ଥାନ:ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ, ବାରିପଦା,ସମୟ ସକାଳ ୮ଟା।
- ଆମେ-୮୦ ପକ୍ଷରୁ ଜଳସେବା, ସ୍ଥାନ:ପିଡବ୍ଲ୍ୟୁଡି ଅଫିସ ସମ୍ମୁଖ ବାରିପଦା,ସମୟ: ସକାଳ ୯ଟା।
- ଶିବ ବିବାହ ଉତ୍ସବ, ସ୍ଥାନ:ପୋଲିସ ଲାଇନ ମନ୍ଦିର, ବାରିପଦା,ସମୟ: ପୂର୍ବାହ୍ନ ୧୦ଟା।

## ବ୍ରହ୍ମପୁର

- ବିଶ୍ୱ ତମାଖୁ ବର୍ଜନ ସଚେତନତା ରାଲି,ସ୍ଥାନ: ଏମ୍‌କେସିଜି ଖେଳପଡିଆରୁ ଆରମ୍ଭ, ସମୟ: ସକାଳ ୭ଟା।
- କ୍ରାନ୍ତି ପକ୍ଷରୁ ବିଶ୍ୱ ତମାଖୁ ବର୍ଜନ ଦିବସ ପାଳନ,ସ୍ଥାନ: ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ ନିକଟ,ସମୟ: ସକାଳ ୮ଟା।
- ହରପାର୍ବତୀଙ୍କ ବିବାହ ଉତ୍ସବ, ସ୍ଥାନ: କମାପଲ୍ଲୀ ବୈଦ୍ୟନାଥେଶ୍ୱର ମନ୍ଦିର,ସମୟ: ସନ୍ଧ୍ୟା ୭ଟା ୩୦।

## ଗଞ୍ଜାମ

- ହନୁମାନଙ୍କ ବିଗ୍ରହ ପ୍ରତିଷ୍ଠା ମହୋତ୍ସବ ଶୁଭାରମ୍ଭ, ସ୍ଥାନ:ଦିଗପହଣ୍ଡି ବ୍ଲକ ଫାସିଗୁଡ଼ା ଗ୍ରାମ, ସମୟ: ସକାଳ ୭ଟା।
- ତ୍ରିବିଦ୍ଧେଶ୍ୱରଙ୍କ ଶୀତଳଷଷ୍ଠୀ ଯାତ୍ରା, ସ୍ଥାନ: ଆସିକା ବଜାର ସାହି, ସମୟ: ସନ୍ଧ୍ୟା ୭ଟା।
- ବାଲୁଙ୍କେଶ୍ୱରଙ୍କ ଶୀତଳଷଷ୍ଠୀ ଯାତ୍ରା, ସ୍ଥାନ: ଆସିକା ତାଲୁକା ଛକ, ସମୟ: ସନ୍ଧ୍ୟା ୭ଟା।

## କନ୍ଧମାଳ

- ରତ୍ନମୁଦ ଉତ୍ସବ, ସ୍ଥାନ: କ. ନୂଆଗାଁ ବ୍ଲକ କୁଡୁତୁଲୀ ମା ପାଙ୍ଗଖଣ୍ଡା ମନ୍ଦିର, ସମୟ: ସକାଳ ୭ଟା।
- ରାମ ଚରିତ ମାନସ ପାରାୟଣ ଓ ପ୍ରବଚନ, ସ୍ଥାନ: କ. ନୂଆଗାଁ ମାନସ ପଡିଆ, ସମୟ: ସନ୍ଧ୍ୟା ୭ଟା।

## ଢେଙ୍କାନାଳ

- ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟର ପରୀକ୍ଷା ଫଳ ପ୍ରକାଶ, ସ୍ଥାନ: କଲେଜ ପରିସର, ସମୟ: ପୂର୍ବାହ୍ନ ୧୦ଟା ୩୦।

## ଜଗତ୍‌ସିଂହପୁର

- ଶୀତଳଷଷ୍ଠୀ ଉତ୍ସବ, ସ୍ଥାନ: ପଞ୍ଚପଲ୍ଲୀ ଗ୍ରାମେଶ୍ୱର ପୀଠ, ନାରଦିଆ ପଞ୍ଚାୟତ, ଏରସମା ବ୍ଲକ, ସମୟ: ଅପରାହ୍ନ ୫ଟା।
- ଦେବ ଦମ୍ପତି ଶିବ ପାର୍ବତୀଙ୍କ ବିବାହ ଓ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ, ସ୍ଥାନ: ଶାରଳା ମନ୍ଦିର ପରିସର, ବଡ଼ପଡ଼ିଆ, ପାରାଦୀପ, ସମୟ: ସନ୍ଧ୍ୟା ୬ଟା।

## କେନ୍ଦ୍ରାପଡ଼ା

- ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ଗର୍ତ୍ତେଶ୍ୱର ଦେବ ପୀଠ, ବାଲିଚନ୍ଦ୍ରପୁର, ରାଜନଗର, ଅମରେଶ୍ୱର ପୀଠ, ଗୋପ, କେନ୍ଦ୍ରାପଡ଼ା ସହର, ସମୟ: ସନ୍ଧ୍ୟା ୬ଟା।

## ଯାଜପୁର

- ହର ପାର୍ବତୀଙ୍କ ଦ୍ୱିତୀୟ ବାର୍ଷିକ ପୂଜା ଉତ୍ସବ, ସ୍ଥାନ : ଯାଜପୁର ରୋଡ଼ ଚୋରଦା ମହାଦେବ ସାହି, ସମୟ : ସକାଳ ୬ଟା।
- ଓଡିଶା ଦକ୍ଷତା ବିକାଶ ପ୍ରାଧିକରଣ ପକ୍ଷରୁ ଦକ୍ଷତା ବିକାଶ ତାଲିମର ତୃତୀୟ ଦିବସ, ସ୍ଥାନ : ରଗଡି ଉପକାରାଗାର ପରିସର, ସମୟ : ପୂର୍ବାହ୍ନ ୧୦ଟା।

## ନୟାଗଡ଼

- ଶୀତଳଷଷ୍ଠୀ ଯାତ୍ରା ରେ ଶିବ ବିବାହ ଓ ମୋ ଗାଁ ମହୋତ୍ସବ ଉଦ୍‌ଘାଟିତ, ସ୍ଥାନ:ନୟାଗଡ ବ୍ଲକ ପ୍ରତାପପ୍ରସାଦ ନୀଳକଣ୍ଠେଶ୍ୱର ଦେବଙ୍କ ପୀଠ, ସକାଳ ୬ଟା।
- ଜଗନ୍ନାଥଙ୍କ ଦାରୁସ୍ଥଳରେ ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ଖଣ୍ଡପଡ଼ା ବ୍ଲକର ସିଦ୍ଧାମୂଳା ପଞ୍ଚାୟତ ବଳରାମପ୍ରସାଦ, ସମୟ:ପୂର୍ବାହ୍ନ ୧୦ଟା।
- ଶୀତଳଷଷ୍ଠୀ ଯାତ୍ରାର ଶିବ ବିବାହ ଉତ୍ସବ, ସ୍ଥାନ:କଣ୍ଟିଲୋ ପାଟଣା ଦୁର୍ଗା ମଣ୍ଡପ, ସମୟ:ମଧ୍ୟାହ୍ନ ୧ଟା।
- ଶୀତଳଷଷ୍ଠୀ ଯାତ୍ରାରେ ୪ ଶମ୍ଭୁ ମିଳନ, ସ୍ଥାନ:ଖଣ୍ଡପଡା, ସମୟ:ସନ୍ଧ୍ୟା ୭ଟା।
- ଶୀତଳଷଷ୍ଠୀ ଯାତ୍ରାର ଶିବ ବିବାହ ଉତ୍ସବ, ସ୍ଥାନ:ଖଣ୍ଡପଡ଼ାର ମର୍ଦ୍ଦରାଜପୁର ମୁଣ୍ଡିଆ ହନୁମାନ ପୀଠ, ସମୟ:ରାତି ୮ଟା ।
- ଲଡୁବାବାଙ୍କ ଶୀତଳଷଷ୍ଠୀ ଯାତ୍ରାର ଶିବ ବିବାହ ଉତ୍ସବ, ସ୍ଥାନ:ଶରଣକୁଳ ଲଡୁବାବାଙ୍କ ମନ୍ଦିର, ସମୟ: ରାତି ୧୧ଟା।
- ରାମେଶ୍ୱରଙ୍କ ଶୀତଳଷଷ୍ଠୀ ଯାତ୍ରାର ଶିବ ବିବାହ ଉତ୍ସବ, ସ୍ଥାନ:ନୟାଗଡ ପୁରୁଣା ସହର ରାମେଶ୍ୱର ମନ୍ଦିର, ସମୟ: ରାତି ୧୦ଟା।
- ବିଶ୍ୱନାଥଙ୍କ ଶୀତଳଷଷ୍ଠୀ ଯାତ୍ରାର ଶିବ ବିବାହ ଉତ୍ସବ, ସ୍ଥାନ:ନୟାଗଡ ପୁରୁଣା ସହରର ବିଶ୍ୱନାଥ ମନ୍ଦିର, ସମୟ: ରାତି ୧୦ଟା।

## ରାୟଗଡ଼ା

- ଏମ୍‌ଜିଏନ୍‌ଆରଇଜିଏସ୍ ଯୋଜନାର ବ୍ଲକ୍‌ସ୍ତରୀୟ ଜନ ଶୁଣାଣି ଶିବିର, ସ୍ଥାନ: ଗୁଡାରି ବ୍ଲକ୍ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଶିବ ପାର୍ବତୀଙ୍କ ବିବାହ ଉତ୍ସବ, ସ୍ଥାନ: ଉମା ରାମଲିଙ୍ଗେଶ୍ୱର ମନ୍ଦିର, ଗୁଣପୁର, ସମୟ: ସନ୍ଧ୍ୟା ୭ଟା।
- ଶିବ ପାର୍ବତୀ ବିବାହ ଉତ୍ସବ, ସ୍ଥାନ: ମୀନାଝୋଲା, ଚନ୍ଦ୍ରପୁର, ସମୟ: ରାତି ୮ଟା।

## ନବରଙ୍ଗପୁର

- ଶିବ ପାର୍ବତୀ ବିବାହ, ସ୍ଥାନ: ଉମରକୋଟ ଗୁଲିପାଟଣା ଶିବ ମନ୍ଦିର, ସମୟ: ରାତି ୯ଟା ୩୦।

## କୋରାପୁଟ

- ଗ୍ରୀନ ଷ୍ଟମ୍ପ ଟ୍ରଫି କ୍ରିକେଟ ପ୍ରତିଯୋଗିତାର ଫାଇନାଲ, ସ୍ଥାନ: ମାନବାର, କୋରାପୁଟ, ସମୟ:ପୂର୍ବାହ୍ନ ୧୦ଟା।
- ଜିଲା ପରିଷଦର ବିଭିନ୍ନ ଯୋଜନାର ସମୀକ୍ଷା ବୈଠକ, ସ୍ଥାନ:ଦକ୍ଷତା ବୃଦ୍ଧି ତାଲିମ କେନ୍ଦ୍ର, କୋରାପୁଟ, ସମୟ:ପୂର୍ବାହ୍ନ ୧୦ଟା ୩୦।
- ଶିବ ବିବାହ, ସ୍ଥାନ: ପଞ୍ଚାନନ ମନ୍ଦିର, ଜୟପୁର, ସମୟ: ସନ୍ଧ୍ୟା ୭ଟା।

## ସମ୍ବଲପୁର

- ସାଓଲିନ କୁଙ୍ଗ୍ ଫୁ ଉଷ୍ମ ଅନୁଷ୍ଠାନ ପକ୍ଷରୁ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ସକାଶେ ମାର୍ଶଲ ଆର୍ଟ ପ୍ରଶିକ୍ଷଣ ଶିବିର, ସ୍ଥାନ: ସମ୍ବଲପୁର ବିନାଖିଣ୍ଡି ସ୍ଥିତ ଜିଲା ଜୁଡୋ ହଲ, ସମୟ: ସକାଳ ୬ଟା ୩୦।
- ମୁଖ୍ୟମନ୍ତ୍ରୀ କପ ଆନ୍ତଃଜିଲା ଜୋନାଲ ଫୁଟବଲ ଟୁର୍ନାମେଣ୍ଟ, ସ୍ଥାନ: ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ, ସମୟ: ସକାଳ ୭ଟା।
- ଶୀତଳଷଷ୍ଠୀ ଅବସରରେ ବାଲୁଙ୍କେଶ୍ୱର ବାବା ଓ ମାତା ପାର୍ବତୀଙ୍କ ଗଣ୍ଡାଳ ଫିଟା ନିତି, ସ୍ଥାନ: ଚାରଭାଟି, ସମୟ: ସକାଳ ୮ଟା।
- କନ୍ୟାମାତା ପିତାଙ୍କ ଆୟୋଜନରେ ପାର୍ବତୀଙ୍କ ମାତୃଗୃହ ପ୍ରବେଶ ଶୋଭାଯାତ୍ରା, ସ୍ଥାନ: ଠାକୁରପଡା ମନ୍ଦିର ପ୍ରାଙ୍ଗଣ, ସମୟ: ପୂର୍ବାହ୍ନ ୧୦ଟା।
- ଶ୍ରୀଲୋକନାଥ ବାବାଙ୍କ ଗଣସନ ନିତି, ଝାଡୁଆପଡା ମନ୍ଦିର ପରିସର, ସମୟ: ପୂର୍ବାହ୍ନ ୧୧ଟା।
- ଶ୍ରୀଜାଗେଶ୍ୱର ବାବାଙ୍କ ହଳଦୀ କାର୍ଯ୍ୟକ୍ରମ, ସ୍ଥାନ: ମୁଦିପଡା ମନ୍ଦିର ପ୍ରାଙ୍ଗଣ, ସମୟ: ମଧ୍ୟାହ୍ନ ୧୨ଟା।
- ସୋମନାଥ ବାବାଙ୍କ ବରାତି, ସ୍ଥାନ: ବାଲିବନ୍ଧା ମନ୍ଦିର, ବୁଢ଼ାରଜା ମହାଦେବଙ୍କ ବରାତି, ସ୍ଥାନ: ବୁଢ଼ାରଜା ପାହାଡ ସ୍ଥିତ ମନ୍ଦିର, ସମୟ: ରାତି ୧୦ଟା।
- ବାଲୁଙ୍କେଶ୍ୱର ବାବାଙ୍କ ବରାତି, ସ୍ଥାନ: ନନ୍ଦପଡା ମନ୍ଦିର,ଲୋକନାଥ ବାବାଙ୍କ ବରାତି, ସ୍ଥାନ: ଝାଡୁଆପଡା ମନ୍ଦିର, ଜାଗେଶ୍ୱର ବାବାଙ୍କ ବରାତି, ସ୍ଥାନ: ମୁଦିପଡା ମନ୍ଦିର, ଶୀତଳେଶ୍ୱର ବାବାଙ୍କ ବରାତି, ସ୍ଥାନ: ରିଂରୋଡ ସ୍ଥିତ ମନ୍ଦିର ସମ୍ମୁଖ, ଗୁପ୍ତେଶ୍ୱର ବାବାଙ୍କ ବରାତି, ସ୍ଥାନ: ଠାକୁରପଡା, ବୁଢ଼ାରଜା ମହାଦେବଙ୍କ ବରାତି, ସ୍ଥାନ: ବୁଢ଼ାରଜା, ସମୟ: ରାତି ୧୧ଟା ୩୦।

## ବଲାଙ୍ଗୀର

- ବଲାଙ୍ଗୀର ତେଲେନପାଲିରେ ବିକଶିତ କୃଷି ଅଭିଯାନ ଚାଷୀ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ତେଲେନପାଲି, ଖପ୍ରାଖୋଲ ବ୍ଲକ, ସମୟ: ସକାଳ ୯ଟା।
- ବିକଶିତ କୃଷି ଅଭିଯାନ ଚାଷୀ ସଚେତନତା, ସ୍ଥାନ: ସରାଇବାହାଲ, ଖପ୍ରାଖୋଲ, ସମୟ:ଅପରାହ୍ନ ୩ଟା।
- ହରିଶଙ୍କରଠାରେ ଶିବ ପାର୍ବତୀଙ୍କ ବିବାହ ଉତ୍ସବ, ସ୍ଥାନ: ହରିଶଙ୍କର, ଖପ୍ରାଖୋଲ ବ୍ଲକ, ସମୟ: ରାତି ୯ଟା।

## ରାଉରକେଲା

- ୧୧୩ତମ ମାଗଣା ହାଟ, ସ୍ଥାନ: ସେକ୍ଟର-୭ ମୁଣ୍ଡାରୀ ବସ୍ତି, ସମୟ: ଅପରାହ୍ନ ୩ଟା ୩୦।
- ମାସିକ ସାହିତ୍ୟ ଆଲୋଚନା ସଭା, ସ୍ଥାନ: ବାସନ୍ତୀ ପାଠାଗାର, ସମୟ: ସନ୍ଧ୍ୟା ୭ଟା।
- ଅନ୍ୱେଷାର ୧୧୩ ତମ ସାମୂହିକ ଜନ୍ମ ଦିବସ, ସ୍ଥାନ: ଜଗଦା, ସମୟ: ସନ୍ଧ୍ୟା ୬ଟା ୩୦।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** – ଯେତେ ସୁବିଧା ଥିଲେ ମଧ୍ୟ କାମ ହାସଲରେ ବାଧା କାରଣରୁ ମାନସିକ ଅବସ୍ଥା ଭଲ ରହିବ ନାହିଁ। ବହୁତ ଦିନରୁ ଟଙ୍କା ନେଇଥିବା ଲୋକ ବିଷୟରେ କିମ୍ବା ବ୍ୟବସାୟିକ ବିଫଳତାରୁ ଚିନ୍ତିତ ରହିବେ। ପଡ଼ୋଶୀଙ୍କ ସହାୟତାରେ ବନ୍ଧୁଙ୍କ ସହ ମନୋମାଳିନ୍ୟ ଦୂର ହେବ। ବିବାଦୀୟ ବିଷୟକୁ ନେଇ ପଡ଼ୋଶୀ ଆପଣଙ୍କ ପରାମର୍ଶ ଲୋଡ଼ିପାରନ୍ତି।

**ବୃଷ** – ପ୍ରତ୍ୟେକ କ୍ଷେତ୍ରରେ ଟିକିଏ ଜୋର୍ ଦେଇ କଥା କହିବା କାରଣରୁ ଅନ୍ୟମାନେ ଭିନ୍ନ ଦୃଷ୍ଟିକୋଣରୁ ବିଚାର କରିବେ। ଯେତେ ଅନୁନୟ ତଥା ବିନୟର ସହ କହିଲେ ମଧ୍ୟ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେବେ ନାହିଁ। ଆନୁଷ୍ଠାନିକ କାର୍ଯ୍ୟରେ ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବ। ଶିଳ୍ପ, ବାଣିଜ୍ୟ ଓ ବ୍ୟବସାୟରେ ଆଂଶିକ ସଫଳତା ପାଇବେ।

**ମିଥୁନ** – ସ୍ୱାସ୍ଥ୍ୟସମସ୍ୟା କ୍ରମଶଃ ସୁଧୁରିଯିବା କାରଣରୁ ଆଶ୍ୱସ୍ତି ଅନୁଭବ କରିବେ। ଅସୁବିଧାରେ ପଡିଥିବା ଲୋକଟି ପ୍ରତି ଦୟାଭାବ ପୋଷଣ କରି ଅନ୍ୟମାନଙ୍କ ପ୍ରଶଂସା ଭାଜନ ହେବେ। ସହକର୍ମୀଙ୍କ ସାହାଯ୍ୟ ବିନା କାମଟିକୁ ହାସଲ କରିବା କଷ୍ଟକର ହେବ। ଆନୁଷ୍ଠାନିକ କ୍ଷେତ୍ରରେ ଉଚ୍ଚବର୍ଗର ଲୋକମାନଙ୍କ ସଂସ୍ପର୍ଶରେ ଆସିପାରନ୍ତି।

**କର୍କଟ** – ଶତ୍ରୁତା କାରଣରୁ ଆଦୌ ପସୁନଥିବା ବ୍ୟକ୍ତି ଦ୍ୱାରା ପ୍ରଭାବିତ ହୋଇ ଅସମ୍ମାନିତ ହେବେ। କର୍ମକ୍ଷେତ୍ର କିମ୍ବା ପରିବାରରେ ଜଣେ ବନ୍ଧୁଙ୍କ ଉପସ୍ଥିତିକୁ କେନ୍ଦ୍ରକରି ଝଗଡ଼ା ଲାଗିପାରେ। ଯାନବାହନ ଚାଳନାରେ ସତର୍କତା ଅବଲମ୍ବନ କରନ୍ତୁ। ମାଲିମକଦ୍ଦମାରେ ଯେତେଟା ପରିସ୍ଥିତିକୁ ଜଟିଳ ମନେ କରୁଛନ୍ତି ବାସ୍ତବରେ ସେପରି କିଛି ହେବନି।

**ସିଂହ** – ପାରିବାରିକ କ୍ଷେତ୍ରରେ ବିଭିନ୍ନ ସମସ୍ୟା ମନକୁ ଆନ୍ଦୋଳିତ କରିବ। ବ୍ୟବସାୟ ଓ ପରିବହନରେ ସଫଳତା ମିଳିବ କିନ୍ତୁ ଋଣ ପରିଶୋଧର ଚିନ୍ତା କରିପାରନ୍ତି। ପରିସ୍ଥିତି ବଶତଃ ଇଚ୍ଛା ନ ଥାଇ ମଧ୍ୟ ବହୁତ ଖର୍ଚ୍ଚ କରିବାକୁ ବାଧ୍ୟ ହେବେ। ସନ୍ଦେହ ଓ ଭୁଲ୍ ବୁଝାମଣା କାରଣରୁ ସମ୍ପର୍କରେ ତିକ୍ତତା ଦେଖାଦେଇପାରେ।

**କନ୍ୟା** – ଆଜି ଯାହା ଆଶା କରିବେ ତାହା ନିଷ୍ଫଳ ହେବନାହିଁ। ପାଖରେ ଥିବା ଲୋକଟି ବହୁତ ଉପକାରରେ ଆସିବାର ସମ୍ଭାବନା ରହିଛି। ବ୍ୟବସାୟରେ ଆଶାନୁରୂପ ଫଳ ପାଇବେ କିନ୍ତୁ ଆଶାନୁରୂପ ହୋଇ ନ ପାରେ। କର୍ମକ୍ଷେତ୍ରରେ ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବାରେ ସହକର୍ମୀଙ୍କ ଉଦାରତା ମୁଖ୍ୟ ଭୂମିକା ଗ୍ରହଣ କରିବ।

**ତୁଳା** – ବନ୍ଧୁଙ୍କ ସହ ଯାତ୍ରା କାଳରେ କୌଣସି ବ୍ୟକ୍ତିଠାରୁ ଯଥେଷ୍ଟ ସହାୟତା ପାଇବେ। ଗୃହ ସଜ୍ଜାରେ ମନୋନିବେଶ କରିବା ସହ ବନ୍ଧୁଙ୍କ ଜରିଆରେ ଦ୍ରବ୍ୟଲାଭରୁ ଖୁସି ହେବେ। ଗଠନମୂଳକ ପ୍ରେରଣା ଦେଇ ପ୍ରଶଂସିତ ହେବେ। ମାଲିମକଦ୍ଦମାରେ ସଫଳତା, ପ୍ରଶାସନିକ ସ୍ତରରେ ଆଲୋଚନା ଫଳପ୍ରଦ ହେବ।

**ବିଛା** – ଆପଣଙ୍କ ଚିନ୍ତାଧାରା ଅନୁଯାୟୀ ପାରିପାର୍ଶ୍ୱିକ ପରିସ୍ଥିତି ଅନୁକୂଳ ରହିବାରୁ ଖୁସି ଅନୁଭବ କରିବେ। ବହୁତ ଦିନର ଆଶା ପୂରଣ ହେବା ସହ ନୂତନ କାମରେ ବନ୍ଧୁ ସହଯୋଗର ହାତ ବଢ଼ାଇବେ। ଅନାବଶ୍ୟକ ଭାବରେ ଖର୍ଚ୍ଚ ପରିମାଣ ଦିଗୁଣା ହୋଇପାରେ। ପାରିବାରିକ ମତାନ୍ତରରୁ କଳହ ଲାଗି ରହିବ।

**ଧନୁ** – ଆକସ୍ମିକ ଭାବରେ କୌଣସି ବିବାଦୀୟ ପରିସ୍ଥିତିରେ ଆପଣଙ୍କର ପ୍ରତିଦ୍ୱନ୍ଦ୍ୱିତା କିମ୍ବା ପ୍ରତିଯୋଗିତା ମନୋଭାବ ଉପୁଜିପାରେ। ପାରିବାରିକ କ୍ଷେତ୍ରରେ ସ୍ତ୍ରୀଙ୍କ ପ୍ରେରଣା ଲାଭକରି ଉପକୃତ ହେବେ। ପିଲାଙ୍କ ସ୍ୱାସ୍ଥ୍ୟହାନି, ପାରିବାରିକ ଅସହଯୋଗରୁ ଚିନ୍ତିତ ହେବେ। ଆଜିର ସକାଳୁଆ ଯାତ୍ରାରେ ଲକ୍ଷ୍ୟ ପୂରଣ ଅବଶ୍ୟ ହେବ।

**ମକର** – ଆଜି କର୍ମକ୍ଷେତ୍ରରେ ଯେଉଁଥିପାଇଁ ଆଶଙ୍କା କରୁଛନ୍ତି ସେମିତି କିଛି ଅସୁବିଧା ହେବ ନାହିଁ। ପିଲାଙ୍କ ପଢ଼ା ସମସ୍ୟା ନେଇ ମନ ଭାରାକ୍ରାନ୍ତ ରହିବ। କାହାପାଇଁ ପ୍ରତୀକ୍ଷାଜନିତ ଯନ୍ତ୍ରଣା ତୀବ୍ର ହେବ। ପୁରାତନ ରୋଗ, ଦୀର୍ଘକାଳୀନ ଋଣ ଓ ପରୋକ୍ଷ ଶତ୍ରୁତାହେତୁକ ଚିନ୍ତାରେ ସମୟ କାଟିପାରନ୍ତି।

**କୁମ୍ଭ** – ସତର୍କତା ଅଭାବରୁ ବାଦବିବାଦ, ଧନହାନି ଓ ବିଭିନ୍ନ ସମସ୍ୟା ଭିତରକୁ ଟାଣି ହୋଇପାରନ୍ତି। ବନ୍ଧୁଙ୍କ ପରାମର୍ଶରେ ସାନ୍ତ୍ୱନା ମିଳିବା ସାଙ୍ଗକୁ ନୂଆ ଯୋଜନା ଉପରେ ଗୁରୁତ୍ୱ ଦେବେ। ଶିଳ୍ପ, ବ୍ୟବସାୟ ଓ ସାହିତ୍ୟରେ ସମସ୍ୟା ସମାଧାନ ହୋଇଯିବ। ପାରିବାରିକ କ୍ଷେତ୍ରରେ ବନ୍ଧୁଙ୍କ ଯୁକ୍ତିକୁ ଗ୍ରହଣ କରିବାକୁ ବାଧ୍ୟ ହେବେ।

**ମୀନ** – କର୍ମକ୍ଷେତ୍ରରେ ଏବଂ ପରିବାର ମଧ୍ୟରେ ସୁସମ୍ପର୍କ ବଜାୟ ରଖିବା ଦିଗରୁ ଉପକୃତ ହୋଇପାରନ୍ତି। ବନ୍ଧୁମାନଙ୍କ ସହ ବିଳାସ ବ୍ୟସନ ମଧ୍ୟରେ ସମୟ ଅତିବାହିତ ହେବ। ରାଜନୀତିରେ ଦୃଢ଼ ସାହାଯ୍ୟ ଓ ସମର୍ଥନ ଯୋଗୁ ଆଗେଇ ଯାଇପାରନ୍ତି। ବିଭିନ୍ନ ଦିଗରୁ ଲାଭବାନ ହେବେ, କିନ୍ତୁ ପାରିବାରିକ ପରିସ୍ଥିତି ପୂର୍ବପରି ରହିବ।

ଆଜି ମେ ୩୧ ତାରିଖ, ବିଶ୍ୱ ତମାଖୁ ନିରୋଧୀ ଦିବସ, ଅଦ୍ୟ ଶିବ ବିବାହ ଉତ୍ସବ, ଜ୍ୟେଷ୍ଠ ଶୁକ୍ଳ ପଞ୍ଚମୀ, ଶନିବାର। ରାଶିନକ୍ଷତ୍ର-ପୁଷ୍ୟା/କର୍କଟ, ପଞ୍ଚମୀର ଏକୋଦ୍ଦିଷ୍ଟ ଓ ପାର୍ବଣଶ୍ରାଦ୍ଧ, ଦିବା ଘ.୧୦।୦୬ ଗତେ ଘ.୧୨।୧୦ ମଧ୍ୟେ, ଘ. ୦୩।୦୧ ଗତେ ଘ.୦୩।୪୦ ମଧ୍ୟେ ଶୁଦ୍ଧ ଶୁଭ ବେଳା, ସକାଳ ଘ.୦୮।୨୭ ଗତେ ଘ.୧୦।୦୬ ମଧ୍ୟେ ରାହୁକାଳ।

# ହଲିଉଡର ଷ୍ଟଣ୍ଟ ଡାଇରେକ୍ଟରଙ୍କ ସହାୟତା ନେଲେ ଯଶ



**ମୁମ୍ବାଇ:** ଅନ୍ୟତମ ଲୋକପ୍ରିୟ କନ୍ନଡ ଅଭିନେତା ଯଶ ଏବେ ବିଗ୍ ବଜେଟ ପୌରାଣିକ ଫିଲ୍ମ 'ରାମାୟଣ'ରେ ଅଭିନୟ କରୁଛନ୍ତି। ଏଥିରେ ଦର୍ଶକ ତାଙ୍କୁ ରାବଣ ଚରିତ୍ରରେ ଦେଖିବାକୁ ପାଇବେ। ଆଉ ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ଶତ ପ୍ରତିଶତ ନ୍ୟାୟ ଦେବାକୁ ସେ ଦିନରାତି ଏକାଠି କରିଦେଇଛନ୍ତି। ରାମାୟଣର ଶୁଟିଂ ଚାଲୁ ରହିଥିବାବେଳେ ନିଜ ଅଭିନୟକୁ ସମ୍ପୂର୍ଣ୍ଣ ରୂପ ଦେବାକୁ ଯଶ ହଲିଉଡର ଷ୍ଟଣ୍ଟ ଡାଇରେକ୍ଟର ଗେ' ନୋରିସଙ୍କ ସହାୟତା ନେଉଛନ୍ତି। ବର୍ତ୍ତମାନ ନୋରିସ୍ କେବଳ ଯଶଙ୍କୁ ସହାୟତା କରିବା ପାଇଁ ଭାରତ ଆସିଛନ୍ତି। ଏ ବିଷୟରେ ଯଶ କହନ୍ତି, 'ମୋ ଭୂମିକାକୁ କିପରି ଠିକ୍ ଭାବରେ ତୁଲାଇପାରିବି ସେ ନେଇ ନିଜକୁ ପ୍ରସ୍ତୁତ କରୁଛି। ଷ୍ଟଣ୍ଟ ଶଟ୍ ପାଇଁ ମୁଁ ନୋରିସଙ୍କ ସହ କଥା ହୋଇଥିଲି। ସେ ମୋ କଥା ରକ୍ଷା କରି ଆସିଛନ୍ତି। ଏବେ ରାମାୟଣ ଆକ୍ସନ ଦୃଶ୍ୟର ଶୁଟିଂ ୬୦-୭୦ଦିନ ପର୍ଯ୍ୟନ୍ତ ଚାଲିବ। 'ରାମାୟଣ' ଫିଲ୍ମର ପ୍ରଯୋଜନା ନମିତ ମାଲହୋତ୍ରା କରୁଥିବାବେଳେ ନିର୍ଦ୍ଦେଶନା ଦେଉଛନ୍ତି ନିତେଶ ତିୱାରୀ। ଫିଲ୍ମରେ ରାମ ଭୂମିକାରେ ରଣବୀର କପୁର ଅଭିନୟ କରୁଥିବାବେଳେ ସୀତା ଚରିତ୍ରରେ ସାଇ ପଲ୍ଲବୀଙ୍କୁ ଦେଖିବାକୁ ମିଳିବ।

# ଉଗଡ଼ମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଭଉଣୀ ଘରେ ଭାଇ,
ଶ୍ୱଶୁର ଘରେ ଜୋଇଁ,
ପର ଅଇଁଠା ଖାଇ।**

ବିବାହିତା ଭଉଣୀ ଘରେ ଭାଇ ଓ ଶ୍ୱଶୁର ଘରେ ରହୁଥିବା ଜୋଇଁଙ୍କୁ କେବେ ଉପଯୁକ୍ତ ସମ୍ମାନ ମିଳି ନ ଥାଏ। ଆମ ସମାଜରେ ଏପରି ବ୍ୟକ୍ତିଙ୍କୁ ଅନ୍ୟମାନେ ଅତ୍ୟନ୍ତ ନ୍ୟୂନ ଦୃଷ୍ଟିରେ ଦେଖୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଭାତ ହାଣ୍ଡିରୁ ଗୋଟାଏ ଚିପିଲେ ସହି।**

ସାଧାରଣତଃ ଭାତ ହାଣ୍ଡିରୁ ଗୋଟିଏ ଭାତ ଚିପିଲେ ହାଣ୍ଡିକ ଭାତ ହୋଇଛି କି ନାହିଁ ତାହା ଜଣାପଡ଼ିଯାଇଥାଏ। ଏଥିପାଇଁ ସବୁ ଭାତକୁ ଚିପି ଦେଖିବାର କୌଣସି ଆବଶ୍ୟକତା ନ ଥାଏ। ଅଂଶବିଶେଷରେ ପରୀକ୍ଷା ଦ୍ୱାରା ସମୁଦାୟ ସତ୍ୟାସତ୍ୟ ନିରୂପଣ କରାଯିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ




ଶୁକ୍ରବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ପ୍ରଥମ ପୃଷ୍ଠାରୁ...

## ଝରକା ବାଟେ ....

ମିଡିଆରେ ଭାଇରାଲ ହେଉଛି। ଏଥିସହ ଯନ୍ତ୍ରୀଙ୍କ ଦାମୀ ହାତଘଡି ସଉକ ରଖିଥିଲେ ବୋଲି ଜଣାପଡିଛି। ଭିଜିଲାନ୍ସ ସୂଚନା ଅନୁଯାୟୀ, ବୈକୁଣ୍ଠଙ୍କର ଅନୁଗୋଳ କରଡ଼ାଗଡ଼ିଆରେ ୩୨୦୦ ବର୍ଗଫୁଟରେ ଦୁଇ ମହଲା କୋଠା, ମାଟିଆ ସାହିରେ ୧୦୦୦ ବର୍ଗଫୁଟର ଆଉ ଏକ ଦୁଇ ମହଲା କୋଠା, ଭୁବନେଶ୍ୱର ଡୁମୁଡୁମାରେ ଥିବା ଏକ ଆପାର୍ଟମେଣ୍ଟରେ ଫ୍ଲାଟ୍ ଏବଂ ପିପିଲିରେ ଆଉ ଏକ ଫ୍ଲାଟ ରହିଛି। ଭୁବନେଶ୍ୱର ଓ ଅନୁଗୋଳ ଉପକଣ୍ଠରେ ୭ଟି ଉଚ୍ଚମୂଲ୍ୟ ପ୍ଲଟ୍ ଠାବ ହୋଇଛି। ପ୍ଲଟ ଓ ଫ୍ଲାଟଗୁଡିକର ପ୍ରକୃତ ମୂଲ୍ୟ ଜାଣିବାକୁ ଭିଜିଲାନ୍ସର ଟେକ୍ନିକାଲ ଟିମ୍ ହିସାବ କରୁଛି। ଏଥିସହ ଘରୁ ମୋଟ ନଗଦ ୨ କୋଟି ୫୬ଲକ୍ଷ ୨୯ ହଜାର ୨୯୯ ଟଙ୍କା ମିଳିଛି। ଏଥିରୁ କରଡ଼ାଗଡ଼ିଆ ବାସଭବନରେ ଏକ ଛୋଟ କାର୍ଟୁନରେ ଥିବା ୩୦ଲକ୍ଷ ଟଙ୍କା ସମେତ ୧ କୋଟି ୩୪ ଲକ୍ଷ ୩୪ ହଜାର ୨୯୯ ଟଙ୍କା ଏବଂ ଭୁବନେଶ୍ୱର ଡୁମୁଡୁମା ଫ୍ଲାଟ୍‌ରୁ ୧ କୋଟି ୨୧ ଲକ୍ଷ ୯୫ ହଜାର ରହିଛି। ସେହିପରି ୧୧୪୧.୫ ଗ୍ରାମର ସୁନା ଅଳଙ୍କାର ଓ ୧୫ଟି ଦାମୀ ହାତଘଡି ମିଳିଛି। ଯନ୍ତ୍ରୀଙ୍କ ବ୍ୟାଙ୍କ ଓ ଜୀବନବୀମା ଜମା ୧.୫ କୋଟି ରହିଥିବାବେଳେ ୧୫.୪୪ ଲକ୍ଷ ଟଙ୍କାର ଗୋଟିଏ କାର (ମାରୁତି ସୁଇଫ୍ଟ), ଗୋଟିଏ ଦୁଇଚକିଆ ଯାନ ଏବଂ ଘରୋଇ ସାମଗ୍ରୀ ଠାବ ହୋଇଛି। ଅନୁଗୋଳ ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍‌ଙ୍କ ଦ୍ୱାରା ଜାରି ସର୍ଚ୍ଚ ୱାରେଣ୍ଟ ବଳରେ ହେଉଥିବା ଏହି ଯାଞ୍ଚରେ ଭିଜିଲାନ୍ସର ୮ ଡିଏସ୍‌ପି, ୧୨ ଇନ୍ସପେକ୍ଟର, ୬ ଏଏସ୍ଆଇ ଏବଂ ଅନ୍ୟ ସହକର୍ମଚାରୀ ସାମିଲ ଅଛନ୍ତି। ବୈକୁଣ୍ଠଙ୍କୁ ସମ୍ପତ୍ତି ନେଇ ଅଧିକ ପଚରାଉଚରା କରାଯିବା ସହ ଯାଞ୍ଚ ଜାରି ରହିଥିବାରୁ ସମ୍ପତ୍ତି ପରିମାଣ ଆହୁରି ବଢ଼ିବ ବୋଲି ଭିଜିଲାନ୍ସ ଆଶା ରଖିଛି।

### ଆଜି ନେଇଥାନ୍ତେ ଅବସର

ବୈକୁଣ୍ଠ ୧୯୯୧ ସେପ୍ଟେମ୍ବର ୩୦ରେ ପଞ୍ଚାୟତିରାଜ ବିଭାଗରେ ଷ୍ଟାଇପେଣ୍ଡାରୀ ଇଞ୍ଜିନିୟର ଭାବେ ସରକାରୀ ଚାକିରି ଆରମ୍ଭ କରିଥିଲେ। ସେତେବେଳେ ତାଙ୍କ ମାସିକ ଦରମା ଥିଲା ୨ହଜାର ଟଙ୍କା। ପରେ ସେ ବିଭିନ୍ନ ପଦବୀକୁ ପଦନ୍ନତି ପାଇଥିଲେ। ୨୦୨୩ ଜାନୁୟାରୀରେ ବୈକୁଣ୍ଠ ଅତିରିକ୍ତ ମୁଖ୍ୟଯନ୍ତ୍ରୀକୁ ପଦୋନ୍ନତି ପାଇଥିବା ବେଳେ ୨୦୨୫ ଜାନୁଆରୀରୁ ସେ ମୁଖ୍ୟଯନ୍ତ୍ରୀ ଭାବେ କାମ କରୁଥିଲେ। ମେ ୩୧ ଶନିବାର ସେ ଅବସର ଗ୍ରହଣ କରିଥାନ୍ତେ। ହେଲେ ଏହା ପୂର୍ବରୁ ସେ ଭିଜିଲାନ୍ସ ଜାଲରେ ଫସିଗଲେ।

## ତିସ୍ତା ନଦୀକୁ ...

ବସିଥିବା କାର ଦୁର୍ଘଟଣାଗ୍ରସ୍ତ ହୋଇ ପ୍ରାୟ ୧୦୦୦ ଫୁଟ ତଳେ ଥିବା ତିସ୍ତା ନଦୀକୁ ଖସି ପଡିଥିଲା। ଇତିଶ୍ରୀଙ୍କ ସହିତ ତାଙ୍କ ବଡପୁଅ ସାହିଲ, ସାନପୁଅ ସାଇରାଜ, ସାନ ଭାଇ ଅଜିତ ଓ ଭାଉଜ ସୁନିତା, ଭାଇ ଅଜିତଙ୍କ ପୁଅ ଅଂଶୁମାନ ଥିଲେ। ତାଙ୍କ ଆଗ ଗାଡ଼ିରେ ବଡଭାଇ ଶିଶିର ନାୟକ, ତାଙ୍କ ଝିଅ ଜାନି ଓ ଟୁନିଙ୍କ ସମେତ ବଡ ଭଉଣୀ ମଞ୍ଜୁଲତା ଦେଓ ଓ ସାନ ଭଉଣୀ ଝରଣା ମହାପାତ୍ର ଯାଉଥିଲେ। କିଛି ବାଟ ଯିବା ପରେ ଆଗ ଗାଡ଼ିରେ ଥିବା ପରିବାର ଲୋକେ ପଛ ଗାଡିକୁ ଆଉ ଦେଖିବାକୁ ପାଇ ନ ଥିଲେ। ଏହାପରେ ସେମାନେ ଗାଡ଼ି ଅଟକାଇ ପଛକୁ ଫେରିଥିଲେ। ହେଲେ ଇତିଶ୍ରୀ ଓ ଅନ୍ୟମାନେ ଥିବା ଗାଡ଼ିକୁ ସେମାନେ ଆଉ ପାଇ ନ ଥିଲେ। ସେଠାରେ ସେମାନେ ବହୁତ ଖୋଜାଖୋଜି କରିବା ପରେ ଉଦ୍ଧାରକାରୀ ଆର୍ମି କ୍ୟାମ୍ପକୁ ଯାଇଥିଲେ। ତୁରନ୍ତ ଆର୍ମି ଟିମ୍, ଅଗ୍ନିଶମ କର୍ମଚାରୀ, ସ୍ଥାନୀୟ ପୋଲିସ ଓ ଅଞ୍ଚଳବାସୀ ଖୋଜାଖୋଜି କରିବା ପରେ ସାଇରାଜ ଓ ଅଂଶୁମାନଙ୍କୁ ତିସ୍ତାନଦୀ ପାର୍ଶ୍ୱରୁ ମୁମୂର୍ଷୁ ଅବସ୍ଥାରେ ଉଦ୍ଧାର କରିଥିଲେ। ଶୁକ୍ରବାର ବାଦଲଫଟା ବର୍ଷା ସେଠାରେ ଲାଗି ରହିଥିବାରୁ ଉଦ୍ଧାର କାର୍ଯ୍ୟକୁ ବନ୍ଦ ରଖାଯାଇଛି। ଶନିବାର ସକାଳୁ ପୁଣି ଉଦ୍ଧାର କାର୍ଯ୍ୟ ଆରମ୍ଭ ହେବ ବୋଲି ସୂଚନା ମିଳିଛି। କୋରେଇ ବିଧାୟକ ଆକାଶ ଦାସ ନାୟକ, ଯାଜପୁର ଏମ୍‌ପି ରବୀନ୍ଦ୍ର ନାରାୟଣ ବେହେରା, ସିକ୍କିମ ଭାଜପା ପ୍ରଭାରୀ ସମ୍ବିତ୍ ପାତ୍ର ସେଠାକାର ସରକାରଙ୍କ ସହ ଯୋଗାଯୋଗ କରି ଉଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ଅନୁରୋଧ କରିଛନ୍ତି।

## ସିକ୍କିମ ଦୁର୍ଘଟଣା ବିଷୟରେ ତମାଙ୍ଗଙ୍କଠାରୁ ପଚାରି ବୁଝିଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୩୦।୫(ସୁନିତ୍ ମିଶ୍ର): ସିକ୍କିମଠାରେ ଏକ ଟୁରିଷ୍ଟ ବସ୍ ଦୁର୍ଘଟଣାଗ୍ରସ୍ତ ହୋଇଛି। ସିକ୍କିମ ତିସ୍ତା ନଦୀରେ ଏକ ଟୁରିଷ୍ଟ ଗାଡ଼ି ଖସିପଡ଼ିବା ଯୋଗୁ କେତେଜଣଙ୍କ ମୃତ୍ୟୁହେବା ସହ ଆହୁରି ଅନେକେ ଏବେ ନିଖୋଜ ଅଛନ୍ତି। ସେହିପରି ଆଉ କେତେଜଣ ଗୁରୁତର ଆହତ ମଧ୍ୟ ହୋଇଛନ୍ତି। ଏହାସହ ଏହି ଦୁର୍ଘଟଣାରେ କେତେଜଣ ଓଡ଼ିଆ ଯାତ୍ରୀ ଥିବା ଖବର ସାମ୍ନାକୁ ଆସିଛି। ସେଥିରେ ଓଡ଼ିଶାର ଭାଜପା ନେତ୍ରୀ ଇତିଶ୍ରୀ ଜେନା ଓ ତାଙ୍କ ପରିବାର ଥିବା ଜାଣିବାକୁ ମିଳିଛି। ତେବେ ଇତିଶ୍ରୀ ଓ ତାଙ୍କ ପରିବାରର ୧୧ ଜଣ ବୁଲିବାକୁ ଯାଇଥିବା ବେଳେ ସମସ୍ତେ ସୁରକ୍ଷିତ ଥିବା କୋରେଇ ବିଧାୟକ ଆକାଶ ଦାସ ନାୟକ ସୂଚନା ଦେଇଛନ୍ତି। ଏହି ଘଟଣାକୁ ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦୁଃଖ ପ୍ରକାଶ କରିବା ସଙ୍ଗେ ସଙ୍ଗେ ସିକ୍କିମ ମୁଖ୍ୟମନ୍ତ୍ରୀ ପ୍ରେମ୍ ସିଂ ତମାଙ୍ଗଙ୍କ ସହ କଥା ହୋଇଛନ୍ତି। ତମାଙ୍ଗଙ୍କୁ ମୁଖ୍ୟମନ୍ତ୍ରୀ କହିଛନ୍ତି, ସିକ୍କିମଠାରେ ଘଟିଥିବା ଦୁର୍ଘଟଣାର ବର୍ତ୍ତମାନ ସ୍ଥିତି କିପରି ରହିଛି। ଏଥିରେ ଓଡ଼ିଶାର କେତେଜଣ ଯାତ୍ରୀ ରହିଥିବା ଖବର ମିଳିଛି। ସେମାନଙ୍କ ସୁରକ୍ଷା ଏବଂ ସେମାନେ କିପରି ସୁରକ୍ଷିତ ଭାବେ ଫେରିବେ ତା'ର ବ୍ୟବସ୍ଥା କରିବା ନେଇ ତମାଙ୍ଗଙ୍କୁ କହିଛନ୍ତି। ଏହାସହ ଓଡ଼ିଆ ଲୋକଙ୍କ ସ୍ଥିତି କିପରି ଅଛି ଜାଣିବା ଲାଗି ପରିବହନ ବିଭାଗର ଅତିରିକ୍ତ କମିଶନର ଦୀପ୍ତିରଞ୍ଜନ ପାତ୍ର ଏବଂ ଭୁବନେଶ୍ୱର ଆର୍‌ଟିଓ ୧ର ଆଞ୍ଚଳିକ ଅଧିକାରୀ ବିକାଶ ଚୌଧୁରୀ ସିକ୍କିମ ଗସ୍ତ କରିଛନ୍ତି। ଏଥିସହ ଗାଙ୍ଗଟକ୍‌ରେ ଚିକିତ୍ସାଧୀନ ୨ ଆହତଙ୍କୁ ଭେଟି ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଛନ୍ତି।

# ରାଣୀ ଅହଲ୍ୟାବାଈ ହୋଲ୍‌କର: ମହିଳା ସଶକ୍ତୀକରଣ ଓ ଦୃଢ଼ ନେତୃତ୍ୱର ଏକ ପ୍ରତୀକ



ଶ୍ରୀମତୀ ପ୍ରଭାତୀ ପରିଡ଼ା
ଉପ ମୁଖ୍ୟମନ୍ତ୍ରୀ, ଓଡ଼ିଶା

ପୁରୁଷପ୍ରାଧାନ୍ୟ ସମାଜରେ ଯେଉଁ କେତେଜଣ ବୀରାଙ୍ଗନା ସାମାଜିକ ଶୃଙ୍ଖଳକୁ ଛିନ୍ନ କରି ନିଜର ଧୀଶକ୍ତି ଓ ସାମର୍ଥ୍ୟ ବଳରେ ଭାରତର ରାଜନୈତିକ ଇତିହାସରେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛନ୍ତି ସେମାନଙ୍କ ମଧ୍ୟରୁ ଅହଲ୍ୟାବାଈ ହୋଲ୍‌କର ଅନ୍ୟତମ। ଘଟଣାବହୁଳ ଅଷ୍ଟାଦଶ ଶତାବ୍ଦୀରେ ଇନ୍ଦୋରର ହୋଲ୍‌କର ରାଜବଂଶର ରାଣୀ ଭାବେ ତାଙ୍କର ଶକ୍ତିଶାଳୀ ନେତୃତ୍ୱ ସମାଜରେ ମହିଳାଙ୍କର ସାମର୍ଥ୍ୟ ଓ ପରାକାଷ୍ଠାକୁ ପ୍ରମାଣିତ କରିବା ସହ ତାଙ୍କୁ ନାରୀ ଜାତିର ଆଦର୍ଶ ରୂପେ ପ୍ରମାଣିତ କରିପାରିଛି। ଏହି ମହୀୟସୀ ମହିଳା ପିତା ମାଣକୋଜି ସିନ୍ଧେ ଓ ମାତା ସୁଶୀଳା ଦେବୀଙ୍କ ତୃତୀୟ ସନ୍ତାନ ଭାବେ ୧୭୨୫ ମେ ୩୧ରେ ଅହମ୍ମଦନଗର ଚାଣ୍ଡୀ ଗ୍ରାମରେ ଜନ୍ମ ଗ୍ରହଣ କରିଥିଲେ।

ପିଲାଟି ଦିନରୁ ଅହଲ୍ୟାବାଈ ଶିବ ଭକ୍ତ ଥିଲେ। ତାଙ୍କର ଶିବ ଭକ୍ତି ଓ ବିନମ୍ରତାକୁ ଦେଖି ମାଲୱାର ସୁବେଦାର ମହ୍ଲାର ରାଓ ତାଙ୍କୁ ମାତ୍ର ୧୨ ବର୍ଷ ବୟସରେ ସୁବେଦାର ରାଜବଂଶର ବୋହୂ ଭାବେ ସ୍ୱୀକାର କରିଥିଲେ। ପତି ଖାଣ୍ଡେରାଓଙ୍କର ଅନୁମତି ନେଇ ଅହଲ୍ୟାବାଈ ରାଜ ପରିବାରର ସମସ୍ତ ପରମ୍ପରା ଓ ଯୁଦ୍ଧବିଦ୍ୟା ଗ୍ରହଣ ସହିତ ଶାସନ ଏବଂ ପ୍ରଶାସନ ସମ୍ବନ୍ଧରେ ଅବଗତ ହୋଇଥିଲେ।

୧୭୪୫ରେ ସେ ଏକ ପୁତ୍ର ସନ୍ତାନ(ମାଲେ ରାଓ) ଓ ୧୭୪୮ରେ ଏକ କନ୍ୟା ସନ୍ତାନ(ମୁକ୍ତା)ଙ୍କ ଜନନୀ ହୋଇଥିଲେ। ୧୭୫୪ରେ ସ୍ୱାମୀ ଖାଣ୍ଡେରାଓ ରାଜସ୍ଥାନର କୁମ୍ଭେରି ଯୁଦ୍ଧରେ ମୃତ୍ୟୁ, ତାପରେ ଶ୍ୱଶୁର ମହ୍ଲାର ରାଓଙ୍କ ଦେହାନ୍ତ ଏବଂ ୨୨ ବର୍ଷୀୟ ପୁତ୍ର ମାଲେ ରାଓଙ୍କ ମୃତ୍ୟୁ ଅହଲ୍ୟାବାଈଙ୍କୁ ବ୍ୟତିବ୍ୟସ୍ତ କରି ଦେଇଥିଲା। ହେଲେ ଦୃଢ଼ମନା ମହାରାଣୀ ସମସ୍ତ କଷ୍ଟକୁ ନିଜ ଭିତରେ ଚାପି ରଖି ନିରନ୍ତର ଭାବେ ୨୮ ବର୍ଷ ସଫଳତାର ସହ ରାଜ୍ୟ ଶାସନ କରିଥିଲେ। ଜଣେ ସାଧାରଣ ସନ୍ଥଙ୍କ ପରି ଜୀବନ ଯାପନ କରି ପ୍ରତ୍ୟେକ ଦିନ ଶିବ ଅର୍ଚ୍ଚନା ସହ ଗୋଶାଳା ଦର୍ଶନ ଓ ଜନ କଲ୍ୟାଣ କାର୍ଯ୍ୟରେ ନିଜକୁ ନିୟୋଜିତ କରୁଥିଲେ।

ସାମାଜିକ ଭିତ୍ତିଭୂମିର ଉନ୍ନୟନ ସୁପ୍ରଶାସନର ଏକ ବୈଶିଷ୍ଟ୍ୟ ତଥା ଅର୍ଥନୈତିକ ଅଗ୍ରସରର ସହାୟକ ବୋଲି ବିବେଚନା କରି ରାଣୀ ଅହଲ୍ୟାବାଈ ନିଜ ରାଜତ୍ୱ ସମୟରେ ଅନେକ ସଡ଼କ, ସାର୍ବଜନୀନ ସଦନ ଓ ଧର୍ମଶାଳା ନିର୍ମାଣ କରିଥିଲେ। ରାଜ୍ୟର ଅପହଞ୍ଚ ଇଲାକାଗୁଡ଼ିକୁ ସଡ଼କ ଜରିଆରେ ସଂଯୋଗ କରି ପ୍ରଜାଙ୍କର ଗମନାଗମନର ସୁବିଧା ସମେତ ଆନ୍ତଃରାଜ୍ୟ ବାଣିଜ୍ୟକୁ ସୁଦୃଢ଼ କରିବାରେ ସେ ସକ୍ଷମ ହୋଇ ପାରିଥିଲେ।



ରାଣୀ ଅହଲ୍ୟାବାଈ ହୋଲ୍‌କର

ସମାଜର ଅବହେଳିତ ବର୍ଗର ବିକାଶ ଅହଲ୍ୟାବାଈଙ୍କ ପ୍ରଶାସନର ଅନ୍ୟ ଏକ ପ୍ରମୁଖ ଉପାଦାନ ଥିଲା। ବିଭିନ୍ନ ଯୋଜନା ମାଧ୍ୟମରେ ସେ ସେମାନଙ୍କୁ ଆର୍ଥିକ ସହାୟତା, ଆଶ୍ରୟ ଓ ଧନ୍ଦାମୂଳକ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଏ କ୍ଷେତ୍ରରେ ତାଙ୍କ ରାଜ୍ୟରେ ବାସକରୁଥିବା ଭିଲ୍ ଆଦିବାସୀ ସମ୍ପ୍ରଦାୟର ଲୋକଙ୍କର ସର୍ବାଙ୍ଗୀନ ଉନ୍ନତି ନିମନ୍ତେ ସେ ନେଇଥିବା ପଦକ୍ଷେପଗୁଡ଼ିକ ପରବର୍ତ୍ତୀ ସମୟରେ ପ୍ରଶାସନ ନିମନ୍ତେ ଉଦାହରଣ ପାଲଟି ଯାଇଥିଲା। ରାଜକୋଷରୁ ଶହୀଦ ପରିବାରକୁ ଋଣ, ଦରିଦ୍ରମାନଙ୍କୁ କୃଷି ଓ ବାଣିଜ୍ୟ ପାଇଁ ଶସ୍ତା ଋଣ, ବନ ସଂରକ୍ଷଣ, ବୃକ୍ଷରୋପଣ ଓ ଦୈବୀ ଦୁର୍ବିପାକ ସମୟରେ କ୍ଷତିପୂରଣ ପ୍ରଦାନ କରି ସେ ଜଣେ ପ୍ରଜାବତ୍ସଳ ଶାସକ ହୋଇପାରିଥିଲେ। ପାରମ୍ପରିକ ହସ୍ତ ଶିଳ୍ପକୁ ପୁନରୁଦ୍ଧାର କରିବା ପାଇଁ ସେ ବଳିଷ୍ଠ ପଦକ୍ଷେପମାନ ଗ୍ରହଣ କରିଥିଲେ।

ସାମାଜିକ ସଶକ୍ତୀକରଣରେ ଶିକ୍ଷାର ଭୂମିକା ଅନିବାର୍ଯ୍ୟ ଭାବି ସେ ନିଜ ରାଜ୍ୟର କୋଣ ଅନୁକୋଣରେ ଅନେକ ବିଦ୍ୟାଳୟ ଓ ଶିକ୍ଷାୟତନ ପ୍ରତିଷ୍ଠା କରିଥିଲେ। ଗୁରୁକୁଳ ବ୍ୟବସ୍ଥାକୁ ପ୍ରୋତ୍ସାହିତ କରିବା ସହ ସମାଜର ବିକାଶରେ ନାରୀ ଶିକ୍ଷାର ଗୁରୁତ୍ୱକୁ ଉପଲବ୍ଧି କରି ଏ କ୍ଷେତ୍ରରେ ପ୍ରଚଳିତ ସାମାଜିକ ପ୍ରତିବନ୍ଧକ ସତ୍ତ୍ୱେ ସେ ସେମାନଙ୍କୁ ଶିକ୍ଷା ପ୍ରଦାନର ବ୍ୟବସ୍ଥା କରିଥିଲେ। କୌଣସି ଝିଅର ଶିକ୍ଷା ତା'କୁ ଦାରିଦ୍ର୍ୟରୁ ମୁକ୍ତି କରାଇବାର ଟିକେଟ ପ୍ରଦାନ କରାଇଥାଏ ବୋଲି ତାଙ୍କ ଜେଜେ ମା'ଙ୍କର ଦୃଢ଼ୋକ୍ତି ତାଙ୍କୁ ବହୁଭାବେ ପ୍ରଭାବିତ କରିଥିଲା। ତାଙ୍କ ରାଜତ୍ୱକାଳରେ, ମହିଳାମାନେ ପ୍ରଶାସନରେ ଗୁରୁତ୍ୱପୂର୍ଣ୍ଣ ପଦବୀ ଅଧିକାର କରିବା ସଙ୍ଗେ ସଙ୍ଗେ ନିଷ୍ପତ୍ତି ଗ୍ରହଣ ପ୍ରକ୍ରିୟାରେ ଅଂଶଗ୍ରହଣ କରିପାରୁଥିଲେ। ନେତୃତ୍ୱ ନେବାରେ ମହିଳାମାନଙ୍କ ଶକ୍ତି ଓ ସାମର୍ଥ୍ୟରେ ବିଶ୍ୱାସ କରୁଥିବା ଲୋକଙ୍କ ପାଇଁ ତାଙ୍କ ପ୍ରଶାସନ ଏକ ଆଶାର ପ୍ରତୀକ ହୋଇଥିଲା।

ରାଣୀ ଅହଲ୍ୟାବାଈଙ୍କ ନେତୃତ୍ୱର ଏକ ପ୍ରମୁଖ ଦିଗ ଥିଲା ସାମାଜିକ ନ୍ୟାୟ ଏବଂ ଧାର୍ମିକ ସଂସ୍କାର ପ୍ରତି ତାଙ୍କର ପ୍ରତିବଦ୍ଧତା। ଜାତି, ଧର୍ମ, ବର୍ଣ୍ଣନିର୍ବିଶେଷରେ ସମସ୍ତ ପ୍ରଜା ରାଣୀଙ୍କ ଦ୍ୱାରା ପ୍ରସ୍ତୁତ ସମସ୍ତ ସାମାଜିକ ଭିତ୍ତିଭୂମିକୁ ଉପଯୋଗ କରିପାରୁଥିଲେ। ହିନ୍ଦୁ ଧର୍ମର ଐତିହ୍ୟ ଓ ହିନ୍ଦୁ ଧର୍ମାବଲମ୍ବୀଙ୍କ ଧାର୍ମିକ ଭାବନାକୁ ସମ୍ମାନ ଜଣାଇ ସେ ଶହେରୁ ଊର୍ଦ୍ଧ୍ୱ ମନ୍ଦିରକୁ ପୁନଃ ନିର୍ମାଣ କରିଥିଲେ। ପ୍ରସିଦ୍ଧ ସୋମନାଥ ମନ୍ଦିର ସହିତ ଅନେକ ଧାର୍ମିକସ୍ଥଳୀ ଯଥା କାଶୀ ବିଶ୍ୱନାଥ, ଅଯୋଧ୍ୟା, ବୃନ୍ଦାବନ ଆଦିର ପୁନରୁଦ୍ଧାର ପାଇଁ ସେ ଆର୍ଥିକ ସହାୟତା ଯୋଗାଇ ଦେଇଥିଲେ। ପୁରୀଠାରେ ଗୋଟିଏ ମନ୍ଦିର, ଆଶ୍ରମ ଓ ଉଦ୍ୟାନ ନିର୍ମାଣ କରି ସେ ଓଡ଼ିଶା ସହ ତାଙ୍କର ସୁସମ୍ପର୍କକୁ ପ୍ରମାଣିତ କରିଥିଲେ। ତାଙ୍କ ସମୟରେ ପ୍ରଚଳିତ ମୁଦ୍ରାରେ ଶିବଲିଙ୍ଗ ଓ ବେଲପତ୍ର ଅଙ୍କିତ ହେବା ସହ ନନ୍ଦୀ ଚିତ୍ର ଶୋଭା ପାଉଥିଲା। ସମସ୍ତ ପତ୍ରାଳାପରେ ସେ ନିଜର ସ୍ୱାକ୍ଷର ନିମିତ୍ତ ଉଦ୍ଦିଷ୍ଟ ସ୍ଥାନରେ ଶ୍ରୀ ଶଙ୍କର ଲେଖୁଥିଲେ। ଏହା ତାଙ୍କ ଶିବ ଭକ୍ତି ଓ ଉପାସନାର ପରିଚୟ ପ୍ରଦାନ କରେ।

ରାଣୀ ଅହଲ୍ୟାବାଈ ହୋଲ୍‌କରଙ୍କ ନେତୃତ୍ୱଶୈଳୀ ଥିଲା ଜ୍ଞାନ, ସାହସ ଏବଂ ସର୍ବସାଧାରଣଙ୍କ କଲ୍ୟାଣ ପାଇଁ ପ୍ରତିବଦ୍ଧତା। ସାମାଜିକ ସ୍ଥିତି କିମ୍ବା ଲିଙ୍ଗ ନିର୍ବିଶେଷରେ ନ୍ୟାୟପୂର୍ଣ୍ଣ ଶାସନ କରିବା, ନ୍ୟାୟକୁ ବଜାୟ ରଖିବା ଏବଂ ନାଗରିକଙ୍କର କଲ୍ୟାଣକୁ ପ୍ରାଥମିକତା ଦେବାରେ ତାଙ୍କର ଦକ୍ଷତା ତାଙ୍କୁ ମହିଳା ସଶକ୍ତୀକରଣର ପ୍ରକୃତ ପ୍ରତୀକ ଭାବେ ଅଭିହିତ କରେ। ସେ ତତ୍କାଳୀନ ସତୀଦାହ ପ୍ରଥାକୁ ନାପସନ୍ଦ କରିବା ସଙ୍ଗେ ସଙ୍ଗେ ଯୌତୁକ ପ୍ରଥାକୁ ଅପରାଧ ବୋଲି ଘୋଷଣା କରିଥିଲେ। ସମଗ୍ର ଦେଶରେ ଆନ୍ତଃରାଜ୍ୟ ବିବାହକୁ ସମର୍ଥନ ଜଣାଇ ସେ ବିଧବାମାନଙ୍କୁ ଉତ୍ତରାଧିକାରୀ ସୂତ୍ରରେ ସମ୍ପତ୍ତି ହାସଲ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଜନକଲ୍ୟାଣ ସହିତ ରାଷ୍ଟ୍ରୀୟ ଏକତା ଓ ଅଖଣ୍ଡତାକୁ ବଜାୟ ରଖିବାକୁ ସେ ଦୃଢ଼ ପ୍ରୟାସୀ ଥିଲେ। ଭାରତ ଇତିହାସରେ ନିଜର ରାଜନୀତି ଓ ରଣନୀତି ଉତ୍ତମ ଭାବେ ପରିପ୍ରକାଶ ଏବଂ ପ୍ରତିପାଦନ କରି ସେ ପ୍ରକୃତରେ ରାଷ୍ଟ୍ରମାତାର ପଦବୀ ଧାରଣ କରିଛନ୍ତି।

ଅଧୁନା ବିଶ୍ୱରେ ଲିଙ୍ଗଗତ ସମାନତା ଏବଂ ମହିଳା ସଶକ୍ତୀକରଣ ଏକ ନିରନ୍ତର ସଂଘର୍ଷ ହୋଇଥିବାରୁ ରାଣୀ ଅହଲ୍ୟାବାଈଙ୍କ କାହାଣୀ ଏକ ଉଜ୍ଜ୍ୱଳ ଉଦାହରଣ। ତାଙ୍କ କାହାଣୀ କେବଳ ଇତିହାସର ଏକ ଅଧ୍ୟାୟ ନୁହେଁ, ଏହା ଭବିଷ୍ୟତ ପ୍ରଶାସନ ପାଇଁ ଏକ ଆଲୋକବର୍ତ୍ତିକା।

# ବିସ୍ଫୋରକ ଲୁଟ: ଚାଲିଛି ତଦନ୍ତ



ବଣାଇଁ,୩୦।୫(ପ୍ରଦୀପ ତ୍ରିପାଠୀ)

ଓଡ଼ିଶା- ଝାଡ଼ଖଣ୍ଡ ସୀମାନ୍ତ ତିରିଲପୋଷ ଗ୍ରାମ ସରଣ୍ଡା ନିକଟରେ ଥିବା ମାଓବାଦୀ କ୍ୟାମ୍ପ ଉପରେ ଶୁକ୍ରବାର ମଧ୍ୟାହ୍ନ ୧୨ଟାରେ ସୁରକ୍ଷା କର୍ମୀମାନେ ଚଢ଼ାଉ କରିଥିଲେ। ଏହା ଜାଣିପାରି ଘଟଣା ସ୍ଥଳରୁ ମାଓବାଦୀମାନେ ଛତ୍ରଭଙ୍ଗ ଦେଇଥିଲେ। ସେମାନେ ଲଗାଇଥିବା ଲ୍ୟାଣ୍ଡମାଇନ ବିସ୍ଫୋରଣରେ କୋବ୍ରା ବାଟାଲିୟନର ଜଣେ ଯବାନ ସୁନୀଲ କୁମାର ଆହତ ହୋଇଛନ୍ତି। ବିସ୍ଫୋରକ ସାମଗ୍ରୀ ଉଦ୍ଧାର ନେଇ କୌଣସି ସୂଚନା ନ ଥିବା ଝାଡ଼ଖଣ୍ଡ ପୋଲିସର ପ୍ରେସ୍ ବିବୃତିରୁ ସ୍ପଷ୍ଟ ହୋଇଛି। ଏଥିସହ ମାଓବାଦୀ ଓ ସୁରକ୍ଷାକର୍ମୀଙ୍କ ମଧ୍ୟରେ ଗୁଳିବିନିମୟ ନେଇ ମଧ୍ୟ କୌଣସି ସୂଚନା ନାହିଁ। ମାଓବାଦୀ କ୍ୟାମ୍ପ ଉପରେ ଝାଡ଼ଖଣ୍ଡ ପୋଲିସ ଓ ଅର୍ଦ୍ଧ ସାମରିକ ବାହିନୀ ଚଢ଼ାଉ ବେଳେ କିଛି ବିସ୍ଫୋରକ, ମାଓବାଦୀ ପୋଷାକ ଓ ନିତ୍ୟ ବ୍ୟବହାର୍ଯ୍ୟ ସମାଗ୍ରୀ ଜବତ କରିଥିବା ପ୍ରେସ୍ ବିବୃତିରେ ଉଲ୍ଲେଖ ରହିଛି।

ଅପରପକ୍ଷରେ ଗତ ୨୭ତାରିଖରେ ସ୍ପଷ୍ଟ ଦିବାଲୋକରେ କେ. ବଲାଙ୍ଗ ଥାନା ଅନ୍ତର୍ଗତ ବାଙ୍କୋ ପଥର କ୍ୱାରିରୁ ମାଓବାଦୀମାନେ ୪ଟନ୍ ବିସ୍ଫୋରକ ଲୁଟି ନେବା ଘଟଣାର ଗୁରୁତ୍ୱ ଉପଲବ୍ଧି କରି ରାଉରକେଲାରେ ପୋଲିସ ଡିଜି ଉଚ୍ଚ ସ୍ତରୀୟ ବୈଠକରେ ଏସ୍‌ଆଇଟି ଟିମ୍ ଗଠନ କରି ତଦନ୍ତ ଦାୟିତ୍ୱ ଅର୍ପଣ କରିଛନ୍ତି। ଶୁକ୍ରବାର ରାଉରକେଲା ଅତିରିକ୍ତ ଏସପି ହରେକୃଷ୍ଣ ମାଝୀଙ୍କ ନେତୃତ୍ୱରେ ଟିମ୍ ମାଓବାଦୀଙ୍କ ବିସ୍ଫୋରକ ଲୁଟ ଘଟଣା ସ୍ଥଳ ପରିଦର୍ଶନ କରି ଫେରିଛନ୍ତି। ତାଙ୍କ ସହିତ ପୋଲିସ, ସାଇଣ୍ଟିଫିକ ଟିମ୍ ଓ ଡଗ୍ ସ୍କ୍ୱାଡ୍ ଯାଇ ତଦନ୍ତ କରିଛନ୍ତି।

ସୂଚନା ଅନୁଯାୟୀ, ଓଡ଼ିଶା- ଝାଡ଼ଖଣ୍ଡ ଅଞ୍ଚଳରେ ଆତଙ୍କ ଖେଳାଇଥିବା ଦୁର୍ଦ୍ଦାନ୍ତ ମାଓବାଦୀନେତା ମିଶିର ବେଶରା, ଅନମୋଲ, ମୁଛୁ କୁମାର, ଅନଳ, ଅସିମ ମଣ୍ଡଳ, ଅଜୟ ମାହାତୋ, ସାଗନ ଅଙ୍ଗରିଆ, ଅଶ୍ୱିନି, ପିଣ୍ଟୁ ଲୋହରା, ଚନ୍ଦନ ଲୋହରା, ଅମିତ ହାଁସଦା ଓରଫ ଅପଟନ, ଜୟକାନ୍ତ, ରାପା ମୁଣ୍ଡାଙ୍କ ନେତୃତ୍ୱରେ ଏକ କ୍ୟାମ୍ପ ସରଣ୍ଡା କୋଲ୍ହାନ କ୍ଷେତ୍ରରେ ରହିଥିଲା। ଏନେଇ ସୁରକ୍ଷା କର୍ମୀଙ୍କୁ ସୂଚନା ମିଳିଥିଲା। ମାର୍ଚ୍ଚ ମାସଠାରୁ କୋମ୍ବିଂ ଅପରେଶନ ଜାରି ରହିଛି। ଏହି ଚଢ଼ାଉରେ ଝାଡ଼ଖଣ୍ଡର ଚାଇଁବସା ପୋଲିସ, ଝାଡ଼ଖଣ୍ଡ ଜାଗୁଆର ଟିମ୍, କୋବ୍ରା ୨୦୩ ନମ୍ବର ବାଟାଲିୟନଙ୍କ ସମେତ ସିଆର୍‌ପିଏଫ - ୨୬, ୬୦,୧୩୪,୧୯୩,୧୯୭ ନମ୍ବର ବାଟାଲିୟନ ମିଳିତ ଚଢ଼ାଉ କରିଥିଲେ।

# ଟ୍ରାଫିକ୍ ପରିଚାଳନାକୁ ଗୁରୁତ୍ୱ, କୋଣାର୍କରୁ ପୁରୀକୁ ଲାଗିବ କଟକଣା

କଟକ,୩୦।୫(କାର୍ତ୍ତିକ ସାହୁ)

## ରଥଯାତ୍ରା ସମନ୍ୱୟ ବୈଠକ

ବିଶ୍ୱପ୍ରସିଦ୍ଧ ରଥଯାତ୍ରାରେ ଶ୍ରୀକ୍ଷେତ୍ର ପୁରୀକୁ ଲକ୍ଷ ଲକ୍ଷ ଶ୍ରଦ୍ଧାଳୁଙ୍କ ସୁଅ ଛୁଟିବ। ଶ୍ରଦ୍ଧାଳୁଙ୍କ ସୁଗମ ପରିବହନକୁ ଆଖି ଆଗରେ ରଖି ରାଜ୍ୟ ପରିବହନ ପ୍ରାଧିକରଣ ପକ୍ଷରୁ ଶୁକ୍ରବାର ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଛି। କଟକ ପ୍ରାଧିକରଣର ମୁଖ୍ୟାଳୟରେ ରାଜ୍ୟ ପରିବହନ ଆୟୁକ୍ତ ଅମିତାଭ ଠାକୁରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଜାତୀୟ ରାଜପଥ କର୍ତ୍ତୃପକ୍ଷ, ପୋଲିସ କର୍ତ୍ତୃପକ୍ଷ ଏବଂ ବସ୍ ମାଲିକ ସଂଘ ପ୍ରତିନିଧିମାନେ ଉପସ୍ଥିତ ଥିଲେ। ଏତେ ସଂଖ୍ୟକ ଶ୍ରଦ୍ଧାଳୁ କିଭଳି ପୁରୀରେ ସୁବିଧାରେ ପହଞ୍ଚିବେ ଓ ଫେରିବେ ସେ ବିଷୟରେ ବିଭିନ୍ନ ଦିଗ ଉପରେ ଆଲୋଚନା କରାଯାଇ ସର୍ବସମ୍ମତିକ୍ରମେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତିଗୁଡ଼ିକ ଗ୍ରହଣ କରାଯାଇଛି।

ପ୍ରତିବର୍ଷ ଭଳି ଚଳିତ ଥର ମଧ୍ୟ ରଥଯାତ୍ରା ନିମନ୍ତେ ଅନ୍ୟରୁଟ ଗାଡ଼ିଗୁଡ଼ିକୁ ପୁରୀ ନିମନ୍ତେ ସ୍ୱତନ୍ତ୍ର ପରମିଟ୍ ପ୍ରଦାନ କରାଯିବ। ଆଗ୍ରହୀ ବସ ମାଲିକମାନେ ଏଥିନିମନ୍ତେ କିଭଳି ସୁବିଧାରେ ଆବେଦନ କରିବେ ଓ ଅନୁମତି ପାଇବେ ସେ ଦିଗରେ ଆଲୋଚନା କରାଯାଇଥିଲା। ବିଶେଷକରି, କଟକ-ଭୁବନେଶ୍ୱରରୁ ଅଧିକ ସଂଖ୍ୟକ ବସ୍ ପୁରୀ ଚଳାଚଳ କରିବା ଉପରେ ଗୁରୁତ୍ୱ ଦିଆଯିବ। ସେହିଭଳି ନିର୍ଦ୍ଧାରିତ ବସ ଭଡ଼ାଠାରୁ କୌଣସି ବସ୍ ଯାତ୍ରୀଙ୍କଠାରୁ ଅଧିକ ଦାବି କରିବାର ଅଭିଯୋଗ ଯେଭଳି ନ ଆସେ ସେ ଦିଗରେ ବସ ମାଲିକ ସଂଘ ଧ୍ୟାନ ଦେବାକୁ କହିଛନ୍ତି ପରିବହନ ଆୟୁକ୍ତ। ପୁରୀ ଯାଉଥିବା ଓ ପୁରୀରେ ଚଳାଚଳ କରୁଥିବା ସମସ୍ତ ବସ ଓ ଅଟୋରେ ଭଡ଼ା ସମ୍ପର୍କିତ ତଥ୍ୟ ପ୍ରଦର୍ଶିତ କରିବାକୁ ନିଷ୍ପତ୍ତି ଗ୍ରହଣ ହୋଇଛି। ଯେଭଳି କେହି ମନଇଚ୍ଛା ଭଡ଼ା ଆଦାୟ କରି ଯାତ୍ରୀଙ୍କୁ ହଇରାଣ ନ କରନ୍ତି ସେ ଦିଗରେ ପୁରୀ ପୋଲିସ ଓ ପୁରୀ ଆରଟିଓ ବିଶେଷ ଧ୍ୟାନ ଦେବାକୁ ନିଷ୍ପତ୍ତି ହୋଇଛି। ବସ୍ ରହଣି ସ୍ଥାନରେ ଅସ୍ଥାୟୀ ବିଶ୍ରାମାଗାର ସହ ପ୍ରଶାସନ ପକ୍ଷରୁ ମୌଳିକ ସୁବିଧା ଉପଲବ୍ଧ କରିବାକୁ ପଦକ୍ଷେପ ଗ୍ରହଣ କରାଯିବ। ସେହିଭଳି ବସ୍ ଷ୍ଟପରେ ଯାତ୍ରୀମାନଙ୍କ ସୁରକ୍ଷାକୁ ମଧ୍ୟ ପୋଲିସ ପକ୍ଷରୁ ଗୁରୁତ୍ୱ ଦିଆଯିବ। ଅସାମାଜିକମାନଙ୍କ ଉପରେ କଡ଼ା ନଜର ରଖାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସ୍ୱତନ୍ତ୍ର ଟିମ୍ ଗଠନ କରି ଯାତ୍ରୀଙ୍କ ସୁବିଧାରେ ପୁରୀ, ଭୁବନେଶ୍ୱର, କଟକ ସମେତ ଅନ୍ୟାନ୍ୟ ସହରର ବସଷ୍ଟାଣ୍ଡରେ ମନିଟର କରାଯିବ। ଏହା ସହ ପୁରୀର ତାଳବଣିଆରେ ସିସିଟିଭି ମଧ୍ୟ ଲାଗିବ।



କଟକ ପ୍ରାଧିକରଣର ମୁଖ୍ୟାଳୟରେ ରାଜ୍ୟ ପରିବହନ ଆୟୁକ୍ତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଉପସ୍ଥିତ ପ୍ରଶାସନିକ ଅଧିକାରୀ ଏବଂ ଅନ୍ୟମାନେ।

ବସଗୁଡ଼ିକରେ ଫାଷ୍ଟଏଡ କିଟ ଓ ପର୍ଯ୍ୟାପ୍ତ ପରିମାଣର ଓଆର୍‌ଏସ୍ ମହଜୁଦ ରହିବ ଓ ତାହା ଏସ୍‌ଟିଏ ପକ୍ଷରୁ ଯୋଗାଇ ଦିଆଯିବ। ଯାତ୍ରୀ ଓ ଯାତ୍ରୀବାହୀ ଗାଡ଼ିଗୁଡ଼ିକର ସୁବିଧା ନିମନ୍ତେ ରଥଯାତ୍ରା ସମୟରେ ପୁରୀରେ ଆର୍‌ଟିଓଙ୍କ ପକ୍ଷରୁ ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ ଖୋଲାଯିବ। ଏହାସହ ଗାଡ଼ି ମରାମତି ନିମନ୍ତେ ବିଭିନ୍ନ କମ୍ପାନୀଙ୍କ ସହଯୋଗ, କ୍ରେନ୍ ଓ ଆମ୍ବୁଲାନ୍ସ ସୁବିଧା ମଧ୍ୟ କରାଯିବ। ଶୃଙ୍ଖଳିତ ଟ୍ରାଫିକ୍ ବ୍ୟବସ୍ଥା ଉପରେ ବିଶେଷ ଧ୍ୟାନ ଦିଆଯିବ। ଜାତୀୟ ରାଜପଥରେ ଗହଳି ଆଶଙ୍କା ଥିବା ସ୍ଥାନଗୁଡ଼ିକରେ ସତନ୍ତ୍ର ଟିମ ଦାୟିତ୍ୱରେ ରହିବେ। କୋଣାର୍କ-ପୁରୀ ରୁଟ ପାଇଁ ସ୍ୱତନ୍ତ୍ର ଟ୍ରାଫିକ୍ କଟକଣା ଲାଗୁହେବ। ସମସ୍ତ ବିଭାଗ, ଗାଡ଼ି ମାଲିକ ଓ କର୍ମଚାରୀଙ୍କ ସହଯୋଗରେ ଜନସାଧାରଣଙ୍କୁ ଉତ୍ତମ ସେବା ପ୍ରଦାନ ପାଇଁ ସମସ୍ତ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଛନ୍ତି ପରିବହନ ଆୟୁକ୍ତ। ତାଳବଣିଆରୁ ଜିଲା ହାଇସ୍କୁଲ ନିଃଶୁଳ୍କ ନେବା ଆଣିବା ପାଇଁ ପ୍ରଶାସନ ୧୦୦ ଅଟୋ ବ୍ୟବସ୍ଥା କରିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି। ବୈଠକରେ ପୁରୀ ଏସ୍‌ପି, କଟକ ଡିସିପି, ଟ୍ରାଫିକ ଡିସିପି, ଜାତୀୟ ରାଜପଥ ପ୍ରାଧିକରଣ ଅଧିକାରୀ, ବସ୍ ମାଲିକ ସଂଘ ପ୍ରତିନିଧି ଏବଂ ପରିବହନ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଜୁଲାଇ ୯ରେ ସାଧାରଣ ଧର୍ମଘଟ ପାଇଁ ସିଆଇଟିୟୁର ଆହ୍ୱାନ

ଭୁବନେଶ୍ୱର,୩୦।୫(ସୁଚିସ୍ମିତା ସାହୁ)

ସିଆଇଟିୟୁର ୫୫ତମ ପ୍ରତିଷ୍ଠା ଦିବସ ଶୁକ୍ରବାର ଖାରବେଳ ନଗରସ୍ଥିତ ରାଜ୍ୟ କାର୍ଯ୍ୟାଳୟରେ ପାଳିତ ହୋଇଯାଇଛି। ସଂଗଠନର ରାଜ୍ୟ ସଭାପତି କମ୍ରେଡ ଜନାର୍ଦ୍ଦନ ପତି ସଂଗଠନର ଲାଲ ପତାକା ଉତ୍ତୋଳନ କରି ଶ୍ରମିକ ନେତାଙ୍କୁ ଦେଶରେ ଶ୍ରମିକ ଆନ୍ଦୋଳନର ମହତ୍ୱ ଓ ଆବଶ୍ୟକତା ସମ୍ପର୍କରେ କହିଥିଲେ। ରାଜ୍ୟ ସାଧାରଣ ସମ୍ପାଦକ କମ୍ରେଡ ବିଷ୍ଣୁ ମହାନ୍ତି ଶ୍ରମିକ ବିରୋଧୀ ୪ ଶ୍ରମକୋଡ୍ ବାତିଲ ସହିତ ଦେଶବାସୀଙ୍କ ୧୭ ଦଫା ଦାବି ନେଇ ଜୁଲାଇ ୯ରେ ଦେଶରେ ସାଧାରଣ ଧର୍ମଘଟ ନେଇ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମରେ ସଙ୍ଗଠନର ରାଜ୍ୟ ନେତା ଉଲ୍ଲାସ ସ୍ୱାଇଁ, ସତ୍ୟାନନ୍ଦ ବେହେରା, ପୂର୍ଣ୍ଣଚନ୍ଦ୍ର ପାଢ଼ୀ ଏବଂ ଏକାଦଶୀ ବେହେରା ପ୍ରମୁଖ ଯୋଗଦେଇଥଲେ। ସିଟୁର ରାଜ୍ୟ ସମ୍ପାଦକ ଏବଂ ଭୁବନେଶ୍ୱର ନେତା ପ୍ରଦୀପ୍ତ ନାୟକ ଉପସ୍ଥିତ ରାଜ୍ୟ ନେତୃତ୍ୱ ଏବଂ ବିଭିନ୍ନ ୟୁନିୟନର ନେତୃତ୍ୱଙ୍କୁ ଧନ୍ୟବାଦ ଦେଇଥିଲେ।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

WANTED
Honest, Responsible Sweeper for Guest House-cum-Office. Part time: 9 A.M. to 1 P.M. Salary as per experience. Must speak Hindi, Odia. Immediate joining in Bhubaneswar.
Send Bio-data to 9438128790

WANTED
ACCOUNTANT & MARKETING EXECUTIVE for Furniture & Timber, Construction Organisation. Experience on above field preferable.
Salary starts now 10000/- to 15000/-.
Call: 7064170280, 9777251369

SKI Retail Capital Limited
A Leading distributor, Insurance & Financial Services
Require
DYNAMIC AREA MANAGER
for Motor Insurance in Rourkela, Sambalpur, Balasore, Cuttack, Angul.
Exp. in General Insurance Industry or Insurance broking 4-5 yrs experience.
CTC Rs. 6 to 7.2 lacs LPA
Mail CV: resume@skiretail.in
M: 9840335849

ଆବଶ୍ୟକ
ଡ୍ରାଇଭର ଓ ରୋଷେୟା ଆବଶ୍ୟକ।
ମଞ୍ଚେଶ୍ୱର, ଭୁବନେଶ୍ୱର
ଯୋଗାଯୋଗ
8249176583
9110572630

See Career Appointment on every Wednesday & Saturday

WANTED FOR A PHARMACEUTICAL UNIT OF ODISHA
- QUALITY CONTROL CHEMIST: The candidate must have minimum 3 years experience as QC Chemist. Should be able to handle HPLC Systems. Must have knowledge to prepare documents for Regulatory authorities.
- LABORATORY ASSISTANT: B.Sc./B.Pharma Graduates with devotion and determination to work honestly.
- PHARMACIST: D.Pharm Graduates with devotions and determination to work honestly.
- Please apply with confidence to email: odishacareerconsul@gmail.com within 15 days of intimating expected salary.

Display Line
WALK-IN INTERVIEW
A Bhubaneswar based leading Advertising Agency dealing in Print, Electronic & Outdoor Media requires
» Accounting Asst. (M/F) «
Qualification: Commerce Graduate with Knowledge in Tally.
Interested candidates may walk-in Interview at the following address with detail resumes & copies of testimonials on 29th & 31st May 2025 between 10.00 A.M. to 06.00 P.M.
Venue | Plot No.: A/173, Saheed Nagar, (Near Sparsh Hospital), Bhubaneswar-751007, Ph.: 0674-4041513

# ଶିକାରୀ ଗୁଳିରେ ସାଥୀ ଶିକାରୀ ମୃତ

ନୟାଗଡ଼/ଶରଣକୁଳ,୩୦।୫ (ଲୋକନାଥ ମିଶ୍ର/ଦୀପକ କର)

- ଗୋଛା ସଂରକ୍ଷିତ ଜଙ୍ଗଲରୁ ଅଧାପୋଡ଼ା ମୃତଦେହ ଜବତ
- ୨ ଶିକାରୀ ଫେରାର, ୧୦ ଅଟକ

ନୟାଗଡ଼ ଜିଲା ଶରଣକୁଳ ନିକଟ ପଞ୍ଚରିଡା ବନାଞ୍ଚଳ ଗୋଛା ସଂରକ୍ଷିତ ଜଙ୍ଗଲରେ ଗୁରୁବାର ଏକ ଅଘଟଣ ଘଟିଛି। ଶିକାରୀ ଗୁଳିରେ ଅନ୍ୟ ଜଣେ ସାଥୀ ଶିକାରୀଙ୍କ ମୃତ୍ୟୁ ଘଟିଛି। ଖବରପାଇ ଶରଣକୁଳ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ମୃତକ ହେଲେ ଗୋଛା ଗ୍ରାମର ସୂର୍ଯ୍ୟମଣି ପ୍ରଧାନ। ଉକ୍ତ ଘଟଣାକୁ ଚାପିଦେବାକୁ ଗ୍ରାମବାସୀ ଉଦ୍ୟମ କରୁଥିଲେ। ଜଙ୍ଗଲରେ ମୃତଦେହକୁ ଦାହ କରିବାକୁ ଉଦ୍ୟମ କରାଯାଇଥିଲା। ହେଲେ ପୋଲିସ ଅଧାପୋଡ଼ା ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏହି ଘଟଣାରେ ପୋଲିସ ୧୦ଜଣଙ୍କୁ ଅଟକ ରଖିଛି। ମୃତକଙ୍କ ସ୍ତ୍ରୀ କବିଙ୍କ ଅଭିଯୋଗ କ୍ରମେ ପୋଲିସ ଏକ ମାମଲା (ନଂ.୯୩/୨୫) ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ଅନ୍ୟପକ୍ଷେ ୨ ଶିକାରୀ ଫେରାର ହେବା ପରେ ସୂର୍ଯ୍ୟମଣିଙ୍କ ମୃତ୍ୟୁର ସନ୍ଦେହ ବଢ଼ିଛି।



ଜଙ୍ଗଲରେ ଦାହ କରାଯାଉଥିବା ମୃତଦେହ ପାଖରେ ପୋଲିସ ତଦନ୍ତ କରୁଛି।

ସୂଚନା ଅନୁଯାୟୀ, ଗୁରୁବାର ସନ୍ଧ୍ୟାରେ କଜଳାଇପଲ୍ଲୀ ପଞ୍ଚାୟତ ବଧିସାହିର ସନ୍ତୋଷ କୁମାର ସାହୁ ଓ ମିଟୁ ପ୍ରଧାନ ଦୁହେଁ ମିଶି ଗୋଛା ଜଙ୍ଗଲକୁ ଶିକାର କରିବାକୁ ବାହାରିଥିଲେ। ସେମାନେ ଗୋଛା ଗ୍ରାମର ସୂର୍ଯ୍ୟମଣି ପ୍ରଧାନଙ୍କୁ ସାଙ୍ଗରେ ଯିବାକୁ କହିଥିଲେ। ହେଲେ ସୂର୍ଯ୍ୟମଣି ପ୍ରଥମେ ମନା କରିଥିଲେ। ସନ୍ତୋଷ ଓ ମିଟୁ ତାଙ୍କୁ ବାଧ୍ୟ କରିବାରୁ ସୂର୍ଯ୍ୟମଣି ସେମାନଙ୍କ ସହ ଜଙ୍ଗଲକୁ ଶିକାର କରିବାକୁ ଯାଇଥିଲେ। ରାତିରେ ଏକ ବାର୍‌ହା ଶିକାର କରି ସମସ୍ତେ ମିଶି ରୋଷେଇ କରି ଖାଇଥିଲେ। ଏହାପରେ ପୁଣି ଶିକାର କରିବାକୁ ସେମାନେ ଜଙ୍ଗଲ ଭିତରକୁ ପଶିଥିଲେ। ଗଛ ଉହାଡ଼ରେ କୌଣସି ପଶୁ ଛପିଥିବା ଭାବି ସନ୍ତୋଷ ଗୁଳି ଚଳାଇଥିଲେ। ହେଲେ ସେହି ଗୁଳିଟି ସୂର୍ଯ୍ୟମଣିଙ୍କ ଦେହରେ ବାଜିଥିଲା ଓ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। ଶୁକ୍ରବାର ସକାଳୁ ଖବର ଜଣାପଡ଼ିବା ପରେ ଶରଣକୁଳ ପୋଲିସ ତଦନ୍ତ ଆରମ୍ଭ କରିଥିଲା। କିନ୍ତୁ ଘଟଣାକୁ ଚାପି ଦେବାକୁ ମୃତକଙ୍କ ପରିବାର ଓ ଗୋଛା ଗ୍ରାମବାସୀ ଉଦ୍ୟମ କରିଥିଲେ। ପୋଲିସ ପଚରାଉଚରା କରୁଥିଲେ ମଧ୍ୟ କେହି ମୁହଁ ଖୋଲି ନ ଥିଲେ। ପୋଲିସ ଏହି ଘଟଣାକୁ ଗୁରୁତର ସହ ନେଇ ବିଭିନ୍ନ ସ୍ଥାନରେ ଚଢ଼ାଉ କରିଥିଲା। ଜଙ୍ଗଲରେ ଏକ ଗୁପ୍ତ ବୈଠକ ବସିଥିଲା। ମୃତକଙ୍କ ପରିବାରକୁ ୨ଲକ୍ଷ ଟଙ୍କା ଓ ୪ମାଣ ଜମି ଦେବାକୁ ସ୍ଥିର ହୋଇଥିଲା। ଏହାପରେ ଗ୍ରାମବାସୀ ମୃତଦେହକୁ ଜଙ୍ଗଲରେ ପୋଡ଼ିଦେବାକୁ ଉଦ୍ୟମ କରିଥିଲେ। ହେଲେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଅଧାପୋଡ଼ା ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି।

ଏନେଇ ଶରଣକୁଳ ଥାନା ଆଇଆଇସି ପରମାନନ୍ଦ ଦଳେଇ କୁହନ୍ତି, ସୂର୍ଯ୍ୟମଣିଙ୍କ ମୃତ୍ୟୁ କିପରି ହୋଇଛି ସେନେଇ କିଛି ଅଭିଯୋଗ ନାହିଁ। କେବଳ ବିଭିନ୍ନ ଲୋକଙ୍କ ଠାରୁ ନାନା କଥା ଶୁଣିବାକୁ ମିଳୁଛି। ଗୁଳି କରି ହତ୍ୟା କରାଯାଇଛି କି ହତ୍ୟାର କାରଣ ଭିନ୍ନ ତଦନ୍ତ କରାଯାଉଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

# ବଜ୍ରପାତରେ ଜଣେ ମୃତ, ୩ ଗୁରୁତର

ଚିକିଟି,୩୦।୫(ପ୍ରକାଶ ଚନ୍ଦ୍ର ସାହୁ)

ଗଞ୍ଜାମ ଜିଲା ଚିକିଟି ବ୍ଲକ ଚାନ୍ଦପୁର ପଞ୍ଚାୟତ ବାତରଡ଼ାପଲ୍ଲୀ ଗ୍ରାମ ନିକଟରେ ଶୁକ୍ରବାର ଅପରାହ୍ନରେ ବଜ୍ରପାତରେ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୩ ଗୁରୁତର ହୋଇଛନ୍ତି। ମୃତକ ହେଲେ ଚାନ୍ଦପୁର ପଞ୍ଚାୟତ ହରିପୁର ପଲ୍ଲୀ ଗ୍ରାମର ଶିବ ପାଇକ (୫୫)। ବାତରୋଡାପଲ୍ଲୀ ଗ୍ରାମର ଗଣପତି ନାଏକ, ବେଲପଣ୍ଡୀର ବିଜୟ ଗୌଡ଼ ଏବଂ ଦିଗପହଣ୍ଡି ବ୍ଲକ ଅନ୍ତର୍ଗତ ଖଇରପଙ୍କ ଗ୍ରାମର ଦିଲ୍ଲୀ କନ୍ୟାରୀ (୪୭) ଗୁରୁତର ଆହତ ହୋଇଛନ୍ତି। ଏହି ୪ ଜଣ ଛେଳି ଜଗୁଆଳି ମିଶି ଖାଉଥିବା ବେଳେ ହଠାତ ବର୍ଷା ହେବା ସହ ବଜ୍ରପାତ ହୋଇଥିଲା। ଘଟଣାସ୍ଥଳରେ ଶିବଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ୩ ଗୁରୁତର ଆହତ ହୋଇଥିଲେ। ଆଖପାଖ ଗ୍ରାମର ଲୋକ ପହଞ୍ଚି ସେମାନଙ୍କୁ ଗୋବର ଗଦାରେ ପୋତି ପାରମ୍ପରିକ ଚିକିତ୍ସା ପରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଅବସ୍ଥା ସଂକଟାପନ୍ନ ଥିବାରୁ ତାଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲକୁ ପଠାଯାଇଛି।

ସମଗ୍ର ସୃଷ୍ଟି ଭିତରେ ଭଗବାନଙ୍କର ଅନନ୍ତ କୃପା ଅଦୃଶ୍ୟରେ ରହି ପୃଥିବୀ ପୃଷ୍ଠରେ ପ୍ରତି ମୁହୂର୍ତ୍ତରେ କାର୍ଯ୍ୟ କରି ଚାଲିଛି। ତାହା ଫଳରେ ପୃଥିବୀ ବହୁପୁ ଦୁଃଖ, ବିପଦ, ଅଜ୍ଞାନ ଓ ନିର୍ବୋଧତା କବଳରୁ ରକ୍ଷା ପାଇପାରୁଛି। -ଶ୍ରୀମା



# ସ୍ୱର ବଦଳୁଛି



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ପହଲଗାମ୍ ଆକ୍ରମଣକୁ ନେଇ ପାକିସ୍ତାନ ଉପରେ ଭାରତ ସାମରିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପରେ ଭାରତର ବୈଦେଶିକ ନୀତିର ବାର୍ତ୍ତା ସ୍ପଷ୍ଟ ଓ ପ୍ରଭାବଶାଳୀ ହୋଇନାହିଁ। ବିଶେଷକରି ଭାରତ ବିରୋଧରେ ପାକିସ୍ତାନ ପ୍ରାୟୋଜିତ ଆତଙ୍କବାଦ ସମ୍ପର୍କରେ ବିଶ୍ୱକୁ ଅବଗତ କରିବାରେ ବୈଦେଶିକ ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କରଙ୍କ ଦୃଢ଼ ସ୍ୱର ଅପ୍ରତ୍ୟାଶିତ ଭାବେ ନୀରବୀ ଯାଇଛି। ଏହା ଏକ ରଣନୀତିକ ସଂଯମତା ନା ନିଷ୍ପ୍ରଭ କୂଟନୈତିକ ସ୍ୱରର ଘଟଣା ତାହା ହିଁ ଆଲୋଚନାର ବିଷୟ ହୋଇଛି। ସରକାର ଏହି ସମୟରେ ଖବରର ଶୀର୍ଷକରୁ ବଞ୍ଚିତ ହେବାକୁ ଚାହିଁ ନାହାନ୍ତି । ଫଳରେ ସରକାର ଭାବମୂର୍ତ୍ତି ରକ୍ଷା କରିବା ପାଇଁ ଖବର ସୃଷ୍ଟି କରିବାରେ ପୂରା ବଳ ଲଗାଇ ଦେଇଛନ୍ତି । ସାଂସଦ ଓ ଅବସରପ୍ରାପ୍ତ ଅଧିକାରୀଙ୍କୁ ନେଇ ୭ଟି ଟିମ୍ ଗଠନ କରାଯାଇଛି। ସରକାରଙ୍କ ପଦକ୍ଷେପ ସପକ୍ଷରେ ବୁଝାଇବା ପାଇଁ ଟିମ୍‌ଗୁଡ଼ିକୁ ବାହାର ଦେଶଗୁଡ଼ିକର ରାଜଧାନୀକୁ ପଠାଯାଇଛି। ଗୋଟିଏ ଟିମ୍‌ରେ ଅଛନ୍ତି, ରାଜ୍ୟ ସଭା ସଦସ୍ୟ ଭୁବନେଶ୍ୱର କଳିତ ଏବଂ ମିଲିନ୍ଦ ଦେଓରାଙ୍କ ସହିତ ଲୋକ ସଭା ସଦସ୍ୟ ଶଶାଙ୍କ ମଣି ତ୍ରିପାଠୀ ଏବଂ ଗନ୍ତି ହରିଶ ମାଧୁର । ଏହି ଟିମ୍‌ର ନେତୃତ୍ୱ ନେଉଛନ୍ତି ବୈଦେଶିକ ନୀତି ବିଶେଷଜ୍ଞ ଶଶି ଥରୁର । ଏସ୍ ଜୟଶଙ୍କରଙ୍କ ନୀରବତାକୁ ଅନୁଧ୍ୟାନ କରି ଥରୁର ସ୍ଥିତିକୁ ନିୟନ୍ତ୍ରଣ କରୁଛନ୍ତି ଏବଂ ଭାରତ ବୁଝାମଣାରୁ ପଛକୁ ହଟିନାହିଁ ବରଂ ତାହାର ସ୍ୱରକୁ ପରିବର୍ତ୍ତନ କରିଛି ବୋଲି ବାର୍ତ୍ତା ଦେଉଛନ୍ତି। ଏ କଥା ମଧ୍ୟ ଭୁଲିଯିବା ଉଚିତ ନୁହେଁ ଯେ, ଆମେରିକାର ଗମ୍ଭୀର ରାଜନୈତିକ କ୍ଷମତା ପରିସରରେ କାମ କରିବାର ଅଭିଜ୍ଞତା ଥିବା ପୂର୍ବତନ ରାଷ୍ଟ୍ରଦୂତ ତରଣଜିତ ସିଂ ସାନ୍ଧୁ ମଧ୍ୟ ଟିମ୍‌ରେ ଅଛନ୍ତି। ଗୋଟିଏ କଥା ସ୍ପଷ୍ଟ ଯେ, ସରକାର ଘଟଣାକୁ ନିୟନ୍ତ୍ରଣ କରିବାରେ ଗମ୍ଭୀର ଅଛନ୍ତି, ଏପରି କି ଥରୁରଙ୍କ ଭଳି କଂଗ୍ରେସ ସାଂସଦଙ୍କୁ ପଠାଇ ଭଲଭାବେ ପ୍ରଦର୍ଶନ କରିବାକୁ ଚାହୁଁଛି।

### ପ୍ୟାଟେଣ୍ଟ କାର୍ଯ୍ୟାଳୟରେ ଅସନ୍ତୋଷ

ନିକଟରେ ଡିପାର୍ଟମେଣ୍ଟ ଫର୍ ପ୍ରମୋଶନ ଅଫ୍ ଇଣ୍ଡଷ୍ଟ୍ରି ଆଣ୍ଡ୍ ଇଣ୍ଟରନାଲ ଟ୍ରେଡ୍ (ଡିପିଆଇଆଇଟି) ଏବେ ପ୍ୟାଟେଣ୍ଟ କାର୍ଯ୍ୟାଳୟର କେତେ ଜଣ ଅଧିକାରୀଙ୍କ ଅଦଳବଦଳ ପାଇଁ ନେଇଥିବା ପଦକ୍ଷେପକୁ କେନ୍ଦ୍ର କରି ଅସନ୍ତୋଷର ସ୍ୱର ଉଠିଛି। କିନ୍ତୁ ଏହା ବଡ଼ ସଙ୍କଟ ନୁହେଁ, ବରଂ ତାଙ୍କ କାର୍ଯ୍ୟାଳୟର ମାମୁଲି ଝଗଡ଼ା। ଏହି କାର୍ଯ୍ୟାଳୟରେ କାର୍ଯ୍ୟରତ କର୍ମଚାରୀଙ୍କ ସୂତ୍ରରୁ ଜଣାପଡ଼ିଛି ଯେ,ଏହା କୌଣସି ନାଟକୀୟ ବଦଳିର କାହାଣୀ ନୁହେଁ, ଏହା ସମ୍ଭବତଃ ଏକ ପ୍ରଶାସନିକ ବଦଳି। ଯେତେବେଳେ ସଂସାଧନ ଓ ଉତ୍ତରଦାୟିତ୍ୱକୁ ସନ୍ତୁଳିତ କରିବାକୁ ଚେଷ୍ଟା କରାଯାଏ ସେତେବେଳେ ଏଭଳି ବଦଳି କରାଯାଇଥାଏ। ଏହା ନିଶ୍ଚିତ ଯେ, ପରିବର୍ତ୍ତନକୁ ନେଇ ଉଠୁଥିବା କଥା ଏତେ ଗୁରୁତ୍ୱପୂର୍ଣ୍ଣ ନୁହେଁ। ଏହାକୁ ବଢ଼େଇ ଚଢ଼େଇ କୁହାଯାଉଛି, ଯାହା ଅନାବଶ୍ୟକ। ଏହା ବଦଳି ନୁହେଁ, ବରଂ ଏକ ଯୋଜନାବଦ୍ଧ ଆବଣ୍ଟନ। ଏହି ଅଧ୍ୟାୟ ହେଉଛି ନିୟମିତ ଅମଲାତନ୍ତ୍ରିକ ମନ୍ଥନରେ ଏକ ଛୋଟ ଝଗଡ଼ା, ଯୁଦ୍ଧ ଭୂମିର ଲଢ଼େଇ ନୁହେଁ। ଏହିସବୁ କ୍ଷୁଦ୍ର ପ୍ରଶାସନିକ ପଦକ୍ଷେପ ସରକାରଙ୍କ କାର୍ଯ୍ୟର ମାନବୀୟ ପ୍ରବୃତ୍ତି ତଥା ବ୍ୟକ୍ତିଗତ ପସନ୍ଦ ଏବଂ ସଂସ୍ଥାଗତ ଆବଶ୍ୟକତା ମଧ୍ୟରେ ରହିଥିବା ନିରାଶା ଓ ବାକ୍‌ଯୁଦ୍ଧକୁ କିଭଳି ପ୍ରକାଶ କରିପାରେ ତାହା ହିଁ କୌତୂହଳର ବିଷୟ। ପ୍ୟାଣ୍ଟେଟ କାର୍ଯ୍ୟାଳୟ ତା' କାର୍ଯ୍ୟ ଜାରି ରଖିଛି ଓ ନୂତନତ୍ୱ ଉପରେ ଜୋର ଦେଇଆସୁଛି। ପ୍ୟାଟେଣ୍ଟ ଆଇନ ପୁନର୍ଗଠନ କିମ୍ବା ଅନୁମୋଦନ ଶୀଘ୍ର କରିବାରେ ପ୍ରକୃତ ଯୁଦ୍ଧ ହେବା କଥା । କିନ୍ତୁ ସେଥିରେ ବଡ଼ ସମସ୍ୟା ରହିଛି। ଏଣୁ ଏବକାର ଅଦଳବଦଳକୁ ଏକ ଗମ୍ଭୀର ସମସ୍ୟା ବୋଲି କହିବା ଦରକାର ନାହିଁ। ଏହା ହେଉଛି କାର୍ଯ୍ୟାଳୟର ଏକ ନିୟମିତ ଧାରା।

### ପୋଲିସରେ ଝଗଡ଼ା

ହିମାଚଳ ପ୍ରଦେଶର ଶୀର୍ଷ ପୋଲିସ ଅଧିକାରୀଙ୍କ ସ୍ତରରେ ଯାହା ଘଟୁଛି ସେଥିରେ ଆଇନ ପ୍ରବର୍ତ୍ତନ କମ୍ ଓ ରାଜନୈତିକ ନାଟକବାଜି ଅଧିକ ଥିବା ଭଳି ମନେହେଉଛି। ରାଜ୍ୟ ପୋଲିସ ଏକ ସାର୍ବଜନୀନ ବିବାଦରେ ଫସିଯାଇଛି ଏବଂ ଏସବୁ ଏକ ସନ୍ଦେହଜନକ ମୃତ୍ୟୁରୁ ଆରମ୍ଭ ହୋଇଛି। ମାର୍ଚ୍ଚରେ ଏଚ୍‌ପିପିସିଏଲ୍‌ର ବରିଷ୍ଠ ଅଧିକାରୀ ବିମଳ ନେଗୀଙ୍କ ମୃତଦେହ ଗୋବିନ୍ଦ ସାଗର ହ୍ରଦରୁ ମିଳିଥିଲା। ଏହି ଘଟଣା ଉପରେ ଶିମଲା ଏସ୍‌ପି ସଞ୍ଜୀବ ଗାନ୍ଧୀ ତଦନ୍ତ କରୁଥିଲେ ଏବଂ ଏଥିରେ କୌଣସି ପ୍ରଗତି ନ ହେବାରୁ ହିମାଚଳ ଉଚ୍ଚ ନ୍ୟାୟାଳୟ ସମାଲୋଚନା କରିବା ସହ ସିବିଆଇକୁ ହସ୍ତାନ୍ତର କରିବାର ସଙ୍କେତ ଦେଇଥିଲେ। କିନ୍ତୁ ଏସ୍‌ପି ଗାନ୍ଧୀ ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ ଅତୁଲ ବର୍ମା ତଦନ୍ତରେ ବାଧା ସୃଷ୍ଟି କରୁଥିବାର ଅଭିଯୋଗ ଆଣି କୋର୍ଟକୁ କୌଣସି ସ୍ପଷ୍ଟ ଉତ୍ତର ଦେଇ ନ ଥିଲେ। ଡିଜିପି ତତ୍‌କ୍ଷଣାତ୍ ଗାନ୍ଧୀଙ୍କୁ ନିଲମ୍ବନ ପାଇଁ ସୁପାରିସ କରିଥିଲେ। ଗଣମାଧ୍ୟମରେ ଗାନ୍ଧୀଙ୍କ ଭିଡିଓ ପ୍ରମାଣ ଶୀର୍ଷ ବାବୁମାନଙ୍କ ମଧ୍ୟରେ କ୍ରୋଧ ସୃଷ୍ଟି କରିଥିଲା। ତେବେ ରାଜ୍ୟ ପୋଲିସର ଦୁଇ ଗୋଷ୍ଠୀଙ୍କ ମଧ୍ୟରେ ଏହା କେବଳ ଏକ ଝଗଡ଼ା ନୁହେଁ, ବରଂ ସଂସ୍ଥାଗତ ବିଶ୍ୱାସର ଅଧୋଗତି। ବରିଷ୍ଠ ଅଧିକାରୀମାନଙ୍କ ଅଭିଯୋଗ ଓ ପ୍ରତି ଅଭିଯୋଗ ଆସୁଥିବାବେଳେ ବ୍ୟବସ୍ଥାର ତ୍ରୁଟି ତଥା ନିଷ୍କ୍ରିୟତା ବାହାରକୁ ଆସୁଛି। ଏକ ସମ୍ବେଦନଶୀଳ ମୃତ୍ୟୁ ସହ ଜଡ଼ିତ ଏଭଳି ନିଷ୍କ୍ରିୟତା ନ୍ୟାୟ ଉପରେ ଲୋକଙ୍କ ବିଶ୍ୱାସ ହ୍ରାସ କରୁଛି। ମୁଖ୍ୟମନ୍ତ୍ରୀ ସୁଖୁ ସିବିଆଇ ତଦନ୍ତକୁ ସ୍ୱାଗତ କରି ଚତୁରତାର ସହ ରାଜନୀତିକୁ ଦୂରେଇ ରଖିଛନ୍ତି। କିନ୍ତୁ କ୍ଷତି ହୋଇଛି। ଏହି ମାମଲାରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନଠାରୁ ଅଧିକ କିଛି ଦରକାର।

Email: dilipcherian@gmail.com

# ମୁଁ ଜଣେ ଫେମିନିଷ୍ଟ



ସୁସ୍ମିତା ବେହେରା

ଜଣେ ମଣିଷ ଓ ନାରୀ ଭାବେ ନିଜକୁ ଫେମିନିଷ୍ଟ ଏଇଥିପାଇଁ କହିବି ଯେ, ମୋତେ ମିଶେଇ ଅନ୍ୟ ଯେ କୌଣସି ନାରୀ, ସାଧାରଣ ଓ ଖୁସିର ଜୀବନଟିଏ ବଞ୍ଚିବାକୁ ହେଲେ ପୁରୁଷ ପରି ସମାନ ଅଧିକାର ଆବଶ୍ୟକ କରନ୍ତି। ପରିବାର ଓ ସମାଜଠାରୁ ସମାନ ସୁବିଧା ସୁଯୋଗର ଅପେକ୍ଷା ବି ରଖନ୍ତି। ପ୍ରଥମେ ଆମେ ଉଭୟ ପୁରୁଷ ଓ ମହିଳାଙ୍କୁ ମଣିଷ ଭାବରେ ସମାନ ଦୃଷ୍ଟିରେ ଦେଖିବା ଜରୁରୀ। ଆମର ଦେଖିବାର ଦୃଷ୍ଟିଭଙ୍ଗୀ ବଦଳି ଗଲେ ଆମ ସମସ୍ତଙ୍କର ଆଚାର, ବିଚାର, ବ୍ୟବହାର ଓ କାର୍ଯ୍ୟକଳାପ ଆପେ ଆପେ ବଦଳି ଯାଆନ୍ତା। ଫେମିନିଷ୍ଟ କେହି ବି ହୋଇପାରିବେ । ଜଣେ ସମ୍ବେଦନଶୀଳ ପୁରୁଷ ବି, ଯିଏ ନାରୀମାନଙ୍କ ସାମାଜିକ, ଅର୍ଥନୈତିକ, ଆଇନଗତ ଅଧିକାର ପାଇଁ ସ୍ୱର ଉତ୍ତୋଳନ କରିବାକୁ ଚାହିଁବେ।

ଆଜିକୁ ତିନି ଦଶନ୍ଧି ଆଗରୁ ନାରୀ ଶିକ୍ଷା ଆହୁରି ପଛରେ ଥିଲା। ମୋ ବାପା ଜଣେ ଆଦର୍ଶ ଶିକ୍ଷକ। ପୁଅ ନ ହେବାର ଦୁଃଖକୁ ନିଜ ଛାତିରେ ଲୁଚାଇ ଛଅ ଝିଅଙ୍କୁ ଯଥା ସାଧ୍ୟ ଉଚ୍ଚଶିକ୍ଷା ପ୍ରଦାନ କରିଛନ୍ତି। ସେ ସମୟରେ ଆମ ପରିବାରର ଶୁଭେଚ୍ଛୁ ବୋଲି ଘୋଷଣା କରୁଥିବା କେହି କେହି ମୋ ବାପାଙ୍କୁ ଆମ ଝିଅମାନଙ୍କୁ ଅଧିକା ପାଠ ନ ପଢ଼ାଇ, ମାଟ୍ରିକ ପର୍ଯ୍ୟନ୍ତ ଯେନତେନ ପ୍ରକାରେ ପଢ଼େଇ ବାହାଘର କରି ଦେବାକୁ ବାରମ୍ବାର ପରାମର୍ଶ ଦେଇ ଆସୁଥିଲେ, ଯାହାକୁ ମୋ ବାପା କେବେ ଗୁରୁତ୍ୱ ଦେଇ ନ ଥିଲେ। ଫଳ ସ୍ୱରୂପ ପରବର୍ତ୍ତୀ କାଳରେ ପାରିବାରିକ ବିପର୍ଯ୍ୟୟ ସମୟରେ ସ୍ଥିର ରହି ପରିସ୍ଥିତିକୁ ସାମ୍ନା କରିବାର ଦୃଢ଼ତା ଓ ସାହସ ମୋ ଭିତରେ ମୁଁ ଜୁଟାଇ ପାରିଥିଲି।

ମୁଁ ଏଇଠି ସବୁ ମାତାପିତାଙ୍କୁ ଫେମିନିଷ୍ଟ ହେବାକୁ ଆହ୍ୱାନ କରୁଛି। ଝିଅମାନଙ୍କୁ କିଶୋରାବସ୍ଥାରୁ ଏକ ସୀମିତ, ସଙ୍କୁଚିତ ବାତାବରଣରେ ନ ବଢ଼ାଇ ପୁଅକୁ ଯେଉଁ ପରିବେଶ ଦେଉଛନ୍ତି ସେଇ ବାତାବରଣ ଦିଅନ୍ତୁ। ତା'ର ପୂର୍ଣ୍ଣାଙ୍ଗ ବିକାଶ ଶାରୀରିକ, ମାନସିକ, ବୌଦ୍ଧିକ ସବୁ ଦିଗରୁ ଦୃଢ଼ ହୋଇପାରିବ। ମୁଖ୍ୟତଃ, ମାନସିକ ଭାବେ ଦୃଢ଼ ମହିଳା ଯେକୌଣସି ପରିସ୍ଥିତିକୁ ସହଜରେ ମୁକାବିଲା କରିପାରିବେ। କେବଳ ମହିଳାମାନଙ୍କ ଉପରେ ଅତ୍ୟାଚାର ନୁହେଁ, ବିବାହିତା ମହିଳା ନିଜର ପୁରୁଷ ସାଥୀଙ୍କୁ ଅସୁବିଧା ସମୟରେ ଅଧିକ କ୍ରିୟାଶୀଳ ହୋଇ ନୈତିକ, ମନସ୍ତାତ୍ତ୍ୱିକ



ଓ ଭାବନାତ୍ମକ ସହଯୋଗ ଦେଇପାରିବ।

ସମ୍ପୂର୍ଣ୍ଣ ବିଶ୍ୱକୁ ଆମେ ଚାରୋଟି ଭାଗରେ ଦେଖିପାରିବା। ପଶ୍ଚିମ ବିଶ୍ୱ ବା ମୁକ୍ତ ବିଶ୍ୱ। ଆମେରିକା ଓ ଅନ୍ୟ ବିକଶିତ ଦେଶସବୁ ଏହି ବିଶ୍ୱର ଅନ୍ତର୍ଗତ। ଦ୍ୱିତୀୟ ବିଶ୍ୱ ହେଲା ପୂର୍ବ ବିଶ୍ୱ- ୟୁରୋପ ଓ ଅନ୍ୟାନ୍ୟ ଉଦାରବାଦୀ ଦେଶ ସମୂହ। ତୃତୀୟ ବିଶ୍ୱ ଏସିଆ, ଆଫ୍ରିକା ଓ ୟୁରୋପର ଦୁଇ, ତିନୋଟି ଛୋଟ ଛୋଟ ଅନୁନ୍ନତ ଦେଶ। ଏହି ତୃତୀୟ ବିଶ୍ୱବର୍ଗରେ ରହିଛି ଭାରତବର୍ଷ । ଏମାନଙ୍କର ପ୍ରମୁଖ ବିଶେଷତ୍ୱ ହେଲା ଦୁର୍ବଳ ଅର୍ଥନୀତି, ସାମାଜିକ ବୈଷମ୍ୟ, ଅପରାଧ ପ୍ରବଣତା, ଦୁର୍ବଳ ନ୍ୟାୟ ବ୍ୟବସ୍ଥା, ଉପଯୁକ୍ତ ମାନବ ସମ୍ବଳର ଅଭାବ ଇତ୍ୟାଦି ଏପରି ଆହୁରି ଅନେକ ସମସ୍ୟା। ଏହି ବିକାଶଶୀଳ ଦେଶରେ ଶିଶୁମାନଙ୍କ ପ୍ରତି ହେଉଥିବା ଯୌନ ଶୋଷଣର ଅଶୀ ପ୍ରତିଶତ କେବଳ ଶିଶୁ କନ୍ୟା ଉପରେ ହୋଇଥାଏ। ନାରୀବାଦର ମୂଳ ଉଦ୍ଦେଶ୍ୟ ଭିତରୁ ଶିଶୁକନ୍ୟା ଓ ମହିଳା ମାନଙ୍କ ପ୍ରତି ହେଉଥିବା ଯୌନ ଶୋଷଣ ଓ ଅତ୍ୟାଚାରକୁ ପ୍ରତିରୋଧ କରିବା ଏବଂ ବନ୍ଦ କରିବା । ସମାନ କାମ ପାଇଁ ମଜୁରି ପ୍ରଦାନ କ୍ଷେତ୍ରରେ ଥିବା ଅସମାନତାକୁ କମ୍ କରି ବା ହଟାଇ ମହିଳାଙ୍କୁ ତାଙ୍କ ଶ୍ରମର ଉଚିତ ମୂଲ୍ୟ ପ୍ରଦାନ କରିବା ନାରୀବାଦର ଅନ୍ୟ ଏକ ପ୍ରମୁଖ ଲକ୍ଷ୍ୟ।

ମହିଳା ଓ ପୁରୁଷଙ୍କ ଭିତରେ ତୁଳନା ଛଡ଼ା ଆମେ ଯଦି ଦୁଇଜଣ ପୁରୁଷଙ୍କୁ ପରସ୍ପରଙ୍କ ସହିତ ତୁଳନା କରିବା, ସେମାନଙ୍କର କ୍ଷମତା ଓ କାର୍ଯ୍ୟ ଦକ୍ଷତା ନିଶ୍ଚୟ ଭିନ୍ନ ହେବ କିନ୍ତୁ ସମାଜ ଉଭୟଙ୍କୁ ସମାନ ମର୍ଯ୍ୟାଦା ଦେଇଥାଏ (କେବଳ ପୁରୁଷ ଗୋଟିଏ ଜାତି ବୋଲି)। ପୁରୁଷ ପରି ନାରୀ ବି ଜଣେ ମଣିଷ (କେବଳ ଶାରୀରିକ ଗଠନ ପୁରୁଷଠୁ ଭିନ୍ନ)। ତେଣୁ ସମାନ ଦୃଷ୍ଟିଭଙ୍ଗୀରେ ତାକୁ ଦେଖିବା ପାଇଁ ଆହ୍ୱାନ କରେ ନାରୀବାଦ ଭଳି ଏକ ଆଦର୍ଶ ଓ ଶକ୍ତିଶାଳୀ ଚିନ୍ତାଧାରା। ପୁରୁଷ ପ୍ରଧାନ ବିଭାଗରେ ମୁଁ କାମ କରେ, ଯେଉଁ ବିଭାଗରେ କ୍ୱଚିତ ମହିଳା କର୍ମଚାରୀ ଦାୟିତ୍ୱ ନେବାକୁ ସହଜତାର ସହିତ ଗ୍ରହଣ କରନ୍ତି। ତଥାପି କେବଳ ମହିଳା ବୋଲି ମୋର ସାମର୍ଥ୍ୟକୁ ନେଇ ପ୍ରଶ୍ନ କରିଛନ୍ତି କିଛି ପୁରୁଷ ; ଯାହାର ମୁଁ କଡ଼ା ଜବାବ ରଖି ଆସିଛି ଆବଶ୍ୟକତା ଅନୁସାରେ ଓ ପରିସ୍ଥିତିକୁ ଦେଖି। ପୁରୁଷ ପରି ସବୁ ବର୍ଗର ମହିଳାଙ୍କୁ ସାଧୀନତା ମିଳୁ, ନିଜ ଇଚ୍ଛା ମୁତାବକ ବୃତ୍ତି ବା ରୁଚିକୁ ଚୟନ କରିବାକୁ । ଇଏ ବି ନାରୀବାଦର ଏକ ଡାକ।

ଆମେ ସମସ୍ତେ ଅନୁଭବିଛେ,ବର୍ତ୍ତମାନର ବଜାରଦର ସହିତ ତାଳଦେଇ ଏକ ସ୍ୱଚ୍ଛନ୍ଦ ଜୀବନ ଜିଇବାକୁ ହେଲେ ସ୍ୱାମୀ ସ୍ତ୍ରୀ ଉଭୟଙ୍କୁ ରୋଜଗାରକ୍ଷମ ହେବାକୁ ହେବ। କାର୍ଯ୍ୟସ୍ଥଳୀରେ ଉଭୟଙ୍କୁ ସମାନ ସମୟ, ଶାରୀରିକ ଶ୍ରମ, ମାନସିକ କ୍ଷମତା ଓ ଚାପ ନେବାକୁ ପଡ଼ିଥାଏ। ତେଣୁ ଉଭୟଙ୍କୁ ଘର କାମ ଓ ବାହାର କାମ ଭାଗବଣ୍ଟା କରି କରିବା ଉଚିତ, ତା' ନ ହେଲେ ପରିବାରରେ ଦ୍ୱନ୍ଦ୍ୱ ହେବା ଖୁବ୍ ସ୍ୱାଭାବିକ। ମୋ ଅଭିଜ୍ଞତାରୁ କହୁଛି ମହିଳା ଜଣେ କର୍ମଜୀବୀ ହୋଇଥିଲେ ହେଁ ନିଜର ଦରମା ଗଣ୍ଡାକ ଉପରେ ତା'ର ଅଧିକାର ନ ଥାଏ, ସେ କିପରି ଖର୍ଚ୍ଚ କରିବ ବୋଲି। ଏମିତି କି ନିଜ ପାଇଁ ଖର୍ଚ୍ଚ କଲେ ତା'ର ହିସାବ ଦେବାକୁ ପଡ଼େ। ସ୍ୱାମୀଙ୍କ ଟଙ୍କା ତ ନ କହିବା ଭଲ। ମହିଳା ଜଣେ ଚାକିରି କରିବାର ଅନୁମତି ପାଇଲେ ମଧ୍ୟ ଫେରିବା ଟିକିଏ ଡେରି ହେଲେ ଅନେକ ପ୍ରଶ୍ନବାଚୀ। ନାରୀବାଦର ଏକ ସରଳ ଅର୍ଥ ହେଲା ପୁରୁଷ ଯେଉଁ ଲିଖିତ ଅଲିଖିତ ଅଧିକାର ଗୁଡ଼ିକ ପରିବାରରୁ, ସମାଜରୁ ପାଇ ଆସିଛି ନାରୀଟିଏକୁ ସେଇସବୁ ଅଧିକାର ସମାନ ଭାବରେ ମିଳୁ, ସେ ମଧ୍ୟ ଜଣେ ମଣିଷ, ଯେମିତି ପୁରୁଷ।

ଦେଶ କହିଲେ କେବଳ ସହରାଞ୍ଚଳ ନୁହେଁ। ସତୁରି ପ୍ରତିଶତ ଗ୍ରାମାଞ୍ଚଳ ଅଛି, ଯେଉଁଠି ଆଜି ମଧ୍ୟ ପୁରୁଷ ତୁଳନାରେ ନାରୀ ଶିକ୍ଷା, ସ୍ୱାସ୍ଥ୍ୟକୁ ସେତେଟା ଗୁରୁତ୍ୱ ଦିଆଯାଏ ନାହିଁ। ସେଥିପାଇଁ ସରକାର ବିଭିନ୍ନ ଯୋଜନା ମାଧ୍ୟମରେ ସେଇ ଦିଗ ପ୍ରତି ଗୁରୁତ୍ୱ ଦେବାକୁ ଚେଷ୍ଟା କରୁଛନ୍ତି।

ନାରୀବାଦର ଅର୍ଥ ନୁହେଁ ପୁରୁଷକୁ ହୀନ ଦୃଷ୍ଟିରେ ଦେଖିବା, ତାକୁ ସମାଲୋଚନା କରିବା ବା ତା' ଉପରେ ଆଧିପତ୍ୟ ଦେଖାଇବା। ପୁରୁଷର ଗୁରୁତ୍ୱ ତା' ଜାଗାରେ ବଳବତ୍ତର ଥାଉ। କେବଳ ନାରୀକୁ ଉପଯୁକ୍ତ ସମ୍ମାନ ମିଳୁ, ଯେଉଁଥିରେ ସେ ପ୍ରକୃତ ହକ୍‌ଦାର। ଯେଉଁଠି କିଛି ବ୍ୟବଧାନ ଅଛି ତାକୁ ମିଳିମିଶି ପୂରଣ କରିବା ଆସନ୍ତୁ। ଏକ ଶକ୍ତିଶାଳୀ ଓ ଉନ୍ନତ ସମାଜ ଗଠନରେ ଭାଗୀଦାର ହୁଅନ୍ତୁ। ଶକ୍ତିଶାଳୀ ସମାଜ ଗଠନରେ ମହିଳାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ, ତାକୁ ଆମେ କେହି ଅସ୍ୱୀକାର କରିପାରିବା ନାହିଁ। କିନ୍ତୁ ସେମାନେ ଦୁର୍ବଳ, ଶୋଷିତ, ନିର୍ଯାତିତ, ଅବହେଳିତ ହୋଇ ରହିଲେ କିପରି ନିଜ ଦାୟିତ୍ୱ ଠିକ୍ ଭାବେ ବହନ କରିପାରିବେ ? ଯିଏ ନିଜ ଅସ୍ତିତ୍ୱକୁ ନେଇ ସନ୍ଦିହାନ ଥିବ, ତା' ପାଇଁ ଶତ୍ରୁ କିଏ ମିତ୍ର କିଏ ? ଆପଣାର କିଏ, ପର କିଏ ? ସମାଜର ପଚାଶ ପ୍ରତିଶତ ଲୋକ ଯଦି ବିଭିନ୍ନ କାରଣରୁ ଆଗକୁ ବଢ଼ି ନ ପାରିବେ ତେବେ ବିଶ୍ୱର ଅନ୍ୟ ଭାଗ ତୁଳନାରେ ଆମ ଦେଶ ଗୋଟିଏ ପାଦରେ ଆଗକୁ ଜୋରରେ ବଢ଼ିପାରିବ ତ ?

ମୋ:୭୮୯୪୧୦୪୪୯୪

# ପ୍ଲାଷ୍ଟିକ ପ୍ରଦୂଷଣ ବଳୟରେ ବିଶ୍ୱ



ନିକୁଞ୍ଜ ବିହାରୀ ସାହୁ

ଆମର ଚଳିତ ସଭ୍ୟତାର ପ୍ରଗତି ଓ ବିକାଶ ପଛରେ ଯେ ପ୍ଲାଷ୍ଟିକର ପ୍ରମୁଖ ଭୂମିକା ରହିଛି ଏଥିରେ ଦ୍ୱିମତ ନାହିଁ।ପ୍ଲାଷ୍ଟିକର ଅନେକ ଉପକାରୀ ଧର୍ମ ସତ୍ତ୍ୱେ ଏହାର ଏକ ବଡ଼ ପ୍ରତିକୂଳ ପ୍ରଭାବ ହେଉଛି ଏହା ଜୈବ ବିଘଟନଶୀଳ ନୁହେଁ; ଅର୍ଥାତ ପରିବେଶରେ ଏହାର ଜୀବନକାଳ ଅତିଶୟ ଦୀର୍ଘ ହୋଇଥିବାରୁ ଏହା ବିଘଟିତ ହୋଇ ମାଟିରେ ମିଶିପାରେ ନାହିଁ।ସୁତରାଂ ପ୍ଲାଷ୍ଟିକ ଆବର୍ଜନାକୁ ସୁଚାରୁ ପରିଚାଳନା କରି ନିରାପଦ ଉପାୟରେ ପ୍ରକୃତିରେ ବିସର୍ଜନ କରିବା ବୈଜ୍ଞାନିକମାନଙ୍କ ପାଇଁ ଆହ୍ୱାନ ପାଲଟି ଯାଇଛି।ବିଶ୍ୱର ପ୍ରଥମ ସମ୍ପୂର୍ଣ୍ଣ ସଂଶ୍ଳେଷିତ ପ୍ଲାଷ୍ଟିକ ୧୯୦୭ ମସିହାରେ ବେଲଜିୟମର ଲିଓ ବେକେଲାଣ୍ଡ ନାମକ ବୈଜ୍ଞାନିକ ପ୍ରସ୍ତୁତ କରି ପ୍ୟାଟେଣ୍ଟ ହାସଲ କରିଥିଲେ।

ବିଗତ ୧୯୫୦ ଦଶକରୁ ୨୦୧୮ ମସିହା ମଧ୍ୟରେ ବିଶ୍ୱରେ ସମୁଦାୟ ୬୩୦ କୋଟି ଟନ୍ ପ୍ଲାଷ୍ଟିକ ପ୍ରସ୍ତୁତ ହୋଇସାରିଛି। ୨୦୧୯ ମସିହା ସୁଦ୍ଧା ବିଶ୍ୱରେ ପ୍ରତି ବର୍ଷ ୩୬.୫ କୋଟି ଟନ୍ ପ୍ଲାଷ୍ଟିକ ଉତ୍ପାଦିତ ହେଉଛି।ଏଥିମଧ୍ୟରୁ ସର୍ବାଧିକ ୫୧% ଭାଗ ଉତ୍ପାଦିତ ହେଉଛି ଏସିଆ ମହାଦେଶରେ।ଚାଇନା ହେଉଛି ବିଶ୍ୱର ସର୍ବାଧିକ ପ୍ଲାଷ୍ଟିକ ଉତ୍ପାଦନକାରୀ ରାଷ୍ଟ୍ର।ବିଶ୍ୱର ବିକଶିତ ରାଷ୍ଟ୍ରଗୁଡ଼ିକରେ ସମୁଦାୟ ଉତ୍ପାଦନର ପ୍ରାୟ ୫୦% ଭାଗ ପ୍ଲାଷ୍ଟିକ ପ୍ୟାକେଜିଙ୍ଗ କ୍ଷେତ୍ରରେ ବ୍ୟବହୃତ ହୁଏ।ଦିନକୁଦିନ ପ୍ଲାଷ୍ଟିକର ଉତ୍ପାଦନ ବୃଦ୍ଧି ପାଉଥିବାରୁ ଏହି ଧାରା ଅବ୍ୟାହତ ରହିଲେ ଆଗାମୀ ୨୦୫୦ ସୁଦ୍ଧା ବିଶ୍ୱରେ ସମୁଦାୟ ପ୍ଲାଷ୍ଟିକ ଉତ୍ପାଦନର ପରିମାଣ ପ୍ରତି ବର୍ଷ ୧୧୦ କୋଟି ଟନ୍ ଅଙ୍କକୁ ଅତିକ୍ରମ କରିଯିବ ବୋଲି ଆଶଙ୍କା ପ୍ରକାଶ କରାଯାଏ।

ବିଶ୍ୱରେ ସମୁଦାୟ ପ୍ଲାଷ୍ଟିକ ଉତ୍ପାଦନର ମାତ୍ର ୯% ଭାଗ ପୁନଃଚକ୍ରୀକରଣ ହେଉଥିଲାବେଳେ କେବଳ ୧୨% ଭାଗକୁ ଭସ୍ମୀକରଣ ପ୍ରକ୍ରିୟାରେ ପୋଡି ନଷ୍ଟ କରିଦିଆଯାଏ।ଏ କ୍ଷେତ୍ରରେ ଆଉ ଏକ ସମସ୍ୟା ହେଲା, ଏବକାର ବ୍ୟସ୍ତବହୁଳ ଜୀବନଶୈଳୀରେ ମାତ୍ର ଥରୁଟିଏ ପାଇଁ ବ୍ୟବହାରଶୀଳ ପ୍ଲାଷ୍ଟିକର ବହୁଳ ପ୍ରସାର।

ପୃଥିବୀର ସ୍ଥଳଭାଗରେ ପ୍ଲାଷ୍ଟିକ ପ୍ରଦୂଷଣର ପଦଚିହ୍ନ ସୁସ୍ପଷ୍ଟ।ପ୍ଲାଷ୍ଟିକ ଆବର୍ଜନାକୁ ଖାଦ୍ୟ ବୋଲି ମନେକରି କିଛି ଜୀବଜନ୍ତୁ ଭକ୍ଷଣ କରିଥାନ୍ତି।ଏହା ସେମାନଙ୍କ ଅନ୍ତନଳୀରେ ପ୍ରବେଶ କରି ଖାଦ୍ୟପଥକୁ ବନ୍ଦ କରିଦିଏ। ଏହା ମଧ୍ୟ ସମୟକ୍ରମେ ଛୋଟ ଛୋଟ ଖଣ୍ଡରେ ପରିଣତ ହୋଇ ରକ୍ତ ସଞ୍ଚାଳନ ପ୍ରକ୍ରିୟା ଜରିଆରେ ପ୍ରାଣୀର ଜୀବକୋଷରେ ପ୍ରବେଶ କରେ। ଏହାଦ୍ୱାରା କର୍କଟ ରୋଗ ସୃଷ୍ଟି ହେବା ସାଙ୍ଗକୁ ହର୍ମୋନ କ୍ଷରଣରେ ଅନିୟମିତତା ଉତ୍ପନ୍ନ ହୁଏ, ଯାହା ସମୟକ୍ରମେ ପ୍ରାଣୀର ପ୍ରଜନନ କ୍ଷମତା, ଅଭିବୃଦ୍ଧି ହାର ଓ ମାନସିକ ଅବଧାରଣା ପ୍ରକ୍ରିୟାକୁ ଗୁରୁତର ପ୍ରଭାବିତ କରେ।ପ୍ଲାଷ୍ଟିକ ପ୍ରଦୂଷଣ ଯୋଗୁ ସ୍ଥଳଭାଗରେ ବର୍ଷକୁ ପ୍ରାୟ ୧ ଲକ୍ଷ ଜୀବଙ୍କର ମୃତ୍ୟୁ ଘଟୁଛି ବୋଲି ଜଣାଯାଏ। ପ୍ଲାଷ୍ଟିକଜାତ ପଦାର୍ଥ ମଧ୍ୟ ମାଟିରେ ପୋତି ହୋଇ ପଡ଼ିବା ଯୋଗୁ ମୃତ୍ତିକାର ଗୁଣବତ୍ତା କମିଯିବା ସାଙ୍ଗକୁ ମାଟିର ଜଳଧାରଣ କ୍ଷମତାର ହ୍ରାସ ଘଟି ଭୂତଳ ଜଳ ଉତ୍ସର ଅବକ୍ଷୟ ଘଟୁଛି ।

ପୃଥିବୀର ସମୁଦ୍ର ଓ ମହାସମୁଦ୍ର ପ୍ଲାଷ୍ଟିକ ପ୍ରଦୂଷଣର ଅନ୍ୟ ଏକ ଜ୍ୱଳନ୍ତ ଉଦାହରଣ। ଏକ ହିସାବରୁ ଜଣାଯାଏ ଯେ, ପ୍ରତି ବର୍ଷ ପ୍ରାୟ ୮୮ ଲକ୍ଷ ଟନ୍ ପ୍ଲାଷ୍ଟିକ ସାମଗ୍ରୀ ସମୁଦ୍ରରେ ଆବର୍ଜନା ରୂପେ



ମିଶିଥାଏ ।ଅର୍ଥାତ ସମୁଦ୍ରରେ ପ୍ରତି ମିନିଟରେ ପ୍ରାୟ ୧ ଟନ୍ ପ୍ଲାଷ୍ଟିକ ଆବର୍ଜନା ମିଶୁଛି, ଯାହା ଏକ ଟ୍ରକ ଭର୍ତ୍ତି ଆବର୍ଜନା ସଙ୍ଗେ ସମାନ।୨୦୧୩ ମସିହା ସୁଦ୍ଧା ପୃଥିବୀର ସମୁଦ୍ରରେ ପ୍ରାୟ ୮୬୦ ଲକ୍ଷ ଟନ୍ ପ୍ଲାଷ୍ଟିକ ଆବର୍ଜନା ମିଶିଛି।ଏହି ପ୍ଲାଷ୍ଟିକ ଆବର୍ଜନା ସମୟକ୍ରମେ ଭାଙ୍ଗି କ୍ଷୁଦ୍ର କଣିକାରେ ପରିଣତ ହୁଏ, ଯାହାକୁ 'ମାଇକ୍ରୋପ୍ଲାଷ୍ଟିକ' କହନ୍ତି।ଏହା ଘଟଣାକ୍ରମେ ସାମୁଦ୍ରିକ ଖାଦ୍ୟ ଶୃଙ୍ଖଳରେ ପ୍ରବେଶ କରି ବିଭିନ୍ନ ଜଳଚର ଜୀବ ଯଥା ମାଛ, କଇଁଛ, ଡଲ୍‌ଫିନ, ତିମି, ସାମୁଦ୍ରିକ ପକ୍ଷୀଙ୍କ ଶରୀରକୁ ସଞ୍ଚାରିତ ହୁଏ।ଏହା ସେମାନଙ୍କ ପାକସ୍ଥଳୀରେ ଭରିଯିବା ହେତୁ ଖାଦ୍ୟ ଗ୍ରହଣ କ୍ଷମତା ଗୁରୁତର ହ୍ରାସ ପାଇ ପରିଶେଷରେ ସେମାନଙ୍କ ମୃତ୍ୟୁ ଘଟେ।ଏକ ହିସାବରୁ ଜଣାଯାଏ ଯେ, ସମୁଦ୍ରରେ ପ୍ଲାଷ୍ଟିକ ପ୍ରଦୂଷଣ ଯୋଗୁ ପ୍ରତି ବର୍ଷ ପ୍ରାୟ ୧ ଲକ୍ଷ ସାମୁଦ୍ରିକ ପକ୍ଷୀଙ୍କ ମୃତ୍ୟୁ ଘଟୁଛି।

ଜଳ ଓ ସ୍ଥଳ ପ୍ରଦୂଷଣ ବ୍ୟତୀତ ପ୍ଲାଷ୍ଟିକ ପ୍ରଦୂଷଣ ଯୋଗୁ ଜଳବାୟୁ ପରିବର୍ତ୍ତନର ଧାରା ତ୍ୱରାନ୍ୱିତ ହେଉଛି। ଅଶୋଧିତ ପେଟ୍ରୋଲିୟମ୍‌ରୁ ପ୍ଲାଷ୍ଟିକ ଉତ୍ପାଦନ କରିବାକୁ ହେଲେ ଯେଉଁ ରାସାୟନିକ ପଦ୍ଧତି ଅବଲମ୍ବନ କରାଯାଏ ସେଥିରୁ ଅନେକ ବିଷାକ୍ତ ଓ ସବୁଜଗୃହ ଗ୍ୟାସ ଉତ୍ପନ୍ନ ହୋଇ ପରିବେଶକୁ ନିର୍ଗମନ ହୁଏ।ପୁଣି ପ୍ଲାଷ୍ଟିକ ପଦାର୍ଥକୁ ଭସ୍ମୀକରଣ ପ୍ରକ୍ରିୟାରେ ପୋଡି ନଷ୍ଟ କରାଯିବା ଦ୍ୱାରା ଅନେକ ସବୁଜଗୃହ ଗ୍ୟାସ ବାୟୁମଣ୍ଡଳକୁ ନିର୍ଗତ ହୋଇଥାଏ।୨୦୧୯ରେ ପ୍ରକାଶିତ ଏକ ରିପୋର୍ଟରୁ ଜଣାଯାଏ ଯେ, ପ୍ଲାଷ୍ଟିକ ଉତ୍ପାଦନ ଓ ଭସ୍ମୀକରଣ ପ୍ରକ୍ରିୟା ଯୋଗୁ ବାୟୁମଣ୍ଡଳକୁ ସମୁଦାୟ ୮୫୦ ମିଲିୟନ ଟନ୍ ସବୁଜଗୃହ ଗ୍ୟାସ ଉତ୍ସର୍ଜିତ ହୋଇଛି।ଆଗାମୀ ୨୦୫୦ ବେଳକୁ ଏହା ଆଶାତୀତ ବୃଦ୍ଧି ପାଇ କେବଳ ପ୍ଲାଷ୍ଟିକ ଯୋଗୁ ଉତ୍ସର୍ଜିତ ସବୁଜଗୃହ ଗ୍ୟାସର ପରିମାଣ ସମୁଦାୟ ବିଶ୍ୱ ଉତ୍ସର୍ଜନର ୧୪% ମାତ୍ରାରେ ପହଞ୍ଚିବ ବୋଲି ଆଶଙ୍କା ପ୍ରକାଶ କରାଯାଏ। ଏହି ବିପୁଳ ସବୁଜଗୃହ ଗ୍ୟାସ ଯେ ଭବିଷ୍ୟତରେ ବିଶ୍ୱତାପନ ପ୍ରକ୍ରିୟାରେ ସହାୟକ ହୋଇ ବିଶ୍ୱ ଜଳବାୟୁ ପରିବର୍ତ୍ତନର ଧାରାକୁ ଘୋର ତ୍ୱରାନ୍ୱିତ କରିବ ଏଥିରେ ସନ୍ଦେହ ନାହିଁ।

ତେବେ ଆମେ ଏବେଠୁ ପ୍ଲାଷ୍ଟିକ ପ୍ରଦୂଷଣର ପ୍ରତିକାର ଚିନ୍ତା କରିବା ଉଚିତ। ଆଗାମୀ ଦିନରେ ବ୍ୟବହାର ହ୍ରାସ, ପୁନଃଚକ୍ରୀକରଣ ଓ ପୁନଃବ୍ୟବହାର ଆମର ମୂଳ ମନ୍ତ୍ର ହେବା ଉଚିତ। ଏହାଦ୍ୱାରା ବିଶ୍ୱକୁ ପ୍ଲାଷ୍ଟିକର ବିଷାକ୍ତ ବଳୟରୁ ରକ୍ଷାକରି ଏକ ପ୍ଲାଷ୍ଟିକ ମୁକ୍ତ ସମାଜ ଗଠନ କରିହେବ। ଏହି ସ୍ୱପ୍ନକୁ ସାକାର କରିବା ପାଇଁ ଆମକୁ ଦୈନନ୍ଦିନ ଜୀବନରେ ପ୍ଲାଷ୍ଟିକର ବ୍ୟବହାର ହ୍ରାସ କରିବାକୁ ପଡିବ।ପ୍ଲାଷ୍ଟିକ ଓ ପଲିଥିନ ବ୍ୟାଗ ପରିବର୍ତ୍ତେ କନା ବ୍ୟାଗ ବ୍ୟବହାର କରିବାକୁ ହେବ। ବୈଜ୍ଞାନିକଙ୍କୁ ଅଣବିଘଟନଶୀଳ ପ୍ଲାଷ୍ଟିକ ପରିବର୍ତ୍ତେ ଜୈବବିଘଟନଶୀଳ ତଥା ମାଟିରେ ସହଜରେ ମିଶି ପାରୁଥିବା ନୂତନ ପ୍ଲାଷ୍ଟିକ ବିକଶିତ କରିବାକୁ ହେବ।ଅଦରକାରୀ ପ୍ଲାଷ୍ଟିକ ସାମଗ୍ରୀକୁ ଫିଙ୍ଗି ନ ଦେଇ ସେଥିରୁ ପୁନଃଚକ୍ରୀକରଣ ପଦ୍ଧତିରେ ନୂତନ ପ୍ଲାଷ୍ଟିକ ସାମଗ୍ରୀ ପ୍ରସ୍ତୁତ କରିବାକୁ ପଡ଼ିବ।ଆହୁରି ମଧ୍ୟ ଥରୁଟିଏ ପାଇଁ ବ୍ୟବହାରଶୀଳ ପ୍ଲାଷ୍ଟିକ ପଦାର୍ଥକୁ ସମ୍ପୂର୍ଣ୍ଣ ନିଷିଦ୍ଧ କରିବାକୁ ହେବ।

ଏଜୁକେଶନ ଅଫିସର, ଆଞ୍ଚଳିକ ବିଜ୍ଞାନ କେନ୍ଦ୍ର, ଭୋପାଳ, ମୋ: ୮୦୧୮୭୦୮୮୫୮

## ଏଇ ଭାରତରେ

କେରଳର ଥାଟେକ୍କଡ ପକ୍ଷୀ ଅଭୟାରଣ୍ୟ ନିକଟରେ ବହିଯାଉଛି ପେରିୟାର ନଦୀ। ୨୦୦୯ରେ ଏହି ନଦୀରେ ଏକ ଡଙ୍ଗାବୁଡ଼ିଯିବା ଯୋଗୁ ୧୫ ଜଣ ପିଲାଙ୍କ ମୃତ୍ୟୁ ଘଟିଥିଲା ଏବଂ ଘଟଣା ଜଣେ ସ୍ଥାନୀୟ ଫର୍ନିଚର ଦୋକାନୀ ସାଜି ଭାଲାସେରୀଙ୍କୁ ପ୍ରଭାବିତ କରିଥିଲା ଏବଂ ସେ ଛୋଟ ପିଲାଙ୍କୁ ମାଗଣାରେ ପହଁରା ଶିଖାଇବା ଆରମ୍ଭ କରିଦେଇଥିଲେ। ସେ ପ୍ରଥମେ ପେରିୟାର ନଦୀରେ ତାଙ୍କର ଏବଂ ତାଙ୍କ ସାଙ୍ଗଙ୍କ ପିଲାଙ୍କୁ ପହଁରା ଶିଖାଇବା ଆରମ୍ଭ କରିଥିଲେ । ପରେ ଆଖପାଖରେ ଥିବା ପିଲାଙ୍କୁ ଏଥିରେ ସାମିଲ କରିଥିଲେ। ଏହି ଖବର ପ୍ରଚାରିତ ହେବା ପରେ ନଦୀ ନିକଟରେ ପହଁରା ଶିଖିବା ଲାଗି ପିଲା ଓ ବୟସ୍କମାନେ ଭିଡ଼ ଜମାଇଥିଲେ। ତାଙ୍କର ଛୋଟ ପଦକ୍ଷେପଟି ଏବେ ବଡ଼ ଆକାର ଧାରଣ କରିଛି। ସାଜି 'ଭାଲେସେରିଲି ରିଭର୍ ସୁଇମିଂ କ୍ଲବ୍'ଗଠନ କରି ଏବେ ସୁଦ୍ଧା ୧୦,୦୦୦ ଲୋକଙ୍କୁ ପହଁରା ଶିଖାଇସାରିଲେଣି ; ଯେଉଁମାନଙ୍କ ମଧ୍ୟରେ ଅଛନ୍ତି ୨୦୦୦ ପିଲା। ୧୦ ଜଣ ଦିବ୍ୟାଙ୍ଗ ପିଲା ମଧ୍ୟ ପହଁରା ଶିଖି ନଦୀପାର ହେବାକୁ ସକ୍ଷମ ହୋଇପାରିଛନ୍ତି। ମାତ୍ର ୧୬ ଦିନ ମଧ୍ୟରେ ଜଣେ ବ୍ୟକ୍ତି ପହଁରା ଶିଖି ପାଣି ପ୍ରତି ଭୟ ଦୂର କରିବାରେ ସକ୍ଷମ ହେଉଛନ୍ତି ବୋଲି କହନ୍ତି ୬୦ ବର୍ଷୀୟ ସାଜି। ପ୍ରତିଦିନ ସକାଳ ହେଲେ ପେରିୟାର ନଦୀକୂଳରେ ଲୋକଙ୍କ ଭିଡ଼ ଜମୁଛି ଏବଂ ଏହାକୁ ଦେଖି ସାଜିଙ୍କୁ ସହଯୋଗ କରିବାକୁ ଅନେକ ସ୍ୱେଚ୍ଛାସେବୀମାନେ କ୍ଲବରେ ଯୋଗଦେଇଛନ୍ତି। ପ୍ରତିବର୍ଷ କ୍ଲବ ମାଧ୍ୟମରେ ସାଜି ୧ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କୁ ପହଁରା ଶିଖାଉଛନ୍ତି। ବିଶେଷକରି ନଭେମ୍ବରରୁ ମେ ମଧ୍ୟରେ ଏହି ପ୍ରଶିକ୍ଷଣ ଚାଲୁଛି। ଏହାସହ ସେ ମଧ୍ୟ ଏହା ଉପରେ କେରଳର ବିଭିନ୍ନ ସ୍ଥାନରେ ସଚେତନତା କାର୍ଯ୍ୟକ୍ରମର ଆୟୋଜନ କରୁଛନ୍ତି।

## ଚିରନ୍ତନୀ

ତଥାପି ନମଇଁ ତୋରେ
ହେ ନିର୍ଜୀବ କର୍କଶ ପାଷାଣ
ଘନୀଭୂତ ଏଥି ଯେଣୁ
କେତେ ପୁଣ୍ୟ ଶିଳ୍ପୀର ପରାଣ।
-(ପୁରୀ-ମନ୍ଦିର)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ସୁ-ଡୋ-କୁ

su|do|ku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | | 8 | | 5 | 3 |
| | | | 7 | | | | | |
| | | | | 3 | 2 | 8 | | 4 |
| | 7 | | | | 9 | | 8 | 2 |
| 3 | | | | 7 | | | 1 | |
| | | 6 | | | 4 | 7 | 9 | |
| 8 | | | | | | | | |
| | 3 | | | 4 | | | | |
| | | | 1 | | | 6 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 4 | 5 | 9 | 2 | 1 | 6 | 8 | 7 | 3 |
| 6 | 3 | 2 | 8 | 4 | 7 | 9 | 5 | 1 |
| 8 | 7 | 1 | 5 | 3 | 9 | 6 | 2 | 4 |
| 3 | 9 | 5 | 4 | 8 | 1 | 7 | 6 | 2 |
| 1 | 8 | 6 | 7 | 2 | 3 | 5 | 4 | 9 |
| 7 | 2 | 4 | 6 | 9 | 5 | 1 | 3 | 8 |
| 5 | 4 | 3 | 9 | 7 | 8 | 2 | 1 | 6 |
| 2 | 6 | 8 | 1 | 5 | 4 | 3 | 9 | 7 |
| 9 | 1 | 7 | 3 | 6 | 2 | 4 | 8 | 5 |

ଗତକାଲିର ଉତ୍ତର

# ପାଠକ ଶ୍ରେଷ୍ଠ ବିଚାରକ

## ଡିଜିଟାଲ ଇଣ୍ଡିଆର ସ୍ୱପ୍ନ ଅଧୁରା

ମହାଶୟ,

ଓଡ଼ିଶାର ମାଲକାନଗିରି ଜିଲାର କାଲିମେଳା ବ୍ଲକ ଅନ୍ତର୍ଗତ ଏମ୍‌ଭି-୭୯ ଅଞ୍ଚଳରେ ବିଦ୍ୟୁତ ନ ରହିଲେ ଜିଓ ମୋବାଇଲ ନେଟ୍‌ୱର୍କ ଅଚଳ ହୋଇପଡୁଛି। ଶିକ୍ଷା ଓ ଅନ୍‌ଲାଇନ ସେବା ଉପରେ ପ୍ରଭାବ ପକାଉଛି। ଆଜିର ଡିଜିଟାଲ ଯୁଗରେ, ଯେଉଁଠାରେ ଇଣ୍ଟରନେଟ ଅପରିହାର୍ଯ୍ୟ ହୋଇଛି, ସେଠାରେ ଏହି ଆଦିବାସୀ ଅଧ୍ୟୁଷିତ ଜିଲାରେ ଡିଜିଟାଲ ଇଣ୍ଡିଆ ସ୍ୱପ୍ନ ଅଧୁରା ରହିଯାଇଛି। ବର୍ତ୍ତମାନ ଅନ୍‌ଲାଇନ ଆଡ୍‌ମିଶନ ପ୍ରକ୍ରିୟା ଚାଲୁଥିବା ବେଳେ, ନେଟ୍‌ୱର୍କ ଅଭାବ ଯୋଗୁଁ ଛାତ୍ରୀଛାତ୍ରମାନେ ଅନ୍‌ଲାଇନ ଫର୍ମ ପୂରଣ କରିବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହା ଛାତ୍ରୀଛାତ୍ରଙ୍କ ମନୋବଳ ହ୍ରାସ କରୁଛି ଏବଂ ସମୟ ନଷ୍ଟ କରୁଛି। ଅନେକ ଛାତ୍ରୀଛାତ୍ର ଅନ୍‌ଲାଇନ ପ୍ଲାଟଫର୍ମ ଜରିଆରେ ଶିକ୍ଷା ଗ୍ରହଣ କରୁଥିବା ବେଳେ, ବିଦ୍ୟୁତ କଟିବା ସେମାନଙ୍କ ଶିକ୍ଷାକୁ ବ୍ୟାହତ କରୁଛି। ଏହା ବ୍ୟତୀତ ସ୍ଥାନୀୟ ବାସିନ୍ଦା ଅନ୍‌ଲାଇନ ବ୍ୟାଙ୍କିଙ୍ଗ, ଡିଜିଟାଲ ପେମେଣ୍ଟ, ସରକାରୀ ସେବା ପୋର୍ଟାଲ ଓ ଅନ୍ୟାନ୍ୟ ଅନ୍‌ଲାଇନ ସୁବିଧା ବ୍ୟବହାର କରିବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅଞ୍ଚଳବାସୀ ଏହି ସମସ୍ୟାର ତୁରନ୍ତ ସମାଧାନ ଦାବି କରୁଛନ୍ତି। ସେମାନେ ମୋବାଇଲ ଟାୱାର ସଂଖ୍ୟା ବୃଦ୍ଧି, ନିରବଚ୍ଛିନ୍ନ ବିଦ୍ୟୁତ ଯୋଗାଣ ଓ ଅନ୍‌ଲାଇନ ସେବା ପାଇଁ ସ୍ଥାନୀୟ ସହାୟତା କେନ୍ଦ୍ର ସ୍ଥାପନ କରିବାକୁ ଅନୁରୋଧ କରୁଛନ୍ତି। ଏହା ସହିତ, ସୌର ଶକ୍ତି ଆଧାରିତ ମୋବାଇଲ ଟାୱାର ଓ ବ୍ୟାକଅପ ପାୱାର ସିଷ୍ଟମ ସ୍ଥାପନ କରାଯାଇ ବିଦ୍ୟୁତ ସମସ୍ୟାକୁ ଦୂର କରାଯାଉ। ସ୍ଥାନୀୟ ପ୍ରଶାସନ ଓ ଟେଲିକମ କମ୍ପାନୀଗୁଡ଼ିକ ମିଳିତ ଭାବେ ଏକ ଟାସ୍କ ଫୋର୍ସ ଗଠନ କରି ଏହି ସମସ୍ୟାର ସମାଧାନ ପାଇଁ କାର୍ଯ୍ୟ କରିବା ଉଚିତ।

-ସୁରଜ କୁମାର ବେହେରା, ଏମ୍‌ଭି ୭୯, ମାଲକାନଗିରି

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଛାତ୍ରଙ୍କୁ ପଛରେ ପକାଇଲେ ଛାତ୍ରୀ

## ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ

## ଯୁକ୍ତ ୩ ଫାଇନାଲ ସେମିଷ୍ଟର ପରୀକ୍ଷାଫଳ ପ୍ରକାଶିତ

ବାରିପଦା,୩୦।୫(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ବାରିପଦା ତକତପୁରସ୍ଥିତ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ଅନୁମୋଦନ କ୍ରମେ ଯୁକ୍ତ ୩ ଫାଇନାଲ ସେମିଷ୍ଟାର ପରୀକ୍ଷା ଫଳ ଶୁକ୍ରବାର ଅପରାହ୍ନରେ ପ୍ରକାଶିତ ହୋଇଛି । ଏଥିରେ ବିଗତ ବର୍ଷ ଭଳି ଛାତ୍ରଙ୍କୁ ପଛରେ ଛାତ୍ରୀମାନେ ଆଗୁଆ ରହିଛନ୍ତି। ଏହି ବିଶ୍ୱବିଦ୍ୟାଳୟ ଅଧୀନରେ ଥିବା ମୟୂରଭଞ୍ଜ ଓ କେନ୍ଦୁଝର ଜିଲାର ୮୫ଟି ମହାବିଦ୍ୟାଳୟରୁ ମୋଟ ୧୪୩୪୮ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବା ବେଳେ ୧୧୪୮୪ ଜଣ କୃତକାର୍ଯ୍ୟ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ କଳାରେ ଶତକଡ଼ା ୮୬.୭୬, ବିଜ୍ଞାନରେ ୭୦.୩୨ ଓ ବାଣିଜ୍ୟରେ ୬୦.୧୯ ପ୍ରତିଶତ ପରୀକ୍ଷାର୍ଥୀ ଉତ୍ତୀର୍ଣ୍ଣ ହୋଇଛନ୍ତି। ସାମଗ୍ରିକ ଭାବରେ ମୋଟ ୮୧.୨୯ ପ୍ରତିଶତ ଛାତ୍ରୀଛାତ୍ର କୃତକାର୍ଯ୍ୟ ହୋଇଛନ୍ତି। ଛାତ୍ରୀଛାତ୍ରମାନେ ତାଙ୍କର ପରୀକ୍ଷା ଫଳ ଡବ୍ଲ୍ୟୁଡବ୍ଲ୍ୟୁଡବ୍ଲ୍ୟୁ ଡଟ୍ ଏନଓୟୁ.ଏନଆଇସି ଡଟ୍ ଇନ୍‌ରୁ ଡାଉନଲୋଡ କରିପାରିବେ ବୋଲି ବିଶ୍ୱବିଦ୍ୟାଳୟ ପକ୍ଷରୁ ଆହୁତ ଏକ ଖବରଦାତା ସମ୍ମିଳନୀରେ କୁଳପତି ପ୍ରକାଶ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ କୁଳସଚିବ ସୁମିତା ସିଂ, ପରୀକ୍ଷା ନିୟନ୍ତ୍ରକ ସୁବ୍ରତ କୁମାର ରଣା, ଉପ ପରୀକ୍ଷା ନିୟନ୍ତ୍ରକ ରମାକାନ୍ତ ମହାନ୍ତ ଓ ବିତ୍ତନିୟନ୍ତ୍ରକ ଶୁକଦେବ ତରେଇ ପ୍ରମୁଖ ଉପସ୍ଥିତ ଥିଲେ ।

କଳାରେ ୧୦ହଜାର ୧୪୨ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିବା ବେଳେ ୮ହଜାର ୬୬୩ ଜଣ କୃତକାର୍ଯ୍ୟ ହୋଇଛନ୍ତି। ତନ୍ମଧ୍ୟରୁ ୫୫୫୪ଜଣ ପ୍ରଥମ ଶ୍ରେଣୀ ଡିଷ୍ଟିଙ୍ଗସନ ସହିତ ପାସ କରିଥିବା ବେଳେ ୮୩୧ଜଣ ପ୍ରଥମ ଶ୍ରେଣୀ, ୧୧୩୮ଜଣ ଦ୍ୱିତୀୟ ଶ୍ରେଣୀ ଡିଷ୍ଟିଙ୍ଗସନ, ୬୮୯ଜଣ ଦ୍ୱିତୀୟ ଶ୍ରେଣୀରେ କୃତକାର୍ଯ୍ୟ ହୋଇଛନ୍ତି। ସେହିପରି ଜେନେରାଲରେ ୮୧ ଓ ଜେନେରାଲ ଡିଷ୍ଟିଙ୍ଗସନରେ ୨୭୦ଜଣ କୃତକାର୍ଯ୍ୟ ହୋଇଛନ୍ତି। ୧୩୨୨ଜଣ ଫେଲ ହୋଇଥିବା ବେଳେ ୮୭ଜଣଙ୍କ ଫଳାଫଳ ସ୍ଥଗିତ ରହିଛି । ୭୦ଜଣ କପି କରି ଧରାପଡିଛନ୍ତି।

ବିଜ୍ଞାନରେ ୩୨୮୪ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିବା ବେଳେ ୨୨୭୫ଜଣ କୃତକାର୍ଯ୍ୟ ହୋଇଛନ୍ତି। ତନ୍ମଧ୍ୟରୁ ୧୩୮୬ଜଣ ପ୍ରଥମ ଶ୍ରେଣୀ ଡିଷ୍ଟିଙ୍ଗସନ ସହିତ ପାସ କରିଥିବା ବେଳେ ୬୮୮ଜଣ ପ୍ରଥମ ଶ୍ରେଣୀ, ୩୬ଜଣ ଦ୍ୱିତୀୟ ଶ୍ରେଣୀ ଡିଷ୍ଟିଙ୍ଗସନ ଓ ୯୧ଜଣ ଦ୍ୱିତୀୟ ଶ୍ରେଣୀରେ କୃତକାର୍ଯ୍ୟ ହୋଇଛନ୍ତି। ସେହିପରି ଜେନେରାଲରେ ୧୦ ଓ ଜେନେରାଲ ଡିଷ୍ଟିଙ୍ଗସନରେ ୬୪ଜଣ କୃତକାର୍ଯ୍ୟ ହୋଇଥିବା ବେଳେ ୯୬୦ଜଣ ଫେଲ ହୋଇଛନ୍ତି। ୩୧ଜଣଙ୍କ ଫଳାଫଳ ସ୍ଥଗିତ ରହିଛି । ୧୮ଜଣ କପି କରି ଧରାପଡିଛନ୍ତି।

ବାଣିଜ୍ୟରେ ୯୨୨ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିବା ବେଳେ ୫୪୬ଜଣ କୃତକାର୍ଯ୍ୟ ହୋଇଛନ୍ତି। ତନ୍ମଧ୍ୟରୁ ୧୫୩ଜଣ ପ୍ରଥମ ଶ୍ରେଣୀ ଡିଷ୍ଟିଙ୍ଗସନ ସହିତ ପାସ କରିଥିବା ବେଳେ ୫୮ଜଣ ପ୍ରଥମ ଶ୍ରେଣୀ, ୮୯ଜଣ ଦ୍ୱିତୀୟ ଶ୍ରେଣୀ ଡିଷ୍ଟିଙ୍ଗସନ, ୨୧୩ଜଣ ଦ୍ୱିତୀୟ ଶ୍ରେଣୀରେ କୃତକାର୍ଯ୍ୟ ହୋଇଛନ୍ତି। ସେହିପରି ଜେନେରାଲରେ ୬ ଓ ଜେନେରାଲ ଡିଷ୍ଟିଙ୍ଗସନରେ ୨୭ଜଣ କୃତକାର୍ଯ୍ୟ ହୋଇଥିବା ବେଳେ ୩୬୧ଜଣ ଫେଲ ହୋଇଛନ୍ତି। ୬ଜଣଙ୍କ ଫଳାଫଳ ସ୍ଥଗିତ ରହିଥିବାବେଳେ ୯ଜଣ କପି କରି ଧରାପଡ଼ିଛନ୍ତି।

ତିନୋଟି ବିଭାଗରେ ଟପ୍ପର ହୋଇଥିବା ଛାତ୍ରୀଛାତ୍ରଙ୍କ ମଧ୍ୟରେ କଳାରେ ରାଇରଙ୍ଗପୁର ମହାବିଦ୍ୟାଳୟ ନୃତତ୍ୱ ବିଜ୍ଞାନର ଛାତ୍ରୀ ଶୁଭଲକ୍ଷ୍ମୀ ଟୁଡୁ ୧୩୦୩ ନମ୍ବର ରଖି ରଖି ବିଶ୍ୱବିଦ୍ୟାଳୟର ଟପ୍ପର ହୋଇଛନ୍ତି। ସେହିପରି ବିଜ୍ଞାନ ବିଭାଗରେ ଝାରପୋଖରିଆ ସୀମାନ୍ତ ମହାବିଦ୍ୟାଳୟ ପଦାର୍ଥ ବିଜ୍ଞାନର ଛାତ୍ର ବିକାଶ ସାହୁ ୧୪୦୦ ମାର୍କରୁ ୧୩୧୨ ନମ୍ବର ଓ ବାଣିଜ୍ୟ ବିଭାଗରେ ଉଦଳା ମହାବିଦ୍ୟାଳୟର ଶାଶ୍ୱତ ଖୁଣ୍ଟିଆ ୧୨୦୨ ନମ୍ବର ରଖି ଟପ୍ପର ହୋଇଛନ୍ତି। ସୂଚନାଥାଉକି, କେନ୍ଦୁଝରରେ ପୃଥକ ଭାବେ ଧରଣୀଧର ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ହୋଇଛି । ତେଣୁ ଚଳିତ ଶିକ୍ଷାବର୍ଷଠାରୁ କେନ୍ଦୁଝର ଜିଲା ମହାବିଦ୍ୟାଳୟଗୁଡ଼ିକର ପରୀକ୍ଷାର୍ଥୀମାନେ ଧରଣୀଧର ବିଶ୍ୱବିଦ୍ୟାଳୟ ଅଧୀନରେ ପରୀକ୍ଷା ଦେବେ ।


କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଓ ଅନ୍ୟମାନେ ପରୀକ୍ଷା ଫଳ ପୁସ୍ତିକା ଉନ୍ମୋଚନ କରୁଛନ୍ତି।

### ଅନର୍ସ ୱାରି ଟପ୍ପର ଛାତ୍ରୀଛାତ୍ର

**କଳା**

| ବିଷୟ | ନାମ | ନମ୍ବର | ମହାବିଦ୍ୟାଳୟର ନାମ |
|---|---|---|---|
| ନୃତତ୍ତ୍ୱ | ଶୁଭଲକ୍ଷ୍ମୀ ଟୁଡୁ | ୧୩୦୩ | ରାଇରଙ୍ଗପୁର ମହାବିଦ୍ୟାଳୟ |
| ଅର୍ଥଶାସ୍ତ୍ର | ଶୁଭମ ଦାଶ | ୧୧୧୬ | ଆନନ୍ଦପୁର ମହାବିଦ୍ୟାଳୟ |
| ଶିକ୍ଷା | ଅଙ୍କିତା ବେହେରା | ୧୨୫୪ | ଉଦଳା ମହାବିଦ୍ୟାଳୟ |
| ଇଂରାଜୀ | ଅନୁଷ୍କା ପାତ୍ର | ୧୦୭୮ | ବାରିପଦା ମହାବିଦ୍ୟାଳୟ |
| ଭୂଗୋଳ | ବେବି ସୋରେନ | ୧୨୦୯ | ବାରିପଦା ସରକାରୀ ମହିଳା ମହାବିଦ୍ୟାଳୟ |
| ହିନ୍ଦୀ | ରେହେନା ପରୱିନ | ୧୦୯୩ | ବଡ଼ବିଲ ମହାବିଦ୍ୟାଳୟ |
| ଇତିହାସ | ନେହା ମହାପାତ୍ର | ୧୧୩୭ | ଆନନ୍ଦପୁର ମହାବିଦ୍ୟାଳୟ |
| ଗୃହ ବିଜ୍ଞାନ | ନିବେଦିତା ମହାନ୍ତ | ୧୨୦୭ | ବାରିପଦା ସରକାରୀ ମହିଳା ମହାବିଦ୍ୟାଳୟ |
| ଓଡ଼ିଆ | ଜ୍ୟୋତିର୍ମୟୀ ନାୟକ | ୧୨୨୭ | କେ ଏ. ମହାବିଦ୍ୟାଳୟ, କୋଚିଆନନ୍ଦି |
| ଦର୍ଶନଶାସ୍ତ୍ର | ଶଶାରାଣୀ ରଣା | ୧୧୮୬ | ଚମ୍ପୁଆ ସି.ଏସ. ମହାବିଦ୍ୟାଳୟ |
| ରାଜନୀତି ବିଜ୍ଞାନ | ସସ୍ମିତା ରାଜ | ୧୧୬୭ | କେ ଏ. ମହାବିଦ୍ୟାଳୟ, କୋଚିଆନନ୍ଦି |
| ମନସ୍ତତ୍ତ୍ୱ ବିଜ୍ଞାନ | ମନୀଷା ବେହେରା | ୧୨୪୦ | ବାରିପଦା ସରକାରୀ ମହିଳା ମହାବିଦ୍ୟାଳୟ |
| ସଂସ୍କୃତ | ସୁଭଦ୍ରା ବାସୁରୀ | ୧୨୨୦ | ବାଇଗଣ ବାଡ଼ିଆ ବିବି ମହାବିଦ୍ୟାଳୟ |
| ସମାଜତତ୍ତ୍ୱ | ଅଞ୍ଜଳି ସାହୁ | ୧୧୫୧ | ହରିଚନ୍ଦନପୁର ବିବି ମହାବିଦ୍ୟାଳୟ |

**ବିଜ୍ଞାନ**

| ବିଷୟ | ନାମ | ନମ୍ବର | ମହାବିଦ୍ୟାଳୟର ନାମ |
|---|---|---|---|
| ଉଦ୍ଭିଦ ବିଜ୍ଞାନ | ଖୁସି ରାଣୀ ସାହୁ | ୧୨୪୦ | ବେତନଟୀ ମହାବିଦ୍ୟାଳୟ |
| ରସାୟନ ବିଜ୍ଞାନ | ପ୍ରମୋଥିନୀ ବେହେରା | ୧୧୮୧ | କେନ୍ଦୁଝର ସରକାରୀ ମହିଳା ମହାବିଦ୍ୟାଳୟ |
| ଜିଓଲୋଜି | ଅଙ୍କିତା ଦାସ | ୧୨୧୯ | ଚମ୍ପୁଆ କାଇରାଳୀ ମହାବିଦ୍ୟାଳୟ |
| ଗଣିତ | ଶୋଭନା ସମର୍ପିତା ମହାନ୍ତ | ୧୨୦୩ | ରଗୁଆଁ ଏ.ପି. ମହାବିଦ୍ୟାଳୟ |
| ପଦାର୍ଥ ବିଜ୍ଞାନ | ବିକାଶ ସାହୁ | ୧୩୧୨ | ଝାରପୋଖରିଆ ସୀମାନ୍ତ ମହାବିଦ୍ୟାଳୟ |
| ପ୍ରାଣୀ ବିଜ୍ଞାନ | ମଧୁସ୍ମିତା ମହାକୁଡ | ୧୨୭୮ | ରଗୁଆଁ ଏ.ପି. ମହାବିଦ୍ୟାଳୟ |
| କମ୍ପ୍ୟୁଟର ବିଜ୍ଞାନ | ସ୍ମିତା ଦାସ | ୧୨୧୨ | ବାରିପଦା ସରକାରୀ ମହିଳା ମହାବିଦ୍ୟାଳୟ |
| ଅଣୁଜୀବ ବିଜ୍ଞାନ | ପ୍ରତିମା ବେହେରା | ୧୧୫୩ | ଆରଡିଏସ ମହାବିଦ୍ୟାଳୟ, କୁଣ୍ଡାବାଇ |

**ବାଣିଜ୍ୟ**

| ବିଷୟ | ନାମ | ନମ୍ବର | ମହାବିଦ୍ୟାଳୟର ନାମ |
|---|---|---|---|
| ବାଣିଜ୍ୟ | ଶାଶ୍ୱତ ଖୁଣ୍ଟିଆ | ୧୨୦୨ | ଉଦଳା ମହାବିଦ୍ୟାଳୟ |

# ବିଦ୍ୟୁତ୍ କାଟକୁ ନେଇ ଅସନ୍ତୋଷ

ମୋରଡ଼ା,୩୦।୫(ସ୍ମାରକ ମାଜୀ)

ବିଦ୍ୟୁତ୍ କାଟକୁ ନେଇ ୭ଟି ଗ୍ରାମର ୪୦ରୁ ଊର୍ଦ୍ଧ୍ୱ ଉପଭୋକ୍ତା ଗୁରୁବାର ରାତି ପ୍ରାୟ ୧୦ଟା ସମୟରେ ମୟୂରଭଞ୍ଜ ଜିଲା ମୋରଡା ବ୍ଲକ ଅଧୀନ ବରକନ୍ଦସ୍ଥିତ ବିଦ୍ୟୁତ୍ ଷ୍ଟ୍ରକଚର ଅଫିସ ଆଗରେ ହୋହଲ୍ଲା କରିଥିବା ଦେଖିବାକୁ ମିଳିଥିଲା । ସୂଚନା ମୁତାବକ, ଗତ ୨୯ ତାରିଖ ରାତି ୧୧ଟାରୁ ଉକ୍ତ ବ୍ଲକ ଅଧୀନ ନିଚୁଆପଦା, ଜାମବଣି,ରାମନଗର, ନାହାଶୋଳ, ଖେଜୁରିଆ, କେନ୍ଦୁଛାଟିଆ, ବାଉଁଶବଣି ଗ୍ରାମରେ ବିଦ୍ୟୁତ୍ ସେବା ବାଧାପ୍ରାପ୍ତ ହୋଇଥିବା ଗ୍ରାମବାସୀ ହରିଶ୍ଚନ୍ଦ୍ର ମହାନ୍ତ, ବଳିଆ ବିନ୍ଧାଣୀ,ହରି ସୋରେନ,ଭୋଳାନାଥ ମହାନ୍ତ ଏବଂ ଅନ୍ୟମାନେ କହିଛନ୍ତି। ବିଭାଗ କାର୍ଯ୍ୟାଳୟକୁ ବାରମ୍ବାର ଜଣାଇଥିଲେ ମଧ୍ୟ ସମସ୍ୟାର ସମାଧାନ ହୋଇ ପାରିନାହିଁ। ଏହାର ପ୍ରତିବାଦରେ ଉପଭୋକ୍ତାମାନେ ବିଦ୍ୟୁତ୍ ଷ୍ଟ୍ରକଚର ଅଫିସରେ ପହଞ୍ଚି ହୋହଲ୍ଲା କରିଥିଲେ ।ଖବର ପାଇ ଥାନା ଅଧିକାରୀ ସୁମିତ କୁମାର ସୋରେନ, ବିଭାଗୀୟ କନିଷ୍ଠ ଯନ୍ତ୍ରୀ ମୃତ୍ୟୁଞ୍ଜୟ ପାଣିଗ୍ରାହୀ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡିଥିଲା । ଏବାବଦରେ କନିଷ୍ଠ ଯନ୍ତ୍ରୀ ପାଣିଗ୍ରାହୀଙ୍କୁ ପଚାରିବାରୁ ଅଞ୍ଚଳରେ ହାତୀ ଥିବାରୁ ବିଦ୍ୟୁତ୍ ସେବା ବାଧାପ୍ରାପ୍ତ ହେଉଛି ବୋଲି କହିଛନ୍ତି ।


## ଓଡ଼ିଶା ସରକାର
## ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ

No. T-27: ଏତଦ୍ୱାରା ରାଜ୍ୟର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଜିଲ୍ଲାସ୍ତରୀୟ ଯୁଗ୍ମ ଶୁଣାଣି ପାଇଁ ଅନ୍‌ଲାଇନ ପଞ୍ଜୀକରଣ ତା୩୦।୦୫।୨୦୨୫ରିଖ ଦିବା ୧୧ ଘଟିକାଠାରୁ ଆରମ୍ଭ ହେବ। ସମ୍ବଲପୁର ଜିଲ୍ଲାରେ ତା୦୨।୦୬।୨୦୨୫ରିଖ (ସୋମବାର) ଦିନ ଶୀତଳ ଷଷ୍ଠୀ ଉପଲକ୍ଷେ ସ୍ଥାନୀୟ ଛୁଟି ଘୋଷଣା କରାଯାଇଥିବାରୁ ଯୁଗ୍ମ ଅଭିଯୋଗ ଶୁଣାଣି ତା୦୨।୦୬।୨୦୨୫ରିଖ (ସୋମବାର) ପରିବର୍ତ୍ତେ ତା୦୩।୦୬।୨୦୨୫ରିଖ (ମଙ୍ଗଳବାର) ଦିନ ନିର୍ଦ୍ଧାରିତ ସ୍ଥାନରେ ଅନୁଷ୍ଠିତ ହେବ। ସମ୍ବଲପୁର ଜିଲ୍ଲା ବ୍ୟତୀତ ଅନ୍ୟ ସମସ୍ତ ଜିଲ୍ଲାରେ ଯୁଗ୍ମ ଶୁଣାଣି କାର୍ଯ୍ୟକ୍ରମ ତା୦୨।୦୬।୨୦୨୫ରିଖ (ସୋମବାର) ଦିନ ନିର୍ଦ୍ଧାରିତ ସ୍ଥାନରେ ଅନୁଷ୍ଠିତ ହେବ। ଏଥିନିମନ୍ତେ, ଆଗ୍ରହୀ ଜନସାଧାରଣ **ଜନଶୁଣାଣି ପୋର୍ଟାଲ (https://janasunani.odisha.gov.in/)** ମାଧ୍ୟମରେ ଜିଲ୍ଲାପାଳ ଏବଂ ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କୁ ସାକ୍ଷାତ କରିବା ପାଇଁ ପଞ୍ଜୀକରଣ କରିପାରିବେ। ଜନସାଧାରଣ ପଞ୍ଜୀକରଣ ପ୍ରାପ୍ତି ସ୍ୱୀକାରପତ୍ର, ବ୍ୟକ୍ତିଗତ ପରିଚୟପତ୍ର ତଥା ନିଜର ଅଭିଯୋଗ ପତ୍ର ସହ ଦର୍ଶାଯାଇଥିବା ସ୍ଥାନରେ ନିର୍ଦ୍ଧାରିତ ସମୟରେ ଉପସ୍ଥିତ ରହି ନିଜର ଅଭିଯୋଗ ଜିଲ୍ଲାପାଳ ଏବଂ ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କୁ ଜଣାଇପାରିବେ। ଏତଦ୍ ଭିନ୍ନ, ଅଣପଞ୍ଜୀକୃତ ଆବେଦନକାରୀମାନଙ୍କର ଅଭିଯୋଗ ପତ୍ରଗୁଡ଼ିକୁ ଯୁଗ୍ମ ଶୁଣାଣି ଶିବିରରେ ସିଧାସଳଖ ଗ୍ରହଣ କରାଯାଇପାରିବ।

**ନିର୍ଦ୍ଦେଶକ, ସାଧାରଣ ଅଭିଯୋଗ–ତଥା–ସ୍ୱତନ୍ତ୍ର ଶାସନ ସଚିବ**
**ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ**
**OIPR-09014/11/0133/2526**



**STEEL AUTHORITY OF INDIA LIMITED**
Rourkela Steel Plant
Rourkela - 769 011, Odisha, India

Great Place To Work. Certified

## ସୂଚନା

ଦୟା କରି ଧ୍ୟାନ ଦିଅନ୍ତୁ: କର୍ମଚାରୀ ପରିବାର ଲାଭ ଯୋଜନା (ଇଏଫବିଏସ)ରେ ପଞ୍ଜିକୃତ ରାଉରକେଲା ଇସ୍ପାତ କାରଖାନା (ଆରଏସପି)ର ପୂର୍ବତନ କର୍ମଚାରୀ/ଦିବଙ୍ଗତ ପୂର୍ବ କର୍ମଚାରୀଙ୍କ ସ୍ୱୀକୃତ ପ୍ରତିନିଧି

ରାଉରକେଲା ଇସ୍ପାତ କାରଖାନା (ଆରଏସପି) ର ପୂର୍ବତନ କର୍ମଚାରୀ କିମ୍ବା ଦିବଙ୍ଗତ କର୍ମଚାରୀଙ୍କ ସ୍ୱୀକୃତ ପ୍ରତିନିଧି, ଯେଉଁମାନେ କର୍ମଚାରୀ ପରିବାର ଲାଭ ଯୋଜନାରେ ପଞ୍ଜିକୃତ ଏବଂ ଯାହାଙ୍କର ଅବସରକାଳୀନ ତାରିଖ ଅତିକ୍ରମ ହୋଇସାରିଛି, କିନ୍ତୁ ଏପର୍ଯ୍ୟନ୍ତ ଇଏଫବିଏସ ଯୋଜନା ଅଧୀନରେ ଜମା ହୋଇଥିବା ସେମାନଙ୍କର ଭବିଷ୍ୟନିଧି ପାଣ୍ଠି (ପିଏଫ) ଏବଂ ଗ୍ରାଚ୍ୟୁଇଟି ରାଶି ଦାବି କରିନାହାଁନ୍ତି, ସେମାନଙ୍କୁ ସେମାନଙ୍କର ବିବରଣୀ ଯାଞ୍ଚ କରିବାକୁ ଅନୁରୋଧ କରାଯାଉଛି ।

ଏହିପରି ବ୍ୟକ୍ତିମାନଙ୍କର ଏକ ତାଲିକା ସମ୍ପର୍କ ପୋର୍ଟାଲ **https://sampark.sailrsp.co.in**ରେ ଉପଲବ୍ଧ । ଯଦି ଆପଣଙ୍କ ନାମ ତାଲିକାରେ ରହିଛି, ତେବେ ଆପଣଙ୍କୁ ଅଧିକ ସହାୟତା ପାଇଁ ଆରଏସପିର ଇଆର ଆଣ୍ଡ ସି ବିଭାଗ ସହିତ ଯୋଗାଯୋଗ କରିବାକୁ ପରାମର୍ଶ ଦିଆଯାଉଛି ।

ଯୋଗାଯୋଗ ନମ୍ବର: ୦୬୬୧-୨୪୪୮ ୫୦୬ (କାର୍ଯ୍ୟାଳୟ ସମୟ ନିର୍ଘଣ୍ଟ ମଧ୍ୟରେ)

ପୂର୍ବରୁ ଆବେଦନ କରିସାରିଥିବା ବ୍ୟକ୍ତିବିଶେଷଙ୍କ ପାଇଁ ଏହି ସୂଚନା ପ୍ରଯୁଜ୍ୟ ନୁହେଁ ।

Registered Office: Ispat Bhawan, Lodi Road, New Delhi 110 003
Corporate Identity Number: L27109DL1973GOI006454, Website: www.sail.co.in
*There's a little bit of SAIL in everybody's life*


# ଜିଲାବାସୀଙ୍କୁ ସଚେତନକରିବ ଜେଏମ୍‌ଏମ୍

## ମୟୂରଭଞ୍ଜ ଜିଲା ବିକାଶ

ବାରିପଦା,୩୦।୫ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜର ଅସ୍ମିତାକୁ ନେଇ ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚା(ଜେଏମଏମ) ପକ୍ଷରୁ ଆସନ୍ତୁ ସଚେତନ ହେବା କାର୍ଯ୍ୟକ୍ରମ ଆରମ୍ଭ ହେବାକୁଯାଉଛି। ଏ ନେଇ ଜିଲା ସଭାପତି କୃଷ୍ଣଚନ୍ଦ୍ର ଦାସଙ୍କ ଆହ୍ୱାନ କ୍ରମେ ଏକ ଖବରଦାତା ସମ୍ମିଳନୀ ଶୁକ୍ରବାର ପୂର୍ବାହ୍ନ ୧୧ଟାରେ ବାରିପଦାସ୍ଥିତ ରୋଟାରୀ କ୍ଲବ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଦଳ ପକ୍ଷରୁ ବିଭିନ୍ନ ଦାବି ନେଇ ଆଲୋଚନା କରାଯିବା ସହିତ ଆଗାମୀ ଦିନରେ ଜିଲାବାସୀଙ୍କୁ ସଚେତନ କରିବା ପାଇଁ ଜିଲା ବ୍ୟାପି କାର୍ଯ୍ୟକ୍ରମ କରାଯିବ ବୋଲି ନିଷ୍ପତ୍ତି ଗ୍ରହଣ କରାଯାଇଛି। ଜିଲାରେ ରେଳବାଇ ବିକାଶ ମନ୍ଥର ଗତିରେ ଚାଲିବା, ଜାମଶୋଳା-ଯଶିପୁର ୪୯ନଂ ଜାତୀୟ ରାଜପଥର ବିକାଶ କଚ୍ଛପ ଗତିରେ ଚାଲିବା ସହିତ ଅନ୍ୟାୟ ଭାବରେ ଟୋଲ ଶୁଳ୍କ ଆଦାୟ କରିବା, କୁଆପଥର ମାଡରେ ବିଶୋଇ ବ୍ଲକର ବିଭିନ୍ନ ପଞ୍ଚାୟତରେ କ୍ଷୟକ୍ଷତି ହୋଇଥିଲେ ମଧ୍ୟ କ୍ଷତିଗ୍ରସ୍ତ ପରିବାରଙ୍କୁ କ୍ଷତିପୂରଣ ରାଶି ପ୍ରଦାନ ନ କରିବା ଓଡ଼ିଆ ଅସ୍ମିତା ପ୍ରତି ବେଖାତିର ବୋଲି ଦାସ କହିଛନ୍ତି।

ଏହିଭଳି ବିଭିନ୍ନ କାରଣକୁ ନେଇ ଦଳ ପକ୍ଷରୁ ସଚେତନତା ଆଣିବାକୁ ପ୍ରୟାସ ଆରମ୍ଭ କରାଯାଉଛି। ଏହି ବୈଠକରେ ଜିଲା ଉପସଭାପତି ରାଜା ହେମ୍ବ୍ରମ, ସମ୍ପାଦକ ଶୈଳେନ୍ଦ୍ର ହେମ୍ବ୍ରମ, କେନ୍ଦ୍ରୀୟ ସଦସ୍ୟ ଦିବାକର ସୋରେନ, ରାଜ୍ୟ ପରିଷଦ ସଦସ୍ୟ ସନାତନ ମୁର୍ମୁ, ସଙ୍ଗଠନ ପ୍ରମୁଖ ଶାଙ୍ଖ ମାଝୀ ପ୍ରମୁଖ ଉପସ୍ଥିତ ଥିଲେ ।


ଖବରଦାତା ସମ୍ମିଳନୀରେ ଦଳର କର୍ମକର୍ତ୍ତା।

# ପୁଅ ବାଇକ୍‌ରୁ ପଡ଼ି ମା'ମୃତ

ବାରିପଦା,୩୦।୫(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ଝିଅ ଘରକୁ ଯିବା ରାସ୍ତାରେ ପୁଅର ବାଇକ୍ ପଛରୁ ଖସିପଡ଼ି ଜଣେ ମହିଳାଙ୍କ ଦୁଃଖଦ ମୃତ୍ୟୁକୁ ନେଇ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ମୃତା ମହିଳା ଜଣଙ୍କ ହେଲେ ବଡ଼ସାହି ଥାନା ଖାନୁଆ ଗ୍ରାମର କୁମୁଦିନି ଗିରି (୫୪)। ଶୁକ୍ରବାର ପୂର୍ବାହ୍ନରେ ଖାନୁଆସ୍ଥିତ ଘରୁ ତାଙ୍କ ପୁଅ ବାଇକ୍‌ରେ ବାଙ୍ଗିରିପୋଷିସ୍ଥିତ ଝିଅ ଘରକୁ କୁମୁଦିନି ଯାଉଥିଲେ। ତେବେ ବାରିପଦା ପହଞ୍ଚିବା ପୂର୍ବରୁ ୧୯ନଂ. ରାଜ୍ୟରାଜପଥର ନୁରୁଡିହି ଛକ ନିକଟ ଏକ ହମ୍ପସରେ ସେ ବାଇକ୍‌ରୁ ଖସି ପଡ଼ି ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ପିଆର୍‌ଏମ୍ ମେଡିକାଲ ପଠାଇଥିଲେ ମଧ୍ୟ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ସଦର ଥାନା ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।


**OFFICE OF THE EXECUTIVE ENGINEER, ROAD CONSTRUCTION DEPARTMENT, ROAD DIVISION, GUMLA**

**e-Procurement Notice**

**_e-Tender Reference No. RCD/GUMLA/ 325**

**Date:- 29.05.2025**

| | | |
|---|---|---|
| 1. | Name of the work | **Improvement of Riding Quality Work of Nathpur- Marda- Tukutoli Bagma Road (0.00 to 20.750 Km) under Road Division, Gumla for The year 2025-26** |
| 2. | Estimated Cost (Rs.) | **Rs.- 13,19,70,758.00(Rs. Thirteen Crore Nineteen lacs Seventy Thousand Seven Hundred Fifty Eight) Only.** |
| 3. | Time of Completion | **6 Months** |
| 4. | Last date/Time for receipt of bids | 24/06/2025 Up to 12:00 Noon |
| 5. | Date of Publication of Tender on website | 03/06/2025 From 10:30 A.M. |
| 6. | Opening Date of Tender | 26/06/2025 12.30 PM |
| 7. | Name & address of office Inviting tender | Executive Engineer, Road Construction Department, Road Division, Gumla. |
| 8. | Contact no. of e-Procurement officer | 06524-222097 |
| 9. | Helpline number of e-Procurement cell | 0651-2401010 |

1. Tender amount can be increased or decreased.
2. Details can be seen on website https://jharkhandtenders.gov.in
3. Cost of bidding document & bid security shall be payable online in adherence to memo No -120 Dt- 03.10.2023 of IT & e-governance Department, Govt. of Jharkhand.

sd/-
Executive Engineer,
RCD, Road Division, Gumla

PR 353893 Road(25-26)D


# ବାଲି ସମସ୍ୟାକୁ ନେଇ ହଟଗୋଳ



ବୈଠକରେ ଉପସ୍ଥିତ ଅଧିକାରୀ ଓ ଲୋକପ୍ରତିନିଧିମାନେ।

## ମୋରଡ଼ା ବ୍ଲକ୍‌ର ସ୍ୱତନ୍ତ୍ର ଅଧିବେଶନ

ମୋରଡ଼ା,୩୦।୫(ସ୍ମାରକ ମାଜୀ)

ମୟୂରଭଞ୍ଜ ଜିଲା ମୋରଡା ବ୍ଲକ କାର୍ଯ୍ୟାଳୟ କନଫରେନ୍ସ ହଲରେ ଶୁକ୍ରବାର ପୂର୍ବାହ୍ନ ୯ଟାରେ ଏକ ସ୍ୱତନ୍ତ୍ର ଅଧିବେଶନ ଅନୁଷ୍ଠିତ ହୋଇଯାଇଛି। ଅଞ୍ଚଳରେ ବାଲି ସମସ୍ୟାକୁ ନେଇ ବୈଠକରେ ହଟଗୋଳ ସୃଷ୍ଟି ହୋଇଥିଲା।

ବ୍ଲକ ଅଧ୍ୟକ୍ଷ ପୀଥନାଥ ସୋରେନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବିଡିଓ ଅଣାକର ନାଏକ, ତହସିଲଦାର ବିଦ୍ୟାଧର ଦଣ୍ଡପାଟ, ବ୍ଲକ ସହକାରୀ ଯନ୍ତ୍ରୀ ସୁଶାନ୍ତ ନାଏକ, ଜିଲା ପରିଷଦ ସଭ୍ୟା ଝରଣା ମୁର୍ମୁ, ସଭ୍ୟ ଅଭିରାମ ଭୋଇ, କିଶାନତାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ହାମ୍ବିରା ମୁର୍ମୁ, ଜିପିଇଓ ଦାୟିତ୍ୱରେ ଥିବା ପ୍ରସନ୍ନ ମହାନ୍ତ, ବ୍ଲକ ଫାଇନାନ୍ସ ଅଫିସର ଦେବେନ୍ଦ୍ରନାଥ ସିଂ ପ୍ରମୁଖ ମଞ୍ଚାସୀନ ଥିଲେ। ଅଧିବେଶନରେ ପ୍ରଥମେ ତହସିଲଦାର ଦଣ୍ଡପାଟ ରାଜସ୍ୱ ବିଭାଗ ବାବଦରେ ସୂଚନା ପ୍ରଦାନ କରିଥିଲେ। ପରେ ବିଡିଓ ନାଏକ 'ବିକଶିତ ଗାଁ, ବିକଶିତ ଓଡ଼ିଶା' ବାବଦରେ ସୂଚନା ଦେଇଥିଲେ। ୨୦୨୪-୨୫ ଆର୍ଥିକ ବର୍ଷରେ ମୋରଡା ବ୍ଲକକୁ ୪ କୋଟି ୪ ଲକ୍ଷ ୬୯ ହଜାର ୧୨୨ ଟଙ୍କା ଆସିଥିବା ବେଳେ କେଉଁ କେଉଁ ପ୍ରକଳ୍ପ କାର୍ଯ୍ୟ ହେବ, ସେଗୁଡିକ ବର୍ତ୍ତମାନ ସୁଦ୍ଧା ଅନୁମୋଦନ ହୋଇନାହିଁ। ଫଳରେ ବ୍ଲକରେ ଉନ୍ନୟନମୂଳକ କାର୍ଯ୍ୟ ତ୍ୱରାନ୍ୱିତ ହୋଇ ପାରୁନାହିଁ ବୋଲି ଉପସ୍ଥିତ ଜନପ୍ରତିନିଧିମାନେ କହିଥିଲେ।

ଅଞ୍ଚଳର ବାଲି ଡମ୍ଫର ଯୋଗେ ବାହାରକୁ ଯାଉଥିଲେ ମଧ୍ୟ ପ୍ରଶାସନ ପଦକ୍ଷେପ ନେଉନାହିଁ ବୋଲି ମୋରଡ଼ା ସମିତି ସଭ୍ୟ ଶାନ୍ତିଲତା ପରିଡା, ସରପଞ୍ଚ ରବି ସିଂ ଏବଂ ଧଡ଼ାସାହି ସରପଞ୍ଚ ତିଲକା ହାଁସଦା କହିଥିଲେ। ସେହିପରି ମୋରଡା ଥାନା ଅଧିକାରୀଙ୍କ ବ୍ୟବହାର ଆଦୌ ଠିକ୍ ନୁହେଁ ବୋଲି ମୋରଡା ସମିତି ସଭ୍ୟା ପରିଡ଼ା କହିଥିଲେ।

## ସ୍ୱାମୀ ଛୁରାମାଡ଼ରେ ସ୍ତ୍ରୀ ଗୁରୁତର

ବାରିପଦା,୩୦।୫(ନୀଳାଦ୍ରି ବିହାରୀ ଦଣ୍ଡପାଟ)- ବାରିପଦା ସହରର ଏମ୍‌କେସି ହାଇସ୍କୁଲ ନିକଟରେ ଶୁକ୍ରବାର ପୂର୍ବାହ୍ନ ୧୧ଟାରେ ସ୍ୱାମୀ ଛୁରା ମାଡ଼ରେ ସ୍ତ୍ରୀ ଗୁରୁତର ହୋଇଛନ୍ତି। ଅଭିଯୁକ୍ତ ସ୍ୱାମୀ ଜଣକ ହେଲେ ଚିପଟଅସ୍ତିଆ ଅଞ୍ଚଳର ରବୀନ୍ଦ୍ର ଦିଗାର(୫୦)। ଗୁରୁତର ମହିଳା କବିତା ଦିଗାର(୩୪)ଙ୍କୁ ଚିକିତ୍ସା ପାଇଁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି ।ସୂଚନାଯୋଗ୍ୟ, ପାରିବାରିକ କଳହକୁ ନେଇ ସ୍ତ୍ରୀ କବିତା ବାଙ୍କିଶୋଳସ୍ଥିତ ବାପ ଘରେ ଦୀର୍ଘଦିନ ଧରି ରହିଆସୁଛନ୍ତି। ତେବେ କୌଣସି ନେଇ ସହର ମଧ୍ୟରେ କବିତା ଯାଉଥିବା ସମୟରେ ରବୀନ୍ଦ୍ରଙ୍କ ସହ ସାକ୍ଷାତ ହୋଇଥିଲା। ପୂର୍ବ ଘଟଣାକୁ ନେଇ ଉଭୟଙ୍କ ମଧ୍ୟରେ ବଚସା ଆରମ୍ଭ ହୋଇଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ ରବୀନ୍ଦ୍ର ପଛପଟୁ ଏକ ଛୁରୀରେ କବିତାଙ୍କ ପେଟକୁ ଆକ୍ରମଣ କରିଥିଲେ। ଖବରପାଇ ପୋଲିସ ଅଭିଯୁକ୍ତଙ୍କୁ ଅଟକ ରଖି ପଚରାଉଚରା ଜାରି ରଖିଛି।

## ଅଷ୍ଟପ୍ରହର ନାମଯଜ୍ଞ

ମୋରଡ଼ା,୩୦।୫(ସ୍ମାରକ ମାଜୀ)- ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକ ଅଧୀନ ଶୀର୍ଷାପାଳ ଛକଠାରେ ଅଷ୍ଟ ପ୍ରହର ଓ ନାମ ଯଜ୍ଞ ଅନୁଷ୍ଠିତ ହୋଇଯାଇଛି । ଗୁରୁବାର ସକାଳ ୭ଟାରେ ସ୍ଥାନୀୟ ରାଜାବନ୍ଧରେ ଘଟ ଉତ୍ତୋଳନ ହେବା ପରେ ରୀତିନୀତି ଅନୁଯାୟୀ ପୂଜାପାଠ ହୋଇଥିଲା । ଏହା ପରେ ଚାରୋଟି କୀର୍ତ୍ତନ ଦଳ ଦ୍ୱାରା ଦିନ ରାତି ତମାମ ହରିନାମ ସଂକୀର୍ତ୍ତନ ଅନୁଷ୍ଠିତ ହୋଇଥିଲା। ହଜାର ହଜାର ଲୋକେ ପ୍ରସାଦ ସେବନ କରିଥିଲେ। ଶୁକ୍ରବାର ଦଧି ହାଣ୍ଡି ଭଙ୍ଗା ଯାଇଥିବା ବେଳେ ଶ୍ରଦ୍ଧାଳୁଙ୍କ ପାଇଁ ଦହିପଖାଳ ବ୍ୟବସ୍ଥା କରାଯାଇଥିଲା।


**ଦ.ପୂ. ରେଳପଥ – ଟେଣ୍ଡର**

ଭାରତର ରାଷ୍ଟ୍ରପତିଙ୍କ ତରଫରୁ ସିନିୟର ଡିଇଇ/ଜି/ଖଡ୍ଗପୁର-୭୨୧୩୦୧ ନିମ୍ନଲିଖିତ କାର୍ଯ୍ୟ ପାଇଁ ସମ୍ପୃକ୍ତ ସାମଗ୍ରୀ ବାବଦରେ ଦର୍ଶାଯାଇଥିବା ତାରିଖର ୧୨.୦୦ ଘଟିକା ପୂର୍ବରୁ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି: କ୍ର.ସଂ.: ୧; ଟେଣ୍ଡର ବିଜ୍ଞପ୍ତି ନଂ.: ୧୧୪-ଇଏଲ୍‌ସି-ଜି-କେଜିପି-୨୫-୨୬-୦୭ଆର୍୧; କାର୍ଯ୍ୟର ବର୍ଣ୍ଣନା: କେଜିପି ମଣ୍ଡଳ- ପିଏଚ୍-॥ ଭାବେ ଖଡ଼ଗପୁର ମଣ୍ଡଳର ବିଭିନ୍ନ ସ୍ଥାନରେ ୦୧ କିଲୋୱାଟ୍‌ରୁ ୫୦ କିଲୋୱାଟ୍ ପର୍ଯ୍ୟନ୍ତ ଅନ୍ ଗ୍ରୀଡ୍ ସୋଲାର ପାୱାର ପ୍ଲାଣ୍ଟର ଯୋଗାଣ, ସ୍ଥାପନ, ପରୀକ୍ଷଣ ଓ କମିଶନିଂ । ଟେଣ୍ଡର ମୂଲ୍ୟ: ₹୧୩,୧୧,୭୫,୪୯୨.୭୬; ବିଡ୍ ଅମାନତ/ଇଏମ୍‌ଡି: ₹୮,୦୫,୯୦୦.୦୦; ଖୋଲାଯିବା ତାରିଖ: ୧୯।୦୬।୨୦୨୫; ଟେଣ୍ଡର ଦସ୍ତାବିଜ ମୂଲ୍ୟ: ଶୂନ । ସମାପ୍ତି ଅବଧି: କ୍ର.ସଂ. (i) ପାଇଁ ୬ ମାସ, ସ୍ୱୀକୃତି ପତ୍ର ଜାରି ହେବା ତାରିଖଠାରୁ । ଦାଖଲର ତାରିଖ: ତା୧୯।୦୬।୨୦୨୫ରିଖ ୧୨.୦୦ ଘଟିକା ପର୍ଯ୍ୟନ୍ତ । ଟେଣ୍ଡରର ପୂର୍ଣ୍ଣ ବିବରଣୀ/ବର୍ଣ୍ଣନା/ସ୍ୱତନ୍ତ୍ରତା ତଥା ନିଜର ବିଡ୍ ଅନ୍‌ଲାଇନ୍‌ରେ ଦାଖଲ କରିବା ପାଇଁ ଆଗ୍ରହୀ ଟେଣ୍ଡରଦାତାମାନେ ୱେବ୍‌ସାଇଟ୍ www.ireps.gov.in ପରିଦର୍ଶନ କରିପାରନ୍ତି । ଏହି କାର୍ଯ୍ୟଗୁଡ଼ିକ ପାଇଁ କୌଣସି କ୍ଷେତ୍ରରେ ମଧ୍ୟ ମାନୁଆଲ ଟେଣ୍ଡର ଗ୍ରହଣ କରାଯିବ ନାହିଁ । ବି.ଦ୍ର.: ସମସ୍ତ ଟେଣ୍ଡରରେ ଅଂଶଗ୍ରହଣ କରିବା ପାଇଁ ସମ୍ଭାବ୍ୟ ବିଡରମାନେ ନିୟମିତ ଭାବେ www.ireps.gov.in ପରିଦର୍ଶନ କରିପାରନ୍ତି । (PR-222)



Govt. of India | भारत सरकार
Ministry of Skill Development and Entrepreneurship | कौशल विकास और उद्यमशीलता मंत्रालय
Directorate General of Training | प्रशिक्षण महानिदेशालय
**National Skill Training Institute, Bhubaneswar** | **राष्ट्रीय कौशल प्रशिक्षण संस्थान, भुवनेश्वर**
NSIC Building, 5th Floor, IDCO Plot No.06, Mancheswar Industrial Estate, Bhubaneswar, Odisha - 751010 | एन.एस.आई.सी. बिल्डिंग, 5 वीं मंजिल, आई.डी.सी.ओ. प्लॉट नंबर-06, मांचेस्वर इंडस्ट्रियल एस्टेट, भुवनेश्वर, ओडिशा - 751010

Skill India

**CTS ADMISSION NOTICE 2025-26**

National Skill Training Institute, Bhubaneswar, is an institute under the Directorate General of Training (DGT), Ministry of Skill Development & Entrepreneurship, Government of India. It offers NCVET-approved, NSQF-aligned ITI courses under the Craftsmen Training Scheme (CTS) for candidates who have passed Class X, starting from September 2025.

| Sl. No | Trade | NSQF Level | Entry Qualification | Duration | No. of Seats |
|---|---|---|---|---|---|
| 1 | Solar Technician (Electrical) | Level-3 | Passed 10th class examination with Science and Mathematics. | 01 Year | 20 |
| 2 | Drone Technician | | | 06 Months | 24 |
| 3 | Artificial Intelligence Programming Assistant (AIPI) | | | 01 Year | 24 |

**Admission Procedure :**

- Age : Minimum 14 years as on first day of academic session. No upper age limit.
- Admission shall be made on the basis of marks obtained in 10th class examination.
- Registration fees Rs. 50/- for Gen/OBC candidates. No Registration fee for SC/ST candidates
- Admission fee Rs.100/- for Gen/OBC candidates & Rs. 25/- for SC/ST/EWS candidates.
- Tuition fee @ Rs. 150/- per month for GL and OBC, Rs. 50/- per month for SC, ST, EWS, PH candidates. No tuition fees for girl candidates as per DGT guidelines.
- Central reservation policy will be followed in the admission process.
- Well-equipped A/C Lab & Classrooms, IT Lab, library & Wi-Fi with experienced faculties are available.
- Eligible candidates can scan the QR code given, fill the Google form and submit online. For offline can download the application forms from the website: https://nstibhubaneswar.dgt.gov.in or can be collected from the institute. Filled in applications with copies or required documents should be submitted at the institute or may be sent through speed post. Selected candidates will be called for admission.
  Google form Link: https://forms.gle/w6xcy3Mp3S1rc1wm9
- Copy of documents to be attached along with application form:
  1. Mark sheets/ Certificate
  2. Aadhaar card.
  3. Caste/ Community certificate from appropriate authorities for SC/ST/OBC candidates.
  4. Two passport size recent colour photos.
- For other details see the prospectus available on the website https://nstibhubaneswar.dgt.gov.in
  For any assistance contact: 0674-2580444/8594819990 (Training section)
  **LAST DATE FOR SUBMISSION OF APPLICATION: 30-06-2025**

**Sd./- PRINCIPAL, NSTI, BHUBANESWAR**

## ସଂକ୍ଷେପରେ

### ବଜ୍ରପାତରେ ଚାଷୀ ମୃତ

ତିହିଡି, ୩୦।୫(ସଞ୍ଜିତ ବଳ)

ଭଦ୍ରକ ଜିଲା ତିହିଡି ଥାନା କାଁପଡ଼ା ପଞ୍ଚାୟତ ଅଧୀନ ତଳକାଁପଡ଼ା ଗ୍ରାମର ଜଣେ ଚାଷୀ ଦେବେନ୍ଦ୍ର ମଳିକ (୨୫)ଙ୍କର ଶୁକ୍ରବାର ଅପରାହ୍ନ ୪ଟାରେ ବଜ୍ରପାତରେ ମୃତ୍ୟୁ ଘଟିଛି। ସେ ଧାନ ତଳି ପକାଇବା ପାଇଁ ହଳ କରିବାକୁ ବିଲକୁ ଯାଇଥିଲେ। ଏହି ସମୟରେ ସେ ବଜ୍ରପାତର ଶିକାର ହୋଇ ଗୁରୁତର ହୋଇଥିଲେ। ତାଙ୍କୁ ତିହିଡି ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ଯୁବକଙ୍କୁ ଆକ୍ରମଣ ଘଟଣା, ୨ କୋର୍ଟଚାଲାଣ

ବାସୁଦେବପୁର,୩୦।୫ (କାଳିପଦ ରାୟ)

ଭଦ୍ରକ ସଦର ବ୍ଲକ୍ ଅଧୀନ ସାହଡ଼ା ପଞ୍ଚାୟତର ଜଣେ ଯୁବକଙ୍କୁ ଆକ୍ରମଣ ଅଭିଯୋଗରେ ସାବରଙ୍ଗ ପୋଲିସ ଶୁକ୍ରବାର ୨ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ୨ ଅଭିଯୁକ୍ତ ହେଲେ ସାହାଡ଼ା ଜେନାସାହିର ନିତ୍ୟାନନ୍ଦ ଜେନା ଓ ଶମ୍ଭୁନାଥ ଜେନା। ସୂଚନା ମୁତାବକ, ଗତ ବୁଧବାର ରାତି ୯ଟାରେ ଗ୍ରାମବାସୀଙ୍କ ସହ ବୀରେନ୍ଦ୍ର ଜେନା ବାସୁଳି ମନ୍ଦିରଠାରେ ବସି ଆଲୋଚନା କରୁଥିଲେ। ଏହି ସମୟରେ ଅଭିଯୁକ୍ତ ଦ୍ୱୟ ସେଠାରେ ପହଞ୍ଚି ତାଙ୍କୁ ଭୁଜାଲି ଓ ରଡ଼ରେ ଆକ୍ରମଣ କରିଥିଲେ। ପୋଲିସ ବୀରେନ୍ଦ୍ରଙ୍କ ଅଭିଯୋଗ କ୍ରମେ ମାମଲା (ନଂ ୧୨୨/୨୫) ରୁଜୁ କରି ତଦନ୍ତ କରୁଥିଲା।

### ବଜ୍ରପାତରେ ଜଳିଗଲା ୨ ବଖରା

ଚାନ୍ଦବାଲି,୩୦।୫ (କିଷାନ ପାତ୍ର)

ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ ତେନ୍ତୁଳିଡିହ ପଞ୍ଚାୟତ ଠୋକରା ଗାଁରେ କାଳବୈଶାଖୀ ପ୍ରଭାବରେ ଶୁକ୍ରବାର ଅପରାହ୍ନ ୫ଟା ସମୟରେ ବଜ୍ରାଘାତ ଯୋଗୁ ଅଗ୍ନିକାଣ୍ଡ ଘଟି ୨ ବଖରା ଘର ପୋଡ଼ିଯାଇଛି। ଏହି ଅଗ୍ନିକାଣ୍ଡରେ ଶ୍ୟାମ ସୁନ୍ଦର ରାୟଙ୍କ ସପରିବାର ଅଳ୍ପକେ ବର୍ତ୍ତି ଯାଇଛନ୍ତି। ନିଆଁ ଲାଗିବା ପରେ ପ୍ରଥମେ ଗ୍ରାମବାସୀ ଗାଁ ପୋଖରୀରୁ ପାଣି ଉଠେଇ ନିଆଁକୁ ଆୟତ୍ତ କରିବାକୁ ଚେଷ୍ଟା କରିଥିଲେ। ଖବରପାଇ ଚାନ୍ଦବାଲି ଅଗ୍ନିଶମ ବାହିନୀ ପହଞ୍ଚି ନିଆଁ ଲିଭାଇଥିଲେ।

### ମାଟ୍ରିକ୍‌ରେ ଉତ୍ତୀର୍ଣ୍ଣ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା

ବାସୁଦେବପୁର,୩୦।୫(କାଳିପଦ ରାୟ)

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ୍ ସମ୍ମିଳନୀ କକ୍ଷରେ ଶୁକ୍ରବାର ପୂର୍ବାହ୍ନ ୧୧ଟାରେ ବ୍ଲକ୍‌ର ମାଟ୍ରିକ୍‌ରେ ଏ-୧ରେ ଉତ୍ତୀର୍ଣ୍ଣ ହୋଇଥିବା ୧୭ ଜଣ ଛାତ୍ରୀଛାତ୍ରଙ୍କୁ ପ୍ରଶାସନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ଆୟୋଜିତ ସଭାରେ ବିଡିଓ ତନ୍ମିତା କର, ସହକାରୀ ଯନ୍ତ୍ରୀ ଅନିଶ ସୁବୁଦ୍ଧି ରାୟ, ପଞ୍ଚାୟତ ନିର୍ବାହୀ ଅଧିକାରୀ ଅମୀୟ ରଞ୍ଜନ ନାଥ, ଭାରପ୍ରାପ୍ତ ସହାୟକ ଗୋଷ୍ଠୀ ଶିକ୍ଷାଧିକାରୀ ଅମୀୟ ମହାଳିକ ପ୍ରମୁଖ ଉପସ୍ଥିତ ଥିଲେ। ଅମୀୟ ପାଣିଗ୍ରାହୀ ମଞ୍ଚ ପରିଚାଳନା କରିଥିଲେ।

# 'ଉନ୍ନତ ଜ୍ଞାନକୌଶଳରେ ଚାଷକଲେ ଉତ୍ପାଦନ ବୃଦ୍ଧି ପାଏ'



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

ତିହିଡି, ୩୦।୫ (ସଞ୍ଜିତ ବଳ)

ଗାଁ ଗହଳିରେ ପୁରୁଣା ପଦ୍ଧତିରେ ବିଭିନ୍ନ ଚାଷ କରାଯାଇଥାଏ। ଯାହାଦ୍ୱାରା ରୋଗ ଓ ପୋକରେ ଚାଷ ପ୍ରଭାବିତ ହୋଇ ଉତ୍ପାଦନ ହ୍ରାସ ପାଇଥାଏ। ମାତ୍ର ଉନ୍ନତ ଜ୍ଞାନ କୌଶଳରେ ଚାଷ କଲେ ଉତ୍ପାଦନ ବୃଦ୍ଧି ପାଇବା ସହ ଚାଷୀମାନେ ଲାଭବାନ ହୋଇଥାନ୍ତି ବୋଲି ତିହିଡି କୃଷି ପରାମର୍ଶ କେନ୍ଦ୍ର ପକ୍ଷରୁ ଅନୁଷ୍ଠିତ ବିକଶିତ କୃଷି ସଂକଳ୍ପ

**ବିକଶିତ କୃଷି ସଂକଳ୍ପ ଅଭିଯାନ**

ଅଭିଯାନରେ ଯୋଗ ଦେଇ ଅତିଥି ଓ କୃଷି ବୈଜ୍ଞାନିକମାନେ ମତବ୍ୟକ୍ତ କରିଛନ୍ତି।

ତିହିଡି ବ୍ଲକ ଦୌଲତପୁର ପଞ୍ଚାୟତ ଅଧୀନ ଅର୍ଜୁନବିନ୍ଧା ଦୁର୍ଗାପଡ଼ିଆରେ ଶୁକ୍ରବାର ପୂର୍ବାହ୍ନ ୧୦ଟା ସମୟରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ବ୍ଲକ କୃଷି ଅଧିକାରୀ ଅମର ପ୍ରସାଦ ସାହୁ ସଞ୍ଚାଳନ କରିଥିଲେ। ମୁଖ୍ୟଅତିଥି ଭାବେ ବିଡିଓ ନିରଞ୍ଜନ ବାରିକ ଯୋଗଦେଇ କୃଷିର ପରିବର୍ତ୍ତିତ ଉନ୍ନତ ଶୈଳୀ ସମ୍ପର୍କରେ ଚାଷୀମାନେ ଅବଗତ ହେବା ଆବଶ୍ୟକ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ଜିଲା ମୁଖ୍ୟ କୃଷି ଅଧିକାରୀ ଦିଜବର ସେଠୀ, ବରେଣ୍ୟ ଅତିଥି ଭାରତୀୟ ଅନୁସନ୍ଧାନ ପରିଷଦର ବୈଜ୍ଞାନିକ ଡ. ରାଜଲକ୍ଷ୍ମୀ ବେହେରା, ରାଣୀତାଲ କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ଡ. ବିଜୟଲକ୍ଷ୍ମୀ ମହାନ୍ତ ଓ ଡ. ବିଜୟଲକ୍ଷ୍ମୀ ରାଉତ, ବରିଷ୍ଠ ଗବେଷିକା ଭାନୁମତି ଧିନ୍ଦା, ସରପଞ୍ଚ ପ୍ରଭାତ କୁମାର ମିଶ୍ର ପ୍ରମୁଖ ଯୋଗ ଦେଇ କୃଷିର ଉନ୍ନତି ଘଟିଲେ ପରିବାର ତଥା ଅଞ୍ଚଳର ଆର୍ଥିକ ସ୍ଥିତି ସୁଦୃଢ଼ ହେବ ବୋଲି କହିଥିଲେ।

ଏହି ଅବସରରେ ସ୍ଥାନୀୟ ଅଞ୍ଚଳର ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀର କର୍ମକର୍ତ୍ତାଙ୍କ ସହ ବୈଜ୍ଞାନିକମାନଙ୍କ ପ୍ରଶ୍ନ ଉତ୍ତର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ତେବେ ଚାଷ ପାଇଁ ପାଣି ସହିତ ମାଙ୍କଡ଼ ଓ ଷଣ୍ଢ ମୁଖ୍ୟ ସମସ୍ୟା ପାଲଟିଥିବା ଏସ୍‌ଏଚ୍‌ଜି କର୍ମକର୍ତ୍ତାମାନେ ସୂଚନା ଦେଇଥିଲେ। ଗ୍ରାମ୍ୟ କୃଷି କର୍ମଚାରୀ ତ୍ରିନାଥ ଭୋଇ, ସନ୍ତୋଷ ମହାନ୍ତି, ଏଟିଏମ୍ ଅନୁରାଗ ନାୟକ ଓ ଗିରିଜା ଶଙ୍କର ରାୟଚୌଧୁରୀ, ଡିଟିଏମ୍ ରଞ୍ଜିତ କୁମାର ସାହୁ, ମତ୍ସ୍ୟ ବିଭାଗର ସୁଚିତ୍ରା ବେହେରା ଓ ସଙ୍ଗୀତା ପତି, ଉଦ୍ୟାନ ବିଭାଗର ବିଜୟ କୁମାର ସିଂ ଓ ସତ୍ୟବ୍ରତ ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ସଡ଼କ ସୁରକ୍ଷା ସମିତି ବୈଠକ





ସଡ଼କ ସୁରକ୍ଷା ସମିତି ବୈଠକରେ ଜିଲାପାଳ ଓ ଅନ୍ୟମାନେ।

ଭଦ୍ରକ,୩୦।୫ (ସନାତନ ରାଉତ/ରବିନାରାୟଣ ଖିଲାର)

ଭଦ୍ରକ ଜିଲାପାଳଙ୍କ କାର୍ଯ୍ୟାଳୟ ସଦ୍‌ଭାବନା ସଭାଗୃହରେ ଶୁକ୍ରବାର ପୂର୍ବାହ୍ନ ୧୦ଟାରେ ୪୩ତମ ସଡ଼କ ସୁରକ୍ଷା ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଦିଲୀପ ରାଉତରାଏଙ୍କ ଅଧ୍ୟକ୍ଷତାରେ ଏସ୍‌ପି ମଡକର ସନ୍ଦୀପ ସମ୍ପଦ, ଅତିରିକ୍ତ ଜିଲାପାଳ ଶାନ୍ତନୁ କୁମାର ମହାନ୍ତି, ଅତିରିକ୍ତ ଏସ୍‌ପି ଅରୁପ ଅଭିଷେକ ବେହେରା, ଆଞ୍ଚଳିକ ପରିବହନ ଅଧିକାରୀ ରାମନିବାସ ସିର୍କା, ରାଜପଥ ପ୍ରାଧିକରଣ ଅଧିକାରୀ, ସଡ଼କ ସୁରକ୍ଷା କମିଟିର ସକ୍ରୀୟ ସଦସ୍ୟମାନେ ଯୋଗଦେଇ ସଡ଼କ ସୁରକ୍ଷା ଉପରେ ଥିବା ମୋଟ ୧୫ଟି ସମସ୍ୟା ଉପରେ ଆଲୋଚନା କରିଥିଲେ। ରାଜପଥରେ ଥିବା ଗତି ଅବୋରୋଧକର ନିୟମ ହୋର୍ଡିଂର ଆକାର ବଡ଼ କରିବା, ୧୮ ବର୍ଷରୁ କମ୍ ବୟସ ପିଲାମାନେ କିପରି ଗାଡ଼ି ନ ଚଲାଇବେ ସେଥିପ୍ରତି ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବା, ପାଦଚଲା ରାସ୍ତା, ଓଭରବ୍ରିଜ ଅବରୋଧ ନ କରିବା, ପ୍ରତି ପ୍ରମୁଖ ଛକରେ ସିସିଟିଭି ଲଗାଇବା, ରାସ୍ତାରୁ ବୁଲା ଗୋରୁ ହଟାଇବା, ଆଦି ବିଷୟରେ ଆଲୋଚନା ହୋଇଥିଲା। ରୋଟାରିଆନ ଅତିସ ବେହେରା ସଡ଼କ ସୁରକ୍ଷା ନିୟମାବଳୀକୁ କଡ଼ାକଡ଼ି କାର୍ଯ୍ୟକାରୀ କରିବାକୁ ଦାବି କରିଥିଲେ।

### ଯୁବକଙ୍କୁ ମରଣାନ୍ତକ ଆକ୍ରମଣ

ତିହିଡି, ୩୦।୫(ସଞ୍ଜିତ ବଳ)

ଭଦ୍ରକ ଜିଲା ତିହିଡି ଥାନା କୁବେରା ପଞ୍ଚାୟତ ଅଧୀନ କଷଟି ଗ୍ରାମର ସନ୍ତୋଷ ପରିଡ଼ା(୪୦)ଙ୍କୁ ଦୁର୍ବୃତ୍ତ ମରଣାନ୍ତକ ଆକ୍ରମଣ କରିଛନ୍ତି। ଏ ନେଇ ସନ୍ତୋଷଙ୍କ ସ୍ତ୍ରୀ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଘଟଣାର ତଦନ୍ତ ଚଳାଇଛି। ଆଇନଶୃଙ୍ଖଳା ପରିସ୍ଥିତିକୁ ନେଇ ଘଟଣାସ୍ଥଳରେ ବ୍ୟାପକ ପୋଲିସ ମୁତୟନ ହୋଇଥିବା ଜଣାପଡ଼ିଛି। ପ୍ରକାଶ ଯେ, କେତେ ଜଣ ଗୋରୁ ବ୍ୟବସାୟୀ ଶୁକ୍ରବାର ମଧ୍ୟାହ୍ନରେ କଷଟି ଗ୍ରାମରୁ ଗୋରୁ ନେଇ ଗୁଜିଦରଡ଼ାକୁ ଯାଉଥିଲେ। ଏହି ସମୟରେ କଷଟି ଗ୍ରାମର ସନ୍ତୋଷଙ୍କ ସମେତ କେତେ ଜଣ ବ୍ୟକ୍ତିଙ୍କ ସହ ତାଙ୍କର ବଚସା ହୋଇଥିଲା। ପରେ ସେହି ଗୋରୁ ବ୍ୟବସାୟୀମାନେ ମୁସଲମାନ ସମ୍ପ୍ରଦାୟର କିଛି ବ୍ୟକ୍ତିଙ୍କୁ ଫୋନ କରି ଡକାଇଥିଲେ। ସେମାନେ ପହଞ୍ଚିବା ପରେ ଉଭୟ ପକ୍ଷଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ସେମାନେ ସନ୍ତୋଷଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଆକ୍ରମଣରେ ଗୁରୁତର ସନ୍ତୋଷ ପ୍ରଥମେ ଭଦ୍ରକ ଡାକ୍ତରଖାନାରେ ଭର୍ତ୍ତି ହୋଇଥିବା ବେଳେ ପରେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତର ହୋଇଥିଲେ। ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ଖବର ପାଇ ଚାନ୍ଦବାଲି ଏସ୍‌ଡିପିଓ ତ୍ରିଲୋଚନ ସେଠୀ, ଆଇଆଇସି ସତ୍ୟବ୍ରତ ଗ୍ରହାଚାର୍ଯ୍ୟ ପହଞ୍ଚି ବୁଝାଶୁଝା କରିବା ପରେ ଉତ୍ତେଜନା ନିୟନ୍ତ୍ରିତ ହୋଇଥିବା ଜଣାପଡ଼ିଛି। ଖବର ଲେଖାହେବା ପର୍ଯ୍ୟନ୍ତ କୌଣସି ମାମଲା ରୁଜୁ ହୋଇ ନ ଥିଲା।

# ଆଇନ ସମ୍ରାଟ ବିମାନ ଚନ୍ଦ୍ର ରାୟଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ

ଭଦ୍ରକ,୩୦।୫ (ରବିନାରାୟଣ ଖିଲାର/ସନାତନ ରାଉତ)

ଭଦ୍ରକ ଜିଲାର ଆଇନ ସମ୍ରାଟ ଭାବେ ପରିଚିତ ବରିଷ୍ଠ ଆଇନଜୀବୀ ସ୍ୱର୍ଗତ ବିମାନ ଚନ୍ଦ୍ର ରାୟଙ୍କ ଶ୍ରାଦ୍ଧବାର୍ଷିକୀ ପାଳନ ଅବସରରେ ତାଙ୍କର ଓ ତାଙ୍କ ଧର୍ମପତ୍ନୀ କାନନ ବାଳା ମହାନ୍ତିଙ୍କ ପ୍ରତିମୂର୍ତ୍ତି ଭଦ୍ରକ ସହର ଅସ୍ତ୍ରଳସ୍ଥିତ ବାସଭବନ ପରିସରରେ ଶୁକ୍ରବାର ମଧ୍ୟାହ୍ନ ୧୨ଟାରେ ଉନ୍ମୋଚିତ ହୋଇଛି। ସର୍ବଭାରତୀୟ ଓକିଲ ସଂଘର ରାଜ୍ୟ ସଭାପତି ଲକ୍ଷ୍ମୀଧର ପଙ୍ଗାରୀ, ରାଜ୍ୟ ସମ୍ପାଦକ ଦୀପକ ମହାପାତ୍ର ଓ ଭଦ୍ରକ ପୌରାଧକ୍ଷା ଗୁଲମକ୍କୀ ଦଲୱାଜି ହବିବ ମିଳିତ ଭାବେ ପ୍ରତିମୂର୍ତ୍ତି ଉନ୍ମୋଚନ କରିଥିଲେ। ଭାରତୀୟ ନ୍ୟାୟ ବ୍ୟବସ୍ଥାର ସ୍ୱାଧୀନତା ଓ ନିରପେକ୍ଷତାର ସୁରକ୍ଷା ପାଇଁ ଭଦ୍ରକବାସୀ ଏକ ହୋଇ ଲଢ଼ିଲେ ସ୍ୱର୍ଗତ ରାୟଙ୍କ ପ୍ରତି ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ହେବ ବୋଲି ମୁଖ୍ୟଅତିଥି ପଙ୍ଗାରୀ କହିଥିଲେ। ଭାରତର ଏକତା, ଭାଇଚାରା, ଅଖଣ୍ଡତା ଓ ସାର୍ବଭୌମତ୍ୱର ସୁରକ୍ଷା ପାଇଁ ଭଦ୍ରକବାସୀ ଲଢ଼େଇ କରିବାକୁ ନିବେଦନ କରିଥିଲେ। ସ୍ୱର୍ଗତ ରାୟ ଜୀବନର ଶେଷ ସମୟ ପର୍ଯ୍ୟନ୍ତ ମାର୍କ୍ସବାଦୀ ଦର୍ଶନରେ ଦୀକ୍ଷିତ ଥିଲେ। ଗରିବ ଲୋକଙ୍କ ପାଇଁ ଖୁବ୍‌କମ୍ ପାଉଣାରେ ଲଢୁଥିଲେ ବୋଲି ବକ୍ତାମାନେ ପ୍ରକାଶ କରିଥିଲେ। ଆଇନଜୀବୀ ଗିରିଧାରୀ ନାଥ ଓ ହେମନ୍ତ ନାୟକଙ୍କ ମିଳିତ ଆବାହକତ୍ୱରେ ଅନୁଷ୍ଠିତ ସ୍ମୃତିଚାରଣ ସଭାରେ ଓଡ଼ିଶା ଷ୍ଟେଟ ବାର୍ କାଉନସିଲର ଉପସଭାପତି ରାଜୀବ ମହାନ୍ତି, ଅବସରପ୍ରାପ୍ତ ପ୍ରଫେସର ଅଟଳ ବିହାରୀ ନାୟକ, ଭଦ୍ରକ ଓକିଲ ସଂଘର ସମ୍ପାଦକ ସୂର୍ଯ୍ୟକାନ୍ତ କୁଅଁର, ପୂର୍ବତନ ସମ୍ପାଦକ ଦିବ୍ୟସିଂହ ନାୟକ, ପୂର୍ବତନ ସଭାପତି ବିଷ୍ଣୁ ମୋହନ ମହାପାତ୍ର, ବରିଷ୍ଠ ଆଇନଜୀବୀ ରଞ୍ଜନ ନାୟକ, ଶ୍ରୀକାନ୍ତ ତ୍ରିପାଠୀ, ରାଧାନାଥ ଦାସ, ପ୍ରଫୁଲ୍ଲ ପାଢ଼ୀ, ଗଦାଧର ବଳ, ଯାମିନକାନ୍ତ ନାୟକ, ଅଗଣି ଚରଣ ଜେନା, ଯୁବ ଆଇନଜୀବୀ ଉଜ୍ୱଳ ଜେନା, ପୂର୍ଣ୍ଣଚନ୍ଦ୍ର ମହାନ୍ତି ପ୍ରମୁଖ ସ୍ମୃତିଚାରଣ କରିଥିଲେ। ଯୁବ ଆଇନଜୀବୀ ବିକାଶ ନାଥ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଆଇନଜୀବୀ ଅଶୋକ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ସ୍ୱର୍ଗତ ରାୟଙ୍କ ଜ୍ୟେଷ୍ଠକନ୍ୟା ତଥା ନୟାଗଡ଼ ଅତିରିକ୍ତ ଜିଲା ଓ ଦୌରା ଜଜ୍ ରିଜା ରାୟଙ୍କ ସମେତ ପରିବାର ବର୍ଗ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ବିଦେଶୀ ମଦ ଜବତ

ଭଣ୍ଡାରିପୋଖରୀ,୩୦।୫(ରାଜେନ୍ଦ୍ର ଶତପଥୀ)

ଭଦ୍ରକ ଜିଲା ମଞ୍ଜୁରୀରୋଡ଼ ଫାଣ୍ଡି ଅନ୍ତର୍ଗତ ବିଟିଡି ଛକରୁ ଗୁରୁବାର ରାତି ୧୦ଟା ୫୦ ରେ ପୋଲିସ ୭ ଲିଟର ବିଦେଶୀ ମଦ ଜବତ କରିଛି। ଭଦ୍ରକ ଟାଉନ ଥାନା ଅନ୍ତର୍ଗତ ଜାନୁଗଞ୍ଜ ଅଞ୍ଚଳର ରାଜେଶ ସାହୁ(୩୦) ବେଆଇନଭାବେ ୪୦ ବୋତଲ ମଦ ନେଇଥିବା ବେଳେ କନଷ୍ଟେବଲ ବିଚିତ୍ରାନନ୍ଦ ବେହେରା କାବୁ କରିଥିଲେ।

## ବିଜେଡିର ବ୍ଲକ୍, ପୌରପାଳିକା ସଭାପତି ଘୋଷିତ

ଭଦ୍ରକ,୩୦।୫(ରବିନାରାୟଣ ଖିଲାର)

ବିଜୁ ଜନତା ଦଳର ସମସ୍ତ ବ୍ଲକ୍, ପୌରପାଳିକା, ବିଜ୍ଞାପିତ ଅଞ୍ଚଳର ସଭାପତିଙ୍କ ନାମ ଘୋଷଣା କରାଯାଇଛି। ଦଳର ଜିଲା ନିର୍ବାଚନ ଅଧିକାରୀ ଆଇନଜୀବୀ ପବନ ଶର୍ମାଙ୍କ ଅନୁମୋଦନ କ୍ରମେ ଜିଲା ସଭାପତି ଜଗନ୍ନାଥ ସ୍ୱାଇଁ ଶୁକ୍ରବାର ପୂର୍ବାହ୍ନ ୧୦ଟାରେ ବିଜୁ ଜନତା କାର୍ଯ୍ୟାଳୟଠାରେ ସଭାପତିଙ୍କ ନାମ ଘୋଷଣା କରିଥିଲେ। ଏଥିରେ ଭଦ୍ରକ ବ୍ଲକ୍ ସଭାପତିଭାବେ ପ୍ରଫୁଲ୍ଲ ନାୟକ, ଧାମନଗରର ପ୍ରତାପ ସାମଲ, ଭଣ୍ଡାରିପୋଖରୀର ଲକ୍ଷ୍ମୀଧର ନାୟକ, ବନ୍ତର ଲକ୍ଷ୍ମୀକାନ୍ତ ମହାନ୍ତି, ବାସୁଦେବପୁରର ଦୀନବନ୍ଧୁ ଦାସ, ତିହିଡିର ସୁରେନ୍ଦ୍ର ନାୟକ, ଚାନ୍ଦବାଲିର ପ୍ରତାପ ଧଳ ଓ ଭଦ୍ରକ ପୌରପାଳିକାର ସଭାପତିଭାବେ ସେକ୍ ଜକାଉଲ୍ଲା, ଚାନ୍ଦବାଲି ଏନଏସ୍‌ସିର ଦିଜବର ରାଉତ, ଧାମନଗରର ବିଜୟ କେତନ ସାହୁ, ବାସୁଦେବପୁରର ଶ୍ୟାମସୁନ୍ଦର ମହାନ୍ତି ପ୍ରମୁଖଙ୍କ ନାମ ସଭାପତିଭାବେ ଘୋଷଣା କରାଯାଇଛି।

## ପ୍ରତାପ ବ୍ଲକ୍, ଦ୍ୱିଜବର ଏନ୍‌ଏସି ସଭାପତି

ଚାନ୍ଦବାଲି,୩୦।୫ (କିଷାନ ପାତ୍ର)





ପ୍ରତାପ ଚନ୍ଦ୍ର ଧଳ ଓ ଦ୍ୱିଜବର ରାଉତ।

ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ୍ ବିଜେଡି ସଭାପତି ଭାବେ ବରିଷ୍ଠ ବିଜେଡି ନେତା ପ୍ରତାପ ଚନ୍ଦ୍ର ଧଳ ଓ ଏନ୍‌ଏସି ସଭାପତିଭାବେ ଦ୍ୱିଜବର ରାଉତଙ୍କ ନାମ ଶୁକ୍ରବାର ଭଦ୍ରକ ଜିଲା ବିଜେଡି ସଭାପତି ଜଗନ୍ନାଥ ସ୍ୱାଇଁ ଅନୁମୋଦନ କରିଛନ୍ତି। ପ୍ରତାପ ୨୦୧୯ ପୂର୍ବରୁ ବ୍ଲକ ବିଜେଡ଼ି ସଭାପତି ରହିଥିଲେ। ପରେ କିଛି ବର୍ଷ ପାଇଁ ଭାଜପାକୁ ଯାଇ ପରେ ଦଳକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ଉଭୟ ବିଜେଡି ରାଜ୍ୟ ସଭାପତି ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ରାଜ୍ୟ ବିଜେଡ଼ି ସାଧାରଣ ସମ୍ପାଦକ ବ୍ୟୋମକେଶ ରାୟଙ୍କୁ ଧନ୍ୟବାଦ ଜଣାଇଛନ୍ତି।

## ସୁରେନ୍ଦ୍ର ତିହିଡ଼ି ବ୍ଲକ୍ ସଭାପତି

ତିହିଡି, ୩୦।୫ (ସଞ୍ଜିତ ବଳ)



ସୁରେନ୍ଦ୍ର ନାୟକ

ତିହିଡ଼ି ବ୍ଲକ୍ ବିଜେଡ଼ି ସଭାପତିଭାବେ ସୁରେନ୍ଦ୍ର କୁମାର ନାୟକ ନିର୍ବାଚିତ ହୋଇଛନ୍ତି। ଫତେପୁର ପଞ୍ଚାୟତ ଅଧୀନ ବଡ଼ଗାଲୋ ଗ୍ରାମର ସୁରେନ୍ଦ୍ର ୧୯୭୪ରୁ ରାଜନୀତିରେ ସକ୍ରିୟ ଭୂମିକା ନେଇ ଆସୁଛନ୍ତି। ସେ ୧୯୯୭ରୁ ୨୦୦୫ ଯାଏ ତିହିଡି ବ୍ଲକ୍‌ର ଜନତା ଦଳ ଓ ବିଜେଡିର ସଭାପତି ଥିଲେ। ଏହାଛଡ଼ା ଅବିଭକ୍ତ କୋଳ୍ହ ପଞ୍ଚାୟତରେ ସେ ୨ଥର ସରପଞ୍ଚ ଭାବେ ନିର୍ବାଚିତ ହୋଇଛନ୍ତି। ପୂର୍ବତନ କେନ୍ଦ୍ରମନ୍ତ୍ରୀ ସ୍ୱର୍ଗତ ଅର୍ଜୁନ ଚରଣ ସେଠୀଙ୍କ ବାଲେଶ୍ୱର ଜିଲା ପ୍ରତିନିଧି ଏବଂ ପୂର୍ବତନ ଏମ୍‌ପି ଅର୍ଜୁନ ଚରଣ ସେଠୀଙ୍କ ତିହିଡି ବ୍ଲକ୍ ପ୍ରତିନିଧି ରହିଥିଲେ। ଏହାଛଡ଼ା ଦୀର୍ଘ ବର୍ଷ ହେଲା ବିଜେଡିର ସଙ୍ଗଠନକୁ ସୁଦୃଢ଼ କରିବାରେ ସକ୍ରିୟ ଭୂମିକା ନେଇଛନ୍ତି। ଏହି ପଦବୀ ମିଳିବା ପରେ ସେ ରାଜ୍ୟ ସଭାପତି ନବୀନ ପଟ୍ଟନାୟକ, ଉପସଭାପତି ପ୍ରଣବ ପ୍ରକାଶ ଦାସ, ବିଧାୟକ ବ୍ୟୋମକେଶ ରାୟ, ପୂର୍ବତନ ବିଧାୟକ ବିଜୟ ନାୟକ ଓ ରାଜେନ୍ଦ୍ର ଦାସ, ଧାମନଗର ନେତା ଡା. ସଞ୍ଜୟ କୁମାର ଦାସ ପ୍ରମୁଖଙ୍କୁ କୃତଜ୍ଞତା ଜଣାଇଛନ୍ତି।

## ଦୀନବନ୍ଧୁ ବ୍ଲକ୍, ଶ୍ୟାମସୁନ୍ଦର ନଗର ସଭାପତି

ବାସୁଦେବପୁର,୩୦।୫ (ନାରାୟଣ ପ୍ରସାଦ ବାରିକ୍)





ଦୀନବନ୍ଧୁ ଦାସ ଓ ଶ୍ୟାମସୁନ୍ଦର ମହାନ୍ତି

ବାସୁଦେବପୁର ବ୍ଲକ୍ ବିଜେଡି ସଭାପତି ଭାବେ ଦୀନବନ୍ଧୁ ଦାସ ଓ ନଗର ବିଜେଡି ସଭାପତିଭାବେ ଶ୍ୟାମସୁନ୍ଦର ମହାନ୍ତି ମନୋନୀତ ହୋଇଛନ୍ତି। ପୂର୍ବତନ ବିଧାୟକ ବିଷ୍ଣୁବ୍ରତ ରାଉତରାୟଙ୍କ ଅତ୍ୟନ୍ତ ଘନିଷ୍ଠ ଭାବେ ଦୀନବନ୍ଧୁ ଓ ଶ୍ୟାମସୁନ୍ଦର ଜଣାଶୁଣା ଅଟନ୍ତି। ଉଭୟ ଦଳର ସୁପ୍ରିମୋ ନବୀନ ପଟ୍ଟନାୟକ, ଜିଲା ସଭାପତି ଜଗନ୍ନାଥ ସ୍ୱାଇଁ, ପୂର୍ବତନ ବିଧାୟକ ରାଉତରାୟଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି।

## ଲକ୍ଷ୍ମୀଧର ବ୍ଲକ୍ ବିଜେଡି ସଭାପତି

ଭଣ୍ଡାରିପୋଖରୀ,୩୦।୫(ରାଜେନ୍ଦ୍ର ଶତପଥି)

ଭଣ୍ଡାରିପୋଖରୀ ବ୍ଲକ୍ ବିଜେଡ଼ି ସଭାପତି ଭାବେ ୨ୟ ଥର ପାଇଁ ଲକ୍ଷ୍ମୀଧର ସାହୁ ମନୋନୀତ ହୋଇଛନ୍ତି। ସେ ୨୩ନଂ. ଜିଲା ପରିଷଦ ସଦସ୍ୟ ଅଛନ୍ତି। ନିଯୁକ୍ତି ପାଇଁ ବିଧାୟକ ସଞ୍ଜୀବ କୁମାର ମଲ୍ଲିକ, ଜିଲା ସଭାପତି ଜଗନ୍ନାଥ ସ୍ୱାଇଁ, ଦଳର ରାଜ୍ୟ ସଭାପତି ନବୀନ ପଟ୍ଟନାୟକଙ୍କୁ କୃତଜ୍ଞତା ଜଣାଇଛନ୍ତି।

# ଦେବ ଦମ୍ପତିଙ୍କ ମଙ୍ଗଳକୃତ୍ୟ ସମ୍ପନ୍ନ

ଧୂଷୁରୀ,୩୦।୫ (ଦୀପ୍ତି ରଞ୍ଜନ ନାୟକ)



ଦେବ ଦମ୍ପତିଙ୍କ ମଙ୍ଗଳକୃତ୍ୟ ଚାଲିଛି।

ଭଦ୍ରକ ଜିଲାର ପ୍ରସିଦ୍ଧ ଶୈବପୀଠ ଆରଡ଼ିସ୍ଥିତ ବାବା ଆଖଣ୍ଡଳମଣିଙ୍କ ପୀଠରେ ଶନିବାର ଶିବ ବିବାହ ଅନୁଷ୍ଠିତ ହେବ। ଏନେଇ ଶୁକ୍ରବାର ସକାଳ ୯ଟାରେ ଦେବ ଦମ୍ପତିଙ୍କ ମଙ୍ଗଳକୃତ୍ୟ ସମ୍ପନ୍ନ ହୋଇଛି। ଭୋର ୪ଟା ୩୦ରେ ମନ୍ଦିର ପହଡ଼ ଖୋଲିବା ପରେ ମଙ୍ଗଳ ଆଳତି ସମାପନ କରାଯାଇଥିଲା। ପ୍ରଭୁଙ୍କ ଶରୀରରେ ପୂଜକମାନେ ହଳଦୀ ଲେପନ କରି ସ୍ନାନକୃତ୍ୟ ସମ୍ପନ୍ନ କରିଥିଲେ। ପରେ ପ୍ରଭୁ ପୀତ ବସ୍ତ୍ର ପରିଧାନ କରି ଭକ୍ତଙ୍କୁ ଦର୍ଶନ ଦେଇଥିଲେ। ସେପଟେ ବରପିତା ଆଲୋକ ପଣ୍ଡାଙ୍କ ଗୃହରେ ପ୍ରଭୁଙ୍କ ଚଳନ୍ତି ପ୍ରତିମା ଚନ୍ଦ୍ରଶେଖରଙ୍କୁ ଓ କନ୍ୟାପିତା ବିଶ୍ୱଜିତ ପାଢୀଙ୍କ ଘରେ ମାତା ପାର୍ବତୀଙ୍କୁ ସଧବା ନାରୀମାନେ ହଳଦୀ ଲେପନ କରି ମଙ୍ଗୁଳାଇଥିଲେ। କନ୍ୟାପିତାଙ୍କ ଘରେ ପ୍ରଭୁ ହନୁମାନ ବରଧରା ରୂପେ ବିରାଜମାନ କରିଥିଲେ।

**ଆଖଣ୍ଡଳମଣି ପୀଠ**

ମଙ୍ଗଳକୃତ୍ୟ ସମାପନ ପରେ ଉଭୟ ଦେବ ଦମ୍ପତିଙ୍କୁ ଦର୍ଶନ କରିବା ପାଇଁ କନ୍ୟାପିତା ଏବଂ ବରପିତାଙ୍କ ଘରେ ଭକ୍ତଙ୍କ ଭିଡ଼ ଲାଗିଥିଲା। କଥିତ ଅଛି ଯେଉଁ ଯୁବତୀ ଯୁବକଙ୍କ ବିବାହରେ ବିଳମ୍ବ ହେଉଛି, ସେମାନେ ଦେବ ଦମ୍ପତିଙ୍କ ମଙ୍ଗୁଳା ବେଶ ଦେଖିଲେ ବିବାହ କାର୍ଯ୍ୟ ହୋଇଯାଏ। ପୀଠରେ ଧୂଷୁରୀ ଥାନାଧିକାରୀ ଅଜୟ ସୁଦର୍ଶନ ବାଗେ, ଆରଡ଼ି ଫାଣ୍ଡି ଅଧିକାରୀ ଅଭିମନ୍ୟୁ ଦାସ ଉପସ୍ଥିତ ରହି ଶିବ ବିବାହ ପ୍ରସ୍ତୁତି କାର୍ଯ୍ୟ ଉପରେ ନଜର ରଖିଥିଲେ।

### ଗୋଟିଏ ରାତିରେ ୨ ଘରୁ ଚୋରି

ଭଦ୍ରକ,୩୦।୫ (ସନାତନ ରାଉତ)

ଭଦ୍ରକ ଗ୍ରାମାଞ୍ଚଳ ଥାନା ଅଧୀନ ରାଜପୁର ଗ୍ରାମର ରବି ଜେନା ଓ ମନୋଜ ଦାସଙ୍କ ଘରୁ ଗୁରୁବାର ବିଳମ୍ବିତ ରାତିରେ ଚୋରି ହୋଇଥିବା ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ମୁତାବକ ରବି ତାଙ୍କ ଘରଠାରୁ କିଛି ଦୂରରେ ଭଡ଼ା ଘରେ ରହୁଛନ୍ତି। ଏହାର ସୁଯୋଗ ନେଇ ତାଙ୍କ ଘରର ଝରକା ଗ୍ରୀଲ ଭାଙ୍ଗି ସୁନା ଚେନ, ଲକେଟ୍, ରୂପା ବ୍ରେସ୍‌ଲେଟ୍ ଓ ନଗଦ ୫ ହଜାର ଟଙ୍କା ଚୋରି ହୋଇଥିବା ଅଭିଯୋଗରେ ଦର୍ଶାଇଛନ୍ତି। ସେହିପରି ଗାଁର ଶେଷମୁଣ୍ଡରେ ରହୁଥିବା ମନୋଜଙ୍କ ଘରୁ ବିଳମ୍ବିତ ରାତିରେ ଦୁର୍ବୃତ୍ତ ମାନେ ଟଙ୍କା, ସୁନା ଲୁଟି ନେଇଥିବା ଅଭିଯୋଗ ହୋଇଛି। ଶୁକ୍ରବାର ପୂର୍ବାହ୍ନରେ ଚୋରି ହୋଇଥିବା ନେଇ ପୋଲିସକୁ ଜଣାଇଥିଲେ ମଧ୍ୟ ପୋଲିସ ଆସିବାରେ ବହୁ ବିଳମ୍ବ ହୋଇଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଅପରାହ୍ନ ୫ଟାରେ ଗ୍ରାମାଞ୍ଚଳ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

# ସରକାରୀ ବିହନ ବ୍ୟବହାରକୁ ନେଇ ଗୁରୁତ୍ୱ



ବିକଶିତ କୃଷି ସଂକଳ୍ପ ଅଭିଯାନ।

ଧାମନଗର,୩୦।୫(ସନ୍ତୋଷ କୁମାର ମହାପାତ୍ର)

ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦ୍ୱାରା ବିକଶିତ କୃଷି ସଂକଳ୍ପ ଅଭିଯାନ କାର୍ଯ୍ୟକ୍ରମ ଧାମନଗର ବ୍ଲକ୍ କୃଷି ବିଭାଗ ପକ୍ଷରୁ ଭଗବାନପୁର ପଞ୍ଚାୟତ ଅଧୀନ ଅନହରପୁର ପ୍ରାଥମିକ ବିଦ୍ୟାଳୟ ପରିସରରେ ଶୁକ୍ରବାର ପୂର୍ବାହ୍ନ ୧୦ଟାରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ସ୍ଥାନୀୟ ସରପଞ୍ଚ କାଞ୍ଚନ ସ୍ୱାଇଁ ଆନୁଷ୍ଠାନିକ ଭାବେ ଶୁଭାରମ୍ଭ କରିଥିଲେ। ସିଆଇଡବ୍ଲ୍ୟୁଏ ଭୁବନେଶ୍ୱର କୃଷି ବୈଜ୍ଞାନିକ ଡ଼ ତାନିଆ ସେଠ,

**ବିକଶିତ କୃଷି ସଂକଳ୍ପ ଅଭିଯାନ**

କୃଷି ବିଜ୍ଞାନ କେନ୍ଦ୍ର ବୈଜ୍ଞାନିକ ଡ଼. ମଣ୍ଟୁ ଚୌଧୁରୀ, ଡ଼ ବିଶ୍ୱରଞ୍ଜନ ସାମନ୍ତରାଏ, ବ୍ଲକ୍ କୃଷି ଅଧିକାରୀ ଅନୁରାଧା ପଣ୍ଡା, ସହକାରୀ କୃଷି ଅଧିକାରୀ ଦେବାଶିଷ ତ୍ରିପାଠୀ, ଏସ୍‌ସିଇଡବ୍ଲ୍ୟୁ ମୌସୁମୀ ଜେନା, ଏଚ୍‌ଇଡବ୍ଲ୍ୟୁ ଦିଲ୍ଲୀପ ସାହା, ପୂର୍ବତନ ସରପଞ୍ଚ ପ୍ରଫୁଲ୍ଲ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ପଞ୍ଚାୟତର ୨ ଶହରୁ ଊର୍ଦ୍ଧ୍ୱ ଚାଷୀମାନେ ଉପସ୍ଥିତ ଥିଲେ। ଚାଷୀ ସରକାରୀ ବିହନ ବିଭିନ୍ନ ଚାଷରେ ବ୍ୟବହାର କରିବାକୁ ଗୁରୁତ୍ୱାରୋପ କରାଯାଇଥିଲା। ଏହାବ୍ୟତୀତ ମୁଗ, ବିରି, ଆଖୁ, ନଳିତା, ମାଛ ସହ ପନିପରିବା ଆଦି ଚାଷରେ ସରକାରୀ ସହାୟତା ଓ ସବ୍‌ସିଡ୍ ବାବଦରେ ଆଲୋଚନା କରାଯାଇଥିଲା। ଅତ୍ୟାଧୁନିକ ଚାଷ ପ୍ରଣାଳୀ ଓ ନୂତନ ଜ୍ଞାନ କୌଶଳରେ ଚାଷ କରିବାକୁ ପରାମର୍ଶ ଦେବା ସହ ଉପସ୍ଥିତ ଚାଷୀଙ୍କଠାରୁ ଚାଷର ବିଭିନ୍ନ ପଦ୍ଧତି ଓ ସମସ୍ୟା ବିଷୟରେ ମତାମତ ନିଆଯାଇଥିଲା। ଶେଷରେ ବ୍ଲକ୍ କୃଷି ଅଧିକାରୀ ପଣ୍ଡା ଧନ୍ୟବାଦ ପ୍ରଦାନ କରିଥିଲେ।

## ଜିଲା ପରିଷଦର ଅଷ୍ଟମ ଅଧିବେଶନ

# ଶିକ୍ଷା, ଗମନାଗମନକୁ ଗୁରୁତ୍ୱ

କେନ୍ଦୁଝର,୩୦।୫
(ନରେଶ ଚନ୍ଦ୍ର ପଟ୍ଟନାୟକ/ଦୀପକ ମିଶ୍ର)


ଅଧିବେଶନରେ ଉପସ୍ଥିତ ଜିଲାର ପ୍ରଶାସିନକ ଅଧିକାରୀ ଓ ଜନପ୍ରତିନିଧିମାନେ।

କେନ୍ଦୁଝର ଜିଲା ଷଷ୍ଠ ଜିଲା ପରିଷଦର ଅଷ୍ଟମ ଅଧିବେଶନ ଶୁକ୍ରବାର ଅପରାହ୍ନ ୪ଟରେ ଜିଲା ପରିଷଦ ଅଧ୍ୟକ୍ଷା ସାଗରିକା ସାହୁଙ୍କ ଅଧ୍ୟକ୍ଷତାରେ ଦରବାରହଲଠାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବିଦ୍ୟାଳୟ, ଛାତ୍ରୀଛାତ୍ରଙ୍କ ବୃତ୍ତି ଓ ଗମନାଗମନ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଏଥିସହ ପୂର୍ବ ବୈଠକର ବିବରଣୀ ଉପରେ ଆଲୋଚନା ପୂର୍ବକ ଉପସ୍ଥାପିତ ପ୍ରସଙ୍ଗର ସମାଧାନ ନିମନ୍ତେ ନିଷ୍ପତ୍ତି ହୋଇଥିବା କାର୍ଯ୍ୟର ଅନୁପାଳନ ସମୀକ୍ଷା କରାଯାଇଥିଲା।

ପ୍ରଥମେ ଜିଲାପାଳ ବିଶାଳ ସିଂହ ସମସ୍ତଙ୍କୁ ସ୍ୱାଗତ ଜଣାଇ ଅଧିବେଶନ ଆରମ୍ଭ କରିଥିଲେ। ପରେ ଶିକ୍ଷା ବିଭାଗର ଆଦର୍ଶ ବିଦ୍ୟାଳୟ, ରାଜ୍ୟ ମୁକ୍ତ ବିଦ୍ୟାଳୟ ପ୍ରତିଷ୍ଠାନ, ମଧ୍ୟାହ୍ନ ଭୋଜନ, ମୋ ସ୍କୁଲ ଅଭିଯାନ, ବିଭିନ୍ନ ବିଦ୍ୟାଳୟରେ ଥିବା ଛାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀ, ଶିକ୍ଷକଙ୍କ ସଂଖ୍ୟା, ବିଦ୍ୟାଳୟ ପୋଷାକ, ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଆଦି ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଥିଲା। ସେହିପରି ଜିଲା ମଙ୍ଗଳ ଅଧିକାରୀଙ୍କ ତରଫରୁ ପ୍ରଦାନ କରାଯାଉଥିବା ଛାତ୍ରବୃତ୍ତି, ସହିଦ ମାଧୋ ସିଂ ହାତ ଖର୍ଚ୍ଚ ଯୋଜନା ବାବଦରେ ଆଲୋଚନା ହୋଇଥିଲା। ବିଦ୍ୟୁତ୍ ବିଭାଗର କାର୍ଯ୍ୟର ସମୀକ୍ଷା କରାଯାଇ ନୂତନ ଫିଡ଼ର, ଲାଇନ୍ ନବୀକରଣ ଟ୍ରାନ୍ସଫର୍ମର ସ୍ଥାପନ ଆଦି ବିଷୟରେ ଆଲୋଚନା କରାଯାଇଥିଲା। ପୂର୍ତ୍ତ ବିଭାଗର ବିଭିନ୍ନ ସୂତ୍ରରୁ ପ୍ରାପ୍ତ ଅର୍ଥରାଶି ମାଧ୍ୟମରେ ରାସ୍ତା ଓ ପୋଲ ନିର୍ମାଣ, କୋଠାବାଡି ନିର୍ମାଣ ଆଦିର କାର୍ଯ୍ୟ ଅଗ୍ରଗତି ଏବଂ ଭବିଷ୍ୟତ କାର୍ଯ୍ୟ ଉପରେ ଆଲୋଚନା କରାଯାଇଥିଲା। ଗ୍ରାମ୍ୟ ବିଭାଜନ ପକ୍ଷରୁ ପ୍ରଣୟନ କରାଯାଉଥିବା ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନା, ବିଜୁ ସେତୁ ଯୋଜନା ଆଦିର କାର୍ଯ୍ୟ ସମୀକ୍ଷା ହୋଇଥିଲା। ସେହିପରି ଜଳସେଚନ, ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ଓ ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗର ବିଭିନ୍ନ ପ୍ରକଳ୍ପ ଓ ଯୋଜନାର କାର୍ଯ୍ୟକାରିତା ଉପରେ ବିଶଦ ଆଲୋଚନା କରାଯାଇଥିଲା। ବୈଠକରେ ଏମ୍‌ପି ଅନନ୍ତ ନାୟକ, ଘଷିପୁରା ବିଧାୟକ ବଦ୍ରି ନାରାୟଣ ପାତ୍ର, ଚମ୍ପୁଆ ବିଧାୟକ ସନାତନ ମହାକୁଡ଼, ପାଟଣା ବିଧାୟକ ଅଖିଳଚନ୍ଦ୍ର ନାୟକ, ତେଲକୋଇ ବିଧାୟକ ଡା. ଫକୀର ମୋହନ ନାଏକ, ଆନନ୍ଦପୁର ବିଧାୟକ ଅଭିମନ୍ୟୁ ସେଠୀ, ଜିଲା ପରିଷଦର ଉପାଧ୍ୟକ୍ଷ ସୋମନାଥ ଦାସ, ମୁଖ୍ୟମନ୍ତ୍ରୀଙ୍କ ପ୍ରତିନିଧି ଅନୁବ୍ରତ ବେହେରା, ବନଖଣ୍ଡ ଅଧିକାରୀ ଏଚ୍‌ଡ଼ି ଧନ୍‌ରାଜ, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ କୁମାର ନାଗଭୁଷଣ, ଜିଲା ପରିଷଦର ସଦସ୍ୟା, ସଦସ୍ୟ, ପଞ୍ଚାୟତ ସମିତି ଅଧ୍ୟକ୍ଷା, ଅଧ୍ୟକ୍ଷ ଓ ବିଭିନ୍ନ ଅଧିକାରୀ ଉପସ୍ଥିତ ଥିଲେ।

# କମ୍ପ୍ୟୁଟର ସାଇନ୍ସରେ ଚିନ୍ମୟୀ ଦ୍ୱିତୀୟ

ପାଟଣା,୩୦।୫(ବୀର କିଶୋର ଦାଶ)

**ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜ ବିଶ୍ୱ ବିଦ୍ୟାଳୟର ଯୁକ୍ତ ୩ ପରୀକ୍ଷା ଫଳ ପ୍ରକାଶିତ**

**ପ୍ରଥମ ୧୦ ମଧ୍ୟରେ ବିଶ୍ୱ ବିନାୟକ ଡିଗ୍ରୀ କଲେଜର ୫**


ଚିନ୍ମୟୀ ମହାନ୍ତି


ସତ୍ୟବ୍ରତ ମହାନ୍ତ

ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜ ବିଶ୍ୱବିଦ୍ୟାଳୟର ଯୁକ୍ତ ୩ ପରୀକ୍ଷା ଫଳ ଶୁକ୍ରବାର ଅପରାହ୍ନ ୩ ଟାରେ ପ୍ରକାଶ ପାଇଛି। କେନ୍ଦୁଝର ଜିଲା ପାଟଣା ବ୍ଲକ୍ ଖିରୋଇଗୋଡ଼ାସ୍ଥିତ ବିଶ୍ୱ ବିଦ୍ୟାଳୟ ଅଧୀନ ବିଶ୍ୱ ବିନାୟକ ଡିଗ୍ରୀ କଲେଜର ଛାତ୍ରୀଛାତ୍ର କମ୍ପ୍ୟୁଟର ସାଇନ୍ସରେ ଉଲ୍ଲେଖନୀୟ ସଫଳତା ଲାଭ କରିଛନ୍ତି। ବିଶ୍ୱବିଦ୍ୟାଳୟର ଶ୍ରେଷ୍ଠ ୧୦ ଜଣଙ୍କ ମଧ୍ୟରୁ ଏହି କଲେଜର ୫ ଜଣ ରହିଥିବା ବେଳେ ଛାତ୍ରୀ ଚିନ୍ମୟୀ ମହାନ୍ତ ଦ୍ୱିତୀୟ ସ୍ଥାନ ଅଧିକାର କରି ମହାବିଦ୍ୟାଳୟର ଗୌରବ ବୃଦ୍ଧି କରିଛନ୍ତି। ସେହିପରି ସତ୍ୟବ୍ରତ ମହାନ୍ତ ତୃତୀୟ, ଦେବସ୍ମିତା ମହାନ୍ତ ପଞ୍ଚମ, ସୁରାଧୀଶ ମହାନ୍ତ ସପ୍ତମ, ଇପ୍‌ସିତା ମହାନ୍ତ ଅଷ୍ଟମ ର୍ୟାଙ୍କ ହାସଲ କରି କୃତୀତ୍ୱ ହାସଲ କରିଛନ୍ତି। କମ୍ପ୍ୟୁଟର ସାଇନ୍ସ ବିଭାଗରେ ଚଳିତ ଥର ମହାବିଦ୍ୟାଳୟର ୫୨ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ। ସେଥି ମଧ୍ୟରୁ ୪୬ ଜଣ ପ୍ରଥମ ଶ୍ରେଣୀ ଓ ଡିଷ୍ଟିଂସନରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ୨୨ ଜଣ ଏ -ପ୍ଲସ ଗ୍ରେଡ୍ ହାସଲ କରିଛନ୍ତି। ଦ୍ୱିତୀୟ ସ୍ଥାନ ହାସଲ କରିଥିବା ଚିନ୍ମୟୀ ସଫଳତାର ଶ୍ରେୟ, ପରିବାର, ଅଧ୍ୟାପିକା, ଅଧ୍ୟାପକଙ୍କୁ ଦେଇଛନ୍ତି। ମହାବିଦ୍ୟାଳୟର ଅଧ୍ୟକ୍ଷ ରବି ନାରାୟଣ ମହାନ୍ତ ପରୀକ୍ଷା ଫଳାଫଳକୁ ନେଇ ପ୍ରସନ୍ନତା ବ୍ୟକ୍ତ କରିଛନ୍ତି। କୃତୀ ଛାତ୍ରୀଛାତ୍ରଙ୍କୁ ଉଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।

# ସଂରକ୍ଷିତ ଜଙ୍ଗଲରୁ ବେଧଡ଼କ ଗଛକଟା

ପାଟଣା,୩୦।୫(ବୀର କିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ରେଞ୍ଜ ପାଟଣା ସଂରକ୍ଷିତ ଜଙ୍ଗଲରୁ ବେଧଡକ ଗଛ କଟା ଚାଲିଛି। ମାଧାପୁର୍ ଡ୍ୟାମ ତଳ ଓ ଜଙ୍ଗଲରୁ ଚୋରା କାଠ ବ୍ୟବସାୟୀ ଗୁରୁବାର ଆକାଶିଆ ଓ ୟୁକାଲି ପଟାସ ଗଛ କାଟି ନେଇଛନ୍ତି। କଟର ଲଗାଇ କାଟୁ ଥିବାବେଳେ ପ୍ରତ୍ୟକ୍ଷ ଦର୍ଶୀମାନେ ବନ ବିଭାଗକୁ ଖବର କରିଥିଲେ। ଖବର ପାଇ ପାଟଣା ରେଞ୍ଜର ବନ ବିହାରୀ ସର୍ଦ୍ଦାର ବନ କର୍ମଚାରୀଙ୍କୁ ପଠାଇଥିଲେ ହେଁ ବନ କର୍ମଚାରୀ କାହାରିକିକୁ ଧରିବାରେ ସକ୍ଷମ ହୋଇନାହାନ୍ତି। ରେଞ୍ଜର ସର୍ଦ୍ଦାର କହିଛନ୍ତି, କର୍ମଚାରୀ ଘଟଣାସ୍ଥଳକୁ ୪ରୁ ୫ ଗଣ୍ଡି ପଡ଼ିଥିବା ଦେଖିଥିଲେ। ସେ ନିଜେ ଯାଇ ତଦନ୍ତ କରିବେ ବୋଲି କହିଥିଲେ।

# ଝରକା ଭାଙ୍ଗି ସୁନାଗହଣା ନେଇଗଲେ

**ଆନନ୍ଦପୁର ଉପଖଣ୍ଡରେ ୭୨ଘଣ୍ଟାରେ ୫ ଚୋରି**


ଘଟଣାସ୍ଥଳରେ ପୋଲିସ ଛାନ୍‌ଭିନ୍ କରୁଛି।

ଛେନାପଦି,୩୦।୫(ନିରାକାର ପରିଡା)

କେନ୍ଦୁଝର ଜିଲା ଆନନ୍ଦପୁର ଉପଖଣ୍ଡ ଆନନ୍ଦପୁର ଥାନା ବଞ୍ଚୋ ଛକରୁ ଗୁରୁବାର ବିଳମ୍ବିତ ରାତିରେ ଜଣଙ୍କ ଘରୁ ଚୋରି ହୋଇଛି। ଦୁର୍ବୃତ୍ତ ଝରକା ଭାଙ୍ଗି ଘରେ ଥିବା ୫ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ସୁନା, ରୁପା ଅଳଙ୍କାର ନେଇଯାଇଛନ୍ତି। ଘର ମାଲିକ ମାର୍କଣ୍ଡ ଓଝାଙ୍କ ଅଭିଯୋଗ ଆଧାରେ ପୋଲିସ ମାମଲା ରୁଜୁ କରି ତଦନ୍ତ କରୁଛି।

ପ୍ରକାଶ ଯେ, ବଞ୍ଚୋ ଛକରେ ରହୁଥିବା ମାର୍କଣ୍ଡଙ୍କ ଘର ଝରକା ତାଡ଼ି ଦୁର୍ବୃତ୍ତ ଘରେ ପଶିଥିଲେ। ଘରେ ଥିବା ଗୋଟିଏ ସୁନା ଚେନ୍, ୩ ମୁଦି, ୨ ହଳ ଶାଙ୍ଖୀ, ୩ ଲକେଟ, ରୁପା ପାଉଁଜି ସମେତ ନଗଦ ୫ ହଜାରରୁ ଉର୍ଦ୍ଧ୍ୱ ଟଙ୍କା ନେଇଯାଇଛନ୍ତି। ଉପର ଘରେ ପରିବାର ଲୋକେ ଥିଲେ ବି କେହି ଚୋରି ସମ୍ପର୍କରେ ଜାଣି ପାରି ନ ଥିଲେ। ସକାଳୁ ଉଠିବା ପରେ ଝରକା ଭଙ୍ଗା ହୋଇଥିବା ଦେଖି ପୋଲିସକୁ ଖବର ଦେଇଥିଲେ। ଖବରପାଇ ଆନନ୍ଦପୁର ବିଧାୟକ ଅଭିମନ୍ୟୁ ସେଠୀ ପହଞ୍ଚି ଏସ୍‌ପିଙ୍କ ସହିତ କଥା ହେବା ପରେ ଅତିରିକ୍ତ ଏସ୍‌ପି ମନୋଜ ରାଉତ, ଆନନ୍ଦପୁର ଏସ୍‌ଡିପିଓ ପ୍ରଶାନ୍ତ ବେହେରା, ୩ ଥାନାର ଆଇଆଇସି ସନ୍ଧାନୀ କୁକୁର ସହାୟତାରେ ତଦନ୍ତ ଚଳାଇଛନ୍ତି। ଅତିରିକ୍ତ ଏସ୍‌ପି ମନୋଜ ରାଉତ କହିଛନ୍ତି, ଅତିରିକ୍ତ ଏସ୍‌ପି, ଏସ୍‌ଡିପିଓ, ବିଭିନ୍ନ ଥାନାର ଆଇଆଇସି ଉପସ୍ଥିତ ରହି ସାଇଣ୍ଟିଫିକ ଟିମ୍ ଓ ସନ୍ଧାନୀ କୁକୁର ସହଯୋଗରେ ତଦନ୍ତ ଚଳାଇଛନ୍ତି।

ସୂଚନାଯୋଗ୍ୟ, ଆନନ୍ଦପୁର ଉପଖଣ୍ଡ ନନ୍ଦିପଦା ଥାନା ନାହାଳିଆ ଗ୍ରାମରୁ ଗତ ମଙ୍ଗଳବାର ଜଣଙ୍କ ଘରୁ, ଉକ୍ତ ଦିନ ରାମଚନ୍ଦ୍ରପୁର ଥାନା ଅଳତୀ ଗ୍ରାମରୁ ୨ ଜଣଙ୍କ ଘରୁ, ବୁଧବାର ରାତିରେ ସୋସୋ ଥାନା ଝୁଣାବାଡ଼ିର ଏକ ମନ୍ଦିର ଓ ମହୁଲପଙ୍କାର ଏକ ଦୋକାନ, ଗୁରୁବାର ଶାଳଣିଆରୁ ଜଣେ ଔଷଧ ବିତରକଙ୍କ ବାଇକ୍ ଡିକି ଭାଙ୍ଗି ଦୁର୍ବୃତ୍ତ ଚୋରି କରିଛନ୍ତି।

# ପୁଣି ୪ ଘର ଭାଙ୍ଗିଲେ ୨୬ ଟିକିଆ ହାତୀପଲ

ପାଟଣା,୩୦।୫(ବୀରକିଶୋର ଦାଶ): କେନ୍ଦୁଝର ଜିଲା ପାଟଣା ରେଞ୍ଜ ସାହାରପଡ଼ା ସେକ୍ସନ ମାଛଗଡ ସାଉଥବିଟ୍ ଅଞ୍ଚଳରେ ଗୁରୁବାର ବିଳମ୍ବିତ ରାତିରେ ପୁଣି ୨୬ ଟିକିଆ ହାତୀପଲ ୪ଘର ଭାଙ୍ଗିଛନ୍ତି। ଅସନବାହାଳୀ ଗ୍ରାମର ମାଗୁ ଭୂମିଜଙ୍କ ଘର ଓ ଚତୁରା ଭୂମିଜଙ୍କ ଘର ଭାଙ୍ଗିବା ସହ ଘର ଭିତରୁ ଧାନ, ଚାଉଳ ଖାଇ ଦେଇଛନ୍ତି। ସେହିଭଳି ରେଙ୍ଗାଳବଡା ଗ୍ରାମର ନରେନ ମହାନ୍ତଙ୍କ ଘର ଭାଙ୍ଗିବା ସହ ରମାକାନ୍ତ ମହାନ୍ତଙ୍କ ପାଚେରି ଭାଙ୍ଗି ଦେଇଛନ୍ତି। ବୁଧବାର ରାତିରେ ମଧ ଅଞ୍ଚଳରେ ୬ ଘର ଭାଙ୍ଗିବା ସହ ବ୍ୟାପକ ଫସଲ ନଷ୍ଟ କରିଥିଲେ। ଏବେ ହାତୀପଲ ପୁରୁଣା ପାଣି ସଂରକ୍ଷିତ ଜଙ୍ଗଲ ନିକଟ ରେଙ୍ଗାଳବେଡ଼ା ଗାଁ ଜଙ୍ଗଲ ପାଖରେ ବୁଲୁଛନ୍ତି। ହାତୀପଲଙ୍କ ଉପରେ ବନ ବିଭାଗ ନଜର ରଖିଛି।

# ସହାୟତା ପକ୍ଷରୁ ମାଟ୍ରିକ ଟପ୍ପରଙ୍କୁ ସମ୍ବର୍ଦ୍ଧନା

କେନ୍ଦୁଝର, ୩୦।୫ (ନରେଶ ଚନ୍ଦ୍ର ପଟ୍ଟନାୟକ)

ଅବସରପ୍ରାପ୍ତ ଶିକ୍ଷକଙ୍କୁ ନେଇ ଗଠିତ କେନ୍ଦୁଝର ଜିଲାର ଅନ୍ୟତମ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସହାୟତା ପକ୍ଷରୁ ମାଟ୍ରିକ ଟପ୍ପରଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଶୁକ୍ରବାର ପୂର୍ବାହ୍ନ ୧୧ଟାରେ ସଦର ମହକୁମାସ୍ଥ ଶିକ୍ଷକ ଭବନରେ ଆୟୋଜିତ ସଭାରେ ସର୍ବଶ୍ରେଷ୍ଠ ପ୍ରଦର୍ଶନ କରି ଏ+ ଲାଭ କରିଥିବା ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଇଂ. ହରମୋହନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥିଭାବେ ମହିଳା ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଫେସର ଲଳିତ ସାହୁ, ସମ୍ମାନିତ ଅତିଥିଭାବେ ଇଂ. ବସନ୍ତ ଦାନୀ, କହ୍ନେଇ ଚରଣ ମହାନ୍ତି ଯୋଗଦେଇଥିଲେ। ସମ୍ପାଦକ ରବୀନ୍ଦ୍ର ପଣ୍ଡା ଆୟୋଜନର ଲକ୍ଷ୍ୟ, ଉଦ୍ଦେଶ୍ୟ ସମ୍ପର୍କରେ ପ୍ରକାଶ କରିଥିଲେ। ଭିକାରୀ ଚରଣ ସାହୁ ସମ୍ବର୍ଦ୍ଧନା ସଭା ପରିଚାଳନା କରିଥିବା ବେଳେ ମଦନମୋହନ ଦ୍ୱିବେଦୀ ଧନ୍ୟବାଦ ଅର୍ପଣ କରିଥିଲେ। ଅତିଥିମାନେ ସରସ୍ୱତୀ ଶିଶୁମନ୍ଦିର କେନ୍ଦୁଝରର ଶୁଚିସ୍ମିତା ମହାନ୍ତ, ଶିଶୁମନ୍ଦିର ବଡ଼ବିଲର ସମୀକ୍ଷା ମହାନ୍ତି, ଶିଶୁମନ୍ଦିର ଚମ୍ପୁଆର ଅମରଜିତ ମହାନ୍ତ, ଯୋଡ଼ା ୱେଷ୍ଟ ହିନ୍ଦୀ ସ୍କୁଲର ଲଭଲି ଦାସ, ସରକାରୀ ବାଳିକା ବିଦ୍ୟାଳୟ ଆନନ୍ଦପୁରର ଅନନ୍ୟା ବେହେରା, ଆରବି ହାଇସ୍କୁଲ ଷଡ଼ଙ୍ଗର ସଂଗ୍ରାମ କେଶରୀ ରାଉତ, ହାଟଡ଼ିହୀ ହାଇସ୍କୁଲର ଜୟସ୍ମିତା ଚକ୍ର, ଗୋପବନ୍ଧୁ ବିଦ୍ୟାପୀଠ ଘଟଗାଁର ସୌମ୍ୟାରାଣୀ ମହାରଣା, ଡିଏନ୍ ବିଦ୍ୟାପୀଠ ଅଳତୀର ଅଂଶୁମାନ ସାହୁ, ସାଇ ଏଜୁକେସନ କଇନିପୁରାର ମୋନାଲିସା ସାହୁ, ଶିଶୁମନ୍ଦିର ଡୁରୁମୁଙ୍ଗାର ସାଇସ୍ମିତା ମିଶ୍ର, ଶାଳବଣି ଜିପି ହାଇସ୍କୁଲର ବିଶ୍ୱବନ୍ଦିତା ବେହେରା, ଏମ୍‌ଏମ୍‌ଏସ୍‌ବି ସୋମଗିରି ହାଇସ୍କୁଲର ସ୍ୱର୍ଣ୍ଣପ୍ରଭା ରାଉତ, ଏମ୍‌କେ ଗାନ୍ଧୀ ହାଇସ୍କୁଲ ଷଡ଼ଙ୍ଗୀର ନିକିତା ସାହୁ, ବିଲେଇପଦା ହାଇସ୍କୁଲ ଯୋଡ଼ାର ରିତେଶ ମହାନ୍ତିଙ୍କ ସହ ସମ୍ପୃକ୍ତ ବିଦ୍ୟାଳୟର ପ୍ରଧାନଶିକ୍ଷକ ବୃନ୍ଦଙ୍କୁ ମାନପତ୍ର ଓ ଟ୍ରଫି ପ୍ରଦାନ କରାଯାଇଥିଲା।


କୃତୀ ଛାତ୍ରୀଛାତ୍ର ଓ ଅନୁଷ୍ଠାନର କର୍ମକର୍ତ୍ତାମାନେ।

# ସୀମାନ୍ତରେ ବଢୁଛି ଖଣିଜ ଚୋରି

ଯୋଡ଼ା,୩୦।୫(ମାନସ ମହାନ୍ତି)

ଓଡ଼ିଶା ସୀମାନ୍ତ ଅଞ୍ଚଳରେ ଖଣିଜ ଚୋରି ବଢ଼ିବାରେ ଲାଗିଛି। କେନ୍ଦୁଝର ଜିଲା ଯୋଡ଼ା ଖଣି ମଣ୍ଡଳ ଅନ୍ତର୍ଗତ ଟାଙ୍ଗୁରା ସଂରକ୍ଷିତ ଜଙ୍ଗଲରେ ଝାଡ଼ଖଣ୍ଡର ଚୋରା ଖଣିଜ ବ୍ୟବସାୟୀ ଆଧିପତ୍ୟ ବିସ୍ତାର କରୁଥିବା ଦେଖାଯାଇଛି। ଚୋରା ଖଣିଜ ଟାଙ୍ଗୁରାରୁ ଉତ୍ତୋଳନ କରାଯାଇ ଅଳ୍ପ ଦୂରରେ ଥିବା ଝାଡ଼ଖଣ୍ଡ ସୀମାନ୍ତକୁ ଚାଲାଣ କରାଯାଉଥିବା ଅଭିଯୋଗ ହେଉଛି। ପ୍ରକାଶ ଯେ, ଖଣିଜ ଚୋରି ନେଇ ୮ ମେ’ ୨୦୨୫ରେ ଯୋଡ଼ା ଖଣି ଉପ ନିର୍ଦ୍ଦେଶାଳୟର କନିଷ୍ଠ ଖଣି ଅଧିକାରୀ ସଦଳବଳ ଠାକୁରାଣୀ ରିଜର୍ଭ ଜଙ୍ଗଲର ଟାଙ୍ଗୁରା ଅଞ୍ଚଳରେ ଯାଞ୍ଚ କରିଥିଲେ। ତେବେ ସେଠାରେ କୌଣସି ଚୋରା ଲୁହାପଥର ପାଇ ନ ଥିଲେ। ଟାଙ୍ଗୁରା ଅଞ୍ଚଳର କେତେଜଣ ଲୋକ କହିଛନ୍ତି, ବିଳମ୍ବିତ ରାତିରେ ଚୋରା ଖଣିଜ ବ୍ୟବସାୟୀ ଲୁହାପଥର ଚୋରିକରି ଟାଙ୍ଗୁରା ବନାଞ୍ଚଳରୁ ଝାଡ଼ଖଣ୍ଡ ଅଞ୍ଚଳକୁ ବୋହି ନେଉଛନ୍ତି। ସେଠାରୁ ବଡ଼ ଟ୍ରକ୍ ଲଗାଇ ଓଡ଼ିଶା ସୀମାନ୍ତ ନାଳଦା ଗେଟ୍ ଆଡୁଆଳରେ ଅନ୍ୟ ଏକ ଜଙ୍ଗଲ ରାସ୍ତା ଦେଇ ଝାଡ଼ଖଣ୍ଡର ଜାମଦା ଅଞ୍ଚଳକୁ ଚୋରା ଖଣିଜ ପରିବହନ କରୁଛନ୍ତି। ଝାଡ଼ଖଣ୍ଡ ରାଜ୍ୟର ଖଣିଜ ଚୋରା ବ୍ୟବସାୟୀମାନେ ଏହି ଅଞ୍ଚଳରେ ତାଙ୍କର ଗତିବିଧିକୁ ବଢ଼ାଇଥିବା ସ୍ଥାନୀୟ ଲୋକମାନେ କହିଛନ୍ତି। ଖଣି ବିଭାଗ ସୂତ୍ର ଅନୁଯାୟୀ, ଷ୍ଟେଟ୍ ଫରେଷ୍ଟ ବାଉଣ୍ଡରି ବା ଠାକୁରାଣୀ ରିଜର୍ଭ ଜଙ୍ଗଲ ଅଞ୍ଚଳ ଓଡ଼ିଶା ସୀମାନ୍ତ ଝାଡ଼ଖଣ୍ଡରେ ଥିବା ଏକ ଖଣିରେ ଚୋରା ଖଣିଜ ଗଚ୍ଛିତ ରଖାଯାଇ ସେଠାରୁ ଚାଲାଣ ହେଉଥିବା ସନ୍ଦେହ କରାଯାଉଛି। ଏ ନେଇ ଯୋଡ଼ା ଖଣି ଉପ ନିର୍ଦ୍ଦେଶାଳୟ ପକ୍ଷରୁ ଯାଞ୍ଚ କରାଯାଉଥିଲେ ମଧ ବନାଞ୍ଚଳରେ ହେଉଥିବା ଚୋରିକୁ ରୋକିବାରେ ବନ ବିଭାଗ ବିଫଳ ହେଉଥିବା ପରିଲକ୍ଷିତ ହେଉଛି। ଏ ନେଇ ବଡ଼ବିଲ ରେଞ୍ଜ ଅଧିକାରୀ ସଞ୍ଜୀବ କୁମାର ରାଉତ କହିଛନ୍ତି, ଗତ ୨ ମାସ ଧରି ନିୟମିତ ବନ ବିଭାଗ ପକ୍ଷରୁ ପାଟ୍ରୋଲିଂ କରାଯାଉଛି। ଏହାସହ ଅତୀତରେ ଚୋରାଚାଲାଣ ହେଉଥିବା ରାସ୍ତାକୁ ଗାତକରି ଖୋଳି ଦିଆଯାଇଛି। ଜିଲା ବନ ଅଧିକାରୀ ମଧ ଏ ଅଞ୍ଚଳକୁ ଗସ୍ତକରି ସମୀକ୍ଷା କରିଛନ୍ତି।

# ମୃତ୍ୟୁହାର, ଦୁର୍ଘଟଣା କମାଇବା ଉପରେ ଆଲୋଚନା

## ସଡ଼କ ସୁରକ୍ଷା ବୈଠକ

କେନ୍ଦୁଝର,୩୦।୫(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଦରବାର ହଲଠାରେ ସଂସଦୀୟ କ୍ଷେତ୍ରସ୍ତରୀୟ ସଡ଼କ ସୁରକ୍ଷା ବୈଠକ ଗୁରୁବର ଜିଲାପାଳଙ୍କ ମିନି କନ୍‌ଫରେନ୍ସ ହଲଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ବିଶାଲ ସିଂହ ଅଧ୍ୟକ୍ଷତା କରି ୪–ଇ ଯଥା ଏଜୁକେସନ, ଏନ୍‌ଫୋର୍ସମେଣ୍ଟ, ଏମରଜେନ୍ସି କେୟାର ଏବଂ ଇଞ୍ଜିନିୟରିଂ ଉପରେ ଗୁରୁତ୍ୱରୋପ କରିଥିଲେ। ବିଶେଷ କରି ସଡ଼କ ଦୁର୍ଘଟଣାର କାରଣ ଖୋଜିବା ସହ ଏହା ନିରାକରଣ ଉପରେ ଆଲୋଚନା ହୋଇଥିଲା।

ଜିଲାରେ ରାସ୍ତା ସୁରକ୍ଷା ଆକ୍ସନ ପ୍ଲାନ ପ୍ରସ୍ତୁତ କରି କାର୍ଯ୍ୟକାରୀ, ଦୁର୍ଘଟଣାର ତଥ୍ୟ ବିଶ୍ଳେଷଣ ସହ ଏନ୍‌ଫୋର୍ସମେଣ୍ଟ କାର୍ଯ୍ୟକଳାପର ସମୀକ୍ଷା କରାଯାଇଥିଲା। ଚିହ୍ନଟ ୯ ବ୍ଲାକ୍ ସ୍ପଟର ସଂଶୋଧନ, ସଡ଼କ ସୁରକ୍ଷା ମାନଦଣ୍ଡର କାର୍ଯ୍ୟକାରିତାକୁ ସୁନିଶ୍ଚିତ କରିବା ଓ ଦୁର୍ଘଟଣା ବା ମୃତ୍ୟୁ ହ୍ରାସ ପାଇଁ ନିର୍ଦ୍ଦିଷ୍ଟ ଲକ୍ଷ୍ୟ ସହିତ ଜିଲା ପାଇଁ ସଡ଼କ ସୁରକ୍ଷା ଯୋଜନା ପ୍ରସ୍ତୁତି ଓ କାର୍ଯ୍ୟକାରୀ ଉପରେ ଏମ୍‌ପି ଅନନ୍ତ ନାୟକ ଗୁରୁତ୍ୱାରୋପ କରିଥିଲେ। ଜିଲାରେ ମୁଖ୍ୟ ରାସ୍ତାକୁ ସିଧାସଳଖ ପ୍ରବେଶପଥ ଥିବା ୩୪୫ଟି ବିଦ୍ୟାଳୟ ଏବଂ କଲେଜଗୁଡ଼ିକର ଫାଟକଗୁଡ଼ିକର ସ୍ଥାନାନ୍ତରଣ ବା ଦିଗ ପରିବର୍ତ୍ତନ ଉପରେ ଆଲୋଚନା କରାଯାଇଥିଲା। ରାସ୍ତା ପାର୍ଶ୍ୱରେ ଢ଼ାବାଗୁଡ଼ିକରେ ମଦ ବିକ୍ରୟ ଯୋଗୁ ଦୁର୍ଘଟଣା, ଅପରାଧ ଘଟୁଥିବାରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଭଦ୍ରାସାହିରୁ ବଡ଼ବିଲ ପୂର୍ତ୍ତ ବିଭାଗର ରାସ୍ତାରେ କ୍ରସ୍ ବେରିୟର ସ୍ଥାପନ, କାଞ୍ଜିପାଣି ଘାଟି ଅଞ୍ଚଳରେ ଟ୍ରାଫିକ ସିଗ୍‌ନାଲ ସହିତ କ୍ରସ୍ ବାରିୟର ସ୍ଥାପନ ଉପରେ ଆଲୋଚନା ହୋଇଥିଲା। ଯୋଡ଼ା ଫ୍ଲାଏ ଓଭର ନିକଟରେ ସିସିଟିଭି ଏବଂ ସ୍ପିଡି ସେନ୍‌ସରିଂ କ୍ୟାମେରା ଲଗାଯିବା ଉପରେ ଗୁରୁତ୍ୱରୋପ କରାଯାଇଥିଲା। ବିନା ଅନୁମତିରେ ଚାଲିଥିବା ପେଟ୍ରୋଲ ପମ୍ପଗୁଡ଼ିକ ବିରୋଧରେ କାର୍ଯ୍ୟାନୁଷ୍ଠାନ ଉପରେ ଆଲୋଚନା ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଆରକ୍ଷୀ ଅଧିକ୍ଷକ ନୀତିନ କୁଶଲକର, ଡିଏଫ୍‌ଓ ଧନ୍‌ରାଜ ଏଚ୍‌ଡ଼ି, ଅତିରିକ୍ତ ଜିଲାପାଳ ରବିନ୍ଦ୍ର ପ୍ରଧାନ, ଆଞ୍ଚଳିକ ପରିବହନ ଅଧିକାରୀ ଇଂ. ଗୋପାଳକୃଷ୍ଣ ଦାସ, ଚମ୍ପୁଆ ବିଧାୟକଙ୍କ ପ୍ରତିନିଧି ସଞ୍ଜିବ ବେହେରା, ଯୋଡ଼ା ଖଣି ଉପ ନିର୍ଦ୍ଦେଶକ ଦିନେଶ ଅଗ୍ରୱାଲ, କେନ୍ଦୁଝର ଖଣି ଉପ ନିର୍ଦ୍ଦେଶକ ବିଷ୍ଣୁପଦ ରାଉତ, ଆନନ୍ଦପୁର ଉପ ଜିଲାପାଳ ନୀଳମାଧବ ସୁନା, ପୂର୍ତ୍ତ ବିଭାଗର ଅଧିକ୍ଷଣ ଯନ୍ତ୍ରୀ ଇଂ. ସମ୍ମିତ ମହାନ୍ତି, ଏନ୍‌ଏଚ୍‌ଏଆଇ ପ୍ରକଳ୍ପ ନିର୍ଦ୍ଦେଶକ ମହେଶ ଗାମି, ଏନ୍‌ଏଚ୍‌ର ଅଧିକ୍ଷଣ ଯନ୍ତ୍ରୀ ରଜନୀକାନ୍ତ ମୀନା, ଅବକାରୀ ଅଧିକ୍ଷକ ଦିବ୍ୟରଞ୍ଜନ ଦୀପ, ଆରଇ ଲକ୍ଷ୍ମୀଧର ନାୟକ, କନ୍‌ସଲଟାନ୍ସି ସତ୍ୟରଞ୍ଜନ ରାଉତ, ଜୁନିୟର ଏମ୍‌ଭିଆଇ ରାଜେଶ ସେଠୀ, ଜୁନିୟର ଏମ୍‌ଭିଆଇ ଅରୁଣ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ବିକାଶ ମେଳା ପାଇଁ ପ୍ରସ୍ତୁତି

କେନ୍ଦୁଝର,୩୦।୫(ନରେଶ ଚନ୍ଦ୍ର ପଟ୍ଟନାୟକ): ରାଜ୍ୟ ସରକାରଙ୍କ ଏକ ବର୍ଷ ପୂର୍ତ୍ତି ଅବସରରେ ରାଜ୍ୟର ପ୍ରତ୍ୟେକ ଜିଲାରେ ବିକାଶ ମେଳା ଅନୁଷ୍ଠିତ ହେବ। ରାଜ୍ୟ ସରକାରଙ୍କ ବିଭିନ୍ନ ଜନମଙ୍ଗଳକାରୀ ଯୋଜନାଗୁଡ଼ିକ ପ୍ରଦର୍ଶିତ କରାଯିବ। ଏହି ପରିପ୍ରେକ୍ଷୀରେ କେନ୍ଦୁଝରଠାରେ ଜିଲାସ୍ତରୀୟ ବିକାଶ ମେଳା ଆୟୋଜନ ନିମନ୍ତେ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ଗୁରୁବାର ଜିଲା ପରିଷଦ ସମ୍ମିଳନୀ ଗୃହରେ ଜିଲା ପରିଷଦର ଅତିରିକ୍ତ ନିର୍ବାହୀ ଅଧିକାରୀ ଡିଏସ ଶୁଭଦର୍ଶୀଙ୍କ ଅଧ୍ୟକ୍ଷତାରେ ଜିଲାର ସମସ୍ତ ଜିଲାସ୍ତରୀୟ ବିଭାଗୀୟ ଅଧିକାରୀ ଯୋଗ ଦେଇଥିଲେ। ଜୁନ୍ ୧୧ରୁ ୧୭ ପର୍ଯ୍ୟନ୍ତ କେନ୍ଦୁଝରସ୍ଥିତ କାଳୀପଡ଼ିଆଠାରେ ଏହି ମେଳା କରାଯିବା ନେଇ ନିଷ୍ପତ୍ତି ହୋଇଥିଲା। ବୈଠକରେ ଷ୍ଟଲ୍ ଆବଣ୍ଟନ, ସରକାରୀ ଯୋଜନାଗୁଡ଼ିକର ବ୍ୟାପକ ପ୍ରଚାର ପ୍ରସାର, ଜନସାଧାରଣଙ୍କ ସୁବିଧା ଲାଗି ବ୍ୟବସ୍ଥା ସମେତ ସାନ୍ଧ୍ୟାକାଳୀନ ସାଂସ୍କୃତିକ କାର୍ଯ୍ୟକ୍ରମ ବାବଦରେ ଆଲୋଚନା କରାଯାଇଥିଲା। ଓରମାସର ଯୁଗ୍ମ କାର୍ଯ୍ୟନିର୍ବାହୀ ଅଧିକାରୀ ସପନ କୁମାର ଗୋସ୍ୱାମୀ ପରିଚାଳନା କରିଥିଲେ।

# ପର୍ଯ୍ୟଟକଙ୍କ ପସନ୍ଦ ଦେଶୀ ଆମ୍ବ

## ରାସ୍ତାକଡ଼ରେ ଆମ୍ବ ପସରା

କେନ୍ଦୁଝର,୩୦।୫(ନରେଶ ଚନ୍ଦ୍ର ପଟ୍ଟନାୟକ)


ମହିଳାମାନେ ରାସ୍ତାକଡ଼ରେ ବସି ଆମ୍ବ ବିକ୍ରି କରୁଛନ୍ତି।

କେନ୍ଦୁଝର ଜିଲାର ବିଭିନ୍ନ ରାସ୍ତାକଡ଼ରେ ଦେଶୀ ଓ କଲମୀ ବା ହାଇବ୍ରିଡ୍ ଆମ୍ବର ପସରା ମେଲିଛି। ଯଦିଓ ଖଟାମିଠା ଦେଶୀ ଆମ୍ବ ଅପେକ୍ଷା ମିଠା କଲମୀ ଆମ୍ବର ଚାହିଦା ଅଧିକ, ତଥାପି ସମସ୍ତେ ଉଭୟ ଆମ୍ବର କିଣିବା ଓ ଖାଇବାର ମଜା ଉଠାଉଛନ୍ତି। ଏପରିକି ରାସ୍ତାରେ ଯାଉଥିବା ସାଧାରଣ ଲୋକ ତଥା ପର୍ଯ୍ୟଟକ ମଧ୍ୟ ଗାଡ଼ି ରଖି ରାସ୍ତାକଡ଼ରୁ ଆମ୍ବ କିଣିନେବା ସହ ସେଠାରେ ଖାଇ ମଜା ଉଠାଉଥିବା ଦେଖିବାକୁ ମିଳୁଛି। ବିଶେଷକରି ସ୍ଥାନୀୟ ଦେଶୀ ଆମ୍ବକୁ ପର୍ଯ୍ୟଟକ ଅଧିକ ପସନ୍ଦ କରୁଥିବା ବ୍ୟବସାୟୀମାନେ କହିଛନ୍ତି।

ପ୍ରକାଶ ଯେ, ଏକଦା କେନ୍ଦୁଝର ଜିଲାର ଦେଶୀ ଆମ୍ବ ବାହାରକୁ ରପ୍ତାନି ହେଉଥିଲା। ଏବେ ଦେଶୀ ଆମ୍ବ ବଦଳରେ କଲମୀ ଆମ୍ବ ବାହାରକୁ ଅଧିକ ଚାଲାଣ ହେଉଛି। ସାଧାରଣତଃ ଦେଶୀ ଆମ୍ବକୁ ସୁଡି ବା ତୋଟା ଆମ୍ବ କୁହାଯାଏ। ଆଗଭଳି ଆଉ ଗାଁ ଗଣ୍ଡାରେ ତୋଟା ନାହିଁ। ଏଣୁ ସେସବୁ ଆମ୍ବ ବନବାସୀମାନେ ପାହାଡ଼ ଜଙ୍ଗଲରୁ ସଂଗ୍ରହ କରି ହାଟବଜାରରେ ବିକ୍ରି କରୁଛନ୍ତି। ଆଗରୁ ବାହାର ରାଜ୍ୟରୁ କଲମୀ ଆମ୍ବ ଆସୁଥିଲା। ଏବେ ଉଦ୍ୟାନ ବିଭାଗ ଦ୍ୱାରା କଲମୀ ଆମ୍ବର ଚାଷ ବହୁଳ ପରିମାଣରେ କରାଯାଇଥିବାରୁ ଏହି ଅଞ୍ଚଳରୁ ଆମ୍ବ ବିହାର, ଝାଡ଼ଖଣ୍ଡ, ଉତ୍ତରପ୍ରଦେଶ, ପଶ୍ଚିମବଙ୍ଗ, ଦିଲ୍ଲୀ ଆଦି ଅଞ୍ଚଳକୁ ଚାଲାଣ ହେଉଥିବା ଆମ୍ବ ବ୍ୟବସାୟୀ ଅନୀଲ ଶଙ୍କର କୁହନ୍ତି। ବିଶେଷକରି ଜିଲାର ବାଂଶପାଳ, ତେଲକୋଇ, ହରିଚନ୍ଦନପୁର, ସଦର, ଘଟଗାଁ ଆଦି ବ୍ଲକ୍‌ରେ ଏକଦା ଦେଶୀ ଆମ୍ବ ଅଧିକ ମିଳୁଥିଲା। ବିଭିନ୍ନ କାରଣରୁ ପୁରୁଣା ଆମ୍ବଗଛ ଓ ଆମ୍ବତୋଟା ସବୁ ଧୀରେ ଧୀରେ ଲୋପପାଇଗଲାଣି। ଏବେ ବଜାରରେ ହେମସାଗର, ଦସରୀ, ଲାଠସୁନ୍ଦରୀ, ବାଇଗଣପଲେଇ, ଚଉସା ଆଦି ବହୁ କିସମର ଆମ୍ବ ମିଳୁଛି। ଗାଁଗଣ୍ଡାରେ ମଧ କଲମୀ ଆମ୍ବଗଛ ବାଗାନ ସୃଷ୍ଟି ହୋଇଥିବାରୁ ପୁରୁଣା ଆମ୍ବଗଛ ଓ ଆମ୍ବତୋଟା ଆଦି ମଧ କମିଗଲାଣି। କମ୍ ଦିନରେ ମିଠା ଆମ୍ବ ମିଳୁଥିବାରୁ କଲମୀ ଆମ୍ବର ଚାଷ ବୃଦ୍ଧି ପାଇବାରେ ଲାଗୁଛି। କିନ୍ତୁ ଏଥିରେ ଚାଷୀଙ୍କ ଅପେକ୍ଷା ବ୍ୟବସାୟୀ ଅଧିକ ଲାଭ କରୁଥିବାରୁ ପ୍ରଶାସନର ସହଯୋଗ ଜରୁରୀ ବୋଲି ଆମ୍ବଚାଷୀ ହରେକୃଷ୍ଣ ମହାନ୍ତ କହିଛି।

ଉଦ୍ୟାନ ବିଭାଗ ଉପନିର୍ଦ୍ଦେଶକ ସୌମେନ୍ଦ୍ର ପାଣିଗ୍ରାହୀ କହିଛନ୍ତି, ବ୍ୟବସାୟୀ କଞ୍ଚା ଆମ୍ବ କିଣି ନେଇ କେମିକାଲ ବ୍ୟବହାରକରି ପଚାଇ ଧୀରେ ଧୀରେ ବିକିଥାନ୍ତି। ଏଥିପାଇଁ ଜିଲା ପ୍ରଶାସନ ପକ୍ଷରୁ କେତେଜଣ ଚାଷୀଙ୍କୁ ପ୍ରୋତ୍ସାହନ ଦେଇ ସ୍ୱତନ୍ତ୍ର ଷ୍ଟଲ୍ ବ୍ୟବସ୍ଥା କରାଯାଉଛି। ଖାଦ୍ୟ ପ୍ରକ୍ରିୟାକରଣ ପାଇଁ କୁଆଁରଠାରେ ଏକ ୟୁନିଟ୍ ପ୍ରଥମ ଥର ପାଇଁ ବସାଯାଇଛି। ଏଥିରୁ ଆମ୍ବ, ପଣସ ଓ ଅନ୍ୟାନ୍ୟ ଫଳରୁ ରସ, ଖାଦ୍ୟ ଆଦି ପ୍ରସ୍ତୁତ କରିବା ସହ ତାଲିମ ଦେବା ବ୍ୟବସ୍ଥା କରାଯାଇଛି। ପାରମ୍ପରିକ ଆମ୍ବଗଛ ସବୁ ନଷ୍ଟ ହୋଇଯାଉଥିବାରୁ ସେବୁର ସୁରକ୍ଷା ଜରୁରୀ ବୋଲି ପରିବେଶବିତ୍ ସନ୍ଦୀପ ପଟ୍ଟନାୟକ କହିଛନ୍ତି।

# ରଥଯାତ୍ରା ନେଇ ବୈଠକ

ବାରିପଦା,୩୦।୫(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ରଥଯାତ୍ରା–୨୦୨୫ ସମ୍ପର୍କିତ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ହେମକାନ୍ତ ସୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଜିଲା ଆରକ୍ଷୀ ଅଧୀକ୍ଷକ ବରୁଣ ଗୁଣ୍ଟୁପାଲ୍ଲୀ ଓ ବାରିପଦା ଉପଜିଲାପାଳ ଡ.ଦୟାସିନ୍ଧୁ ପରିଡ଼ା ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲା ଆରକ୍ଷୀ ଅଧୀକ୍ଷକ ଗୌତମ କିଷାନ, ବାରିପଦା ତହସିଲଦାର ସପନ କୁମାର ସାହୁ, ୱାଟ୍‌କୋ ଅଧୀକ୍ଷଣ ଯନ୍ତ୍ରୀ ପି ସି ମଲ୍ଲିକଙ୍କ ସମେତ ବିଭିନ୍ନ ଲାଇନ ବିଭାଗୀୟ ଅଧିକାରୀ, ରଥ ମହାପାତ୍ର, ରଥ ମହାରଣା, ସେବାୟତ, ପୂଜକ ଓ ଉପଦେଷ୍ଟା କମିଟି ସଦସ୍ୟମାନେ ଉପସ୍ଥିତ ହୋଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ବୈଠକରେ ମୁଖ୍ୟତଃ ଠାକୁରଙ୍କ ଶୃଙ୍ଖଳିତ ନୀତିକାନ୍ତି, ଶାନ୍ତି ଶୃଙ୍ଖଳାରେ ରଥ ଯାତ୍ରା ଅନୁଷ୍ଠିତ ପାଇଁ ପର୍ଯ୍ୟାପ୍ତ ସଂଖ୍ୟାରେ ପୋଲିସ ମୁତୟନ, ଷ୍ଟଲ ବଣ୍ଟନ, ଜରୁରୀକାଳୀନ ସ୍ୱାସ୍ଥ୍ୟ ସେବା, ରଥ ଯାତ୍ରା ସମୟରେ ରଥ ଦାଣ୍ଡରେ ଆମିଷ ଖାଦ୍ୟ ଦ୍ରବ୍ୟ ବିକ୍ରିକୁ ନିଷେଧ, ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ,ପାନୀୟ ଜଳ ଯୋଗାଣ, ରଥଟଣା ସମୟରେ ଶ୍ରଦ୍ଧାଳୁ ଓ ଭକ୍ତମାନଙ୍କୁ ଗୁଳୁଗୁଳିରୁ ରକ୍ଷା ପାଇଁ ଜଳ ସିଞ୍ଚନ ବ୍ୟବସ୍ଥା, ସ୍ୱଚ୍ଛତା, ଅସ୍ଥାୟୀ ଶୌଚାଳୟ ସ୍ଥାପନ, ପାର୍କିଂ ବ୍ୟବସ୍ଥା, ରଥ କାଠ ସଂଗ୍ରହ, ମନ୍ଦିର ଏବଂ ରଥର ରଙ୍ଗ କାର୍ଯ୍ୟ, ରଥଟଣା ପାଇଁ ନଡ଼ିଆକତା ଦଉଡି ସଂଗ୍ରହ, ରଥ ଯାତ୍ରା ପାଇଁ ପବ୍ଲିକ ଡୋନେଶନ ବ୍ୟବସ୍ଥା, ଟ୍ରାଫିକ ନିୟନ୍ତ୍ରଣ, ଜଳଛତ୍ର ଷ୍ଟଲ ବ୍ୟବସ୍ଥା ଇତ୍ୟାଦି ଉପରେ ଆଲୋଚନା ହୋଇଥିଲା।

## ଶୁଣିଲାନି ପ୍ରଶାସନ, ରାସ୍ତା ମରାମତି କଲେ ଗ୍ରାମବାସୀ

କାଳିପଦା, ୩୦।୫(ରାଜଶ୍ରୀ ପାଣିଗ୍ରାହୀ)–ବାଲିଆପାଳ ବ୍ଲକ ଦେଭୋକ ପଞ୍ଚାୟତ ଘଣ୍ଟିଆଡ଼ି ଗ୍ରାମର ହରିଜନ ସାହିକୁ ଯିବା ପାଇଁ ୩ କି.ମି. ରାସ୍ତା ଅସରାଏ ବର୍ଷାରେ ଶୋଚନୀୟ ହୋଇପଡୁଛି। ଅଗମ୍ୟ ହୋଇପଡିଥିବା ରାସ୍ତା ନିର୍ମାଣ ପାଇଁ ପ୍ରଶାସନଠାରୁ ଆରମ୍ଭ କରି ରାଜନେତା ପର୍ଯ୍ୟନ୍ତ ସମସ୍ତଙ୍କୁ ଗୁହାରି କରିଥିଲେ ମଧ ତାଙ୍କ କଥା କେହି ଶୁଣି ନ ଥିଲେ। ଫଳରେ ଶୁକ୍ରବାର ସକାଳେ ଗ୍ରାମବାସୀ ଏକାଠି ହୋଇ ନିଜେ ଟଙ୍କା ଖର୍ଚ୍ଚ କରି ରାସ୍ତା ମରାମତି କରିଛନ୍ତି। ତେବେ ତୁରନ୍ତ ଏହି ରାସ୍ତାର ନିର୍ମାଣ କାର୍ଯ୍ୟ ନ ହୁଏ ତା'ହେଲେ ବେଣୁଧର ଜେନା, ଗୁରୁ ପ୍ରକାଶ ଦାସ, ଅଜିତ କୁମାର ସି, ବିରେନ୍ଦ୍ର ଧଳ, ହୃଷିକେଶ ଦାସ ମହାପାତ୍ର, ଉମେଶ ଜେନା, ମନୋଜ ଦାସ ପ୍ରମୁଖ ଗ୍ରାମବାସୀ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।

# ତ୍ରୁଟି ଲୁଚାଇବାକୁ ନୂଆ କାମରେ ମରାମତି

### ଫଗୁଣା ତେମୁହାଁଣି ବିଜୁ ସେତୁ

**ଖଇରା, ୩୦।୫(ଉତ୍କଳବନ୍ଧୁ ପଣ୍ଡା)**

ବାଲେଶ୍ୱର ଜିଲା ଖଇରା ବ୍ଲକର ଗୋପାଳବେଡା ଓ ଫଗୁଣା ଗ୍ରାମକୁ ଯୋଡିବାକୁ ନିର୍ମିତ ହେଉଥିବା ଫଗୁଣା ତେମୁହାଁଣି ବିଜୁସେତୁର ମାନ, ମନ୍ଥର ଗତିର କାର୍ଯ୍ୟକୁ ନେଇ ଗ୍ରାମବାସୀ ବିଭାଗର ସ୍ୱଚ୍ଛତା ଉପରେ ପ୍ରଶ୍ନ ଉଠାଇଛନ୍ତି । ପୋଲ ଓ ପିଚୁ ନିର୍ମାଣ କାମ ନ ସରୁଣୁ ଉଭୟ କାମରେ ଫାଟ ସୃଷ୍ଟି ହେବା ଜନସାଧାରଣଙ୍କ ଅଭିଯୋଗ ପାଇଁ ଖୋରାକ ଯୋଗାଇଛି । ସେହିଭଳି ଆବଶ୍ୟକ ପାଚେରି ନିର୍ମାଣ ଅଭାବରୁ ମାଟି ଧୋଇ ଚାଷୀ ଚାଷ ଜମି ନଷ୍ଟ ହେଉଛି । ଏଭଳି ଅଭିଯୋଗର ଉଚ୍ଚସ୍ତରୀୟ ତଦନ୍ତ ପାଇଁ ଗୋପାଳବେଡା ଓ ଫଗୁଣା ଗ୍ରାମର ଅଧିବାସୀମାନେ ଦାବି କରିଛନ୍ତି। ଏହି ସେତୁ ଓ ଆପ୍ରୋଚ ରୋଡ ପାଇଁ ତତ୍କାଳୀନ ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀଙ୍କ ପ୍ରଚେଷ୍ଟାରେ ତେମୁହାଁଣି



ଜଣେ ଗ୍ରାମବାସୀ ପୋଲରେ ଫାଟିଥିବା ଜାଗା ଦେଖାଉଛନ୍ତି।

ନାଳ ଉପରେ ପୋଲ ତତ୍‌ସଂଲଗ୍ନ ରାସ୍ତା ପାଇଁ ୪ କୋଟି ୨୪ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିବା ବେଳେ ୨୦୨୪ ଫେବୃଆରୀ ୧୯ରେ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା। ଏବେ ୧ବର୍ଷ ୩ମାସ ଅତିକ୍ରମ କରିସାରିଥିବା ବେଳେ ୬୦ଭାଗ କାମ ସମ୍ପୂର୍ଣ୍ଣ ହୋଇନାହିଁ। ସେପଟେ ପୋଲ ଦବିବା, ରାସ୍ତାର ଅଧିକାଂଶ ଜାଗା ବର୍ଷାରେ ଧୋଇଯିବା, ପୋଲରେ ସୃଷ୍ଟି ହୋଇଥିବା ଫାଟ ସହିତ ଏବେ ନିକଟରେ କରାଯାଇଥିବା ପିଚୁ ଉଠିବା ପରେ ତ୍ରୁଟି ଲୁଚାଇବାକୁ ଏକାଧିକ ଥର ମରାମତି କରାଯିବାରେ ରାସ୍ତା ଓ ପୋଲର ସ୍ଥାୟିତ୍ୱକୁ ନେଇ ସାଧାରଣରେ ସନ୍ଦେହ ସୃଷ୍ଟି ହୋଇଛି। ରାସ୍ତା ନିର୍ମାଣ ବେଳେ ଚାଷୀଙ୍କ ସ୍ୱାର୍ଥ ଉପରେ ଗ୍ରାମ୍ୟ ଉନ୍ନୟନ ବିଭାଗ ଆଖି ବୁଜିଦେଇଛି ବୋଲି ଫଗୁଣା ଗ୍ରାମର ପଦ୍ମଲୋଚନ ପ୍ରଧାନ, ଅରବିନ୍ଦ ଲେଙ୍କା ଓ ଅନାଦି ରାଉତ ପ୍ରମୁଖ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ମାର୍କୋଣା ସହକାରୀ ନିର୍ବାହୀଯନ୍ତ୍ରୀ ସଞ୍ଜୟ ସାହୁଙ୍କୁ କାମ ସମ୍ପର୍କରେ ପଚାରିବାରେ ରାସ୍ତା ଦେଖିବା ପରେ ଯଦି ଦରକାର ପଡେ ତେବେ ସମସ୍ତ କାର୍ଯ୍ୟର ପୁନଃ ନିର୍ମାଣ କରାଯିବ ବୋଲି କହିଛନ୍ତି।

## ଅର୍ଥ ଆସିଛି, ନିର୍ମାଣ ହୋଇପାରୁନି

### କୋଷ୍ଟ କେନାଲ ଉପରେ ପାଦଚଲା ପୋଲ



କେନାଲ ନିକଟରେ ଗ୍ରାମବାସୀ।

**ଲଙ୍ଗଳେଶ୍ୱର, ୩୦।୫(କମଳାକାନ୍ତ ଦାସ)**

ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକ ଅଧୀନ ବୋଲଂ ଗ୍ରାମରେ କୋଷ୍ଟ କେନାଲ ଉପରେ ପାଦଚଲା ପୋଲ ନିର୍ମାଣରେ ବିଳମ୍ବ ହେବା ଯୋଗୁ ଅସନ୍ତୋଷ ବଢ଼ିବାରେ ଲାଗିଛି। ଏହି ଗ୍ରାମରେ ୪ହଜାରରୁ ଊର୍ଦ୍ଧ୍ୱ ଲୋକ ବାସ କରନ୍ତି। ଗ୍ରାମ ପାଖ ଦେଇ କୋଷ୍ଟ କେନାଲ ଯାଇଛି। କେନାଲ ଅପରପାର୍ଶ୍ୱରେ ଗ୍ରାମବାସୀଙ୍କ ଶହ ଶହ ଏକର ଚାଷଜମି ରହିଛି। ଉକ୍ତ ଜମିରେ ଧାନ, ମୁଗ ବିରି ଆଦି ବର୍ଷସାରା ଚାଷ କରାଯାଏ। କିନ୍ତୁ ଜମିରୁ ଫସଲ ଆଣିବା ଓ ଯାତାୟାତ କରିବାକୁ ଲୋକେ କେନାଲରେ ପଶିକି ଯିବା ବା ବାଉଁଶ ପୋଲ ଉପରେ ନିର୍ଭର କରି ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେଣୁ ଲୋକଙ୍କ ଅଭିଯୋଗକ୍ରମେ ଗତ ସରକାର ଏଇ କେନାଲ ଉପରେ ଗ୍ରାମର ପୂର୍ବସାହି ନିକଟରେ ଏକ ପାଦଚଲା ପୋଲ ନିର୍ମାଣ ପାଇଁ ୪୪ଲକ୍ଷ ଟଙ୍କା ମଞ୍ଜୁର କରି ଟେଣ୍ଡର କରିଥିଲେ। ଠିକାଦାର ବିଭାଗୀୟ କନିଷ୍ଠଯନ୍ତ୍ରୀ ୨୦୨୩ରେ ଆସି ପୋଲ ପାଇଁ ଲେ ଆଉଟ ଦେଇ ଖୋଳା କାର୍ଯ୍ୟ ଆରମ୍ଭ କରିଥିଲେ। କିନ୍ତୁ ୨ ବର୍ଷ ବିତିଯାଇଥିଲେ ହେଁ ସେଇ ସେତକ କାର୍ଯ୍ୟରୁ ଆଉ ଆଗେଇ ପାରିନାହିଁ। ସ୍ଥାନୀୟ ଗ୍ରାମବାସୀ ବାଲେଶ୍ୱର କାର୍ଯ୍ୟନିର୍ବାହୀ ଯନ୍ତ୍ରୀ, ରାଜ୍ୟ ମୁଖ୍ୟମନ୍ତ୍ରୀ, ବିଭାଗୀୟ ମନ୍ତ୍ରୀ, ବାଲେଶ୍ୱର ଏମ୍‌ପିଙ୍କୁ ବାରମ୍ବାର ଅଭିଯୋଗ କରିଥିଲେ ହେଁ ଏଯାଏ କିଛି ସୁଫଳ ମିଳିନାହିଁ। ବାଧ୍ୟ ହୋଇ ଲୋକ ନିଜେ ବାଉଁଶ ପୋଲ ନିର୍ମାଣ କରି ବିପଦସଙ୍କୁଳ ଭାବେ ଯାତାୟାତ କରିବା ସହ ଶସ୍ୟ ସାମଗ୍ରୀ ବୋହି ଆଣୁଛନ୍ତି। ତେବେ ଖୁବଶୀଘ୍ର ପୋଲ ନିର୍ମାଣ ନ କଲେ ଶରତ କୁମାର ମହାନ୍ତି, ଆଦିକନ୍ଦ ମହାନ୍ତି, ସୁଶୀଲ ସାମଲ, ନିରଞ୍ଜନ ପାଲ, କାହ୍ନୁଚରଣ ମହାନ୍ତି, ଭାନୁ ମହାନ୍ତିଙ୍କ ସମେତ ଶତାଧିକ ଗ୍ରାମବାସୀ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରିବେ ବୋଲି ଗୁରୁବାର ଚେତାବନୀ ଦେଇଛନ୍ତି।

ଏ ନେଇ ବିଭାଗୀୟ ଯନ୍ତ୍ରୀ ମହେଶ୍ୱର ସିଂଙ୍କୁ ପଚାରିବାରୁ ଗ୍ରାମର ଅନ୍ୟ ଏକ ଗୋଷ୍ଠୀ ସ୍ଥାନ ପରିବର୍ତ୍ତନ କରି ପୋଲ ନିର୍ମାଣ ନ କଲେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହେବେ ବୋଲି ଦରଖାସ୍ତ କରିଛନ୍ତି। ଫଳରେ ଠିକାଦାର କାମ କରିବ ନାହିଁ ବୋଲି ଲେଖିଦେଇଥିବାରୁ କାର୍ଯ୍ୟ ବନ୍ଦ ହୋଇପଡିଥିବା କହିଛନ୍ତି।

## ବରିପଦା ସମବାୟ ସମିତିରେ ପୁଣି ତାଲା ପକାଇଲେ ଚାଷୀ

**ବାହାନଗା, ୩୦।୫(ଅରୂପ୍ କୁମାର ଦାସ)**

ବାହାନଗା ବ୍ଲକର ବରିପଦା ସେବା ସମବାୟ ସମିତିରେ ଶୁକ୍ରବାର ପୁଣି ଚାଷୀମାନେ ତାଲା ପକାଇ ଧାରଣା ଦେଇଛନ୍ତି। ସରକାରଙ୍କ ପକ୍ଷରୁ ମଣ୍ଡିରେ ଧାନ ବିକ୍ରି ନିମନ୍ତେ ୩୫୪ ଚାଷୀଙ୍କ ନିକଟକୁ ଟୋକନ୍ ପଠାଇଛନ୍ତି। ଏହାର ୧୫ରୁ ୨୦ଦିନ ହୋଇଗଲାଣି ହେଲେ ଏପର୍ଯ୍ୟନ୍ତ ମଣ୍ଡି ଖୋଲିନାହିଁ। ବୁଧବାର ବରିପଦା ସମବାୟ ସମିତି ଅଧୀନରେ ଥିବା ସମସ୍ତ ପଞ୍ଜିକୃତ ଚାଷୀ ସମିତି ଆଗରେ ଧାରଣାରେ ବସିବା ସହିତ ସମିତି ସମ୍ପାଦକ ସନ୍ଦୀପ କୁମାର ପାଢୀଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ। ସମ୍ପାଦକ ପାଢୀ ୨ ଦିନ ମଧ୍ୟରେ ଅଧିକ ଧାନ କିଣିବା ନିମନ୍ତେ ଟାର୍ଗେଟ ଦେବାକୁ ଆଲୋଚନା କରିଥିଲେ। ମାତ୍ର ୨ଦିନ ବିତିଯାଇଥିଲେ ମଧ କୌଣସି ଟାର୍ଗେଟ ନ ଆସିବାରୁ ଶୁକ୍ରବାର ବରିପଦା ସେବା ସମବାୟ ସମିତିରେ ୩୫୪ଜଣ ପଞ୍ଜୀକୃତ ଚାଷୀ ଧାରଣାରେ ବସିବା ସହିତ ସମିତି କାର୍ଯ୍ୟାଳୟକୁ ତାଲା ପକାଇ ଦେଇଥିଲେ। ଗୁଲୁଗୁଳି ସାଙ୍ଗକୁ ଗରମ ହେବା ଫଳରେ ଜଣେ ଚାଷୀ ଗୁରୁତର ହୋଇପଡିଥିଲେ। ତାଙ୍କୁ ସଙ୍ଗେ ସଙ୍ଗେ ଗୋପାଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ପରେ ସମିତି ସମ୍ପାଦକ ସନ୍ଦୀପ୍ କୁମାର ପାଢୀ ପହଞ୍ଚି ଚାଷୀମାନଙ୍କୁ ବୁଝାଶୁଝା କରିବା ଫଳରେ ଉତ୍ୟକ୍ତ ଚାଷୀମାନେ ଧାରଣା ପ୍ରତ୍ୟାହାର କରି ତାଲା ଖୋଲି ଦେଇଥିଲେ।

## କଳାକନା ବୁଲାଇଲେ ଚୋର

ନୀଳଗିରି, ୩୦।୫(ପ୍ରଶାନ୍ତ ବିଶ୍ୱାଳ)– ନୀଳଗିରି ଥାନା ଧୋବଶିଳା ଅଞ୍ଚଳରେ ସ୍ୱର୍ଗତ ଜଗନ୍ନାଥ ବାରିକଙ୍କ ସ୍ତ୍ରୀ ମଞ୍ଜୁଳତା ଘରେ ନ ଥିବାର ସୁଯୋଗ ନେଇ ଲୁଟେରାମାନେ ସର୍ବସ୍ୱ ଲୁଟି ନେଇଛନ୍ତି। ମଞ୍ଜୁଳତା ଗତ ସୋମବାର ଭୁବନେଶ୍ୱରରେ ରହୁଥିବା ତାଙ୍କ ପୁଅଙ୍କ ପାଖକୁ ଯାଇଥିଲେ। ଡାକ୍ତର ଦେଖାଇ ଗୁରୁବାର ରାତିରେ ଫେରିବା ବେଳକୁ ଘରେ ତାଲା ଭଙ୍ଗା ହୋଇଥିବା ଓ ସିସି କ୍ୟାମେରା ସବୁ ଉପରକୁ ହୋଇଥିବା ଦେଖିଥିଲେ। ଇନଭେଟର, ଏଲ୍‌ଇଡି, କମ୍ପ୍ୟୁଟର ନ ଥିବା ବେଳେ ସୁନାଗହଣା ଓ ଟଙ୍କା ଚୋରି ହୋଇଥିବା ଜାଣିବାକୁ ପାଇଥିଲେ। ଚୋର ଘର ପଛପଟେ ଦେଇ ଆସିଥିବା ସିସିଟିଭିରୁ ଜଣାପଡ଼ିଛି। ଏନେଇ ଶୁକ୍ରବାର ନୀଳଗିରି ଥାନାରେ ଅଭିଯୋଗ ହୋଇଛି।

## ଉନ୍ନତ ସ୍ୱାସ୍ଥ୍ୟସେବା, ଭିତ୍ତିଭୂମି ବିକାଶ ଦିଗରେ ଗୁରୁତ୍ୱ




ବୈଠକରେ ମଞ୍ଚାସୀନ ବିଧାୟକ ଓ ଅନ୍ୟମାନେ।

**ବାଲେଶ୍ୱର, ୩୦।୫(ବାଞ୍ଛାନିଧି ଦେ)**

### ରୋଗୀ କଲ୍ୟାଣ ସମିତି ବୈଠକ

ବାଲେଶ୍ୱର ସଦର ବ୍ଲକ ରୂପସା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସଭା ଗୃହରେ ଶୁକ୍ରବାର ରୋଗୀ କଲ୍ୟାଣ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବିଧାୟକ ମାନସ କୁମାର ଦତ୍ତ ଯୋଗଦେଇ ସ୍ୱାସ୍ଥ୍ୟକେନ୍ଦ୍ର ଭିତ୍ତିଭୂମିର ବିକାଶ ଦିଗରେ ଗୁରୁତ୍ୱାରୋପ କରିଥିଲେ। ଫାଙ୍କା ପଡ଼ିଥିବା ବିଶେଷଜ୍ଞ ଡାକ୍ତର ପଦବୀ ଖୁବଶୀଘ୍ର ପୂରଣ ହେବ ବୋଲି ସେ କହିଥିଲେ।

ଭାରପ୍ରାପ୍ତ ମେଡିକାଲ ଅଫିସର ଡା. ବିନୟ କୁମାର ଦାସ ମହାପାତ୍ର ଅଧ୍ୟକ୍ଷତା କରିଥିଲେ। ସମ୍ମାନିତ ଅତିଥି ଭାବେ ବିଡିଓ ଉତ୍ତମ କୁମାର ଜେନା, ବ୍ଲକ ଅଧ୍ୟକ୍ଷା ସୁନୀତା ବେହେରା, ବିଇଓ ଯଜ୍ଞେଶ୍ୱର ଜେନା, ଆୟୁଷ ମେଡିକାଲ ଅଫିସର ଡା. ଅସିତ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ବିପିଏମ୍ ସତ୍ୟସୁନ୍ଦର ଗୋସ୍ୱାମୀ ପରିଚାଳନା କରିଥିଲେ। ବିଏଏମ୍ ହରିଶ୍ଚନ୍ଦ୍ର ପରିଡ଼ା ଆୟବ୍ୟୟର ବିବରଣୀ ଉପସ୍ଥାପନ କରିଥିଲେ। ବିଧାୟକ ଦତ୍ତ ନିଜସ୍ୱ ପାଣ୍ଠିରୁ ସ୍ୱାସ୍ଥ୍ୟକେନ୍ଦ୍ରକୁ ୪ଟି ଏସି, ଏକ୍ସ–ରେ ମେଶିନ୍, ସ୍ୱାସ୍ଥ୍ୟକେନ୍ଦ୍ର ପରିସରର ଉଜ୍ଜ୍ୱଳ ଆଲୋକ ବ୍ୟବସ୍ଥା ପ୍ରଦାନ କରିବେ ବୋଲି କହିଥିଲେ। ସମିତିର ବରିଷ୍ଠ ସଦସ୍ୟ ଶ୍ରୀଧର ବେହେରା, ରଶ୍ମିତା ମଣ୍ଡଳ, ବିଜୟ ସାହୁଙ୍କ ସମେତ ଏନ୍‌ଏଚ୍‌ଏମ୍ କନିଷ୍ଠଯନ୍ତ୍ରୀ ଓ ସହକାରୀ ଯନ୍ତ୍ରୀ, ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ, ମହିଳା ଶିଶୁ ବିକାଶ ବିଭାଗର ପରିଦର୍ଶିକା ଓ ସ୍ୱାସ୍ଥ୍ୟକେନ୍ଦ୍ରର କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ। ଜନ ସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ପ୍ରଦୀପ କୁମାର ସାହୁ ଧନ୍ୟବାଦ ଦେଇଥିଲେ।

## ୩ରେ ଧାରଣା ସହ ଅନଶନରେ ବସିବେ ମନ୍ଦିର ଟ୍ରଷ୍ଟି

**ନୀଳଗିରି, ୩୦।୫(ପ୍ରଶାନ୍ତ ବିଶ୍ୱାଳ)**

### ବଳଦେବଜୀଉ ମନ୍ଦିରକୁ ଠାକୁର ମାହାଲର ଅସହଯୋଗ

ନୀଳଗିରି ଠାକୁରମାହାଲ ଅଧୀନରେ ଜଗନ୍ନାଥ ମନ୍ଦିର ଏବଂ ନୀଳଗିରି ଅଞ୍ଚଳର ବହୁ ମନ୍ଦିର, ମଠ ଓ କୀର୍ତ୍ତିରାଜିର ରକ୍ଷଣାବେକ୍ଷଣ ଓ ପରିଚାଳନା ହେଉଥିବା ବେଳେ ଔପଦା ବ୍ଲକ କାଣ୍ଡଗରଡ଼ି ପଞ୍ଚାୟତ ମୁକୁନ୍ଦପୁର ଗ୍ରାମର ଶ୍ରୀ ବଳଦେବଜୀଉ ମନ୍ଦିର ମଧ ରହିଛି। ଉକ୍ତ ମନ୍ଦିରର ବାର୍ଷିକ ନୀତିକାନ୍ତି ଏବଂ ରଥଯାତ୍ରା ପ୍ରତି ଠାକୁରମାହାଲ ଅସହଯୋଗ କରୁଥିବା ନେଇ ଗତ ୧୩ତାରିଖରେ ମନ୍ଦିର ଟ୍ରଷ୍ଟ ତରଫରୁ ବିଭିନ୍ନ ସମସ୍ୟା ନେଇ ଏକ ଅଭିଯୋଗପତ୍ର ଠାକୁରମାହାଲ ନିର୍ବାହୀ ଅଧିକାରୀଙ୍କୁ ପ୍ରଦାନ କରାଯାଇଥିଲା। ମାତ୍ର କୌଣସି ସନ୍ତୋଷଜନକ ଉତ୍ତର ମିଳି ନ ଥିବା ଟ୍ରଷ୍ଟ ତରଫରୁ ସୂଚନା ମିଳିଛି।

ସୂଚନା ଅନୁଯାୟୀ ପ୍ରତିବର୍ଷ ଠାକୁରମାହାଲ ତରଫରୁ ୨୦ହଜାର ଟଙ୍କା ଅନୁଦାନ ମିଳୁଥିବା ବେଳେ ଏଥିରେ ମନ୍ଦିରର ନୀତିକାନ୍ତି , ଯାନିଯାତ୍ରା କରିବା ଅସମ୍ଭବ ହୋଇପଡୁଛି। ଏପରିକି ମନ୍ଦିର ପୂଜକ ନିଜର ପାରିଶ୍ରମିକ ନ ପାଇବା ଫଳରେ ପୂଜା କାର୍ଯ୍ୟରେ ବିମୁଖ ରହୁଛନ୍ତି। ଦୀର୍ଘ ୩ବର୍ଷ ଧରି ରଥନିର୍ମାଣ ପାଇଁ କାଠପ୍ରଦାନ କରାଯାଇନାହିଁ। ତେଣୁ ରଥରେ ଆବଶ୍ୟକ ହେଉଥିବା କାଠର ଅଭାବ ଦେଖାଦେଇଛି। ଏପରିକି ଚଳିତବର୍ଷ ରଥନିର୍ମାଣ ପାଇଁ ୪ଟି ଚକ ଏବଂ ୨ଟି ଅଖ ପାଇଁ କାଠର ଆବଶ୍ୟକତା ରହିଛି। କାଠ ଯୋଗାଇ ଦିଆ ନ ଗଲେ ରଥ ନିର୍ମାଣ ହୋଇପାରିବ ନାହିଁ ବୋଲି କ୍ଷୋଭର ସହ ମନ୍ଦିର ଟ୍ରଷ୍ଟ ପକ୍ଷରୁ କିଛି ସଦସ୍ୟ ଅଭିଯୋଗ କରିଛନ୍ତି। ଠାକୁର ମାହାଲ କେବଳ କାଠର ତଦାରଖ କରୁଥିବା ବେଳେ କୌଣସି ଠୋସ ପଦକ୍ଷେପ ଗ୍ରହଣ କରାଯାଉନାହିଁ। ତେଣୁ ଠାକୁରମାହାଲ ଅଧିକାରୀ ତଥା ତହସିଲଦାର ସୋନମ୍ ଦାସ ମନ୍ଦିରର ଆବଶ୍ୟକତାକୁ ଉପଲବ୍ଧି କରି ତୁରନ୍ତ ପଦକ୍ଷେପ ନେବାକୁ ମନ୍ଦିର ସମ୍ପାଦକ ସୁରେନ୍ଦ୍ର ରାଉଳ, ସଦସ୍ୟ ଶରତ ଚନ୍ଦ୍ର ଦାସ, ଶ୍ରୀରାମ ଚନ୍ଦ୍ର ବାରିକଙ୍କ ସମେତ ମୁକୁନ୍ଦପୁର, ସିକିଡ଼ିଆ, ଚିନ୍ତାମଣିପୁର, ବଉଳଗଡିଆ ଅଞ୍ଚଳର ବହୁ ଜଗନ୍ନାଥପ୍ରେମୀ ଦାବି କରିଛନ୍ତି।

### ରାସ୍ତା କାମ ନ ହୋଇ ବିଲ୍ ଉଠାଣ ଅଭିଯୋଗ

# ପକ୍ଷ ରଖିଲେ ୱାର୍ଡବାସୀ

**ଜଳେଶ୍ୱର, ୩୦।୫(ନବୀନ ସାହୁ)**

ବାଲେଶ୍ୱର ଜିଲା ଜଳେଶ୍ୱର ମ୍ୟୁନିସିପାଲିଟି ୮ ନମ୍ବର ୱାର୍ଡରେ ୪ଟି ରାସ୍ତା କାମ ନ ହୋଇ ବିଲ୍ ଉଠାଣ ହୋଇଥିବା ଗତ ମଙ୍ଗଳବାର ପ୍ରତିବାଦ ଜଣାଇ ଜଳେଶ୍ୱର ପୌରପାଳିକା ଏମ୍‌ପି ପ୍ରତିନିଧି ଫାଲଗୁନୀ ପାଣିଗ୍ରାହୀ, ଭାଜପା ନଗର ସଭାପତି ଶିବନାରାୟଣ ପାତ୍ର, କାଉନସିଲର ଚନ୍ଦନ ଦାସ, ଗୌରବ ଘୋଷ, ଅରୁଣ ଦାସ , ରାମକୃଷ୍ଣ ସାହୁ ଓ ଧନଞ୍ଜୟ ଗିରି ପ୍ରମୁଖ ପୌରପରିଷଦ ଅଫିସ୍ ପରିସର ଏବଂ ପୌର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ପ୍ରକୋଷ୍ଠ ଭିତରେ କୀର୍ତ୍ତନ କରିଥିଲେ। ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ଓ ମ୍ୟୁନିସିପାଲିଟି ସହକାରୀ ନିର୍ବାହୀଯନ୍ତ୍ରୀଙ୍କୁ ଫୁଲମାଳ ପିନ୍ଧାଇଥିଲେ। ଏହି ଘଟଣା ପରେ ଗୁରୁବାର ୮ ନମ୍ବର ୱାର୍ଡବାସୀଙ୍କ ପକ୍ଷରୁ ପଞ୍ଚୁଘଣ୍ଟେଶ୍ୱରୀ ମନ୍ଦିର ପରିସରରେ ଏକ ଖବରଦାତା ସମ୍ମିଳନୀ ଗ୍ରାମ୍ୟ ମୁଖ୍ୟ ଦେବଦୁଲାଲ କୋୟାଲ ଅଧ୍ୟକ୍ଷତାରେ ହୋଇଥିଲା। ୨୦୨୪ ଏପ୍ରିଲ୍ ୧୦ରେ ପଞ୍ଚୁଘଣ୍ଟେଶ୍ୱରୀ ଦେବୀଙ୍କ ମନ୍ଦିର ଉଦ୍‌ଘାଟନ ପର୍ବ ଥିବା ବେଳେ ମନ୍ଦିର ସନ୍ନିକଟ ମୁଖ୍ୟ ରାସ୍ତା ସହ ୪ଟି ରାସ୍ତା ଅତ୍ୟନ୍ତ ଅଗମ୍ୟ ହୋଇପଡ଼ିଥିଲା। ୱାର୍ଡବାସୀଙ୍କ ପକ୍ଷରୁ ଏକ ପ୍ରତିନିଧି ମଣ୍ଡଳୀ କାଉନ୍‌ସିଲର ଚିତ୍ତରଞ୍ଜନ ମହାନ୍ତିଙ୍କ ନେତୃତ୍ୱରେ ୪ଟି ରାସ୍ତା ନବୀକରଣ ଓ ମରାମତି ପାଇଁ ପୌରାଧ୍ୟକ୍ଷଙ୍କ ସମେତ ତତ୍କାଳୀନ ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ଅଜୟ କୁମାର ମହାପାତ୍ରଙ୍କୁ ଅନୁରୋଧ କରିଥିଲେ। ପୌର ପ୍ରଶାସନ ଗ୍ରାମବାସୀଙ୍କ ସହ ସହମତ ହୋଇଥିଲେ ମଧ ୨୦୨୪ ସାଧାରଣ ନିର୍ବାଚନ ଆଦର୍ଶ ଆଚରଣବିଧି ଲାଗିଥିବାରୁ ୪ଟି ରାସ୍ତାର ନବୀକରଣ କାମ ସମ୍ଭବ ନୁହେଁ ବୋଲି କହିଥିଲେ। ୱାର୍ଡବାସୀଙ୍କ ପୁଣି ନିବେଦନ ପରେ ଗ୍ରାମବାସୀ ଠିକାଦାରଙ୍କ ଦ୍ୱାରା କାମ କରାଇ ନିଅନ୍ତୁ, ନିର୍ବାଚନ ପରେ ସେହି ଠିକାଦାରଙ୍କୁ ଟଙ୍କା ପ୍ରଦାନ କରାଯିବ ବୋଲି ତତ୍କାଳୀନ ପୌର କାର୍ଯ୍ୟନିର୍ବାହୀ ଅଧିକାରୀ କହିଥିଲେ। ଯାହା ପଞ୍ଚୁଘଣ୍ଟା–ଶାସନବାର୍ଡ ଗ୍ରାମ୍ୟ କମିଟିର ବୈଠକରେ ମଧ ଆଲୋଚନା ହୋଇଥିଲା। ଫଳରେ ମନ୍ଦିର ପ୍ରତିଷ୍ଠା ପୂର୍ବରୁ ଉକ୍ତ ୪ଟି ରାସ୍ତାର କାମ ହୋଇଥିଲା। ଏବେ ୩ଟି କାମ ବାବଦରେ ଠିକାଦାରଙ୍କୁ ବିଲ୍ ପ୍ରଦାନ କରାଯାଇଛି। କିନ୍ତୁ କାମ ନ ହୋଇ ବିଲ୍ ଉଠାଣ ହୋଇଛି କହିବା ଓ ପୌରପାଳିକା କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଫୁଲମାଳ ଦେଇ ଅଭିଯୋଗ କରିବା ଏକ ଦୁଃଖଦ ଘଟଣା ବୋଲି ଖବରଦାତା ସମ୍ମିଳନୀରେ ଦେବଦୁଲାଲ କୋୟାଲ, ଉମାକାନ୍ତ ଜେନା, ଜହରଲାଲ୍ ଦାସ୍, ଅଜିତ୍ କୁମାର ରାୟ ଓ କାଉନ୍‌ସିଲର ଚିତ୍ତରଞ୍ଜନ ମହାନ୍ତି ପ୍ରମୁଖ କହିଛନ୍ତି।

## ସ୍ୱାସ୍ଥ୍ୟ ଶିବିର: ୧୨୦ରୁ ଉର୍ଦ୍ଧ୍ୱଙ୍କୁ ଚିକିତ୍ସା

**ବାଲେଶ୍ୱର, ୩୦।୫(ବାଞ୍ଛାନିଧି ଦେ)**

ବାଲେଶ୍ୱର ଫକୀରମୋହନ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ ଛାତ୍ର ସଂସଦ, ସ୍ୱାସ୍ଥ୍ୟକେନ୍ଦ୍ର, ବାଲେଶ୍ୱର ରୋଟାରୀ କ୍ଲବ ଓ ସନସାଇନ୍ ହସ୍ପିଟାଲର ମିଳିତ ଆନୁକୂଲ୍ୟରେ ନୂଆପାଢ଼ିସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟରେ ଶୁକ୍ରବାର ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ବିଶ୍ୱବିଦ୍ୟାଳୟର ପୋଷ୍ୟ ଗ୍ରାମ ନୂଆପାଢ଼ୀଠାରେ ଆୟୋଜିତ ଶିବିରରେ ବାଲେଶ୍ୱର ଓ ଭୁବନେଶ୍ୱରର ବିଶେଷଜ୍ଞ ଡାକ୍ତର ଉପସ୍ଥିତ ରହି ଚକ୍ଷୁ, ଦନ୍ତ, ଭେଷଜ, ଅସ୍ଥିଶଲ୍ୟ, ହୃଦ୍‌ରୋଗ ଆଦିର ପରୀକ୍ଷା କରିଥିଲେ। ୧୨୦ରୁ ଉର୍ଦ୍ଧ୍ୱ ଜନସାଧାରଣ ନିଜର ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ଡାକ୍ତରଙ୍କଠାରୁ ପରାମର୍ଶ ଗ୍ରହଣ କରିଥିଲେ। ବିଶ୍ୱବିଦ୍ୟାଳୟର ପ୍ରାକ୍ତନ ଛାତ୍ର ସଂସଦ ସଭାପତି ଡା. ଚୌଧୁରୀ ସତ୍ୟବ୍ରତ ନନ୍ଦ ଓ ସମ୍ପାଦକ ଡା. ଦେବଦତ୍ତ ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଶିବିର ପରିଚାଳିତ ହୋଇଥିଲା। ରୋଟାରୀ କ୍ଲବ ସଭାପତି କର୍ଣ୍ଣେଲ କ୍ଷେତ୍ରମୋହନ ମହାପାତ୍ର ଓ ବରିଷ୍ଠ ସଦସ୍ୟଙ୍କ ସହଯୋଗରେ ଏହି ଶିବିରର ସଫଳ ରୂପାୟନ ହୋଇଥିଲା। ଶିବିରରେ ବିଶେଷଜ୍ଞ ଡା. ସୌମ୍ୟରଞ୍ଜନ, ଡା. ଗୌରବ, ଡା. ଦୀପକ, ଡା. ବିନିତା ପ୍ରଧାନ, ଡା. ସୌମ୍ୟାଶ୍ରୀ ଓ ଡା. ରମେଶ ଚନ୍ଦ୍ର ବାରିକ ପ୍ରମୁଖ ଯୋଗଦେଇ ସ୍ୱାସ୍ଥ୍ୟ ପରୀକ୍ଷଣ କରିଥିଲେ।




ଶିବିରରେ କୁଳପତି, ଡାକ୍ତରଙ୍କ ସହ ଅନ୍ୟମାନେ।

## ଶୋଇଥିବା ବେଳେ ଯୁବକଙ୍କ ମୃତ୍ୟୁ, ମଦମୃତ୍ୟୁ ସନ୍ଦେହ

ସୋର, ୩୦।୫(ଜନ୍ମେଜୟ ମିଶ୍ର): ବାଲେଶ୍ୱର ଜିଲା ସୋର ଥାନା ମାଣତ୍ରୀ ପଞ୍ଚାୟତ ଜହ୍ନିଆ ଗ୍ରାମର ରମାକାନ୍ତ ମହାନ୍ତି (୪୪) ଗୁରୁବାର ରାତିରେ ଶୋଇଥିବା ବେଳେ ମୃତ୍ୟୁବରଣ କରିଛନ୍ତି। ତାଙ୍କ ସ୍ତ୍ରୀ ମମତାଙ୍କ କହିବା ଅନୁଯାୟୀ, ରମାକାନ୍ତ ଜଣେ ପଥର କାରିଗର ଅଟନ୍ତି। ବାହାରେ ରହି ପଥର ମୂର୍ତ୍ତି କାମ କରୁଥିବା ବେଳେ ଦେହ ଅସୁସ୍ଥ କାରଣରୁ ମାସକ ତଳେ ଘରକୁ ଆସିଥିଲେ। ରମାକାନ୍ତ ପ୍ରତିଦିନ ମଦ ପିଇ ଘରକୁ ଫେରିଥାନ୍ତି। ଗୁରୁବାର ରାତିରେ ସେ ମଦ ପିଇ ଘରକୁ ଫେରିବା ସହ ଖାଇପିଇ ଶୋଇଥିଲେ। ମାତ୍ର ସକାଳେ ଉଠିବାରେ ବିଳମ୍ବ ହେବାରୁ ପରିବାର ଲୋକେ ତାଙ୍କୁ ସୋର ଡାକ୍ତରଖାନାକୁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସେ ଅତ୍ୟଧିକ ମଦ୍ୟପାନ କରୁଥିବାରୁ ତାଙ୍କର ମୃତ୍ୟୁ ହୋଇଥିବା ସନ୍ଦେହ କରାଯାଉଛି। ସୋର ପୋଲିସ ଡାକ୍ତରଖାନାରେ ପହଞ୍ଚି ଶବ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିବା ସହିତ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି।

## ସୋର ନାଗରିକ ମଞ୍ଚର ସାଧାରଣ ପରିଷଦ ବୈଠକ

**ସୋର, ୩୦।୫(ଜନ୍ମେଜୟ ମିଶ୍ର)**

ସୋର ନାଗରିକ ମଞ୍ଚର ସାଧାରଣ ପରିଷଦ ବୈଠକ, ଅବସରପ୍ରାପ୍ତ କର୍ମଚାରୀ ଭବନ ପରିସରରେ ମଞ୍ଚର ସଭାପତି ନେତ୍ରାନନ୍ଦ ରାଉତଙ୍କ ଅଧ୍ୟକ୍ଷତାରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ସଭାରେ ମଞ୍ଚର ସଦସ୍ୟ ଚିତ୍ରଶିଳ୍ପୀ, ଅବସରପ୍ରାପ୍ତ ଶିକ୍ଷକ ରାଜବଲ୍ଲଭ ସାହୁଙ୍କ ବିୟୋଗରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ମଞ୍ଚର ସମ୍ପାଦକ ଡକ୍ଟର ନରହରି ନାୟକ ଗତ ବୈଠକର ବିବରଣୀ ଉପସ୍ଥାପନ କରିଥିଲେ। ସୋରକୁ ରାଜସ୍ୱ ସବ୍‌ଡିଭିଜନ ଘୋଷଣା ଦାବିରେ ଗତ ୨୨ ତାରିଖରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କୁ ଭୁବନେଶ୍ୱରସ୍ଥିତ ସରକାରୀ ବାସଭବନରେ ସାକ୍ଷାତ ଓ ଦାବିପତ୍ର ପ୍ରଦାନ, ସୋର ଷ୍ଟେଶନ ସମସ୍ୟା ଦୂର ପାଇଁ ଷ୍ଟେଶନ ମ୍ୟାନେଜରଙ୍କୁ ଦାବିପତ୍ର ସହ ଆଲୋଚନା ହୋଇଥିବା ସୂଚନା ଦେଇଥିଲେ। ଏକମାସ ମଧ୍ୟରେ କୋଚ ଇଣ୍ଡିକେଟର ସ୍ଥାପନ ହେବା ସହ ଠିକ୍ ସମୟରେ ଟ୍ରେନଗୁଡିକ ଯାତାୟାତ ପାଇଁ ଦାବି କରାଯାଇଛି। ଏତଦ୍‌ଭିନ୍ନ ରାଜ୍ୟ ସରକାର ଜାତୀୟ ରାଜପଥର ପଶ୍ଚିମପଟ ଡ୍ରେନ, କଲେଜ ଛକରୁ ପାଇକାଳୀ ପର୍ଯ୍ୟନ୍ତ ଗଭୀର ଓ ୩ ମିଟର ଓସାରିଆ



ବୈଠକରେ ମଞ୍ଚର କର୍ମକର୍ତ୍ତା।

ନାଳ ପାଇଁ ଟେଣ୍ଡର କରିଥିବାବେଳେ, ପୂର୍ବପଟରେ ଗଭୀର ଡ୍ରେନ ପାଇଁ ରାଜ୍ୟ ସରକାର ତୁରନ୍ତ ଆବଶ୍ୟକ ଅର୍ଥ ପ୍ରଦାନ ପାଇଁ ଦାବି କରାଯାଇଛି। ଅନ୍ୟପକ୍ଷରେ ପିଡବ୍ଲୁଡି ଅଫିସ ନିଜସ୍ୱ ଜାଗାକୁ ସ୍ଥାନାନ୍ତର ପାଇଁ ଅଧୀକ୍ଷଣ ଯନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯିବାକୁ ସ୍ଥିର ହୋଇଛି। ସୋରର ସ୍ୱାଭିମାନ ସୋର ଉପେନ୍ଦ୍ରନାଥ ମହାବିଦ୍ୟାଳୟ ଚଳିତବର୍ଷ ଯୁକ୍ତ ୨ ପରୀକ୍ଷାରେ ନୈରାଶ୍ୟଜନକ ପ୍ରଦର୍ଶନ କରିଥିବାରୁ ମଞ୍ଚ ତରଫରୁ ଉଦ୍‌ବେଗ ପ୍ରକାଶ ସହ ନାଗରିକ ମଞ୍ଚ ଏ ଦିଗରେ ଗୁରୁତ୍ୱ ଦେବାକୁ ଦାବି ହୋଇଛି। ସଭାରେ ନବକିଶୋର ଦାସ, ମାୟାଧର ନାୟକ, ଗଙ୍ଗାଧର ପାଢ଼ୀ, ଶରତ ଚନ୍ଦ୍ର ମହାନ୍ତି, ଉଦ୍ଧବ ଚରଣ ବିଶ୍ୱାଳ ପ୍ରମୁଖ ବିଭିନ୍ନ ପ୍ରସ୍ତାବ ଆଗତ କରିଥିବା ବେଳେ କମଳାକାନ୍ତ ତିଆଡି, ଇଂ.ଦିବାକର ଦଳାଇ, ପଞ୍ଚାନନ ଶିଅଳ, ଚେମେଇ ଦାସ, ପଞ୍ଚାନନ ଶିଅଳ, ଅଦ୍ୱୈତ କୁମାର କର, ଖଗେନ୍ଦ୍ର ପ୍ରଧାନ, ରବିନାରାୟଣ ନନ୍ଦ, ଅନନ୍ତ ପ୍ରସାଦ ବେହେରା, ପ୍ରଦୀପ କୁମାର ଦାଶ, ଚିତ୍ତରଞ୍ଜନ ଦାଶ, ସୁରେନ୍ଦ୍ର ପ୍ରସାଦ ବେହେରା, ଶଶୀକାନ୍ତ ପଣ୍ଡା, ପ୍ରଶାନ୍ତ ଦାସ, ଚକ୍ରଧର ପାଢ଼ୀ, ବିଜୟ ଦାସ, ମହେଶ୍ୱର ପଣ୍ଡା, ଅନାମ ପ୍ରସାଦ ବାରିକ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଶେଷରେ ବାସୁକୃଷ୍ଣ ମହାପାତ୍ର ଧନ୍ୟବାଦ ଦେଇଥିଲେ।

# ପର୍ଯ୍ୟଟକଙ୍କୁ ମାଡ଼, ବନ୍ଧୁକ ଦେଖାଇ ଲୁଟ୍

## ୫୫ନଂ. ଜାତୀୟ ରାଜପଥରେ ଲୁଟେରାଙ୍କ ଆତଙ୍କ

ଅନୁଗୋଳ,୩୦।୫ (ମାନସ ବିଶ୍ୱାଳ)

ଅନୁଗୋଳ ଜିଲା ଦେଇ ଯାଇଥିବା କଟକ-ସମ୍ବଲପୁର ୫୫ନଂ. ଜାତୀୟ ରାଜପଥର ଅନୁଗୋଳ ସଦର ଥାନା ଅଞ୍ଚଳରେ ଶୁକ୍ରବାର ସକାଳେ ଲୁଟେରାଙ୍କ ଆତଙ୍କ ଦେଖିବାକୁ ମିଳିଛି। ବୋଲେରୋରେ ଥିବା ୫ଜଣ ପର୍ଯ୍ୟଟକଙ୍କୁ ଲୁଟେରାମାନେ ନିଛାଟିଆ ସ୍ଥାନକୁ ନେଇ ମାଡ଼ ମାରିବା ସହ ବନ୍ଧୁକ ଦେଖାଇ ଟଙ୍କା, ସୁନା ଅଳଙ୍କାର ଲୁଟିନେଇଥିବା ଥାନାରେ ଅଭିଯୋଗ ହୋଇଛି।

ସୂଚନା ଅନୁଯାୟୀ, କେନ୍ଦ୍ରାପଡ଼ା ଜିଲା ରାଜକନିକା ଅଞ୍ଚଳର ୫ ଜଣ ସାଙ୍ଗ ସୁବ୍ରତ କୁମାର ନାୟକ (୩୪), ସରୋଜ ଜେନା (୨୮), ବିନୋଦ ସେଠୀ (୩୦), ଚିନ୍ମୟ ଦାସ (୩୦), ଦେବାଶିଷ ବିଶ୍ୱାଳ (୩୮) ସମ୍ବଲପୁର ଜିଲା ବୁଲିବାକୁ ଆସିଥିଲେ। ସେମାନେ ଗୁରୁବାର ରାତିରେ ବୋଲେରୋରେ ଘରୁ ବାହାରିଥିବା ବେଳେ ଶୁକ୍ରବାର ସକାଳ ୭ଟା ୩୦ରେ ଅନୁଗୋଳ ସଦର ଥାନା ମୂଷାପାପୁଲିଠାରେ ଜଳଖିଆ ଖାଇବା



ଲୁଟେରାଙ୍କ ଆକ୍ରମଣର ଶିକାର ହୋଇଥିବା ପର୍ଯ୍ୟଟକମାନେ।

ପାଇଁ ଅଟକିଥିଲେ। ଏହି ସମୟରେ ଏକ ବାଇକ୍‌ରେ ୩ ଜଣ ଲୁଟେରା ଆସି ବନ୍ଧୁକ ଦେଖାଇ ଗାଡ଼ି ସହ ପର୍ଯ୍ୟଟକମାନଙ୍କୁ ନିକଟସ୍ଥ ଡ୍ୟାମ୍ ନିକଟକୁ ନେଇଯାଇଥିଲେ। ସେଠାରେ ପୂର୍ବରୁ ଆଉ ୬ ଜଣ ଲୁଟେରା ଅପେକ୍ଷା କରିଥିଲେ। ଏହାପରେ ସମସ୍ତ ୯ ଲୁଟେରା ମିଶି ପର୍ଯ୍ୟଟକମାନଙ୍କୁ ମାଡ଼ ମାରିବା ସହ ଫୋନ, ଟଙ୍କା, ପିନ୍ଧିଥିବା ସୁନା ଚେନ୍, ବ୍ରେସଲେଟ୍, ଲକେଟ୍, ମୁଦି ସହ ଗାଡ଼ି ଛଡ଼ାଇ ନେଇଥିଲେ। ମାଡ଼ ଖାଇଥିବା ପର୍ଯ୍ୟଟକମାନଙ୍କ ମଧ୍ୟରୁ ୨ ଜଣ ପ୍ରାଣ ବିକଳରେ ଦୌଡ଼ି ପଳାଇ ଯାଇଥିବା ବେଳେ ଅନ୍ୟ ୩ଜଣଙ୍କୁ ଲୁଟେରାମାନେ ନିର୍ଘାତ ମାଡ଼ ମାରିବା ସହ ଘରୁ ଟଙ୍କା ମଗାଇବାକୁ ଧମକ ଦେଇଥିଲେ। ଖବରପାଇ ଘର ଲୋକେ ଅନୁଗୋଳ ସଦର ପୋଲିସକୁ ଖବର ଦେଇଥିଲେ। ଏହା ଜାଣିବା ପରେ ଲୁଟେରାମାନେ ପର୍ଯ୍ୟଟକଙ୍କ ବୋଲେରୋ ନେଇ ପଳାଇ ଯାଇଥିଲେ। ମାଡ଼ ଖାଇଥିବା ୩ ପର୍ଯ୍ୟଟକ କିଛି ବାଟ ଚାଲି ଚାଲି ଆସିବା ପରେ ଏକ ଅଟୋ ଯୋଗେ ସଦର ଥାନାରେ ପହଞ୍ଚି ଅଭିଯୋଗ କରିଥିଲେ। ସଦର ପୋଲିସ ସେମାନଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସା କରାଇବା ସହ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ସଦର ଥାନା ଅଧିକାରୀଙ୍କ ସହ ଯୋଗାଯୋଗ ସମ୍ଭବ ହୋଇ ନ ଥିବାରୁ ଅଧିକ ତଥ୍ୟ ମିଳିପାରି ନାହିଁ।

# ବଳାତ୍କାର ମାମଲା, ବାପାଙ୍କୁ ଆଜୀବନ ଜେଲ

ବ୍ରହ୍ମପୁର, ୩୦।୫ (ସୁବାସ ଚନ୍ଦ୍ର ପାଢ଼ୀ)

## ପୀଡ଼ିତାଙ୍କୁ ସାଢ଼େ ୧୦ ଲକ୍ଷ ଦେବାକୁ ନିର୍ଦ୍ଦେଶ

ସ୍ୱତନ୍ତ୍ର ପୋକ୍‌ସୋ ଜଜ୍ ପ୍ରଣତି ପଟ୍ଟନାୟକ ଶୁକ୍ରବାର ଏକ ନାବାଳିକା ବଳାତ୍କାର ମାମଲାର ବିଚାର କରି ଅଭିଯୁକ୍ତ ତଥା ପୀଡ଼ିତାଙ୍କ ବାପାଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୧୦ ହଜାର ଟଙ୍କା ଜରିମାନା କରିଛନ୍ତି। ଏହା ଅନାଦାୟେ ଦୋଷୀ ଅଧିକ ୧ବର୍ଷ କାରାଦଣ୍ଡ ଭୋଗିବେ ବୋଲି ରାୟରେ ଉଲ୍ଲେଖ କରିଛନ୍ତି। ସେହିପରି ପୀଡ଼ିତାଙ୍କୁ ୧୦ ଲକ୍ଷ ୫୦ ହଜାର ଟଙ୍କା ଆର୍ଥିକ ସହାୟତା ରାଶି ପ୍ରଦାନ କରିବାକୁ ଜିଲା ଆଇନସେବା ପ୍ରାଧିକରଣ ସଚିବଙ୍କୁ ଜଜ୍ ନିର୍ଦ୍ଦେଶ ଦେଇଛନ୍ତି। ମାମଲାର ଅନ୍ୟତମ ଅଭିଯୁକ୍ତ ତଥା ପୀଡ଼ିତାଙ୍କ ତୃତୀୟ ମା'ଙ୍କ ଭାଇ ଅର୍ଥାତ୍ ମାମୁଙ୍କୁ ଜଜ୍ ପ୍ରମାଣ ଅଭାବରୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ନାବାଳିକାଙ୍କ ପ୍ରଥମ ଓ ଦ୍ୱିତୀୟ ମା'ଙ୍କ ମୃତ୍ୟୁ ପରେ ବାପା ତୃତୀୟ ବିବାହ କରିଥିଲେ।

୨୦୨୩ ଡିସେମ୍ବର ୨୩ ତାରିଖରେ ପୁରୁଷୋତ୍ତମପୁର ଥାନା ଅଞ୍ଚଳରେ ରହୁଥିବା ନାବାଳିକା ଅଙ୍ଗନୱାଡି କେନ୍ଦ୍ରରୁ ଅଣ୍ଡା ଆଣିବାକୁ ଯାଉଥିଲେ। ଏହି ସମୟରେ ୨ ଜଣ ତାଙ୍କୁ ଟାଣି ନେଉଥିବା ବେଳେ ସେ ଚିତ୍କାର କରିଥିଲେ। ଗାଁ ଲୋକେ ରୁଣ୍ଡ ହୋଇଯାଇ ଅଟକାଇବାରୁ ସେମାନେ ନାବାଳିକାଙ୍କ ବାପା ଓ ମାମୁ ବୋଲି ଜଣାପଡ଼ିଥିଲା। ସେମାନଙ୍କ ସ୍ୱାସ୍ଥ୍ୟ ଖରାପ ଥିବାରୁ ଝିଅକୁ ନେଉଥିବା କହି ଅଭିଯୁକ୍ତଦ୍ୱୟ ସେଠାରୁ ପଳାଇଥିଲେ। ରାତିରେ ଘରେ ବାପା ଭୟଭୀତ କରି ନାବାଳିକାଙ୍କୁ ବଳାତ୍କାର କରିଥିଲେ। ଏ ନେଇ ପୀଡ଼ିତା ତାଙ୍କ ପ୍ରଥମ ମା'ଙ୍କ ଭାଇ ଅର୍ଥାତ ମାମୁମାଙ୍କୁ ଜଣାଇବା ସହ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ. ୯୦୨/୨୩ ରେ ମାମଲା ରୁଜୁ କରି ତଦନ୍ତ ପରେ ଅଭିଯୁକ୍ତ ବାପା ଓ ମାମୁଙ୍କୁ ଗିରଫ କରିଥିଲା। କିଛିଦିନ ପରେ ମାମୁଙ୍କୁ ଜାମିନ ମିଳିଥିଲା। ତତ୍କାଳୀନ ତଦନ୍ତକାରୀ ଅଧିକାରୀ ଇନ୍ସପେକ୍ଟର ସମୀର କୁମାର ରାଉତ କୋର୍ଟରେ ଚାର୍ଜଶିଟ ଦାଖଲ କରିଥିଲେ। ମାମଲାର ବିଚାର ବେଳେ ୮ ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। ପ୍ରମାଣ ମିଳିଥିବାରୁ ଜଜ୍ ଉପରୋକ୍ତ ରାୟ ପ୍ରକାଶ କରିଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର (ପିପି) ନାରାୟଣ ପଣ୍ଡା ମକଦ୍ଦମା ପରିଚାଳନା କରିଥିଲେ।

# ମହିଳା ହଷ୍ଟେଲ ବାଥରୁମ୍‌ରୁ ଯୁବତୀଙ୍କ ମୃତଦେହ ଜବତ

କଟକ,୩୦।୫ (କାର୍ତ୍ତିକ ସାହୁ)

## ଦେଢ଼ ମାସ ହେବ ରହୁଥିଲେ

କଟକ ଯୋବ୍ରା ଅଞ୍ଚଳର ଜଣେ କର୍ମଜୀବୀ ଯୁବତୀଙ୍କ ସନ୍ଦେହଜନକ ମୃତ୍ୟୁ ହୋଇଛି। ଯୋବ୍ରା ଚାରିଘରିଆ ଅଞ୍ଚଳରେ ଥିବା ଏକ କର୍ମଜୀବୀ ମହିଳା ହଷ୍ଟେଲର ବାଥରୁମ୍ କପଡ଼ା ହ୍ୟାଙ୍ଗରରେ ଯୁବତୀଙ୍କ ମୃତଦେହ ଓଢ଼ଣିରେ ଝୁଲୁଥିବା ଅବସ୍ଥାରେ ଠାବ କରାଯାଇଛି। ହଷ୍ଟେଲ ଅନ୍ତେବାସୀମାନେ ଶୁକ୍ରବାର ସକାଳୁ ଏହା ଦେଖିବା ପରେ ପୋଲିସକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଏସ୍‌ସିବି ମେଡିକାଲକୁ ପଠାଇଛି। ମୃତ ଯୁବତୀ ହେଲେ ବାଲେଶ୍ୱର ଜିଲା ଖନ୍ତାପଡ଼ା ଥାନା ଅନ୍ତର୍ଗତ ନରହରିପୁର ଗ୍ରାମର କଳ୍ପନା ଦାସ (୨୬)।

ସୂଚନାନୁସାରେ, କଳ୍ପନା ଏକ ଘରୋଇ ହସ୍ପିଟାଲରେ ଚାକିରି କରୁଥିଲେ। ସେ ପ୍ରାୟ ଦେଢ଼ ମାସ ହେବ ଉକ୍ତ ହଷ୍ଟେଲରେ ରହୁଥିଲେ। ହଷ୍ଟେଲ ଅନ୍ତେବାସୀମାନଙ୍କ କହିବା ଅନୁସାରେ, କଳ୍ପନା ଖୁବ୍ ଭଲ ସ୍ୱଭାବର ଝିଅ ଥିଲେ। ସକାଳ ୯ଟା ୪୫ମିନିଟ୍ ପର୍ଯ୍ୟନ୍ତ ସେ ବେଶ୍ ସ୍ୱାଭାବିକ ଥିଲେ। ମାତ୍ର ପରେ ବାଥରୁମ୍‌କୁ ଯାଇ ଦୀର୍ଘ ସମୟ ଯାଏ ଫେରି ନ ଥିଲେ। କବାଟ ନ ଖୋଲିବାରୁ ଅନ୍ତେବାସୀମାନେ କବାଟ ଭାଙ୍ଗି ଭିତରକୁ ପଶି ସେ ଝୁଲୁଥିବା ଅବସ୍ଥାରେ ଦେଖିଥିବା ପୋଲିସ ନିକଟରେ ପ୍ରକାଶ କରିଛନ୍ତି। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୧୬/୨୦୨୫) ରୁଜୁ ହୋଇଥିବା ମାଲଗୋଦାମ ଥାନା ଆଇଆଇସି ରଜନୀକାନ୍ତ ଦାସ ସୂଚନା ଦେଇଛନ୍ତି।

# ଏସିଡ୍ ଆକ୍ରମଣକାରୀଙ୍କୁ ୧୨ ବର୍ଷ ସଶ୍ରମ କାରାଦଣ୍ଡ

ଫୁଲବାଣୀ, ୩୦।୫ (ରାକେଶ କୁମାର ରାଉତ)

ଫୁଲବାଣୀ ଅତିରିକ୍ତ ଜିଲା ଦୌରାଜଜ୍ ପ୍ରିତିଶ କୁମାର ରାଉତରାୟ ଶୁକ୍ରବାର ଏକ ଏସିଡ୍ ମାଡ଼ ମାମଲାର ରାୟ ପ୍ରକାଶ କରିଛନ୍ତି। ମାମଲାର ଅଭିଯୁକ୍ତ ଫୁଲବାଣୀ ପଟାବାଲି ସାହିର ପ୍ରମୋଦ କୁମାର ସାହୁ (୬୦)ଙ୍କୁ ସେ ଦୋଷୀ ସାବ୍ୟସ୍ତ କରି ୧୨ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୫୦ ହଜାର ଜରିମାନା ଏବଂ ଏହା ଅନାଦେୟ ଅଧିକ ୬ ମାସ ଜେଲ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି।

ମିଳିଥିବା ସୂଚନା ଅନୁସାରେ, ୨୦୨୩ ଡିସେମ୍ବର ୨୮ ତାରିଖରେ ଫୁଲବାଣୀ ସାହିର ସୁରଜ କୁମାର ମହାନ୍ତି ଶଶୀ ପାନଦୋକାନ ଛକଠାରେ ଠିଆ ହୋଇଥିଲେ। ଏହି ସମୟରେ ପ୍ରମୋଦ ପୂର୍ବ ଶତ୍ରୁତାକୁ ନେଇ ତାଙ୍କ ଉପରକୁ ଏସିଡ୍ ଫିଙ୍ଗିଥିଲେ। ଖବରପାଇ ସୁରଜଙ୍କ ବାପା କୃଷ୍ଣ ଚନ୍ଦ୍ର ମହାନ୍ତି ଘଟଣାସ୍ଥଳକୁ ଆସିବାରୁ ତାଙ୍କ ଉପରକୁ ମଧ୍ୟ ଏସିଡ୍ ଫିଙ୍ଗିଥିଲେ। ସ୍ଥାନୀୟ ଲୋକେ ଗୁରୁତର ଅବସ୍ଥାରେ ବାପାପୁଅଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେବା ସହ ପ୍ରମୋଦଙ୍କୁ କାବୁ କରି ପୋଲିସ ଜିମା ଦେଇଥିଲେ। ବିଚାରପତି ୧୭ଜଣଙ୍କ ସାକ୍ଷ୍ୟ ଓ ପ୍ରତ୍ୟକ୍ଷଦର୍ଶୀଙ୍କ ବୟାନକୁ ଭିତ୍ତିକରି ଦଣ୍ଡାଦେଶ ଶୁଣାଇଛନ୍ତି।

# ବ୍ୟବସାୟୀଙ୍କ ଘରୁ ଲୁଟିନେଲେ ୧୦ ଲକ୍ଷ ଟଙ୍କା, ୨୦ ଭରି ସୁନା

ରାୟଗଡ଼ା,୩୦।୫(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ସହରର ନ୍ୟୁ କଲୋନିରେ ଗୁରୁବାର ବିଳମ୍ବିତ ରାତିରେ ଏକ ବଡ଼ ଧରଣର ଚୋରି ହୋଇଛି। ଦୁର୍ବୃତ୍ତମାନେ ହୋଟେଲ କୈଳାସର ମାଲିକ ସୁବ୍ରତ ପତିଙ୍କ ଘରୁ ନଗଦ ୧୦ ଲକ୍ଷ ଟଙ୍କା, ପ୍ରାୟ ୨୦ଭରି ସୁନା ଅଳଙ୍କାର ଓ ୧ କେଜି ରୁପା ଲୁଟି ନେଇଛନ୍ତି। ଏ ନେଇ ଶୁକ୍ରବାର ସକାଳେ ସୁବ୍ରତ ରାୟଗଡ଼ା ଟାଉନ ଥାନାରେ ଅଭିଯୋଗ ପରେ ପୋଲିସ ଘଟଣାର ତଦନ୍ତ କରୁଛି।

ଘଟଣାରୁ ପ୍ରକାଶ, ସୁବ୍ରତ ଏବଂ ତାଙ୍କ ମା' ନିଶାମଣି ଗୁରୁବାର ରାତିରେ ଖାଇସାରି ପଛ ପାର୍ଶ୍ୱ ଘର ତାଲା ଦେଇ ଆଗପଟକୁ ଥିବା ଘରର ବେଡ୍‌ରୁମ୍‌ରେ ଆସି ଶୋଇ ଯାଇଥିଲେ। ଶୁକ୍ରବାର ସକାଳୁ ଉଠିବା ପରେ ଘରର ଗ୍ରୀଲ ହୁକ୍ କାଟି ଘରୁ


ସାଇଣ୍ଟିଫିକ୍ ଟିମ୍ ଘଟଣାର ତଦନ୍ତ କରୁଛି।

ଚୋରି ହୋଇଥିବା ଦେଖି ସୁବ୍ରତ ରାୟଗଡ଼ା ଟାଉନ ଥାନା ଆଇଆଇସି କେକେବିକେ କହଁରଙ୍କୁ ସୂଚନା ଦେଇଥିଲେ। ୨ ଜଣ କଳାମୁଖା ପିନ୍ଧିଥିବା ଦୁର୍ବୃତ୍ତ ରାତି ପ୍ରାୟ ୨ଟା ପରେ ଘରେ ପଶି ଚୋରି କରିଥିବା ସୁବ୍ରତଙ୍କ ଘରେ ଲାଗିଥିବା ସିସି କ୍ୟାମେରା ଫୁଟେଜ୍ ଯାଞ୍ଚରୁ ଜଣାପଡ଼ିଛି। ପଛ ଘର ଭିତରେ ଥିବା ଦୁଇଟି ଆଲମିରା ଭାଙ୍ଗି ନଗଦ ୧୦ଲକ୍ଷ ଟଙ୍କା, ପ୍ରାୟ ୨୦ ଭରି ସୁନା ଗହଣା ଏବଂ ୧ କେଜିରୁ ଊର୍ଦ୍ଧ୍ୱ ରୁପା ସାମଗ୍ରୀ ଚୋରି ହୋଇଥିବା ସୁବ୍ରତ ଥାନାରେ ଅଭିଯୋଗ କରିଛନ୍ତି। ଅନ୍ୟ ଜାଗାରେ ଘର କାମ ଚାଲିଥିବାରୁ ସୁବ୍ରତ ସାମଗ୍ରୀ କିଣିବା ପାଇଁ ନଗଦ ଟଙ୍କା ଘରେ ରଖିଥିଲେ ବୋଲି କହିଛନ୍ତି। ଏସ୍‌ଡିପିଓ ଗୌରୀଶଙ୍କର ସାହୁ, ଟାଉନ ଥାନା ଆଇଆଇସି କହଁରଙ୍କ ନେତୃତ୍ୱରେ ସାଇଣ୍ଟିଫିକ୍ ଟିମ୍ ଏବଂ ଡଗ୍ ସ୍କ୍ୱାଡ୍ ଘଟଣାସ୍ଥଳରେ ପହଞ୍ଚି ଯାଞ୍ଚ କରିଛନ୍ତି। ଡଗ୍ ସ୍କ୍ୱାଡ୍ ଯାଞ୍ଚ ବେଳେ ଅନୁସନ୍ଧାନୀ କୁକୁର ତୁମ୍ପିଗୁଡ଼ା ଗ୍ରାମ ପର୍ଯ୍ୟନ୍ତ ଯାଇଥିବା ଜଣାପଡ଼ିଛି। ତେବେ ଉକ୍ତ ରାସ୍ତା ପରଠାରୁ ଦୁର୍ବୃତ୍ତ କେଉଁଆଡ଼େ ଯାଇଛନ୍ତି ଆଉ ଜଣାପଡ଼ିନାହିଁ ବୋଲି ଆଇଆଇସି କହଁର କହିଛନ୍ତି।

## Business

# ନାନୋ ସାର ବିକ୍ରିରେ ୪୭% ବୃଦ୍ଧି

ନୂଆଦିଲ୍ଲୀ,୩୦।୫: (ଅଭୟ ଦାଶ)




କ୍ରମାଗତ ଭାବେ ନାନୋ ସାରର ବ୍ୟବହାର ବୃଦ୍ଧି ପାଉଛି। ଫଳରେ ଚାଷୀ ଓ କୃଷକ ସୁଲଭ ମୂଲ୍ୟ ଗୁଣାତ୍ମକ ଉତ୍ପାଦର ବ୍ୟବହାର ସହ ବେଶ୍ ଲାଭବାନ୍ ହେଉଛନ୍ତି। ଏପରିକି ୨୦୨୪-୨୫ ଆର୍ଥିକ ବର୍ଷରେ ୩୬୫.୦୯ ଲକ୍ଷ ବୋତଲ ନାନୋ ସାର ବିକ୍ରି କରାଯାଇଥିବାବେଳେ ୨୦୨୩-୨୪ ଆର୍ଥିକ ବର୍ଷରେ ୨୪୮.୯୫ ଲକ୍ଷ ବୋତଲ ନାନୋ ସାର ବିକ୍ରି ହୋଇଥିଲା। ନାନୋ ସାର ବିକ୍ରି ବାର୍ଷିକ ଭିତ୍ତିରେ ୪୭% ବୃଦ୍ଧି ପାଇଛି।

ଅପରପକ୍ଷରେ ବିକ୍ରି ହୋଇଥିବା ୩୬୫ ଲକ୍ଷ ବୋତଲ ମଧ୍ୟରୁ ୨୬୮ ଲକ୍ଷ ଇଫ୍‌କୋ ନାନୋ ୟୁରିଆ ପ୍ଲସ୍ (ତରଳ) ବୋତଲ ଏବଂ ଇଫ୍‌କୋ ନାନୋ ଡିଏପି (ତରଳ) ର ୯୭ ଲକ୍ଷ ବୋତଲ ସାମିଲ ରହିଛି। ଯାହା ୨୦୨୪-୨୫ ଆର୍ଥିକ ବର୍ଷରେ ବିକ୍ରି କରାଯାଇଥିଲା ଏବଂ ୨୦୨୩-୨୪ ଆର୍ଥିକ ବର୍ଷ ତୁଳନାରେ ଇଫ୍‌କୋ ନାନୋ ୟୁରିଆ ପ୍ଲସ୍ (ତରଳ) ବିକ୍ରି ୩୧% ଏବଂ ଇଫ୍‌କୋ ନାନୋ ଡିଏପି (ତରଳ) ବିକ୍ରି ୧୧୮ % ବୃଦ୍ଧି ପାଇଛି। ଏହି ବିକ୍ରି ପରିମାଣ ୧୨ ଲକ୍ଷ ମେଟ୍ରିକ ଟନ ପାରମ୍ପରିକ ୟୁରିଆ ଏବଂ ୪.୮୫ ମେଟ୍ରିକ ଟନ୍ ପାରମ୍ପରିକ ଡିଏପି ସହିତ ସମାନ ରହିଛି। ସେହିଭଳି ବିଶ୍ୱର ଏକ ନମ୍ବର ସମବାୟ ସଂସ୍ଥା 'ଇଫ୍‌କୋ' କ୍ରମାଗତ ଭାବେ ଉଲ୍ଲେଖନୀୟ ପ୍ରଦର୍ଶନ ଜାରି ରଖିଛି। ୨୦୨୪-୨୫ ଆର୍ଥିକ ବର୍ଷରେ ଇଫ୍‌କୋ ଟିକସ ପ୍ରଦାନ ପୂର୍ବରୁ ୩,୮୧୧ କୋଟି ଟଙ୍କାର ଲାଭ ଉପାର୍ଜନ କରିଛି ଏହି ଆର୍ଥିକ ବର୍ଷରେ ଇଫ୍‌କୋ ୪୧,୨୪୪ କୋଟି ଟଙ୍କାର ବ୍ୟବସାୟ କରିଛି।

ଏ ସମ୍ପର୍କରେ ଇଫ୍‌କୋର ଅଧକ୍ଷ ଦିଲୀପ ସାଂଘାନି କହିଥିଲେ, ଦେଶର ସମୁଦାୟ ସମବାୟ କ୍ଷେତ୍ର ନିମନ୍ତେ ଏହା ଗର୍ବର ବିଷୟ ଯେ ଇଫ୍‌କୋର ଦମ୍‌ଦାର ଅଭିବୃଦ୍ଧି 'ସହକାର ସେ ସମୃଦ୍ଧି' ସ୍ୱପ୍ନକୁ ସାକାର କରୁଛି। ଏହି ସମବାୟ କ୍ରମାଗତ ୩ ବର୍ଷ ଧରି ୩୦୦୦ କୋଟି ଟଙ୍କାର ଲାଭ ଉପାର୍ଜନ କରିଆସୁଛି। କ୍ରମାଗତ ଭାବେ ବିଗତ ୨୩ ବର୍ଷ ଧରି ଇଫ୍‌କୋ ତାହାର ସଦସ୍ୟମାନଙ୍କୁ ପେଡ୍-ଅପ୍ ଶେୟାର କ୍ୟାପିଟାଲ ଉପରେ ୨୦%ର ଲାଭାଂଶ ପ୍ରଦାନ କରିଆସୁଛି। ଏହା ସମାନତାଭିତ୍ତିକ ଏବଂ ଦୀର୍ଘସ୍ଥାୟୀ ଅଭିବୃଦ୍ଧି ପ୍ରତି ଇଫ୍‌କୋର ଉତ୍ସର୍ଗୀକୃତ ଭାବ ଏବଂ ପ୍ରତିବଦ୍ଧତା ସମ୍ପର୍କରେ ଆଲୋକପାତ କରୁଛି। ସମବାୟ ନିମନ୍ତେ ନାନୋ ସାର ମୁଖ୍ୟ ଦୃଷ୍ଟିନିବଦ୍ଧ କ୍ଷେତ୍ର ହୋଇଛି ଏବଂ କେନ୍ଦ୍ର ରସାୟନ ଓ ସାର ମନ୍ତ୍ରଣାଳୟ ସମର୍ଥନରେ ବ୍ୟାପକ ଜନସଚେତନତା ଅଭିଯାନ ଏବଂ ଗବେଷଣା ସମବାୟକୁ କୃଷକମାନଙ୍କ ମଧ୍ୟରେ ଏହି ଉତ୍ପାଦର ଗ୍ରହଣୀୟତା ବୃଦ୍ଧି କରିବାରେ ସହାୟକ ହୋଇଛି।

# ଶେୟାର ବଜାରରେ ହ୍ରାସ

ମୁମ୍ବାଇ,୩୦।୫

ଦିନକ ପରେ ପୁଣି ଥରେ ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟିଛି। ଏପରିକି ଚଳିତ ସପ୍ତାହର ଶେଷ କାର୍ଯ୍ୟ ଦିବସ ଫଳାଫଳ ଅନୁଯାୟୀ ଶେୟାର ବଜାର କାରବାରରେ ହ୍ରାସ ସହ ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ବିଶେଷକରି ଶୁକ୍ରବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୧୮୨ (୧୮୨.୦୧) ପଏଣ୍ଟ ହ୍ରାସ ଘଟି ୮୧,୪୫୧ (୮୧,୪୫୧.୦୧) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍ଟି-୫୦ ରେ ମଧ୍ୟ ୮୩ (୮୨.୯୦) ପଏଣ୍ଟ କମି ୨୪,୭୫୧ (୨୪,୭୫୦.୭୦) ଅଙ୍କରେ କାରବାର ଶେଷ ହୋଇଥିଲା। ଅପରପକ୍ଷରେ ବିଏସ୍‌ଇ ସେନ୍‌ସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡ଼ିକର ଇଣ୍ଡେକ୍ସ ସହିତ ଏନ୍‌ଏସ୍‌ଇ ନିଫ୍ଟି ମିଡକ୍ୟାପ, ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଓ ଆଇଟି ଶେୟାରଗୁଡ଼ିକର କାରବାରରେ ମଧ୍ୟ ପରିବର୍ତ୍ତନ ହୋଇଛି।

# ଜିନ୍ଦଲ ଷ୍ଟେନ୍‌ଲେସ୍‌କୁ ବିଏସ୍‌ସି ଆୱାର୍ଡ



ଅତିଥିଙ୍କ ଠାରୁ ମନୋଜ କୁମାର ବଳ ପୁରସ୍କାର ଗ୍ରହଣ କରୁଛନ୍ତି।

ଭୁବନେଶ୍ୱର,୩୦।୫

ଭାରତର ସର୍ବବୃହତ୍ ଷ୍ଟେନ୍‌ଲେସ୍ ଷ୍ଟିଲ୍ ନିର୍ମାତା ଜିନ୍ଦଲ ଷ୍ଟେନ୍‌ଲେସ୍‌କୁ ନିକଟରେ ଆଉ ଏକ ସମ୍ମାନ ବ୍ରିଟିଶ୍ ସେଫ୍ଟି କାଉନସିଲ୍ (ବିଏସ୍‌ସି) ଆୱାର୍ଡ ମିଳିଛି। ଏପରିକି କମ୍ପାନୀର ଯାଜପୁର କାରଖାନା ପୁଣି ଥରେ ଅନ୍ତର୍ଜାତୀୟ ସ୍ତରରେ ପ୍ରଶଂସା ଅର୍ଜନ କରିଛି। ଲଗାତର ୨ୟ ବର୍ଷ ପାଇଁ ଜିନ୍ଦଲ ଷ୍ଟେନ୍‌ଲେସ୍‌କୁ ବ୍ରିଟିଶ୍ ସେଫ୍ଟି କାଉନସିଲ୍ ପୁରସ୍କାର ପ୍ରଦାନ କରାଯାଇଛି।

ମୁମ୍ବାଇଠାରେ ଆୟୋଜିତ ବ୍ରିଟିଶ୍ ସେଫ୍ଟି କାଉନସିଲ ଅନ୍ତର୍ଜାତୀୟ ସୁରକ୍ଷା ପୁରସ୍କାର ସମ୍ମିଳନୀରେ କମ୍ପାନୀକୁ ଏହି ସମ୍ମାନ ପ୍ରଦାନ କରାଯାଇଥିଲା। କମ୍ପାନୀ ପକ୍ଷରୁ ଅଗ୍ନିଶମ ଏବଂ ସୁରକ୍ଷା ମୁଖ୍ୟ ଜିନ୍ଦଲ ଷ୍ଟେନ୍‌ଲେସ୍ ଯାଜପୁର ମନୋଜ କୁମାର ବଳ ଏହି ପୁରସ୍କାର ଗ୍ରହଣ କରିଥିଲେ। ଏହି ଅବସରରେ ବ୍ରିଟିଶ ସେଫ୍ଟି ଟ୍ରଷ୍ଟ ବୋର୍ଡ ଅଧକ୍ଷ ଜୋନାଥନ ଗ୍ୟାଥ୍ରୋ ଏବଂ ବ୍ରିଟିଶ୍ ସେଫ୍ଟି କାଉନସିଲ୍‌ର ମୁଖ୍ୟ କାର୍ଯ୍ୟନିର୍ବାହୀ ମାଇକ୍ରବିନସନଙ୍କ ସମେତ ପରିଚାଳନା ନିର୍ଦ୍ଦେଶକ ଭାରତ, ବ୍ରିଟିଶ୍ ସେଫ୍ଟି କାଉନ୍‌ସିଲ ହେମନ୍ତ ସେଠୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

ଏ ସମ୍ପର୍କରେ ୟୁନିଟ୍ ହେଡ୍ ଜିନ୍ଦଲ ଷ୍ଟେନ୍‌ଲେସ୍ ଯାଜପୁର ଦୀପକ ଅଗ୍ରୱାଲ କହିଛନ୍ତି, କ୍ରମାଗତ ଦ୍ୱିତୀୟ ବର୍ଷ ପାଇଁ ବ୍ରିଟିଶ୍ ସେଫ୍ଟି କାଉନସିଲ୍ ପୁରସ୍କାର ହାସଲକରି ଆମେ ବେଶ୍ ଉତ୍ସାହିତ ଅଛୁ।

# ଏପ୍ରିଲରେ ଜିଓର ୧.୮ ଲକ୍ଷରୁ ଅଧିକ ନୂତନ ଗ୍ରାହକ

ଭୁବନେଶ୍ୱର,୩୦।୫

କ୍ରମାଗତ ଭାବେ ରିଲାଏନ୍ସ ଜିଓର ଗ୍ରାହକ ସଂଖ୍ୟା ଓଡ଼ିଶା ବଜାରରେ ବୃଦ୍ଧି ପାଉଛି। ଏପରିକି ୨୦୨୫ ଏପ୍ରିଲରେ ଜିଓ ସର୍ବାଧିକ ୧.୮ ଲକ୍ଷରୁ ଅଧିକ ମୋବାଇଲ ଏବଂ ହୋମ୍ ବ୍ରଡ୍‌ବ୍ୟାଣ୍ଡ (ୱେୟାରଲାଇନ୍ ଏବଂ ୫ଜି ଏଫ୍‌ଡବ୍ଲ୍ୟୁଏ) ଗ୍ରାହକ ଓଡ଼ିଶାରୁ ଯୋଡ଼ିଛି। ଭାରତୀୟ ଟେଲିକମ୍ ନିୟାମକ କର୍ତ୍ତୃପକ୍ଷ (ଟ୍ରାଇ) ପକ୍ଷରୁ ପ୍ରକାଶିତ ସଦ୍ୟତମ ଟେଲିକମ୍ ଉପଭୋକ୍ତା ତଥ୍ୟ ଅନୁଯାୟୀ ୨୦୨୫ ଏପ୍ରିଲରେ ରିଲାଏନ୍ସ ଜିଓ ସର୍ବାଧିକ ୧.୫୩ ଲକ୍ଷରୁ ଅଧିକ ନୂତନ ମୋବାଇଲ ଉପଭୋକ୍ତା ଏବଂ ୩୦,୦୦୦ ରୁ ଅଧିକ ନୂତନ ଜିଓଫାଇବର ଏବଂ ଜିଓ ଏୟାରଫାଇବର ଗ୍ରାହକ ଓଡ଼ିଶାରୁ ଯୋଡ଼ିଛି। ଏଥିସହ ଜିଓ ଓଡ଼ିଶାରେ ୪୫.୯%ରୁ ଅଧିକ ଗ୍ରାହକ ବଜାର ଅଂଶ ହାସଲ କରିବା ସହ ଚଳିତ ବର୍ଷ ଏପ୍ରିଲ ଶେଷ ସୁଦ୍ଧା ଜିଓ ନେଟ୍‌ୱର୍କରେ ମୋଟ ମୋବାଇଲ ଗ୍ରାହକ ସଂଖ୍ୟା ୧.୬୧ କୋଟିରେ ପହଞ୍ଚିଛି। ଟ୍ରାଇ ତଥ୍ୟ ଅନୁଯାୟୀ ଚଳିତ ବର୍ଷ ଏପ୍ରିଲରେ ଓଡ଼ିଶାର ପ୍ରାୟ ୧.୫୫ ଲକ୍ଷ ନୂତନ ମୋବାଇଲ ଗ୍ରାହକ ଜିଓ ସହ ଯୋଡ଼ିହେବା ସହିତ ରାଜ୍ୟରେ ମୋଟ ମୋବାଇଲ ଗ୍ରାହକ ସଂଖ୍ୟା ୨୦୨୫ ଏପ୍ରିଲ ଶେଷ ସୁଦ୍ଧା ୩.୫ କୋଟି ଅତିକ୍ରମ କରିଛି। ଟ୍ରାଇ ତଥ୍ୟ ଅନୁଯାୟୀ ୨୦୨୫ ଏପ୍ରିଲ ମାସରେ ଓଡ଼ିଶାର ଅନ୍ୟ ଅପରେଟର ଭୋଡାଫୋନ-ଆଇଡିଆ ମାତ୍ର ୬୬୫୯ ନୂତନ ମୋବାଇଲ୍ ଗ୍ରାହକ ଯୋଡିଥିବାବେଳେ ଏୟାରଟେଲ୍ ମାତ୍ର ୩୮୩୯ ନୂତନ ମୋବାଇଲ୍ ଗ୍ରାହକ ଯୋଡ଼ିଛନ୍ତି। ସେହିପରି ଓଡ଼ିଶାରେ ଜିଓ ୱାୟାରଲାଇନ୍ ଏବଂ ୫ଜି ଏଫ୍‌ଡବ୍ଲ୍ୟୁଏ କ୍ଷେତ୍ରରେ ଆହୁରି ସୁଦୃଢ଼ ହୋଇଛି। ୨୦୨୫ ଏପ୍ରିଲରେ ଜିଓ ରାଜ୍ୟର ସର୍ବାଧିକ ୩୦,୦୦୦ ନୂତନ ଜିଓଫାଇବର ଏବଂ ଜିଓଏୟାରଫାଇବର ଗ୍ରାହକ ଯୋଡ଼ିଛି। ଟ୍ରାଇ ତଥ୍ୟ ଅନୁଯାୟୀ ଚଳିତ ବର୍ଷ ଏପ୍ରିଲ ମାସ ଶେଷ ସୁଦ୍ଧା ରାଜ୍ୟରେ ଜିଓଫାଇବର ଗ୍ରାହକଙ୍କ ସଂଖ୍ୟା ୩ ଲକ୍ଷ ଅତିକ୍ରମ କରିଥିବାବେଳେ ଜିଓଏୟାରଫାଇବର ଗ୍ରାହକଙ୍କ ସଂଖ୍ୟା ୧.୬୭ ଲକ୍ଷରୁ ଅଧିକ ହୋଇଛି। ଜିଓର ୫ଜି ଏଫ୍‌ଡବ୍ଲ୍ୟୁଏ ସେବା ଜିଓଏୟାରଫାଇବର ରାଜ୍ୟରେ ୮୪ % ରୁ ଅଧିକ ଗ୍ରାହକ ବଜାର ଅଂଶ ସହିତ ୫ଜି ଏଫ୍‌ଡବ୍ଲ୍ୟୁଏ ବଜାରରେ ପ୍ରାଧାନ୍ୟ ବିସ୍ତାର କରିଛି।

# ବଜାରରେ ଏଏମ୍‌ଏନ୍‌ଏସ୍ ଇଣ୍ଡିଆର ନୂତନ ଉତ୍ପାଦ

ଭୁବନେଶ୍ୱର,୩୦।୫

ଆର୍ସେଲର ମିତ୍ତଲ ନିପ୍ପନ ଷ୍ଟିଲ୍ (ଏମ୍‌ଏନ୍‌ଏସ୍) ଇଣ୍ଡିଆର ନୂତନ ଉତ୍ପାଦ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ପ୍ରିମିୟମ ରଙ୍ଗ ଆବୃତ୍ତ ଷ୍ଟିଲ୍ ପୋର୍ଟଫୋଲିଓ ଅପ୍ଟିଗାଲର ଦୁଇଟି ବିଶ୍ୱସ୍ତରୀୟ ଓ ଉଚ୍ଚକ୍ଷମତା ସମ୍ପନ୍ନ ଉତ୍ପାଦ 'ଅପ୍ଟିଗାଲ ପ୍ରାଇମ୍ ଏବଂ ଅପ୍ଟିଗାଲ ପିନାକଲ'ର ଶୁଭାରମ୍ଭ ଶୁକ୍ରବାର ସର୍ବଭାରତୀୟ ସ୍ତରରେ ହୋଇଯାଇଛି। ଏହି ଶୁଭାରମ୍ଭ ସହ ଏଏମ୍/ଏନ୍‌ଏସ୍ ଇଣ୍ଡିଆ ଭାରତର ରଙ୍ଗ-ଆବୃତ୍ତ ଇସ୍ପାତ ବଜାରରେ ମଧ୍ୟ ବ୍ରାଣ୍ଡର ଉପସ୍ଥିତିକୁ ସୁଦୃଢ଼ କରିଛି। ସେହିଭଳି ପ୍ରଥମ ଥର ପାଇଁ ବୃହତ୍ ଓ ମହତ୍ତ୍ୱପୂର୍ଣ୍ଣ ଭିତ୍ତିଭୂମି ଏବଂ ନିର୍ମାଣ ପ୍ରକଳ୍ପ ଯଥା ଅତ୍ୟାଧୁନିକ ବିମାନବନ୍ଦର, ରେଳ ଷ୍ଟେଶନ, ରାଜପଥ, ବିରାଟ ଭବନ ଇତ୍ୟାଦିରେ ବ୍ୟବହାର ପାଇଁ ଏହି ୟୁରୋପୀୟ ମାନର ଉଚ୍ଚ କ୍ଷୟ ପ୍ରତିରୋଧୀ ଇସ୍ପାତ ଉପଲବ୍ଧ ହେବ। ଏଏମ୍‌ଏନ୍‌ଏସ୍ ଇଣ୍ଡିଆ ଭାରତରେ ପୂର୍ବରୁ ଉପଲବ୍ଧ ନ ଥିବା ଉଚ୍ଚ ଗୁଣବତ୍ତା ସିଂ୪ ସ୍ପେଶାଲିଟି ଇସ୍ପାତରେ ଏକ ନୂତନ ବଜାର




ସେଗ୍‌ମେଣ୍ଟ ସ୍ଥାପନରେ ଅଗ୍ରଣୀ ଭୂମିକା ନେଉଛି, ଯେଉଁଥିରେ କମ୍ପାନୀ ଗର୍ବର ସହ ଏକମାତ୍ର ଘରୋଇ ଉତ୍ପାଦକ ବୋଲି କୁହାଯାଉଛି।

ଏ ସମ୍ପର୍କରେ ଏଏମ୍‌ଏନ୍‌ଏସ୍ ଇଣ୍ଡିଆର ବିକ୍ରୟ ଏବଂ ବିପଣନ ବିଭାଗ ନିର୍ଦ୍ଦେଶକ ତଥା ଭାଇସ୍ ପ୍ରେସିଡେଣ୍ଟ ରଞ୍ଜନ ଧର କହିଛନ୍ତି, ଅପ୍ଟିଗାଲ ପ୍ରାଇମ୍ ଏବଂ ଅପ୍ଟିଗାଲ ପିନାକଲର ଶୁଭାରମ୍ଭ ଗୁଣବତ୍ତା, ଦୀର୍ଘସ୍ଥାୟିତ୍ୱ ଏବଂ ଦୀର୍ଘସ୍ଥାୟୀ ନବସୃଜନ ପ୍ରତି ଆମର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି। ଭାରତର ଭିତ୍ତିଭୂମି ଏବଂ ନିର୍ମାଣ ଆବଶ୍ୟକତା 'ବିକଶିତ ଭାରତ' ପଥରେ ଅଗ୍ରସର ହେଉଥିବାରୁ ଆମେ ବିବିଧ ଜଳବାୟୁ ଏବଂ ଶିଳ୍ପ ଚାହିଦାକୁ ପୂରଣ କରୁଥିବା ବିଶ୍ୱସ୍ତରୀୟ, ଉଚ୍ଚ କ୍ଷମତାସମ୍ପନ୍ନ ଇସ୍ପାତ ସମାଧାନ ପ୍ରଦାନ କରି ଗର୍ବ ଅନୁଭବ କରୁଛୁ। ଏହି ଉତ୍ପାଦ ପ୍ରଧାନମନ୍ତ୍ରୀଙ୍କ ତ୍ୱରିତ ବିକାଶ ଆହ୍ୱାନକୁ ଆଗେଇ ନେବା ସହିତ ବିକଶିତ ଭାରତର ଲକ୍ଷ୍ୟ ହାସଲ କରିବାରେ ପ୍ରମୁଖ ଭୂମିକା ନିର୍ବାହ କରିବ। ଏଏମ୍‌ଏନ୍‌ଏସ୍ ଏହି କ୍ଷେତ୍ରରେ ବଜାରରେ ପ୍ରାଧାନ୍ୟ ବିସ୍ତାର କରିବା ସହିତ ସାମଗ୍ରିକ ରଙ୍ଗ-ଆବୃତ୍ତ ଇସ୍ପାତ କ୍ଷେତ୍ରର ୨୫% ବଜାର ଅଂଶ ହାସଲ କରିବାକୁ ଲକ୍ଷ୍ୟ ରଖିଛି। ଅପ୍ଟିଗାଲ ପ୍ରାଇମ୍ ଏବଂ ଅପ୍ଟିଗାଲ ପିନାକଲ ୬ଟି ସ୍ୱତନ୍ତ୍ର ଭାରିଆଣ୍ଟରେ ଉପଲବ୍ଧ ହେବ।

# ଏମ୍.ଏସ୍. ଧୋନି ଡେଟଲ୍‌ର ବ୍ରାଣ୍ଡ୍ ଆମ୍ବାସାଡର

ଭୁବନେଶ୍ୱର,୩୦।୫

ପୂର୍ବତନ ଭାରତୀୟ କ୍ରିକେଟ ଖେଳାଳି ତଥା ଅଧିନାୟକ ମହେନ୍ଦ୍ର ସିଂହ ଧୋନି (ଏମ୍.ଏସ୍. ଧୋନି) ଡେଟଲ ଇଣ୍ଡିଆର ବ୍ରାଣ୍ଡ୍ ଆମ୍ବାସାଡର ଭାବେ ନିଯୁକ୍ତ ହୋଇଛନ୍ତି। ଏପରିକି ସେ କମ୍ପାନୀର ଡେଟଲ ସାବୁନ୍, ବଡିୱାଶ୍ ଏବଂ ହ୍ୟାଣ୍ଡୱାଶ୍ ରେଞ୍ଜର ବ୍ରାଣ୍ଡ ଆମ୍ବାସାଡର ଭାବେ କାର୍ଯ୍ୟ କରିବେ ବୋଲି ଘୋଷଣା କରାଯାଇଛି। ଏହାସହ ଗ୍ରୀଷ୍ମ ସମୟରେ ଥଣ୍ଡା ରହିବାର ସମାଧାନ ଡେଟଲ ଆଇସି କୁଲ୍‌ର ଶୁଭାରମ୍ଭ କରାଯାଇଛି। ସେଭିଳି ୩ ଗୁଣା ତୀବ୍ର ଶୀତଳତା ଏବଂ ଚର୍ମ ସଂକ୍ରମଣ ଜୀବାଣୁ ବିରୋଧରେ ୯୯.୯% ସୁରକ୍ଷା ସହ ଡେଟଲ୍ ଆଇସି କୁଲ୍ ହେଉଛି ଗ୍ରୀଷ୍ମଋତୁର ସର୍ବୋଚ୍ଚ ଅତ୍ୟାବଶ୍ୟକ ଉତ୍ପାଦ। ଏହା ଗରମ ଏବଂ ଝାଳ ଯୋଗୁ ହେଉଥିବା ଚର୍ମ ସଂକ୍ରମଣ ସୃଷ୍ଟିକାରୀ ଜୀବାଣୁଠାରୁ ସୁରକ୍ଷା ପ୍ରଦାନ କରିଥାଏ। ଏ ନେଇ ଧୋନି କହିଛନ୍ତି, ଡେଟଲ୍ ଆଇସି କୁଲ୍ ପାଇଁ ସେମାନଙ୍କର ନୂଆ ନୂଆ ଅଭିଯାନକୁ ଶୁଭାରମ୍ଭ କରିବା ପାଇଁ ମୁଁ ଡେଟଲ୍ ସହ ଯୋଡ଼ିହୋଇ ବେଶ୍ ଉତ୍ସାହିତ ଅଛି। ଡେଟଲ୍ ଆଇସି କୁଲ୍ ଥଣ୍ଡା ରହିବା ପାଇଁ ଏକ ଉତ୍ତମ ସମାଧାନ ପ୍ରଦାନ କରିଥାଏ। ସେହିଭଳି ରେକିଟ୍-ଦକ୍ଷିଣ ଏସିଆର ରିଜିଓନାଲ୍ ମାର୍କେଟିଂ ଡାଇରେକ୍ଟର ହେଲ୍‌ଥ କନିକା କାଲରା କହିଛନ୍ତି, ଡେଟଲ୍ ଆଇସି କୁଲ୍ ଦୀର୍ଘଦିନ ଧରି ଗ୍ରୀଷ୍ମଋତୁରେ ୩ ଗୁଣ ଅଧିକ ଥଣ୍ଡା ଏବଂ ଚର୍ମ ସଂକ୍ରମଣ ସୃଷ୍ଟି କରୁଥିବା ଜୀବାଣୁ ବିରୋଧରେ ସୁରକ୍ଷା ସହ ଏକ ପ୍ରମୁଖ ବିକଳ୍ପ ହୋଇଆସିଛି। ଡେଟଲ୍ ଆଇସି କୁଲ୍‌ର ସାରକୁ ଜୀବନ୍ତ କରିବା ପାଇଁ ଆମେ ଏମ୍.ଏସ୍. ଧୋନିଙ୍କ ସଙ୍ଗେ ସହଭାଗିତା କରି ଆନନ୍ଦିତ ଅଛୁ।

# ଓଏନ୍‌ଡିସି-ଇଣ୍ଡସ୍ ଟ୍ରି ଫାଉଣ୍ଡେସନ ମଧ୍ୟରେ ୨ ବୁଝାମଣାପତ୍ର ସ୍ୱାକ୍ଷରିତ

ଭୁବନେଶ୍ୱର,୩୦।୫(ସୁଜିତ୍ ମିଶ୍ର) ଲୋକ ସେବା ଭବନ କନ୍‌ଭେନସନ୍ ସେଣ୍ଟରଠାରେ ଆୟୋଜିତ ଲକ୍ଷପତି ଦିଦି ସମ୍ମିଳନୀ ୨୦୨୫ର ଦ୍ୱିତୀୟ ଦିନରେ ହିମାଚଳ ପ୍ରଦେଶ, ତେଲେଙ୍ଗାନା ଏବଂ ଓଡ଼ିଶାର ରାଜ୍ୟ ଗ୍ରାମୀଣ ଜୀବିକା ମିଶନର ପ୍ରତିନିଧିମାନେ ମହିଳା ସଶକ୍ତୀକରଣ ଦିଗରେ ଶ୍ରେଷ୍ଠ ଅଭ୍ୟାସ ସମ୍ବନ୍ଧରେ ଉପସ୍ଥାପନ କରିଛନ୍ତି। ଏହି ଅବସରରେ ଡିଜିଟାଲ କାରର ପ୍ରବେଶ ଓ ସ୍ଥାୟୀ ଜୀବିକା ସମ୍ପ୍ରସାରଣ ଲକ୍ଷ୍ୟରେ ଓପନ ନେଟୱର୍କ ଫର୍ ଡିଜିଟାଲ କମର୍ସ (ଓଏନ୍‌ଡିସି) ଏବଂ ଇଣ୍ଡସ୍ ଟ୍ରି ଫାଉଣ୍ଡେସନ ମଧ୍ୟରେ ଦୁଇଟି ଗୁରୁତ୍ୱପୂର୍ଣ୍ଣ ବୁଝିପତ୍ର ସ୍ୱାକ୍ଷର ହୋଇଛି। ମିଶନ ଶକ୍ତି ବିଭାଗ ନିର୍ଦ୍ଦେଶିକା ମୋନିକା ପ୍ରିୟଦର୍ଶିନୀଙ୍କ ଦ୍ୱାରା ବିଭିନ୍ନ ଅଂଶଗ୍ରହଣକାରୀ ରାଜ୍ୟର ପ୍ରତିନିଧିମାନଙ୍କୁ ବିଶେଷ ସ୍ମାରକପତ୍ର ପ୍ରଦାନ ସହ ଏହି ଐତିହାସିକ ସମ୍ମିଳନୀର ଅଧିବେଶନ ସମାପ୍ତ ହୋଇଛି। ଏହାପରେ ଅଂଶଗ୍ରହଣକାରୀ ପ୍ରତିନିଧିମାନେ ମିଶନ ଶକ୍ତି ବଜାର ପରିଦର୍ଶନକରି ଓଡ଼ିଶାର ସମୃଦ୍ଧ ହସ୍ତତନ୍ତ ଓ ଅନନ୍ୟ ହସ୍ତଶିଳ୍ପର ପ୍ରଦର୍ଶନ ଦେଖିଛନ୍ତି। ସମ୍ମିଳନୀର ଦ୍ୱିତୀୟ ଦିବସରେ ସମଗ୍ର ଦେଶରୁ ଆସିଥିବା ଲକ୍ଷପତିଦିଦି ଓ ବରିଷ୍ଠ ଅଧିକାରୀମାନେ ପୁରୀ ଜିଲ୍ଲା ପ୍ରଶାସନର ବିଶେଷ ବ୍ୟବସ୍ଥାରେ ଜଗନ୍ନାଥ ଧାମକୁ ଯାତ୍ରା କରିଥିଲେ। ଏହି ସାଂସ୍କୃତିକ ଓ ଶିକ୍ଷଣୀୟ ଯାତ୍ରାରେ ବିଶ୍ୱ ପ୍ରସିଦ୍ଧ ଜଗନ୍ନାଥ ମନ୍ଦିର ଦର୍ଶନ, ରଘୁରାଜପୁରଠାରେ ପାରମ୍ପରିକ ଶିଳ୍ପକଳାର ପରିଦର୍ଶନ ଏବଂ ୟୁନେସ୍କୋ ବିଶ୍ୱ ଐତିହ୍ୟ ସ୍ଥାନ ପାଇଥିବା କୋଣାର୍କର ସୂର୍ଯ୍ୟମନ୍ଦିର ଏବଂ ସଂଗ୍ରହାଳୟ ସେମାନେ ପରିଦର୍ଶନ କରିଛନ୍ତି।

## ଆଜି ବିଶ୍ୱ ତମାଖୁ ନିରୋଧ ଦିବସ

# ସଚେତନତାକୁ ଗୁରୁତ୍ୱ



ତମାଖୁ ଉଭୟ ଧୂମଯୁକ୍ତ ଓ ଧୂମବିହୀନ ଆମ ସ୍ୱାସ୍ଥ୍ୟ ଓ ଶରୀରରେ ଯେ କେତେ କ୍ଷତି କରେ ତାହା ପ୍ରାୟତଃ ସମସ୍ତଙ୍କୁ ଜଣା। ଧୂମଯୁକ୍ତ ତମାଖୁ ପରି ଧୂମବିହୀନ ତମାଖୁ ମଧ୍ୟ କ୍ୟାନ୍‌ସର, ହୃଦ୍‌ରୋଗ, କିଡ୍‌ନୀ, ଉଚ୍ଚ ରକ୍ତଚାପ, ଷ୍ଟ୍ରୋକ୍, ପାରାଲିସିସ୍, ଶ୍ୱାସ (ଆଜ୍‌ମା) ଆଦି ଅନେକ ରୋଗର ମୁଖ୍ୟ କାରଣ। ତମାଖୁ ବିକ୍ରିରୁ ଯେଉଁକି ଅର୍ଥ ଟିକସ ଆକାରରେ ମିଳିଥାଏ ତା'ଠାରୁ ଶତାଧିକ ଗୁଣ ଏହି ରୋଗୀମାନଙ୍କର ଚିକିତ୍ସାରେ ଖର୍ଚ୍ଚ ହୋଇଥାଏ। ଯୁବବିଶେଷରେ ସେହି ରୋଗରେ ମୃତ୍ୟୁ ମଧ୍ୟ ହୋଇଥାଏ।

ସାରା ପୃଥିବୀରେ ତମାଖୁଜନିତ ମୃତ୍ୟୁହାର ଦିନକୁ ଦିନ ଚିନ୍ତାର କାରଣ ସାଜିଛି। ୧୯୮୭ରୁ ସାରା ବିଶ୍ୱରେ ଧୂମପାନର ଭୟାବହତାକୁ ଅନୁଧ୍ୟାନ କରି ବିଶ୍ୱ ତମାଖୁ ନିରୋଧ ଦିବସ (ୱାର୍ଲ୍ଡ ନୋ ଟବାକୋ ଡେ) ପାଳିତ ହୋଇ ଆସୁଅଛି। ପ୍ରତିବର୍ଷ ମେ' ୩୧ ତାରିଖକୁ ଏହି ଦିବସ ଭାବରେ ପାଳନ କରାଯାଇଥାଏ। ଚଳିତ ବର୍ଷ ଏହି ଦିବସର ବାର୍ତ୍ତା ରହିଛି 'ନିବେଦନର ମୁଖା ଖୋଲି ଦେବା : ତମାଖୁ ପ୍ରଚାର ପ୍ରସାର କରୁଥିବା ବ୍ୟବସାୟିକ କୌଶଳର ଖୁଲାସା କରିବା'। ଏକ ସଦ୍ୟତମ ସର୍ଭେରୁ ଜଣାପଡ଼ିଛି ଯେ, ତମାଖୁର ଭୟାବହତାକୁ ନେଇ ଜନସଚେତନତା ସୃଷ୍ଟି ହେବା ଦ୍ୱାରା ଏବେ ଏଥିଜନିତ ମୃତ୍ୟୁହାର ଅନେକାଂଶରେ କମି ପାରିଛି। ଏଥିରେ ଉଲ୍ଲେଖ କରାଯାଇଛି ଯେ, ଆମ ଦେଶରେ ଧୂମପାୟୀଙ୍କ ସଂଖ୍ୟା ୨୦୨୦ରେ ୨୯ ପ୍ରତିଶତ ଥିବାବେଳେ ତାହା ଚଳିତ ବର୍ଷ ୬ ପ୍ରତିଶତକୁ କମିଛି। ତା'ସହ ସାରା ପୃଥିବୀରେ ପ୍ରାୟ ୨୦୦କୋଟି ଲୋକ ଏହା ସହ ଜଡ଼ିତ ବୋଲି ଜଣାପଡ଼ିଛି। ଏଥିରେ କିଶୋରୀ-କିଶୋରଙ୍କର ସଂଖ୍ୟା ପ୍ରାୟ ୨୦ ପ୍ରତିଶତ। ପ୍ରତିବର୍ଷ ପ୍ରାୟ ଏକ ଲକ୍ଷ କିଶୋରୀ-କିଶୋର ଏହାଦ୍ୱାରା କବଳିତ ହେଉଛନ୍ତି। ଇ-ସିଗାରେଟ୍ ଓ ନିକୋଟିନ ପ୍ୟାଚ୍ ସହିତ ତାପଯୁକ୍ତ ତମାଖୁ ପଦାର୍ଥ ମଧ୍ୟ ଏମାନଙ୍କର ପ୍ରଥମ ପସନ୍ଦ ହୋଇଛି।

ତମାଖୁରୁ ପ୍ରସ୍ତୁତ ଦ୍ରବ୍ୟରେ ଏକ ବୈଧାନିକ ସତର୍କତା ଉଲ୍ଲେଖ ରହିଥାଏ। ତାହା ହେଲା-'ଧୂମପାନ ଅବା ତମାଖୁ ସେବନ ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ। ଧୂମପାନ-ତମାଖୁ କର୍କଟ ରୋଗ କରିଥାଏ।' ଏସବୁ ପ୍ରତି ଯଦି ଆମେ ସତର୍କ ହେବା ତେବେ ଆମେ ନିଜକୁ ଏଭଳି କ୍ଷତିକାରକ ଦ୍ରବ୍ୟଠାରୁ ନିଜକୁ ଦୂରେଇ ରଖିପାରିବା। ତା'ସହ ଏଥିଯୋଗୁ ହେଉଥିବା ମୃତ୍ୟୁକୁ ମଧ୍ୟ କେତେକାଂଶରେ କମାଇ ହେବ ପାରିବା। ତମାଖୁ ଯେ କେତେ ରୋଗ ସୃଷ୍ଟି କରୁଛି ଏବଂ ଜୀବନ ନେଉଛି ତାହା ଜାଣିବା ନିହାତି ଦରକାର। ଏ ବିଷୟରେ ଜନସଚେତନା ସୃଷ୍ଟି କରିବାରେ ଗଣମାଧ୍ୟମଗୁଡ଼ିକର ଭୂମିକା ମଧ୍ୟ ଗୁରୁତ୍ୱପୂର୍ଣ୍ଣ।

**–ଡା. ରାମଚନ୍ଦ୍ର ରାଉତ,** ବରିଷ୍ଠ ଚିକିତ୍ସକ, ଭୁବନେଶ୍ୱର, ମୋ : ୮୨୪୯୦୮୭୯୯୫

# ବାଲମୁକୁନ୍ଦ ଭୂୟାଁ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକ ନିଯୁକ୍ତ

## ୨୪ଘଣ୍ଟା ଭିତରେ କାର୍ଯ୍ୟରେ ଯୋଗଦେବାକୁ ନିର୍ଦ୍ଦେଶ

ଭୁବନେଶ୍ୱର,୩୦।୫ (ରବିନାରାୟଣ ଜେନା)

ରାଜ୍ୟ ସରକାରଙ୍କ ପକ୍ଷରୁ ଶୁକ୍ରବାର ବରିଷ୍ଠ ଓଡ଼ିଶା ପ୍ରଶାସନିକ ସେବା(ଓଏଏସ୍) ଅଧିକାରୀଙ୍କର ଅଦଳବଦଳ କରାଯାଇଛି।୩ଜଣ ବରିଷ୍ଠ ଓଏଏସ୍ ଅଫିସରଙ୍କୁ ଗୁରୁଦାୟିତ୍ୱ ପ୍ରଦାନ କରାଯାଇଛି। ହେଲେ ସରକାରଙ୍କ ପକ୍ଷରୁ ବିଜ୍ଞପ୍ତିରେ କୁହାଯାଇଛି ଯେ, ଆପଣମାନଙ୍କୁ କେନ୍ଦ୍ରୀୟ ଭାବେ ରିଲିଭ(ରେଷ୍ଟ୍ରିକ ରିଲିଭ) କରାଯାଉଛି। ଆସନ୍ତା ୩୧ତାରିଖ ଅର୍ଥାତ୍ ଶନିବାର ସୁଦ୍ଧା ଆପଣମାନଙ୍କୁ ନୂତନ ଦାୟିତ୍ୱ ଗ୍ରହଣ କରିବାକୁ ପଡ଼ିବ। ବଦଳି ପାଇଁ ପ୍ରାକ୍ ପ୍ରସ୍ତୁତି ପାଇଁ କୌଣସି ସମୟ ଦିଆଯିବ ନାହିଁ। ୨୪ଘଣ୍ଟା ଭିତରେ ଅର୍ଥାତ୍ ଶନିବାର ସୁଦ୍ଧା ନୂତନ ଦାୟିତ୍ୱ ଗ୍ରହଣ କରିବାକୁ ସାଧାରଣ ପ୍ରଶାସନ ବିଭାଗ ସ୍ୱତନ୍ତ୍ର ସଚିବ ଘାସିରାମ ମୁର୍ମୁ ଜାରି କରିଥିବା ବିଜ୍ଞପ୍ତିରେ ଦର୍ଶାଯାଇଛି। ସରକାରଙ୍କ ବିଜ୍ଞପ୍ତି ଅନୁଯାୟୀ, ପର୍ଯ୍ୟଟନ ବିଭାଗ ସ୍ୱତନ୍ତ୍ର ସଚିବ ବାଲମୁକୁନ୍ଦ ଭୂୟାଁଙ୍କୁ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକ ଭାବେ ନିଯୁକ୍ତ କରାଯାଇଛି। ସେହିପରି ମହିଳା ଓ ଶିଶୁ କଲ୍ୟାଣ ବିଭାଗ ଅତିରିକ୍ତ ସଚିବ ସସ୍ମିତ କୁମାର ନାୟକଙ୍କୁ ଟେକ୍ସଟ୍ ବୁକ୍ ପ୍ରଡକ୍ସନ ଆଣ୍ଡ ମାର୍କେଟିଂ ନିର୍ଦ୍ଦେଶକ ଭାବେ ନିଯୁକ୍ତ କରାଯାଇଥିବାବେଳେ ଭବାନୀ ପ୍ରସାଦ ମିଶ୍ରଙ୍କୁ ପିଏମ୍ ପୋଷଣ ଏବଂ ଏମ୍‌ଏମ୍ ପୋଷଣର ରାଜ୍ୟ କ୍ଷେତ୍ରୀୟ ଅଧିକାରୀ ନିଯୁକ୍ତ କରାଯାଇଛି। ଏହାସହିତ ଚଳିତମାସ ୨୧ରେ ଜାରି ବିଜ୍ଞପ୍ତିକୁ ସରକାରଙ୍କ ପକ୍ଷରୁ ବାତିଲ କରାଯାଇଛି। ବିଜ୍ଞପ୍ତି ଅନୁଯାୟୀ, ସ୍ୱାସ୍ଥ୍ୟବିଭାଗର ସ୍ୱତନ୍ତ୍ର ସଚିବ ସୁରେନ୍ଦ୍ର କୁମାର ପଣ୍ଡାଙ୍କୁ ପିଏମ୍ ପୋଷଣ ଏବଂ ଏମ୍‌ଏମ୍ ପୋଷଣର ରାଜ୍ୟ କ୍ଷେତ୍ରୀୟ ଅଧିକାରୀ ଭାବେ ସ୍ୱତନ୍ତ୍ର କରାଯାଇଥିଲା। ଉକ୍ତ ବିଜ୍ଞପ୍ତିକୁ ସରକାର ବାତିଲ କରିଛନ୍ତି। ଉଲ୍ଲେଖଯୋଗ୍ୟ, ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକ ଭାବେ ସଂଗ୍ରାମ କେଶରୀ ମହାପାତ୍ର ଏବେ ଅତିରିକ୍ତ ଦାୟିତ୍ୱ ନିର୍ବାହ କରୁଥିଲେ। ତାଙ୍କ ସ୍ଥାନରେ ବାଲମୁକୁନ୍ଦ ଭୂୟାଁଙ୍କୁ ସରକାର ଅବସ୍ଥାପିତ କରିଛନ୍ତି।


**OFFICE OF THE NOTIFIED AREA COUNCIL : CHANDBALI**

Pin : 756133 (Odisha)

E.Mail : chandbalin-hud@gov.in / chandbali.nac@gmail.com

Letter No. 1148 Dt.28.05.2025

**OFFICE ORDER**

No.C-410 : The Tender Call Notice No.1143/2025-26 dt. 15.05.2025 (Bid Identification No. 2025_CNB-SAN-01/2025-26 & Tender id 2025_ORULB_113504_1) for Selection of Agency for Execution & Management of the Sanitation Work and Supply of the Sanitation Man-power in all wards of CHANDBALI NAC is hereby cancelled due to unavoidable circumstances.

Sd./- Executive Officer
Chandbali NAC

OIPR-13129/11/0006/2526

**OFFICE OF THE BASUDEVPUR MUNICIPALITY, BHADRAK**

No.1881 Date:29.05.25

**E-Procurement Notice**

**BID Identification No.BM_TCN_01_2025-26**

No.C-413: Bid Documents consisting of Work, Estimated Cost, Cost of Tender Paper, EMD, Time of Completion, Class of Contractors and the set of terms and conditions of contract and other necessary documents can be seen in Govt. website i.e. https://tendersodisha.gov.in/nicgep/app.

1. Name of the Work : Civil Const. works as mentioned in DTCN
2. No. of Works : 101 Nos.
3. Estimated Cost : As per Work List
4. Period of Completion : As per DTCN
5. Date and Time of Bidding : 04.06.2025 (10am) to 10.06.2025
6. Last date and time for receipt : 10.06.2025 upto 5.00 PM
7. Bids received online shall be opened on : 11.06.2025 from 9 am onwards
8. Name and address of the Officer Inviting Bid : Executive Officer, Basudevpur Municipality

Sd./- Executive Officer
Basudevpur Municipality

OIPR-13135/11/0017/2526

**ବିଜ୍ଞାପନ** No.D-86

ଦୁର୍ଗପତିଙ୍କ କାର୍ଯ୍ୟାଳୟ
ତୃତୀୟ ଭାରତ ସଂରକ୍ଷିତ ବାହିନୀ, କଳିଙ୍ଗନଗର, ଯାଜପୁର

ନାମ– C/37 ମୀନକେତନ ମହାଲିକ
ପିତା–ଶ୍ରୀ ମଦନମୋହନ ମହାଲିକ
ଗ୍ରାମ– ହରଡ଼ବେରଣା
ପୋ–ଚିରୁଲେଇ
ଥାନା–ଗନ୍ଦିଆ
ଜିଲ୍ଲା–ଢେଙ୍କାନାଳ

ଏତଦ୍ଦ୍ୱାରା ଆପଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି, ଆପଣ ତା.୦୨.୧୨.୨୦୨୪ ରିଖ ଅପରାହ୍ନଠାରୁ ତା.୦୬.୧୨.୨୦୨୪ ରିଖ ପର୍ଯ୍ୟନ୍ତ ୦୪ ଦିନ ସାମୂହିକ ଛୁଟି ନେଇ ଘରକୁ ଯାଇଥିଲେ । ଆପଣ ତା.୦୭.୧୨.୨୦୨୪ ରିଖ ପୂର୍ବାହ୍ନରେ କାର୍ଯ୍ୟରେ ଯୋଗ ନ ଦେଇ ବର୍ତ୍ତମାନ ପର୍ଯ୍ୟନ୍ତ ଅନୁପସ୍ଥିତ ଅଛନ୍ତି । ଆପଣଙ୍କୁ ବିଭାଗୀୟ କାର୍ଯ୍ୟାଳୟରୁ ବାରମ୍ବାର ପତ୍ର ମାଧ୍ୟମରେ ସୂଚିତ କରାଯାଇଥିଲେ ମଧ୍ୟ ଆପଣ କାର୍ଯ୍ୟରେ ଯୋଗଦେଉନାହାନ୍ତି । ଆପଣଙ୍କର ଏତାଦୃଶ ଅନୁପସ୍ଥିତି ଯୋଗୁଁ ସରକାରୀ କାର୍ଯ୍ୟ ପରିଚାଳନାରେ ଗୁରୁତର ବ୍ୟାଘାତ ସୃଷ୍ଟିହେବା ସହିତ ଆପଣ ସରକାରୀ ନିୟମକୁ ଅବମାନନା କରିଆସୁଛନ୍ତି ।

ଏଣୁ ଏହି ବିଜ୍ଞାପନ ମାଧ୍ୟମରେ ଆପଣଙ୍କୁ ଅବଗତ କରାଯାଉଅଛି କି, ଆପଣ ବିଜ୍ଞାପନ ପ୍ରକାଶନର ୧୫ ଦିନ ମଧ୍ୟରେ ନିମ୍ନସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ବ୍ୟକ୍ତିଗତ ଭାବେ ଯୋଗଦାନ କରିବା ହେବେ । ନଚେତ୍ ଆପଣଙ୍କ ବିରୁଦ୍ଧରେ ଶୃଙ୍ଖଳାଗତ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

ସ୍ୱା./– ଦୁର୍ଗପତି
ତୃତୀୟ ଭାରତ ସଂରକ୍ଷିତ ବାହିନୀ,
କଳିଙ୍ଗନଗର, ଯାଜପୁର

OIPR-12029/11/0085/2526

**GOVERNMENT OF ODISHA** No. A-230

**DEPARTMENT OF WATER RESOURCES (M.I.)**

**'e' Procurement Notice No. 01 (BGR)/2025-26**

| | | |
|---|---|---|
| 1 | Name of Work | Construction of Check Dams/ Repair and renovation of Structure and Canals |
| 2 | Total No. of Work | 32 (Thirty Two) |
| 3 | Estimated Cost | Rs.5.02 Lakhs to 80.42 Lakhs |
| 4 | Period of Completion | 02 (Two) and (06) Six Calendar Months |
| 5 | Date & time of availability of Bid document in the portal | 10.00 hours of 31.05.2025 to 17.00 hours 09.06.2025 |
| 6 | Last date/time for receipt of Bids in the Portal | 09.06.2025 upto 17.00 hours |
| 7 | Date and place of opening of Technical Bid | Dt.10.06.2025 at 11.00 hours in the Office of the Superintending Engineer, Minor Irrigation Division, Balangir |
| 8 | Name and address of the O.I.T. (Officer Inviting Tender) | Superintending Engineer, Minor Irrigation Division, Balangir |

Further details can be seen from the e-Procurement Portal **"https://tendersodisha.gov.in"**.

Sd./- Superintending Engineer
Minor Irrigation Division, Balangir

OIPR-32550/11/0002/2526

**OFFICE OF THE CHAIRMAN STATE NURSING SELECTION COMMITTEE, ODISHA**

E-mail-convenernursing1@gmail.com

NO 214// Dt-28.05.2025

**NOTICE**

**COUNSELLING & ADMISSION INTO BASIC B.Sc. NURSING, POST BASIC B.Sc. NURSING, M.Sc. NURSING AND POST BASIC DIPLOMA NURSING COURSES FROM THE ACADEMIC SESSION 2025-26**

**No.E-123:** The Candidates who will qualify in the entrance examination conducted by the Odisha Joint Entrance Examination (OJEE), Bhubaneswar, must register and upload the required documents on the official website https://dohodisha.nic.in within the specified timeframe to participate in the counselling and admission process for the following courses:

1. Basic B.Sc. Nursing
2. Post Basic B.Sc. Nursing
3. M.Sc. Nursing
4. Post Basic Diploma in Nursing

No candidate will be allowed to take part in the counselling and admission process without completing the registration on **https://dohodisha.nic.in.**

The Odisha Joint Entrance Examination (OJEE), Bhubaneswar, is entrusted to conduct the entrance exam and publishing the results. The State Nursing Selection Committee (SNSC), Odisha, will carry out the counselling and admission process for the above-mentioned Nursing courses.

Admission into the Basic B.Sc. Nursing course is strictly based on qualification in the OJEE entrance examination.

Sd/- Jt. DMET, Odisha
Convener, SNSC

OIPR-10016/11/0021/2526

**Office of the Superintendent Sardar Vallavbhai Patel Post Graduate Institute of Pediatrics Health & F.W. Department, Govt. of Odisha**

Cuttack-753002, Tel/Fax : 0671-2508978
E-Mail ID - svppgip_cuttack@rediffmail.com
www.svppgip.org

Letter No.3109/SVPPGIP, Cuttack Date : 28.05.2025

**CORRIGENDUM NOTICE for Hiring of Four wheel vehicle for the Superintendent, SVP PGIP, Cuttack (OFFICIAL USE) FOR THE YEAR 2025-26, 2026-27 & 2027-28**

**No.E-126** : With reference to the Letter/notice No.2722 dated-:-05/05/2025 & paper advertisement No.-E-71 dated- 08/05/2025 regarding publication of tender call notice for hiring of four wheel vehicle for the Superintendent, SVPPGIP, Cuttack the undersigned authority has desired to modify the following points in respect to the Office Memorandum No. 15836/F (FIN-COD-MV-0004-2018) date-27/05/2025 of Finance Department of Govt. of Odisha. The interested reputed travel agencies/Tour operators/Private individuals are requested to check the terms and condition accordingly.

Clause & Dates Mentioned at Last Tender Paper — Revised Clauses & Dates after Finalization

1. Last date of receive tender paper : 28.05.2025 up to 5 p.m. :- To be changed 05.06.2025 5 p.m.
2. Date of opening tech. bid : 29.05.2025 at 3.30 p.m. :- To be changed 06.06.2025 3.30 p.m.
3. Date of opening Price. bid : 29.05.2025 at 3.30 p.m. :- To be changed 06.06.2025 3.30 p.m.
4. (Tender Clause 6 of Annexure-I) Maximum monthly hiring charges Rs. 26000/- :- Revised maximum monthly hire charges as Rs.31200/-
5. (Tender Clause 3(Rental) of Service provider Agreement): Revised as "Period of contract shall be 3 years which may be extended by maximum one year subject to satisfactory performance."

All other terms and conditions of tender remain same except aforesaid mentioned points.

Sd./- Superintendent
SVPPGIP, Cuttack

OIPR-10017/11/0002/2526

**OFFICE OF THE PRINCIPAL, GOVT. WOMEN'S COLLEGE, BHAWANIPATNA-766001**

Email : gwc.bpt@gmail.com, Phone No. 0670-230723,
Website : gwcbhawanipatna.ac.in

Letter No. 934//GWC Dt.29.05.2025

**Govt. Women's Higher Secondary School, Bhawanipatna**

**Walk-in-Interview**

**No.N-57** : A walk in interview for the engagement of Guest faculties in Govt. Women's Higher Secondary School, Bhawanipatna for the session-2025-26 will be held in the college on 17th June 2025 at 11:00 a.m. in the subjects of **English, Odia, History, Political Science, Economics, Education, Geography, Psychology & Home Science**. The candidates having 50% of marks at Post Graduation level with B.Ed. qualification for B.Ed. subjects only are required to come with Original and photocopies of the certificates along with C.V. on the above mentioned date and time. The engagement is purely temporary and can be terminated at any time without assigning any reason thereof. The remuneration will be paid as per the Government approved rate subject to sanction of funds from the Government.

No TA/DA will be paid for attending the interview.

Sd./- Principal
Govt. Women's College
Bhawanipatna

OIPR-11035/11/0014/2526

**DISTRICT PROJECT OFFICE SAMAGRA SIKSHYA, MAYURBHANJ**

**TENDER CALL NOTICE**

No.2573 Date : 28.05.2025

**Procurement of Teaching & Learning Materials -SISHU VATIKA, CLASS I to III for 2025-26**

**No.n-54** : Sealed tenders are invited from registered suppliers/ vendors having valid Authorisation Certificates, MSME/SSI, PAN, GST regd. No. for supply of **TLM Materials such as Slate, Pencil box, Chalk, Pencil, Eraser, Sharpener & Crayons for 35,350 SishuVatika Students approx. & Pencil box, chalk, pencil, eraser, sharpener Ruler & Crayons for Class I to III students 1,10,050 approx. for 2025-26**. The tender papers/ bid documents containing detailed specification with terms and conditions in 2 part bidding i.e. application of Technical Bid & application of Financial Bid & the tender paper can be downloaded in the website at www.osepa.odisha.gov.in and www.mayurbhanj.nic.in.Tender processing fees Rs.5000.00 (Rupees Five Thousand) only is (Non-Refundable). The last date & time for submission of sealed tender is 17.06.2025 at 2.00 P.M. and the Tech. & Fin. bid will be opened on 18.06.2025 at 11.00 A.M.

Sd./- Collector-cum-Chairman,
Samagra Sikshya,
Mayurbhanj

OIPR-27141/11/0009/2526

**WATCO OFFICE OF THE GENERAL MANAGER, WATCO DIVISION-I, BHUBANESWAR**

Vanivihar Square, Bhubaneswar-751022, Odisha, India
Telefax:-+91-674-2542821, E-mail-gmdivonewatco@gmail.com

NATIONAL COMPETITIVE BIDDING THROUGH e-PROCUREMENT

No.C-400: **Invitation For Bids (IFB)**

**GMWATCO-I/17/2025-26 Dt.22.05.2025**

01. Name of the work : 2 Nos. (Two nos works)
02. Estimated cost : Rs.78.55 Lakhs & 63.88 Lakhs
03. Period of completion : 12 (Twelve Months)
04. Class of contractor : B Class
05. Date & Time of availability of bid document in the portal : From 11.00 AM of Dt.02.06.2025 to 5.00 PM of 16.06.2025
06. Last date/time of receipt of bids in the portal : 5.00 PM of 16.06.2025
07. Last date & time of seeking clarification : 5.00 PM of 05.06.2025
08. Date & Time of opening of bids : At 12.30 PM of 17.06.2025
09. Name and Address of the Officer Inviting Bid : General Manager WATCO Division-I, BBSR

Further details can be seen from the e-Procurement portal **"https://www.tendersorissa.gov.in"**.

Sd./- GENERAL MANAGER
WATCO DIVISION-I, BHUBANESWAR

OIPR-13083/11/0012/2526

See Career Appointment on every Wednesday & Saturday

**ODISHA POLICE CRIMINAL INVESTIGATION DEPARTMENT CRIME BRANCH**

**Advertisement for Hiring Retired Personnel on Contractual Engagement**

**No.D-85** : The following categories of Retired Government Officers are invited for engagement with CID-Crime Branch, Odisha Police on contractual basis for a period of two years.

| Sr. No. | Category | Number of vacancies |
|---|---|---|
| 1. | Retired Addl. SP/Deputy SP | 3 |
| 2. | Retired Forensic Doctor | 1 |

Apart from the above, the following personnel are also invited for engagement with CID-Crime Branch, Odisha Police on contractual basis for a period of two years.

Details of the "Job Description" for each post along with terms and conditions and required work experience, are available on the website of Odisha Police (https://odishapolice.gov.in/).

1. Applicants for jobs at serial 1 to 4 must be :
   a. Retired from Government service
   b. Below the age of 65 years
   c. Having good service record
   d. Physically fit
2. Last date for receipt of Application is 20.06.2025.
3. The shortlisted candidates shall be called for an interview at Cuttack.
4. Only the candidates selected for interview shall be informed by E-mail/ Phone.
5. The candidate selected for interview shall make their own arrangements and bear the cost to attend the interview at Cuttack.
6. Officers against whom departmental proceedings or criminal cases are contemplated/ pending or who have been penalized for misconduct during the period of preceding five years will not be eligible for consideration.
7. The retired personnel shall be engaged in terms of GA & PG Department Notification No. 23750 dated 27.08.2014 and their remuneration is to be fixed as per FDOM No. 24533/F dtd. 29.09.2022 for the purpose.

The eligible candidates may apply to: **IG of Police, CID-Crime Branch, State Police Headquarters, Buxi Bazar, Cuttack, Odisha-753001** in the prescribed application form available on the website of Odisha Police (https://odishapolice.gov.in/).

OIPR-12029/11/0083/2526

**OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, KALAHANDI**

(DISTRICT PROGRAMME MANAGEMENT UNIT)
PHONE/FAX:06670-230998, EMAIL:dpmukalahandi@gmail.com

No.1236/DPMU (NHM) Date:28.05.2025

**NOTICE**
**(In House Selection)**

**No.E-120:**Applications are invited from the employees currently working under NHM in the same position of OSH & FW society in other district desiring to be posted in Kalahandi District against the existing vacant position mentioned below.

| SL No | Name of the Post | No. of Vacant post | Walk -in schedule |
|---|---|---|---|
| 1 | Paediatric Specialist, DEIC | 1 | On dated. 17/06/2025 at 10.00 AM to 5.00 PM at DHH, Conference Hall, Bhawanipatna |
| 2 | M.O. MBBS-Mobile Blood connection van | 1 | |
| 3 | M.O. MBBS-DEIC | 1 | |
| 4 | M.O: MBBS-NPCDCS | 1 | |
| 5 | M.O. MBBS-SNCU | 1 | |
| 6 | AYUSH M.O. (Ayurvedic) Co-located | 5 | On dated.19/06/2025 at 10.00 AM to 5.00 PM at DHH, Conference Hall, Bhawanipatna |
| 7 | AYUSH M.O. (Homeopathic) Co-located | 10 | |
| 8 | AYUSH M.O. Female (Ayurvedic) RBSK | 4 | |
| 9 | AYUSH M.O. Female (Homeopathic) RBSK | 10 | |
| 10 | AYUSH M.O. Male (Homeopathic) RBSK | 6 | |
| 11 | AYUSH M.O. (Homeopathic) MHU | 4 | |
| 12 | Pharmacist RBSK | 9 | On dated.21/06/2025 at 10.00 AM to 5.00 PM at DHH, Conference Hall, Bhawanipatna |
| 13 | Clinical Psychologist | 1 | |
| 14 | RMNCH/ FP Counselors (Integrated) | 15 | |
| 15 | Counselor, Mobile Blood Collection Van | 1 | |
| 16 | Physiotherapist - IPU | 15 | |
| 17 | Social Worker-DEIC | 1 | |
| 18 | Sentinel Site Malaria Technician & Coordinator | 2 | |
| 19 | ANM (MHU) | 2 | |
| 20 | Dental technician-DEIC | 1 | |
| 21 | Ophthalmic Assistant | 5 | |

Interested eligible NHM employees may log on to **www.kalahandi.odisha.gov.in** for details (terms and conditions & application form etc.). Eligible employees for the above post **(who are working in different district in same post)** who are interested required to attend the Walk-in for application submission and verification of documents as mentioned above schedule date and time **(please read Other Terms & Conditions page).**

No candidates will be entertained after the scheduled date & time. Number of vacancies under this advertisement is provisional which may increase or decrease depending upon the actual vacancy. Time to time notification regarding status of selection process will be web hoisted in district web-site. The undersigned reserves the right to cancel / reject any or all the applications without assigning any reason thereof. This office will not be responsible for any delay to come in the schedule date and time. No personal query will be entertained.

Sd./- Chief District Medical & Public Health Officer, Kalahandi

OIPR-10076/11/0014/2526

**GOVT. OF ODISHA** No.O-216

**OFFICE OF THE CHIEF CONSTRUCTION ENGINEER RURAL WORKS CIRCLE : KEONJHAR**

Email ID : se_nerwkjr@rediffmail.com

**Identification No. NCB-04 / RWCKJR / 2025-26**

No. 2377 / Date : 27.05.2025

1. Name of the work : Repair / Maintenance of the Rural roads Constructed under Pradhan Mantri Gram Sadak Yojana in the District of Keonjhar. 2. Total No. of Packages : 03 (Three) Nos. 3. Estimated cost (Approx) : From Rs.107.17 lakh to Rs.241.06 lakh (Approximately). 4. Period of Completion : 60 Calendar Months. 5. Other details :

| Procurement Officer | Bid Identification No. | No. of Work | Availability of tender On-line for bidding | |
|---|---|---|---|---|
| | | | From | To |
| 1 | 2 | 3 | 4 | 5 |
| Chief Construction Engineer, Rural Works Circle, Keonjhar | NCB-04/ RWCKJR /2025-26 | 03 Nos. | 03.06.2025 at 11.00 A.M. | 17.06.2025 upto 5.00 P.M. |

• Further details can be seen from the website : www.pmgsytenders.gov.in

Sd./- Chief Construction Engineer
R.W. Circle, Keonjhar

OIPR-25177/11/0075/2526

**GOVERNMENT OF ODISHA**
**OFFICE OF THE CHIEF CONSTRUCTION ENGINEER, CENTRAL RURAL WORKS CIRCLE, BHUBANESWAR**

No.2690/Date.28.05.2025

No.O-221 **"e" Procurement Notice for Building Works**

| | | | |
|---|---|---|---|
| 1. | Name of the Work | : | Building Works |
| 2. | Total No. of works | : | 04 Nos. of Building works for the year 2024-25 |
| 3. | Estimated Cost of the work | : | Varies from Rs.128.00 lakh to Rs.332.22 lakh |
| 4. | Class of Contractor | : | |
| | a) Estimated cost more than Rs.20.00 lakhs up to Rs.3.00 Crores | : | B Class (of Odisha PWD) or relevant class of other licensing authorities |
| | b) Estimated cost more than Rs.1.00 Crore up to Rs.20.00 Crores | : | A Class (of Odisha PWD) or relevant class of other licensing authorities |
| 5. | Period of completion | : | As mentioned in Column-7 of Annexure |
| 6. | Offered rates by bidder | : | The offered rate by the contractor shall be excluding GST |
| 7. | Other details | : | |

| Procurement Officer | Bid Identification No. | Availability of Tender on-line for bidding | | Date & Time of opening of tender | |
|---|---|---|---|---|---|
| | | From | To | Technical Bid | Financial Bid |
| 1 | 2 | 3 | 4 | 5 | 6 |
| Chief Construction Engineer, Central Rural Works Circle, Bhubaneswar | Tender-Online-C.C.13 of 2025 | 03.06.2025 at 11.00 A.M. | 17.06.2025 up to 5.00 P.M. | 18.06.2025 at 11.00 A.M. | To be intimated lateron |

Further details can be seen from the website www.tendersodisha.gov.in

Sd./- Chief Construction Engineer
Central Rural Works Circle, Bhubaneswar

OIPR-25082/11/0001/2526

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଅମରେନ୍ଦ୍ର ମହାନ୍ତି ସ୍ୱାସ୍ଥ୍ୟ ନିର୍ଦ୍ଦେଶକ

ଭୁବନେଶ୍ୱର,୩୦।୫
(ରବିନାରାୟଣ ଜେନା)

ରାଜ୍ୟ ସରକାର ଶୁକ୍ରବାର ଡା. ଅମରେନ୍ଦ୍ର ନାଥ ମହାନ୍ତିଙ୍କୁ ନୂତନ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଭାବେ ନିଯୁକ୍ତ କରିଛନ୍ତି। ଏ ସଂକ୍ରାନ୍ତରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏକ ନିର୍ଦ୍ଦେଶନାମା ଜାରି ହୋଇଛି। ବିଭାଗୀୟ ସଚିବ ଏସ୍. ଆଶ୍ୱସ୍ଥିଙ୍କ ନିର୍ଦ୍ଦେଶନାମା ଅନୁଯାୟୀ, ଷ୍ଟେଟ୍ ଇନ୍‌ଷ୍ଟିଚ୍ୟୁଟ ଅଫ୍ ହେଲ୍‌ଥ ଆଣ୍ଡ ଫ୍ୟାମିଲ ୱେଲ୍‌ଫେୟାର ନିର୍ଦ୍ଦେଶକ ଡା. ଅମରେନ୍ଦ୍ର ମହାନ୍ତିଙ୍କୁ ଏହି ନୂତନ ଦାୟିତ୍ୱ ପ୍ରଦାନ କରାଯାଇଛି। ସେ ଖୁବ୍‌ଶୀଘ୍ର ଏହି ଦାୟିତ୍ୱ ଗ୍ରହଣ କରିବାକୁ ନିର୍ଦ୍ଦେଶନାମାରେ କୁହାଯାଇଛି। ଉଲ୍ଲେଖଯୋଗ୍ୟ, ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଭାବେ ଡା. ବିଜୟ କୁମାର ମହାପାତ୍ର ଦୀର୍ଘବର୍ଷ ଧରି ଏହି ପଦରେ ଅବସ୍ଥାପିତ ଥିଲେ। ନିକଟରେ ଡା. ମହାପାତ୍ରଙ୍କୁ ସ୍ୱତନ୍ତ୍ର ସଚିବ ଭାବେ ପଦୋନ୍ନତି ମିଳିଥିଲା ଏବଂ ସେ ଅତିରିକ୍ତ ଭାବେ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଦାୟିତ୍ୱରେ ଥିଲେ।

# ନିଶ୍ଚିନ୍ତକୋଇଲିରେ ରାଜନୈତିକ ଅସ୍ଥିରତା ସୃଷ୍ଟି ଉଦ୍ୟମ ଫେଲ୍ ହେଲା: ବିଜେଡି

ଭୁବନେଶ୍ୱର, ୩୦।୫(ସୁନିତ୍ ମିଶ୍ର)

ନିଶ୍ଚିନ୍ତକୋଇଲି ପଞ୍ଚାୟତ ସମିତି ଅଧ୍ୟକ୍ଷା ରୋଜୀ ସେଠୀଙ୍କ ବିରୋଧରେ ଆସିଥିବା ଅନାସ୍ଥା ପ୍ରସ୍ତାବ କୋରମ ଅଭାବରୁ ଶୁକ୍ରବାର ଖାରଜ ହୋଇଯାଇଛି। ସମୁଦାୟ ୮୬ ଜଣ ସଦସ୍ୟଙ୍କ ମଧ୍ୟରୁ କେବଳ ୬ ଜଣ ଅନାସ୍ଥା ବୈଠକରେ ଉପସ୍ଥିତ ରହିବାରୁ ଏହି ଅନାସ୍ଥା କାଟ୍ ଖାଇବା ସହ ବିଜେଡି ସମର୍ଥିତ ବ୍ଲକ୍ ଅଧ୍ୟକ୍ଷା ନିଜ ପଦବୀ ବଜାୟ ରଖିବାରେ ସଫଳ ହୋଇଛନ୍ତି ବୋଲି ଦଳର ମୁଖପାତ୍ର ଲେନିନ୍ ମହାନ୍ତି କହିଛନ୍ତି। ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ଲେନିନ୍ କହିଛନ୍ତି, ମାହାଙ୍ଗା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ନିଶ୍ଚିନ୍ତକୋଇଲି ପଞ୍ଚାୟତ ସମିତିରେ ରାଜନୈତିକ ଅସ୍ଥିରତା ସୃଷ୍ଟି କରିବା ପାଇଁ ଉଦ୍ୟମ ହୋଇଆସୁଥିଲା। ସ୍ୱାଧୀନ ବିଧାୟକ ସାରଦା ପ୍ରଧାନଙ୍କ ଚାପରେ ଆଗତ ଅନାସ୍ଥା ପ୍ରସ୍ତାବ ପାଇଁ ମେ ୧୩ରେ ଦିନ ଧାର୍ଯ୍ୟ ହୋଇଥିଲେ ମଧ୍ୟ ଆବଶ୍ୟକ ସମର୍ଥନ ଜୁଟାଇ ନ ପାରିବାରୁ କେତେଜଣ ସଦସ୍ୟଙ୍କ ସ୍ୱାସ୍ଥ୍ୟ ଖରାପ ଆଳ ଦେଖାଇ ଏହାକୁ ଷଡ଼ଯନ୍ତ୍ର ପୂର୍ବକ ଘୁଞ୍ଚାଇଦିଆଯାଇଥିଲା। ଶୁକ୍ରବାରକୁ ନିର୍ବାଚନ ଅଧିକାରୀ ଅନାସ୍ଥା ପ୍ରସ୍ତାବ ଆଲୋଚନା ପାଇଁ ଦିନ ଧାର୍ଯ୍ୟ କରିଥିଲେ। କିନ୍ତୁ ଅନାସ୍ଥା ପ୍ରସ୍ତାବ ଆଗତ କରିଥିବା ସଭ୍ୟାସଭ୍ୟମାନେ ମଧ୍ୟ ବୈଠକରେ ଉପସ୍ଥିତ ରହିଲେ ନାହିଁ। ୮୬ ଜଣ ଭୋଟରଙ୍କ ମଧ୍ୟରୁ କେବଳ ୬ ଜଣ ଉପସ୍ଥିତ ଥିବାରୁ ଅନାସ୍ଥା ପ୍ରସ୍ତାବ ଆଲୋଚନା ହୋଇପାରିନାହିଁ। ନିଶ୍ଚିନ୍ତକୋଇଲି ପଞ୍ଚାୟତ ସମିତିର ପିଆର୍‌ଆଇ ସଦସ୍ୟମାନେ ବିଧାୟକଙ୍କ ଷଡ଼ଯନ୍ତ୍ରକୁ ବୁଝିପାରି ଅନାସ୍ଥା ପ୍ରସ୍ତାବ ସପକ୍ଷରେ ଭୋଟଦାନରୁ ବିରତ ରହିଲେ ବୋଲି ଲେନିନ୍ କହିଛନ୍ତି।

# ସାପ ଭଳି ଆଚରଣ କରୁଛନ୍ତି ଯୁବତୀ

## ଭୌତିକ କାଣ୍ଡ ନା ଅନ୍ଧବିଶ୍ୱାସ

ଉଦଲା,୩୦।୫ (ସନ୍ତୋଷ କୁମାର ବାଛିନୀ)

ବିଜ୍ଞାନ ଯୁଗରେ ଭିନ୍ନ ଚିତ୍ର। ସାପ ଭଳି ଆଚରଣ କରୁଛନ୍ତି ଜଣେ ଯୁବତୀ। ସାପକୁ ଆଘାତ ହେଲେ ତାଙ୍କ ଦେହରେ ରହୁଛି ଚିହ୍ନ। ଏଭଳି ଘଟଣା ଯେତିକି କୌତୂହଳପୂର୍ଣ୍ଣ ସେତିକି ପ୍ରଶ୍ନବାଚୀ ସୃଷ୍ଟି କରିଛି। ଭୌତିକ କାଣ୍ଡ ନା ଅନ୍ଧବିଶ୍ୱାସର ଝଲକ, ତାହାକୁ ନେଇ ଉଠୁଛି ପ୍ରଶ୍ନ। 'ମୁଁ ଯିବି ନାହିଁ, ମୋତେ ନିଅ ନାହିଁ, ମୁଁ ଏହିଠାରେ ରହିବି' ଏଭଳି କହି କାନ୍ଦି କାନ୍ଦି ଭୂଇଁରେ ଗଡ଼ିଯିବା ସହ ମଝିରେ ମଝିରେ ସାପ ଭଳି ଗର୍ଜନ ମଧ୍ୟ କରୁଛନ୍ତି ଯୁବତୀ। କେବଳ ସେତିକି ନୁହେଁ, ସାପ ଫଣା ଭଳି ହାତକୁ କରି ଗୁହାରି କରୁଛନ୍ତି। ଘରେ ଏକ ନାଗସାପ ପଶିଥିବା ଖବରପାଇ ଘଟଣାସ୍ଥଳରେ ସ୍ନେକ୍ ହେଲ୍ପଲାଇନ ସଦସ୍ୟ ପହଞ୍ଚି ଉଦ୍ଧାର କରିବାକୁ ଚେଷ୍ଟା କରିବା ସମୟରେ ଅଚାନକ ଏହି ଘଟଣା ସାମ୍ନାକୁ ଆସିଛି। ମୟୂରଭଞ୍ଜ ଜିଲା ଉଦଲା ବ୍ଲକ୍ ଅଧୀନ ଚକରାପାଳ ଗ୍ରାମରେ ଘଟିଥିବା ଏହି ଘଟଣା ଚର୍ଚ୍ଚାର ବିଷୟ ପାଲଟିଛି।

ଗ୍ରାମର ରବୀନ୍ଦ୍ର ସିଂଙ୍କ ଘର ମାଟିକାନ୍ଥ ଭିତରେ ଶୁକ୍ରବାର ଏକ ନାଗ ସାପ ପଶିଥିବା ନେଇ ସେ ଉଦ୍ଧାରକାରୀ ଦଳକୁ ଖବର ଦେଇଥିଲେ। ଉଦ୍ଧାରକାରୀ ଦଳ ଘଟଣାସ୍ଥଳରେ ପହଞ୍ଚି ମାଟିକାନ୍ଥକୁ ଭାଙ୍ଗି ସାପ ଧରିବାକୁ ଚେଷ୍ଟା କରିଥିଲେ। ଏହି ସମୟରେ ରବୀନ୍ଦ୍ରଙ୍କ ଝିଅ ମୀନାକ୍ଷୀ ଅଚାନକ ସାପ ଭଳି ଗର୍ଜନ କରିବା ସହ ଭୂଇଁରେ ଲୋଟିପଡ଼ି ସାପ ଫଣା ଟେକିବା ଭଳି ଆଚରଣ ପ୍ରଦର୍ଶନ କରିଥିଲେ। ମୋତେ ମାର ନାହିଁ,ନେଇ ଯାଅ ନାହିଁ ବୋଲି କାନ୍ଦି କାନ୍ଦି ଗୁହାରି କରିଥିଲେ। ଏହା ଦେଖି ସମସ୍ତେ ତାଜୁବ ହୋଇଯାଇଥିଲେ।

ପରେ ସାମ୍ନାକୁ ଆସିଥିଲା ସମ୍ପୂର୍ଣ୍ଣ ଘଟଣା। ଦିନକ ପୂର୍ବରୁ ପରିବାର ଲୋକେ ନାଗ ସାପକୁ ଦେଖି ବାଡ଼େଇ ମାରିବା ପାଇଁ ଚେଷ୍ଟାକରି ବାଡ଼ିରେ ଆଘାତ ଦେଇଥିବା ବେଳେ ସାପଟି ଖସି ପଳାଇଥିଲା। ହେଲେ ରବୀନ୍ଦ୍ରଙ୍କ ଝିଅ ମୀନାକ୍ଷୀ ଦେହରେ ଅଚାନକ ମାଡ଼ର ଆଘାତ ଚିହ୍ନ ପରିବାର ଲୋକେ ଦେଖିବାକୁ ପାଇଥିଲେ। ଯାହା ଦେଖି ପରିବାର ଲୋକେ ହତବାକ୍ ହୋଇଯାଇଥିଲେ। ପୁଣି ଶୁକ୍ରବାର ମଧ୍ୟ ଉକ୍ତ ସାପକୁ ନେଇ ଝିଅର ଏଭଳି ପ୍ରତିକ୍ରିୟା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ପୂର୍ବରୁ ନାଗ ପଞ୍ଚମୀ ଓ ବସନ୍ତ ପଞ୍ଚମୀ ଦିନରେ ଝିଅ ଦେହରେ ଏଭଳି ପ୍ରତିକ୍ରିୟା ଦେଖିବା ସହ ସାପ ଭଳି ଦେହରେ ଚିହ୍ନ ବସିଯାଉଥିବା କହିଛନ୍ତି ପରିବାର ଲୋକେ। ସାପ ଧରି ନ ପାରି ସ୍ନେକ ହେଲ୍ପଲାଇନ ସଦସ୍ୟ ଫେରି ଯାଇଥିବାବେଳେ ଏଭଳି ଘଟଣା ନେଇ ପରିବାର ଲୋକେ ଚିନ୍ତାରେ ପଡ଼ିଛନ୍ତି। ତେବେ ଏହା ଅନ୍ଧବିଶ୍ୱାସ ନା ଭୌତିକ କାଣ୍ଡ ତାହାର ଖୋଲତାଡ଼ ହେବା ଜରୁରୀ ବୋଲି ମତ ପ୍ରକାଶ ପାଇଛି।



ସାପ ଭଳି ଆଚରଣ ପ୍ରଦର୍ଶନକରି ଭୂଇଁରେ ଲୋଟିପଡ଼ିଥିବା ଯୁବତୀ।

# ଅଗ୍ନିବିପନ୍ନ ୮ ପରିବାରକୁ ମିଳିବ ସରକାରୀ ସହାୟତା

ବଇଣ୍ଡା,୩୦।୫(ପରିକ୍ଷିତ ସାହୁ)

## ସରକାରଙ୍କୁ ଧନ୍ୟବାଦ ଦେଲେ ଆଠମଲ୍ଲିକ ବିଧାୟକ

ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକ ଲୁହାସିହା ପଞ୍ଚାୟତ ତେନ୍ତୁଳିପଥର ଗ୍ରାମରେ ମାର୍ଚ୍ଚ ୬ ତାରିଖରେ ହୋଇଥିବା ଅଗ୍ନିକାଣ୍ଡରେ କ୍ଷତିଗ୍ରସ୍ତଙ୍କ ମଧ୍ୟରୁ ୮ ପରିବାରକୁ ରାଜ୍ୟ ସରକାର ଅନୁକମ୍ପାମୂଳକ ସାହାଯ୍ୟ ଯୋଗାଇ ଦେବେ। ପ୍ରତ୍ୟେକ ପରିବାରକୁ ଘର ନିର୍ମାଣ କରିବା ପାଇଁ ରାଜସ୍ୱ ବିଭାଗ ପକ୍ଷରୁ ୧ ଲକ୍ଷ ୨୦ ହଜାର ଟଙ୍କା ପ୍ରଦାନ କରାଯିବ। ଏଥିପାଇଁ ଅର୍ଥ ମଞ୍ଜୁର ହୋଇଥିବା ଶୁକ୍ରବାର ଆଠମଲ୍ଲିକ ବିଧାୟକ ନଳିନୀ କାନ୍ତ ପ୍ରଧାନ ସୂଚନା ଦେଇଛନ୍ତି। ଏଥିସହ କଂସା ବାସନ କିଣିବା ପାଇଁ ୫ ହଜାର ଟଙ୍କା ଲେଖାଏ ଯୋଗାଇ ଦିଆଯିବ ବୋଲି ସରକାର ନିଷ୍ପତ୍ତି ନେଇଛନ୍ତି। ଏହି ଅଗ୍ନିବିପନ୍ନଙ୍କୁ ପକ୍କା ଘର ଯୋଗାଇ ଦେବା ପାଇଁ ଆଠମଲ୍ଲିକ ବିଧାୟକ ନଳିନୀକାନ୍ତ ପ୍ରଧାନ ମାର୍ଚ୍ଚ ୮ ତାରିଖରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଥିଲେ। ରାଜ୍ୟ ସରକାର ସହାୟତା ପ୍ରଦାନ ପାଇଁ ନିଷ୍ପତ୍ତି ନେଇଥିବାରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ରାଜସ୍ୱ ମନ୍ତ୍ରୀଙ୍କୁ ଆଠମଲ୍ଲିକ ବିଧାୟକ କୃତଜ୍ଞତା ଜଣାଇଛନ୍ତି।

# ଜାତୀୟ ଅନୁସୂଚିତ ଜନଜାତି କମିଶନଙ୍କୁ ବିଜେଡିର ସ୍ମାରକପତ୍ର

ଭୁବନେଶ୍ୱର,୩୦।୫(ସୁନିତ୍ ମିଶ୍ର)

## 'ଆଦିବାସୀ ନାବାଳିକାଙ୍କୁ ବଳାତ୍କାର ଅଭିଯୋଗରେ ନ୍ୟାୟ ଦାବି'

ଜାତୀୟ ଅନୁସୂଚିତ ଜନଜାତି କମିଶନଙ୍କ ଉଦ୍ଦେଶ୍ୟରେ ଶୁକ୍ରବାର ଭୁବନେଶ୍ୱରସ୍ଥିତ ଆଞ୍ଚଳିକ କାର୍ଯ୍ୟାଳୟ ଜରିଆରେ ବିଜେଡି ଏକ ସ୍ମାରକପତ୍ର ପ୍ରଦାନ କରିଛି। ସେଥିରେ କୋରାପୁଟ ଜିଲାର ଜଣେ ଆଦିବାସୀ ନାବାଳିକା ସହ ଗଣବଳାତ୍କାର ଓ ଗର୍ଭଧାରଣ ଭଳି ଏକ ସ୍ପର୍ଶକାତର ଘଟଣାରେ ହସ୍ତକ୍ଷେପ କରିବା ପାଇଁ ନିବେଦନ କରାଯାଇଛି। ଜାତୀୟ ଏସ୍‌ଟି କମିଶନ ଅଧ୍ୟକ୍ଷାଙ୍କ ଉଦ୍ଦେଶ୍ୟରେ ଦିଆଯାଇଥିବା ସ୍ମାରକପତ୍ରରେ କୋରାପୁଟ ଜିଲା ବୋରିଗୁମ୍ମା ବ୍ଲକ୍‌ର ଧାବଗାଁ ଗ୍ରାମର ଜଣେ ନାବାଳିକା ଆଦିବାସୀ ଝିଅ ସମ୍ପର୍କରେ ମହିଳା ଥାନା ପିଏସ୍ କେସ୍ ନଂ. ୭୦/୨୦୨୫ ଉପରେ ଆଲୋକପାତ କରାଯାଇଛି। ନାବାଳିକାଙ୍କୁ ବଳାତ୍କାର ପରେ ପୀଡ଼ିତା ଗର୍ଭବତୀ ହୋଇଥିବା ଅଭିଯୋଗ ହୋଇଛି। ଜୟପୁର ମହିଳା ଥାନାରେ ପୀଡ଼ିତାଙ୍କ ବିଧବା ମାଆଙ୍କ ଦ୍ୱାରା ଦାୟର ଅଭିଯୋଗ ଅନୁଯାୟୀ ଅଭିଯୁକ୍ତଙ୍କୁ ଚିହ୍ନଟ କରାଯାଇଛି। ଅଭିଯୁକ୍ତ ଜଣଙ୍କ ଏକ ବିବାହ ଭୋଜିରେ ନାବାଳିକାଙ୍କୁ ଭେଟିବା ପରେ ବିବାହର ମିଥ୍ୟା ପ୍ରଲୋଭନ ଦେଖାଇ ଦୀର୍ଘ ୨ ବର୍ଷ ଧରି ଲଗାତର ବଳାତ୍କାର କରିଆସୁଥିଲେ। ନାବାଳିକା ଜଣଙ୍କ ୫ ମାସର ଗର୍ଭବତୀ ହୋଇଥିବା ଜଣାପଡ଼ିବା ପରେ ଘଟଣା ଲୋକଲୋଚନକୁ ଆସିଥିଲା। ଅଭିଯୁକ୍ତଙ୍କ ପିତା ଜଣେ ନିର୍ଦ୍ଦିଷ୍ଟ ରାଜନୈତିକ ଦଳର ବ୍ୟକ୍ତି ହୋଇଥିବାରୁ ଘଟଣାକୁ ଚାପିଦେବା ପାଇଁ ପ୍ରଶାସନିକ ସ୍ତରରେ ଚେଷ୍ଟା କରାଯାଉଥିବା ଅଭିଯୋଗ ହେଉଛି। ଏଥିଯୋଗୁ ଏକ ଆଦିବାସୀ ନାବାଳିକା ନ୍ୟାୟ ପାଇବାରୁ ବଞ୍ଚିତ ହେବ ବୋଲି ବିଜେଡି ସ୍ମାରକ ପତ୍ରରେ ଉଲ୍ଲେଖ କରିଛି। ବିଜେଡି ମୁଖପାତ୍ର ଲେନିନ୍ ମହାନ୍ତିଙ୍କ ନେତୃତ୍ୱରେ ଏହି ପ୍ରତିନିଧି ମଣ୍ଡଳୀ ସ୍ମାରକ ପତ୍ର ପ୍ରଦାନ କରିଛି।

# ଝରକା ତାଡ଼ି ଘରୁ ଚୋରି

ବନ୍ତଲା,୩୦।୫ (ସୁଶିତ ସାହୁ)

ଅନୁଗୋଳ ଜିଲା ବନ୍ତଲା ଥାନା ବଡ଼କେରା ପଞ୍ଚାୟତ ଗୁରଙ୍ଗ ଗାଁର ମାଧବ ଚନ୍ଦ୍ର ସାହୁଙ୍କ ଘରୁ ଗୁରୁବାର ରାତିରେ ଚୋରି ହୋଇଥିବା ଅଭିଯୋଗ ହୋଇଛି। ଅଭିଯୋଗରେ ମାଧବ ଦର୍ଶାଇଛନ୍ତି, ଗତ ରାତିରେ ପରିବାର ଲୋକେ ଶୋଇଥିବା ବେଳେ କେତେଜଣ ଦୁର୍ବୃତ୍ତ ଝରକା ତାଡି ଘରଭିତରେ ପଶିଥିଲେ। ଘରେ ଥିବା ନଗଦ ୬୨ ହଜାର ଟଙ୍କା, ୪ ଭରି ରୁପା, ୨ ହଳସୁନା କାନଝରା, ସୁନାଲକେଟ ୨ଟା ନେଇ ଚମ୍ପଟ ମାରିଥିଲେ। ଏ ନେଇ ବନ୍ତଲା ଥାନା ପକ୍ଷରୁ ନଂ. ୧୯୮/୨୫ରେ ଏକ ମାମଲା ରୁଜୁ କରାଯାଇ ତନାଘନା ଜାରି ରହିଛି। ଶୁକ୍ରବାର ଅନୁଗୋଳ ସାଇଣ୍ଟିଫିକ ଟିମ ସନ୍ଧାନୀ କୁକୁର ସହାୟତାରେ ତଦନ୍ତ ଜାରି ରଖିଥିବା ଥାନା ଅଧିକାରୀ ନଟବର ନନ୍ଦ ପ୍ରକାଶ କରିଛନ୍ତି।

# Classified Everyday

**0674-2580101, 9692975378**



## REAL ESTATE

## SALE

ନଖରାଛକରୁ **6K.M.** ବ୍ରାହ୍ମଣଝରିଲୋରେ ଘରବାରି **boundary plot sale, 1500sqft. 30,00,000/-. 7978947520.** D-76272

ଭୁବନେଶ୍ୱର, **Puri bypass** ପିପିଲି, ଉତ୍ତରାଛକ, ଝାରପଡ଼ା ଏବଂ ନଖରାଛକ ଠାରେ **Residential Plot, 2/3BHK Flat** ବିକ୍ରିହେବ। **8327785834.** D-76266



## CONSTRUCTION

Do you want to construct a building on your own plot please contact K.K. Construction. 7008268129, 9439143273. D-71397





Full body massage by odia therapist in homely atmosphere. 9556498382. D-75388

**Relax, Refresh your body, Mind at Saikrupa Spa with best therapies. 7848011468.** D-568

Newly open health benefits SPA by expert therapist. Contact- 8280961126. D-76915

Kerala Ayurveda Massage therapy gents/ Ladies pain relief Bhubaneswar. 9337672475. D-730

## LOST

By virtue of an affidavit (No.- 515) sworn before Notary Public, Bhadrak, dtd. 30.04.2025, I, Narendra Prasad Jena(60 yrs), S/o- Managobinda Jena, Vill- Kalyanpur, P.O.- Ertal, P.S.- Basudevpur, Dist.- Bhadrak at present Erein, P.O.- Charampa, P.S.- Bhadrak (R), Dist.- Bhadrak declare that I have purchased the land in my name and Obtained Sale Deed & ROR Chain deed No.- 612, dt. 21.02.2015 which was excuted by Prakash Chandra Barik in favour of Smt. Puspanjali Das and another sale deed No.- 4109, dt. 06.12.2017 which was executed by Smt. Puspanjali Das in favour of Kartik Chandra Mohapatra were lost somewhere and inspite of my best effort I am unable trace out the same. That I am swearing this affidavit to produce it before the Competent Authority for the purpose of avoiding future complicacies. D-750

I, Diptesh Kumar Pattnayak, S/o- Braja Mohan Pattanayak, staying at A-11, VIP Colony, Nayapalli, Bhubaneswar- 751015, Odisha do inform that I have lost my 10th Standard ICSE Certificate passed in 1987 from St. Joseph's Convent High School, Sambalpur. D-761

## AFFIDAVIT

I, Ullash Kumar Pattnaik, S/o- Debraj Pattnaik, resident of Plot No.- BL-02, VSS Nagar, P.O./P.S.- Saheed Nagar, Bhubaneswar- 751007, Dist.- Khurda, Odisha declare by this affidavit No.- 16, dated- 30.05.2025. That now onwards I shall be known as **ULLASH PATTNAIK** for all future purposes. D-755

By virtue of an affidavit sworn before the Executive Magistrate, Thuamul Rampur, dated 30.05.2025, I, Dora Naik, S/o- Jujar Naik, R/o. At- Tunapali, P.O.- Gopalpur, P.S.- Th. Rampur, Dist.- Kalahandi, Odisha declare that I have changed my daughter's name from Kaberi Harijan to Kaberi Naik. Henceforth, she shall be known as Kaberi Naik for all future purposes.
Dora Naik D-760

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

By virtue of an affidavit sworn before Executive Magistrate, Bhubaneswar, dated- 30.05.2025, I, Subhakanta Bastia, Address: At- Harachandi Sahi, P.O.- Old Town, P.S.- Shree Lingraj, Bhubaneswar, Dist.- Khordha, Odisha- 751002, declare that I have changed my name from Santosh Das to Subhakanta Bastia. Henceforth, I shall be known as Subhakanta Bastia for all purposes.
Subhakanta Bastia D-762

By virtue of an affidavit No.- 3372, Date- 30.05.2025. The Executive Magistrate Angul. I am Kumari Dehury (70) W/o- Durga Charan Dehury, Vill/ P.O.- Pokatunga, P.S.- Bantala, Dist.- Angul hereby declaration have changed my name from "Kumari Dehury" to "Kumari Devi". I shall be known as "Kumari Devi" for all purposes. D-757

By virtue of an affidavit No.-884, dated 29.05.2025 sworn before the Executive Magistrate, Boudh, I, Pramila Kaanr, formerly called Urmila Kanhar, W/o- Manabhanjan Kaanr, R/o. Village- Ichhapur, P.O.- Badhigaon, P.S./ Dist.- Boudh, Odisha, PIN- 762026 declare that I have changed my name from Urmila Kanhar to Pramila Kaanr for all purposes.
Pramila Kaanr D-759

Notice by virtue of an affidavit sworn before in the Court of Sri Kabiraj Sethi(ORS) Executive Magistrate, Nuagaon, dated 19.05.2025, I, Jogendra Pradhan, Address: Village- Tabhapali, P.O.-Sampada, P.S.-Nuagaon, Dist.- Nayagarh, PIN-752083 declare that I have changed my son's name from Prasnt Pradhan to Prasant Pradhan.Henceforth, he shall be known as Prasant Pradhan for all purposes.
Jogendra Pradhan D-756

By virtue of an affidavit sworn before Notary Public, Bhubaneswar, dated- 29.05.2025 I, Manoj Kumar Dalei, Address At- Baidyeswar, P.O.- Baidyeswar, P.S.- Baidyeswar, Dist.- Cuttack, Odisha, PIN- 754009, declare that, I have changed the name of my daughter ward from SHARDHANJALI DALEI to SHRADHANJALI DALEI. Henceforth, she shall be known as SHRADHANJALI DALEI for all purposes.
Manoj Kumar Dalei D-754

By virtue of an affidavit sworn before the Executive Magistrate, Padampur No.- 06, Date- 24.03.2025, I Gupteswar Sahu, R/o. At/P.O.- Gaisilet, Dist.- Bargarh, Odisha, PIN- 768037 declare that I have changed my son's name from Durbala Sahu to Durbadala Sahu. Henceforth he shall be known as Durbadala Sahu for all purposes.
Gupteswar Sahu D-758

I, Bapuni Bindhani, Resident of At- Khaladi, P.O.- Pashanipur, P.S.- Udala, Dist.- Mayurbhanj, PIN- 757087, Odisha,declare by this affidavit before Executive Magistrate, Sadar, Cuttack, No.- 4564, dt- 27.05.2025, that Bhua Bindhani and Bhua Bindhani, is one and same person who is my Father for all future purposes. D-753

By virtue of an affidavit sworn before the Executive Magistrate, Cuttack, dated- 17.05.2025, I, B.Debi, W/o- B.Rabi, declare that my actual and correct name is B.Debi mentioned in my Aadhaar card bearing No.- xxxx xxxx 2381 but in my PNB passbook my name has been wrongly mentioned as A.Rubi Rao. So both B. Debi A. Rubi Rao is one and same person. D-752

I, Salila Kumar Sahoo, At- Ichhapur, P.O.- Kakudibhag, P.S.- Sadar, Dist.- Dhenkanal, Odisha- 759015 have changed my minor son ASITOSA SAHOO aged 10 years to ASHUTOSH SAHOO, dtd- 27.05.2025 before Executive Magistrate, Athagarh, Cuttack. D-751

### ପାଠକଙ୍କ ପାଇଁ ସୂଚନା

 କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

By virtue of an affidavit No.- 3372, date 30.05.2025. The Executive Magistrate, Angul, I am Kumari Dehury (70), W/o- Durga Charan Dehury and ROR of Mouza- Nandapur, Khata No.- 33,51,52 and Mouza- Karadasingh, Khata No.- 149, Vill/P.O.- Pokatunga,ps- Bantala, Dist.-Angul hereby declaration have changed my name from "Kumari Dehury" to "Kumari Devi". I shall be known as "Kumari Devi" for all purposes. D-764

I, Snehaprava Ratha, W/o- Late Gangadhar Tripathy, At- Surya Vihar, Link Road, P.O.- Arunodaya Nagar, Dist.- Cuttack, PIN- 753012, Odisha declared by this affidavit No.- 4619, dt- 29.05.2025. That now onwards I shall be known as Snehaprava Rath for all future purposes. D-763


ଧରିତ୍ରୀ DHARITRI

**Scan & Pay**

ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ **QR Code** ସ୍କାନ୍ କରି ଯେକୌଣସି **UPI App** ମାଧ୍ୟମରେ ସହଜରେ ପୈଠ କରନ୍ତୁ।

Q199723846@ybl | T&C Apply

BHIM | UPI

ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

# ଜଡ଼ର ଆତ୍ମା



## ଗଳ୍ପ
### ନୀଳମଣି ସାହୁ

ତାଙ୍କୁ ଘର ଭିତରକୁ ଯିବାକୁ ଡର ଲାଗୁଥିଲା। ଆଜିକାଲି ଘରର ପୋର୍ଟିକୋରେ ବେଶୀ ସମୟ ବସି ରହିବାକୁ ସେ ପସନ୍ଦ କରୁଥିଲେ। ସେଇଠି ବସିରହି ଫାଟକ ବାହାରକୁ ଚାହିଁ ରହୁଥିଲେ। ଭଲ ଭଲ ପୋଷାକରେ ଗଣବେଶ ଧରି ଛୋଟ ଛୋଟ ପିଲାମାନେ ଯେବେ ସେଇ ରାସ୍ତା ଦେଇ ବିଦ୍ୟାଳୟ ଯାଉଥିଲେ, ସେମାନଙ୍କୁ କୁନି କୁନି ଠାକୁର ବୋଲି କହି ହାତଯୋଡ଼ି ନମସ୍କାର କରୁଥିଲେ ସୀତା ଦେବୀ। ଛୋଟ ଛୁଆଗୁଡ଼ାକ ସିନା କଣ୍ଢେଇ ଧରି ଖେଳିବାକୁ ଭଲ ପାଆନ୍ତି, ହେଲେ ବୁଢ଼ାବୁଢ଼ୀମାନଙ୍କ ପାଇଁ ତ କଣ୍ଢେଇ ଏଇ ଟିକି ଟିକି ଜିଅନ୍ତା ଠାକୁର। ଏମାନଙ୍କୁ ପାଖରେ ପାଇଲେ ସେମାନେ ସବୁ ଭୁଲିଯାଆନ୍ତି।

ସ୍ୱାମୀ ଯିବା ପରେ ସୀତା ଦେବୀ ପୂରା ଏକୁଟିଆ ଅନୁଭବ କରୁଥିଲେ। ଘର ଭିତରେ ପୁଅ, ବୋହୂ, ନାତି, ନାତୁଣୀ ଥାଇ ମଧ୍ୟ ସେ ଅହରହ କାନ୍ଥବାଡ଼ ସହ କଥା ହେଉଥିଲେ। ସମୟେ ସମୟେ ନିଜେ ନିଜ ସହ ଗପୁଥିଲେ ଅବଚେତନ ଅବସ୍ଥାରେ ଥାଇ। ସେଇ ଗପିବା ଅଭ୍ୟାସକୁ ଘରର ଅନ୍ୟ ସଦସ୍ୟମାନେ ଏକ ରୋଗ ବୋଲି ମତ ଦେଇଥିଲେ ଅତିଥିମାନଙ୍କ ଆଗରେ। ହେଲେ ସେ ରୋଗ ପାଇଁ କେହି କେବେ ତାଙ୍କୁ ଡାକ୍ତର ଦେଖେଇ ନଥିଲେ। ଦେଖେଇଥିଲେ ହୁଏତ ସେମିତି ରୋଗ ପାଇଁ କେବଳ ନିଦ ବଟିକା ଛଡ଼ା ଆଉ କିଛି ପ୍ରେସ୍କ୍ରିପ୍ସନ ଡାକ୍ତର ଦେଇ ନଥାନ୍ତେ। ଅତିଥିମାନେ ଘରକୁ ଆସିଲେ ସୀତା ଦେବୀଙ୍କର ପାଦ ଯୋଡ଼ିକ ଖାଲି ଜିଅନ୍ତା ସ୍ପର୍ଶ ଟିକିଏ ପାଇଥାଏ ଯାହା, ବାକି ଶରୀରଟା କୋଉ କାଳରୁ ସୁବର୍ଣ୍ଣ ସୀତା ପାଲଟି ଯାଇଥିଲା।

ନାତି ଏବେ କଲେଜ ଗଲାଣି। ନାତୁଣୀର ଆସନ୍ତାକୁ ହାଇସ୍କୁଲ ପଢ଼ା ସରିବ। ଏମାନେ ବି ଦିନେ କୁନିଠାକୁର ସାଜୁଥିଲେ ଜେଜେ ସନାତନଙ୍କ କାନ୍ଧରେ ବସି। ଆଜି କିନ୍ତୁ ସେମାନଙ୍କ ପାଖରେ ସମୟ ନାହିଁ ଜେଜେମା' ସହ ଟିକିଏ କଥା ହେବାକୁ। ସନାତନଙ୍କ ଜିଦିରେ ସୀତା ଦେବୀ ଜୀବନର ସର୍ବଶ୍ରେଷ୍ଠ ସମୟକୁ ଗାଆଁ ଘରେ ସାରିଦେଲେ। ସେଇଠି ତାଙ୍କୁ ଯେଉଁ ତୃପ୍ତି ମିଳୁଥିଲା ଆଜିର ଏ ସରକାରୀ ବଙ୍ଗଳାରେ ନାହିଁ। ପୁଅର ଚାକିରି ପରେ ସେ କେବେହେଲେ ଏଇ ବାସଭବନର ପାଦମଡ଼ା ହେଲେନି। ପୁଅ ବୋହୂ ଯାହା ମଝିରେ ମଝିରେ ଛୁଟି ଦେଖି ଗାଁକୁ ଯାଆନ୍ତି। ଆଗପରି ମଧ୍ୟ ଏ କାଳର ଲୋକମାନଙ୍କୁ ଗାଆଁ ବେଶୀ ଟାଣି ପାରେନି।

ସେତେବେଳକୁ ନାତି ସରୋଜକୁ ମୋଟେ ପାଞ୍ଚ ବର୍ଷ ବୟସ ଓ ନାତୁଣୀ ସୀମାକୁ ଦୁଇ ବର୍ଷ। ସନାତନ ଗେହ୍ଲା କରି ନାତି ନାତୁଣୀଙ୍କୁ କୋଳରୁ ଛାଡୁ ନଥିଲେ। ନିଜ ପକେଟରୁ ବାହାର କରି ପ୍ରତିଦିନ ଗୋଟାଏ ଲେଖା ମୁଦ୍ରା ନାତି ସରୋଜ ହାତକୁ ବଢ଼ାଇ ଦେଉଥିଲେ। ନୂଆ ନୂଆ କଥା କହି ଶିଖୁଥିବା ନାତି ସରୋଜ ପ୍ରଶ୍ନ କରେ– ଜେଜେ! ସବୁଦିନେ ତୁମେ ପଇସା କୋଉଠୁ ଆଣ? ଜେଜେ ଉତ୍ତର ଦିଅନ୍ତି, ଗାଆଁ ବୁଢ଼ୀଠାକୁରାଣୀ ପରା ସବୁଦିନେ ରାତିରେ ମୋ' ପକେଟରେ ପଇସା ରଖିଦିଏ। ଆଉ ହଁ, ସେ ଘରେ ଛୋଟ ପିଲା ଦେଖିଲେ ହିଁ ସେମିତି କରେ। ସରୋଜ ଗାଆଁମୁଣ୍ଡ ବୁଢ଼ୀଠାକୁରାଣୀ ଦେଖିଯିବାକୁ ଅଝଟ କରେ। ବୁଲେଇ ନେଲେ ମୁଣ୍ଡିଆମାରି କୁହେ ଏଥର ଦୁଇଟି ଲେଖାଏଁ ମୁଦ୍ରା ଦେବୁ। ସୀମା ପରା ବଡ଼ ହେଲାଣି!

ଗାଆଁ ଘର ଟିକିଏ ଅସନା। ରଙ୍ଗମାଟି ଲିପା କାନ୍ଥ, ଗୋବରଲିପା ଚଟାଣ ସାଙ୍ଗକୁ ଚାଳଛପର ଘର। ସେଇଠି ସରୋଜ ଓ ସୀମାକୁ ଗୋଡ଼େ ଗୋଡ଼େ ଜଗିଥାନ୍ତି ସ୍ୱାମୀ ସନାତନ ଏବଂ ସୀତା ଦେବୀ। ଦେହରେ ଟିକିଏ ମାଟି ଲାଗିଗଲେ ସଂକ୍ରମଣର ସୂଚନା ଦେଇ ବୋହୂ ଧାଇଁ ଆସି ପିଲା ଦୁଇଟାଙ୍କୁ କୋଳ କରିନିଏ। ସେତିକିବେଳେ ବୁଢ଼ାବୁଢ଼ୀଙ୍କ ଆଖିରେ ଆଉ ଏକ ତରଳ ପରଳ ମାଡ଼ିବସେ। ତଥାପି ଓଠ ଚାପି ବୋହୂକୁ ସମର୍ଥନ କଲା ପରି ହସିଦିଅନ୍ତି। ସହର ଜନ୍ମିତ ଛୁଆମାନଙ୍କର ଚଳଣିର କାଇଦା କଟକଣା ଟିକିଏ ଅଲଗା। ଏ ମାଟିର ଦେହରେ ଟିକିଏ ମାଟି ଲାଗିଗଲେ ସଂକ୍ରମଣର ସମ୍ଭାବନା ନେଇ ନାନା ରକମର କଳ୍ପନାଜଳ୍ପନା ଲାଗି ରହେ।

ସ୍ୱାମୀ ସନାତନଙ୍କର ଚାଲିଯିବାର ପାଖାପାଖି ସାତବର୍ଷ ବିତିଗଲାଣି। ସେବେଠୁ ଏଇ ସହର ବସାରେ ପୁଅ ପାଖରେ ରହି ଆସୁଛନ୍ତି। ନାତି ନାତୁଣୀ ବଡ଼ ହୋଇଯିବା ପରେ ସୀତା ଦେବୀଙ୍କ ପାଖରୁ ଦୂରତା ସେମାନଙ୍କର ବଢ଼ିଯାଇଛି। ବୋହୂ ହାତଗୋଡ଼କୁ ଜଗିରହି ବେସିନ ସଫା ରଖିବା, ପାନ ଛେପ ନ ପକେଇବା, କାନ୍ଥବାଡ଼କୁ ଆଉଜି ତେଲ ଚିକିଟା ନ କରିବା ଆଦିକୁ ଭାରି ତନଖି କରେ। ବୋଧହୁଏ ସେଇଥିପାଇଁ ଘରର ପୋର୍ଟିକୋଟି ତାଙ୍କ ପାଇଁ ଶେଷ ଆଶ୍ରୟ ପାଲଟିଯାଇଥିଲା।


ସବୁ ପରେ ଆଉ କେତୋଟି କଥା ତାଙ୍କୁ ବେଶୀ ଏକୁଟିଆ କରି ପକାଇଥିଲା। ପିଲାଦିନେ ମାଟି ଲାଗି ସଂକ୍ରମଣ ହୋଇଯାଉଥିବା ସରୋଜ ସମୟେ ସମୟେ କଲେଜପଢ଼ୁଆ ସାଙ୍ଗମାନଙ୍କ ସହ ମଦ୍ୟପାନ କରି ଘରକୁ ଫେରୁଛି। ହେଲେ ସଂକ୍ରମଣଟା ବୋହୂ ପାଇଁ ଏବେ ଆଭିଜାତ୍ୟ ପାଲଟିଯାଇଛି କେମିତି! ସବୁବେଳେ ଘର କାନ୍ଥ, ବେସିନକୁ ପରିଷ୍କାର ରଖିବାକୁ ତାଗିଦା କରୁଥିବା ବୋହୂ ମଲା ଶ୍ୱଶୁରଙ୍କ ଫଟୋକୁ ଏମିତି ଅପରିଷ୍କାର, ଝିଟିପିଟି ମଳଯୁକ୍ତ କରି ବୁଢ଼ିଆଣୀ ବସା ଭିତରେ କାନ୍ଥ ସିକ୍ତ କରି ଟଙ୍ଗେଇ ରଖିଛି କାହିଁକି!

ଏମିତି ପୋର୍ଟିକୋରେ ବସି ବସି ଦିନେ ସୀତା ଦେବୀ ଜଡ଼ ପାଲଟିଗଲେ। ହଲ୍‌ଚଲ୍ ନ ହେବା କାରଣରୁ ସନ୍ଦେହ କରି ବୋହୂ ଆସି ଦେଖିଲା କି ଶାଶୁ ଆତ୍ମାଶୂନ୍ୟ ହୋଇଛନ୍ତି। ସଙ୍ଗେ ସଙ୍ଗେ ଖବର ପାଇ ପୁଅ, ନାତି ନାତୁଣୀ ଆସି ପହଞ୍ଚିଗଲେ। ଠିକ୍ ସେତିକିବେଳେ ସମସ୍ତେ ଦେଖି ଆଶ୍ଚର୍ଯ୍ୟ ହେଲେ, ବାରଣ୍ଡା କାନ୍ଥରେ ଝୁଲୁଥିବା ସନାତନଙ୍କ ଫଟୋଟି ସମ୍ପୂର୍ଣ୍ଣ ପରିଷ୍କାର ହୋଇଯାଇଛି। ସଫା ଓ ସୁନ୍ଦର ଭାବରେ କାନ୍ଥରେ ଝୁଲୁଛି। ଏସବୁ କେମିତି ହେଲା ବୋଲି ସରୋଜ ଓ ସୀମାର ପ୍ରଶ୍ନରେ ବାପା ତାଙ୍କର ଉତ୍ତର ଦେଲେ– ପ୍ରେମ ଦ୍ୱାରା କେବଳ ଜୀବନକୁ ନୁହେଁ, ବରଂ ଜଡ଼ତାକୁ ମଧ୍ୟ ଜୟ କରାଯାଇପାରେ। ଜୀବନକୁ କିଏ କେତେ ଜୟ କରିଥିଲେ କେଜାଣି, କିନ୍ତୁ ଜଡ଼ତାକୁ ଜୟ କରି ପାରିଛନ୍ତି ବୋଲି ନିଶ୍ଚିତ ଚିତ୍ତରେ ସୀତା ଦେବୀଙ୍କ ପାଦ ଛୁଇଁଲେ ଓ ପରେ ପଞ୍ଚଭୂତରେ ମିଶାଇ ଦେବାର ବ୍ୟବସ୍ଥା କଲେ।

ମୋ: ୭୦୦୮୦୭୦୧୬୬

## ପୁସ୍ତକ ପରିଚୟ

### ଆମେରିକା ଆଉଥରେ




**ଲେଖକ:** ଡ. ପ୍ରସନ୍ନ କୁମାର ମହାନ୍ତି
**ପ୍ରକାଶକ:** ଅପୂର୍ବା, ୟୁନିଟ୍–୩, ଭୁବନେଶ୍ୱର–୧
**ପ୍ରଥମ ପ୍ରକାଶ:** ୨୦୨୪,
**ମୂଲ୍ୟ:** ଟ.୧୨୦/–

ତିନିଥର ଆମେରିକା ଯାଇଛନ୍ତି ଲେଖକ। ଥରେ ୨୦୦୮ରେ, ଆଉଥରେ ୨୦୧୧ରେ ଓ ଏଥର ୨୦୨୨ରେ। ପ୍ରଥମ ଥରର ଭ୍ରମଣକୁ ନେଇ ଲେଖକ ୨୫୦ ପୃଷ୍ଠାର 'ସେ ଦେଶ' ଶୀର୍ଷକରେ ବହିଟିଏ ଲେଖିଥିଲେ ଓ ତୃତୀୟ ଥରର ଭ୍ରମଣକୁ ନେଇ ଏ ବହିଟି 'ଆମେରିକା ଆଉଥରେ'। ଗୋଟିଏ ଦେଶ ଭ୍ରମଣକୁ ନେଇ ଦୁଇଟି ବହି ଲେଖିବାର କାରଣ ସମ୍ପର୍କରେ ଲେଖକ କହନ୍ତି: ''ଏଥର ଅନେକ ନୂଆ ନୂଆ ଜାଗା ବୁଲାହେଲା।'' ଲେଖକଙ୍କର ତୃତୀୟ ଥର ଭ୍ରମଣବେଳକୁ ଆମେରିକା, ଏପରିକି ସମଗ୍ର ପୃଥିବୀରୁ କରୋନା ଆତଙ୍କ ଯାଇ ନ ଥାଏ। ଆମେରିକାର ସଜଡ଼ା ପରିବେଶକୁ ତାରିଫ୍ କରି ପ୍ରସନ୍ନ ଲେଖିଛନ୍ତି: ''ପାଦତଳଠୁଁ ଆରମ୍ଭ କରି ଚତୁର୍ଦ୍ଦିଗର ନିବିଡ଼ ସବୁଜିମା ଯେମିତି ମୁଗ୍ଧକର ; ଲୋଭନୀୟ ସ୍ଥାପତ୍ୟର ଅସଂଖ୍ୟ ଅଟ୍ଟାଳିକା, ଶୀତଳ ଜଳବାୟୁ, ପ୍ରଦୂଷଣମୁକ୍ତ ପୂର୍ଣ୍ଣାଙ୍ଗ ପରିଚ୍ଛନ୍ନତା, ହ୍ରଦ, ଉଦ୍ୟାନ, ପୁଷ୍ପବାଟିକା, ସହରର ମଝିରେ ମଝିରେ ଥିବା ନିଘଞ୍ଚ ଅରଣ୍ୟାନୀ ପ୍ରଭୃତି ଯେକୌଣସି ଦର୍ଶକ ବା ପର୍ଯ୍ୟଟକକୁ ଆମୋଦିତ କରିବା ସ୍ୱାଭାବିକ। ଗୋଟାଏ ନବଗଠିତ ଦେଶ ଭାବରେ ଆମେରିକାର ବୟସ ସିନା ମାତ୍ର ସାଢ଼େ ଚାରିଶ' କି ପାଆଁଶ' ବର୍ଷ ହେବ, ହେଲେ ଏତିକି ସମୟ ଭିତରେ ଯେ ସେମାନେ ନାନା କ୍ଷେତ୍ରରେ ନାନା ଅସାଧାରଣ କାର୍ଯ୍ୟମାନ କରିପାରିଛନ୍ତି, ଏକଥାରୁ ମୁହଁ ଫେରାଇ ହେବନାହିଁ।'' (ପୃ:୧୨)। ବହିଟିରେ ଭ୍ରମଣକାଳର ଛୋଟବଡ଼ ନାନା ଅନୁଭୂତିକୁ ଲେଖକ ଗପ କହିଲା ପରି ଏକ ବହମାନ ଭାଷାରେ କହିଛନ୍ତି, ଯାହା ଗ୍ରନ୍ଥପଠନର କ୍ଳାନ୍ତି ଆଣେ ନାହିଁ। ଓସା–ମିସିଗାନ୍‌ର କୁମାରପୂର୍ଣ୍ଣିମା ଉତ୍ସବ, ଡିଅରବର୍ନସ୍ଥିତ ହେନ୍‌ରିଫୋର୍ଡ ମ୍ୟୁଜିୟମ୍, 'ଫଲ୍' (ପତ୍ରଝଡ଼ା), ହାଲେୱିନ୍‌ର ଭୂତ–ଘଉଡ଼ା ପର୍ବ, ନାଏଗ୍ରା ପ୍ରପାତ, କଲମ୍ବସ୍‌ଙ୍କ ଆମେରିକା ଅନୁଭୂତି, ବନ୍ଧୁପରିଜନଙ୍କ ସହ ମିଳନ, ପ୍ରିନ୍ସଟନ୍ ବିଶ୍ୱବିଦ୍ୟାଳୟ ଓ ନ୍ୟୁଜର୍ସି ମନ୍ଦିର ପରିଦର୍ଶନ ଆଦିର ବର୍ଣ୍ଣନା ପଢ଼ିଲେ ବହିରୁ ମନ ଛାଡ଼େ ନାହିଁ। ଅନେକ ଭ୍ରମଣ କାହାଣୀ ତତ୍ତ୍ୱପ୍ରଧାନ ହେଉଥିବା ସ୍ଥଳେ ଏ ବହିଟି ଅନୁଭୂତିପ୍ରଧାନ ହୋଇଛି।

### ଋଷି ଶ୍ରୀଅରବିନ୍ଦଙ୍କ ରଚନା ବୈଭବ




**ସଂକଳନ ଓ ସଂପାଦନା:** ଶାନ୍ତିଲତା ପ୍ରଧାନ
**ପ୍ରକାଶକ:** ଗ୍ରାଫିକ୍ ଆର୍ଟ ଅଫ୍‌ସେଟ୍ ପ୍ରେସ୍, କଟକ–୧
**ପ୍ରଥମ ପ୍ରକାଶ:** ୨୦୨୫, **ମୂଲ୍ୟ:** ଟ.୩୫୦/–

୨୦୨୨ରେ ଶ୍ରୀଅରବିନ୍ଦଙ୍କ ଜନ୍ମଶତବାର୍ଷିକୀଠାରୁ 'ଆସ୍ପୃହା'ର ପ୍ରୟାସ ଥିଲା ଅରବିନ୍ଦଙ୍କ ରଚନାସମୂହ ଆଧାରିତ ନିବନ୍ଧଗୁଡ଼ିକୁ ନେଇ ଏକ ଗ୍ରନ୍ଥ ପ୍ରକାଶ କରିବା, ଯାହା ଫଳବତୀ ହୋଇଛି 'ଋଷି ଶ୍ରୀଅରବିନ୍ଦଙ୍କ ରଚନା ବୈଭବ' ଶୀର୍ଷକରେ ଏ ପୁସ୍ତକର ପ୍ରକାଶନ ଦ୍ୱାରା। ଏଥିରେ ମୋଟ ୧୯ଟି ନିବନ୍ଧ ସ୍ଥାନିତ। ଶ୍ରୀଅରବିନ୍ଦଙ୍କ ପ୍ରଥମ କାବ୍ୟ: ପ୍ରେମ ଓ ମୃତ୍ୟୁ, ବେଦ ରହସ୍ୟ, ଦିବ୍ୟ ଜୀବନ, ଯୋଗ ସମନ୍ୱୟ, ଈଶା ଉପନିଷଦର ଯାତ୍ରା ଓ ବାର୍ତ୍ତା, ମାନବ ଯୁଗଚକ୍ର ଅଧ୍ୟୟନ, ଗୀତା ନିବନ୍ଧମାଳା, ପୂର୍ଣ୍ଣଯୋଗରେ ଚେତନାର ଅଭିଯାତ୍ରା, ଶ୍ରୀଅରବିନ୍ଦଙ୍କ ବକ୍ତୃତା, ଭାରତୀୟ ସଂସ୍କୃତି, ତନ୍ତ୍ର, ସାବିତ୍ରୀ, ଉତ୍ତରପଡ଼ା ଅଭିଭାଷଣ ଓ ଭବାନୀ ଭାରତୀ ଆଦି ବିଷୟରେ ଅଭିଜ୍ଞ ଲେଖକଙ୍କ ଦ୍ୱାରା ଆଲୋଚନାମାନ ବହିଟିକୁ ମାନଯୁକ୍ତ କରିଛି। ଲେଖିକାଲେଖକଙ୍କ ମଧ୍ୟରେ ଅଛନ୍ତି ଅର୍ଚ୍ଚନା ନାୟକ, ଗୟାଧର ଦାଶ, ଶେଖ ଅବଦୁଲ କାଶମ, ଯଦୁନନ୍ଦନ ସାମଲ, ଜନ୍ମେଜୟ ଦ୍ୱିବେଦୀ, ସୁଷମା ବାରିକ, ଭାଗୀରଥି ମହାପାତ୍ର, ମମତା ଦାଶ, ନିତ୍ୟାନନ୍ଦ ମହାନ୍ତି, ଉମେଶ ପଟ୍ଟନାୟକ, ସରୋଜକାନ୍ତ ମିଶ୍ର, ଶରତଚନ୍ଦ୍ର ରଥ, ପ୍ରଫୁଲ୍ଲ କୁମାର ମିଶ୍ର ଓ ସନ୍ତୋଷ କୁମାର ଗାହାଣ। ଗ୍ରନ୍ଥର ମୁଖବନ୍ଧରେ ପ୍ରସାଦ ତ୍ରିପାଠୀ କହିଛନ୍ତି: ''ଆମ ସମାଜରେ ବ୍ୟକ୍ତିତ୍ୱ ସଂଶୋଧନ କରିବାର ସାମର୍ଥ୍ୟ ବହନ କରୁଥିବା ଅଧ୍ୟାତ୍ମ ସାହିତ୍ୟ ବିରଳ। ଅନେକ ରଚନା ପ୍ରକାଶ ପାଉଥିଲେ ମଧ୍ୟ ସେ ସବୁଥିରେ ଭାଷା ତଥା ସାହିତ୍ୟର ଚାତୁର୍ଯ୍ୟକୁ ଅଧିକ ଗମ୍ଭୀରତାର ସହ ସନ୍ନିବେଶିତ କରାଯାଏ। x x ମାତ୍ର ଶାନ୍ତି ତାଙ୍କ ଉଦ୍ଦେଶ୍ୟର ଭିନ୍ନତାକୁ ଯଥାସମ୍ଭବ ଏହି ରଚନାଗୁଡ଼ିକରେ ପର୍ଯ୍ୟବସିତ କରିବା ପାଇଁ ଉଦ୍ୟମ କରିଛନ୍ତି।''

## କବିତା

### ଘୁନଘୁଟପାଲି: ମଣିଷ ନଥିବା ଗାଁ
**ରାଜେଶ ପୂଜାରୀ**

ହଜିଯାଏ ଗାଁଟିଏ
ସତେ କ'ଣ ଏତେ ସହଜରେ
ପଛୁଆ ବଢ଼ିପାଣିରେ
ବୁଡ଼ିଯାଏ ଯୌଥ ସମ୍ପର୍କର ଘରଘାଟ
ପରମ ଆତ୍ମୀୟତାର କ୍ଷେତ, ଖାଲ, ଖମା
ନୂଆବୋହୂ ଆସିବା ଯିବାର ବାଟ!

ସରିଯାଏ ଯାନିଯାତ
କରଡ଼ି ହେଣ୍ଡୁଆ, ଚାର, ମହୁଲ ବଜାର
ଈଶ୍ୱର ବି ଜଳେ ସମାଧିସ୍ଥ
ଆକାଂକ୍ଷାପତଙ୍ଗ ଛିନ୍‌ଛତ୍ର
ଆଖି ଭଳିଗଲା ଭଳି ଅସରା ସବୁଜିମା
ଉପହାସର ଶୂନ୍ୟ ମାନଚିତ୍ର!

ଛାତିରେ ଚାପି ପଥର
ଥୋକେ ଲୋକ ହେଲେ ଯାଯାବର
ତନ୍ନତନ୍ନ ଖୋଜିଲେ ଠିକଣା ଜୀବନାୟନର
ଆଉ କିଛି ମାଟିକୁ ଜାବୁଡ଼ି
ବୁଡ଼ିଥିବା ବସତିଠୁ କିଛି ଦୂର ବନସ୍ତକୁ ଯାଇ
ବନଚରେ ବେଖାତିର କରି
ରହିଲେ ଝଟିମାଟିର ପୃଥିବୀ ଗଢ଼ି
ଦିନରେ ଟାଙ୍ଗରା ଭୂଇଁରେ
କୋଡ଼ି କୋଦାଳ ନଚେଇ
ରାତିବେଳେ ମାଛ ମାରି
ପେଟ ମନ ଉଭୟେ ବୁଝେଇ।

ମାଟି ପାଇଁ ମାଟି ହେଲେ
ବାଟ ପାଇଁ ବାଟ
ଆଲୁଅ ତ ଦୁରୂହ ବେପାର
କିନ୍ତୁ ଆଖିରେ ତାଙ୍କର
ଅଯୁତେ ସପନର ନାଟ
ଭାବିଥିଲେ,
ପୁଣି ଗାଁ ସବୁଜ ମହକେ ବାସିବ
ଦୁଃଖ ଶର୍ବରୀ ଅନ୍ତେ
ସୁନାର ସକାଳ ଆସିବ

କିନ୍ତୁ ଜଳିଗଲେ ଆଶା ଭରସା ସକଳ
ଅଦିନିଆ ଜଙ୍ଗଲ ଦାଁ(ନିଆଁ)ରେ
ସଭିଏଁ ହେଲେ ଗାଁଛଡ଼ା, ମୋହଛଡ଼ା
ପ୍ରାଣ ବିକଳରେ
ଅବଶେଷ ଯାହା ଥିଲା ବଢ଼ିପାଣିଠାରୁ
ନିମିଷକେ ଖାର ପାଲଟିଲା
ଶୂନ୍ୟ, ସବୁ ଶୂନ୍ୟ ହୋଇଗଲା
ଭରସି ହୁଏନି ଜମା ସେଠି ଗାଁଟିଏ ଥିଲା!

ନାଁଟିଏର ମୋହରେ
ସରଳ ଆଦିବାସୀ ଲୋକେ
କେତେ ଆକୁଳ ବ୍ୟାକୁଳ ଥିଲେ
ଦିନେ କେବେ,
ଆଜି ସମ୍ବାଦପତ୍ରରେ ପଢ଼ିଲି
ମଣିଷ ନଥିବା ଗାଁ
ରାଜସ୍ୱତାର ମୁକୁଟ ପିନ୍ଧିଛି
ହଜୁରଙ୍କ କୃପାଦୃଷ୍ଟି ପଡ଼ିଛି ସେଇଠି
ଏଇ ଏବେ ଏବେ।

ମୋ: ୮୧୪୪୭୭୯୦୬୧

### ଆୟୁଷ୍ମତୀ
**ପ୍ରତିଭା ପରିଡ଼ା**

ତୋ' ଓଠର ଧାରୁଆ ଧାରରେ
କି ନିଶା ଥାଏ ଆୟୁଷ୍ମତୀ!
କଳ୍ପବଟର ମିଠା ଫଳ
ନା' ନଷ୍ଟ ମୁହୂର୍ତ୍ତର ହଳାହଳ?
ସତରେ କି ନିଶା ଅଛି!
ତୋ' ପାଦର ଛନ୍ଦପାତରେ
ଏଣେ ତାତିଯାଉଛି ମାଟି
ଆଉ ମୋ' ରକ୍ତରେ ଘୁଙ୍ଗୁର ବାଜୁଛି...

ଅମୃତ ନା ଜହର ସ୍ନାନ ମୁଁ କରୁଥାଏ?
ସ୍ନାନ ସାରି ଚାହିଁବାବେଳକୁ
ମୁକୁଳି ଆସୁଥାଏ
ବର୍ଣ୍ଣଭୋର ରତୁଟିଏ...

ଝୁଙ୍କି ଆସୁଥାଏ ତଳକୁ
ମତୁଆଲା ଆକାଶର ଫର୍ଦ୍ଦା ବିଶ୍ୱାସ...
ତୋ' ପ୍ରୀତିର ପହିଲି ଛୁଆଁରେ
ଯାହା ମହକି ଉଠୁଥାଏ
ମୋର ଅଧାଲିଭା ଅର୍ଥର ଆୟୁଷ।

ମୋ: ୮୯୧୭୬୦୩୪୪୨

### ପାଦେ ଆକାଶ
**ବ୍ରହ୍ମମୟୀ ମିଶ୍ର**

ବିଶ୍ୱାସ କର
ଅଜବ ଏ ଦୁନିଆରେ
ଅଣନିଃଶ୍ୱାସୀ ହୋଇ
ମୁଁ ବି ଖୋଜୁଛି
ପାଦେ ଆକାଶ
ଯେଉଁଠି ମୁଗ୍ଧ ତାରାଟିଏ ହୋଇ
ଦେଖୁଥିବି ମୋ' ପ୍ରିୟ ପୃଥିବୀକୁ ଆଉ
ମେଣ୍ଟାଇ ପାରୁଥିବି
କାହିଁ କେତେ ଯୁଗର ଅବସୋସ।

ସେଇ ଆକାଶ ଯେଉଁଠି
ମୋ' ନିଃସଙ୍ଗତାର ଭାଷା
ପଢ଼ି ହସିବାକୁ ନ ଥିବେ କେହି
ଅବା ମୋ' ପାରିବାପଣିଆ
ଉପରେ ଉଠାଉ ନ ଥିବେ
ହଜାରେ ପ୍ରଶ୍ନବାଚୀ।

କିମ୍ବା ଶବ୍ଦମାନେ ଧରାଦେଇ
ହେଉ ନ ଥିବେ ଶେଷ
ପାଣି ପାଖରେ ଥାଇ ବି
ମେଣ୍ଟୁ ନ ଥିବ ଶୋଷ
ପୁଣି ଥରେ ମୋ' ନିଃଶ୍ୱାସ ମୋର ହୋଇ
ବହୁଥିବ ଅନନ୍ତ କାଳ
ମୁଁ ବି ଅଭିମାନରେ ବତୁରି ନ ଯାଇ
ଦମ୍ଭ ଧରିବି ଆଉ ରଚିଯିବି ମୋ'
ପ୍ରେମ ଓ ଜୀବନର ଇତିବୃତ୍ତ।

ମୋ: ୯୪୩୭୮୫୩୬୩୭


#### ଗୀତି–କବିତା

### କେତେ ଜନ୍ମ ଲାଗିବ
**ବିଜୟଲକ୍ଷ୍ମୀ ପଟ୍ଟନାୟକ**

ପଥର ଛାତିକୁ ଫଟାଇ ଝରୁନି
ପୁଣ୍ୟର ଗଙ୍ଗୋତ୍ରି ଧାରା,
ନିର୍ବେଦ ସମ ଊର୍ଦ୍ଧ୍ୱେ ଚାହିଁଛି
ନାହିଁ ଜହ୍ନ ନାହିଁ ତାରା।
ଯୋଗୀର କେନ୍ଦରା ଶୁଭୁନାହିଁ ଆଉ
ଫେରୁନି ବସାକୁ ପକ୍ଷୀ,
ଥକି ପଡୁଥିବା ବାଟୋଇର କହ
ବାଟ ବିନା କିଏ ସାକ୍ଷୀ।
ଗରଳକୁ ପିଇ ପରଳ ଆଖିରେ
ଏକା ଚାଲିବାକୁ ହେବ
କେଜାଣି ତୋ'ପାଖେ ପହଞ୍ଚିବା ଲାଗି
କେତେ ଜନ୍ମ ଲାଗିଯିବ।

ମୋ: ୬୩୭୦୧୬୬୨୦୪

## କାଳକାଳକୁ



''ପୃଥିବୀରେ ଆମର ପ୍ରତି ପଦପାତ ଆମକୁ ଏକ ନୂଆ ଦୁନିଆକୁ ନେଇଯାଏ।''
– ଫେଡେରିକୋ ଗାର୍ସିଆ ଲୋର୍କା

**ଫେଡେରିକୋ ଗାର୍ସିଆ ଲୋର୍କାଙ୍କ** ଜନ୍ମ ୫ ଜୁନ୍ ୧୮୯୮ରେ ଓ ପରଲୋକ ୧୯ ଅଗଷ୍ଟ ୧୯୩୬ରେ। ସ୍ପେନ୍ ଜନ୍ମିତ ଲୋର୍କା ଏକାଧାରରେ କବି, ନାଟ୍ୟକାର ଓ ନାଟ୍ୟ ନିର୍ଦ୍ଦେଶକ। ପ୍ରତୀକବାଦ, ଭବିଷ୍ୟବାଦ ଓ ଅତିଯଥାର୍ଥବାଦ ଭଳି ସାହିତ୍ୟିକ ଆନ୍ଦୋଳନଗୁଡ଼ିକୁ ସେ ସଫଳ ଭାବେ ସ୍ପେନୀୟ ସାହିତ୍ୟରେ ପ୍ରୟୋଗ କରିଥିଲେ। ତାଙ୍କର ପ୍ରସିଦ୍ଧ ଗ୍ରନ୍ଥଗୁଡ଼ିକ ମଧ୍ୟରେ କବିତା: 'ଇମ୍ପ୍ରେସନ୍ସ ଆଣ୍ଡ ଲ୍ୟାଣ୍ଡସ୍କେପ୍‌ସ' (୧୯୧୮), 'ବୁକ୍ ଅଫ୍ ପୋଏମ୍‌ସ' (୧୯୨୧) ଓ 'ପୋଏମ୍ ଅଫ୍ ଦ ଡିପ୍ ସଂଗ୍' (୧୯୩୧) ଏବଂ ନାଟକ: 'ବ୍ଲଡ୍ ୱେଡିଙ୍ଗ୍' (୧୯୩୨), 'ୟେର୍ମା' (୧୯୩୪), 'ଦ ହାଉସ୍ ଅଫ୍ ବରନାର୍ଡା ଆଲ୍‌ବା' (୧୯୩୬) ପ୍ରଧାନ। ସ୍ପେନୀୟ ଗୃହଯୁଦ୍ଧ ଆରମ୍ଭରେ ଏହି କୀର୍ତ୍ତିମାନ୍ ଲେଖକଙ୍କୁ ଜାତୀୟବାଦୀ ଶକ୍ତି କର୍ତ୍ତୃକ ହତ୍ୟା କରାଯାଇଥିଲା ଓ ତାଙ୍କର ମୃତଦେହ ମିଳି ନ ଥିଲା। ଲୋର୍କା କହନ୍ତି: ''ମୁଁ ସବୁବେଳେ ସେହିମାନଙ୍କର ପକ୍ଷଧର, ଯେଉଁମାନଙ୍କର କିଛି ବୋଲି କିଛି ନ ଥାଏ।''

# ଆକାଶୀ ରଙ୍ଗର ରୁମାଲ

## କଥାଟିଏ
### ଶିବ ମିଶ୍ର

ସିଏ କମ୍ପାନୀ କାମରେ ବ୍ୟସ୍ତ ଥାଉ ଅବା ବସାରେ ବେକାର ବସିଥାଉ, ସବୁବେଳେ ତା' ହାତରେ ଥାଏ ସେଇ ରୁମାଲଟା। କେବଳ ଗାଧୋଇବା ବେଳ ଛାଡ଼ିଦେଲେ ବାକି ସବୁ ସମୟରେ, ଏମିତି କି ରାତିରେ ଶୋଇଲାବେଳେ ବି ହାତ କଚଟିରେ ବାନ୍ଧି ରଖିଥାଏ ସେଇଟାକୁ।

ପ୍ରାୟ ବର୍ଷେ ହେଲା ଗୋଟିଏ ଘରେ ଏକାଠି ରହୁଥିବା, ଗୋଟିଏ କମ୍ପାନୀରେ ଏକାଠି କାମ କରୁଥିବା ତା'ର ଜଣେ ସାଙ୍ଗ ତାକୁ କହିଲା– ମୁଁ ଦେଖୁଛି ତୁ ସେଇ ରୁମାଲଟା ମିନିଟିକ ପାଇଁ ପାଖଛଡ଼ା କରୁନୁ। ପୁଣି ସେଇଟା ମଇଳା ହୋଇ ଯାଇଥିଲେ ମଧ୍ୟ ସଫା କରିବା ତ ଦୂରେ ଥାଉ ଖାଲି ପାଣିରେ ବି ଧୋଉନୁ। ସେଥିରେ ଏମିତି କି ରସ ଲାଗିଛି ମୁଁ ଜାଣିପାରୁନି। ସାଙ୍ଗର କଥା ଶୁଣି ସିଏ କହିଲା– ଏ ରୁମାଲକୁ ଧୋଇବା ଦରକାର ନାହିଁ, କାହିଁକି ନା ଏଇଟା କେବେ ବି ମଇଳା ହେବ ନାହିଁ। ସାଙ୍ଗ କହିଲା– ଏଥିରେ କୋଉ ତାନ୍ତ୍ରିକର ମନ୍ତୁରାପାଣି ଛିଞ୍ଚା ହୋଇଛି ନା କ'ଣ? ସିଏ କହିଲା– ତୁ ଦେଖୁଛୁ ଏ ରୁମାଲର ରଙ୍ଗକୁ। ସାଙ୍ଗ କହିଲା– ହଁ ମୁଁ ଦେଖୁଛି, ଏଇଟା ଆକାଶୀ ରଙ୍ଗର ରୁମାଲ। ଏଥର ସେ ରୁମାଲକୁ ଥରେ ଦି'ଥର ଏ ହାତରୁ ସେ ହାତ କରିବା ପରେ ସିଏ ସାଙ୍ଗକୁ କହିଲା– ଆକାଶ ପରି ଏଥିରେ ମଧ୍ୟ ଗହନ ରହସ୍ୟ ରହିଛି। ସାଙ୍ଗ ପଚାରିଲା– କ'ଣ ସେ ରହସ୍ୟ? ସିଏ ଧରିଥିବା ରୁମାଲକୁ କିଛି ସମୟ ଚାହିଁବା ପରେ କହିଲା– ଆଜିଯାଏଁ କାହାକୁ ମୁଁ କହିନି ସେ ରହସ୍ୟ କଥା। ତୁ ଯଦି ଜାଣିବାକୁ ଚାହୁଁଛୁ ତେବେ ଶୁଣ।

ଏଇ କମ୍ପାନୀରେ କାମ କରିବା ପାଇଁ ମୁଁ ଏ ସହରକୁ ଆସିଲା ଦିନ ଆମ ଦାଣ୍ଡଦୁଆର ଏରୁଣ୍ଡିବନ୍ଧ ଡେଇଁଲାବେଳେ ମୋ' ମାଆ ଆଖିରୁ ନିଗିଡ଼ି ପଡୁଥିଲା ଧାର ଧାର ଲୁହ। ସେତେବେଳେ ତା'ର ସେ ଲୁହଝରା ଆଖିକୁ ମୁଁ ପୋଛି ଆଣିଥିଲି ଏଇ ରୁମାଲରେ। ମୋତେ ଲାଗୁଛି ମୋ' ମାଆ ଏଇ ରୁମାଲରେ ଥାଇ ପ୍ରତି ମୁହୂର୍ତ୍ତରେ ମୋତେ ଦେଖୁଛି।

ଏତେବେଳଯାଏ ତାକୁ ଚାହିଁ ହସୁଥିବା ସାଙ୍ଗର ମୁହଁଟା ହଠାତ୍ ଗମ୍ଭୀର ହୋଇଗଲା। ସିଏ ଖୁବ୍ ଧୀରେ କହିଲା– ଜାଣିଛୁ, ମୋତେ ପେଟରୁ କାଢ଼ି ମାଟିରେ ଥୋଇ ଦେଇ, ମୋ' ମାଆ ସେଇ ଅନ୍ତୁଡ଼ିଶାଳରୁ ଯମପୁରକୁ ଚାଲିଗଲା ବୋଲି ମୁଁ ଶୁଣିଛି। ମାଆର ମୁହଁ ଦେଖିନି। ତା'ପରେ ଗୋଟାଏ ମୋଟା ଦୀର୍ଘଶ୍ୱାସ ନେଇ ତୁଣ୍ଡ ଭିତରେ ଶୁଖିଶୁଖି ଯାଉଥିବା ଜିଭକୁ ଥରେ ଦି'ଥର ଏପଟସେପଟ କଲା ପରେ ସାଙ୍ଗ କହିଲା– ତୁ ଟିକିଏ ସମୟ ପାଇଁ ମୋତେ ସେଇ ରୁମାଲଟା ଦେଇପାରିବୁ? ମାଆ ତ ମାଆ, ସିଏ ତୋ'ର ହେଉ, ମୋ'ର ହେଉ କି ଯାହାର ହେଉ। ଏଇ ରୁମାଲରେ ଥିବା ମାଆର ଆଖିରେ ଥରେ ମୋ' ମୁହଁ ଦେଖିବା ପାଇଁ ମୋର ଭାରି ଇଚ୍ଛା ହେଉଛି। ତୁ ମୋ' ପାଇଁ କ'ଣ ଏତିକି କରିପାରିବୁନି? ମୁଁ ପରା ତୋର ସବୁଠାରୁ ପ୍ରିୟ ସାଙ୍ଗ।



କିଛି ନ କହି ଏତେ ଦିନ ହେଲା ବନ୍ଦ ଥିବା ହାତମୁଠା ଖୋଲି ଦେଇ ସିଏ ତା' ସାଙ୍ଗ ଆଡ଼କୁ ବଢ଼ାଇ ଦେଲା ରୁମାଲଟା। ଏବେ ସିଏ ଦେଖୁଥିଲା ମାଆ ପାଇଁ ତା' ସାଙ୍ଗ ଆଖିରୁ ଶ୍ରାବଣର ବର୍ଷା ପରି ଝରଝର ଝରୁଥିଲା ଅମାନିଆ ଲୁହର ଧାର, ଆଉ ସୁଲୁସୁଲୁ ପବନରେ ଉଡୁଥିଲା ତା' ହାତରେଥିବା ଗୋଟିଏ ମାଆର ଆଖି ଲୁହରେ ପଖଳା ସେଇ ଆକାଶୀ ରଙ୍ଗର ରୁମାଲ।

ମୋ: ୯୮୫୩୦୭୦୦୧୮

Dr. Juneja's
ପେଟ ସଫା
Natural Laxative Granules & Tablets
ସହାୟକ: କୋଷ୍ଠକାଠିନ୍ୟ ଗ୍ୟାସ୍ ଏସିଡିଟି
ଯଦି ଆପଣ ମଧ୍ୟ କୋଷ୍ଠକାଠିନ୍ୟ, ଗ୍ୟାସ୍, ଏସିଡିଟି ଭଳି ସମସ୍ୟା କାରଣରୁ ବ୍ୟଥିତ ଅଟନ୍ତି ତେବେ ଆଜି ହିଁ ନିଅନ୍ତୁ, ପେଟ ସଫା ଗ୍ରାନ୍ୟୁଲ୍ସ/ଟାବ୍ଲେଟ୍ସ । ଏହା ମୁହଁରେ ଲାଖେ ନାହିଁ । ଶୋଇବା ପୂର୍ବରୁ ଖାଆନ୍ତୁ ଓ ଆରାମ ପାଆନ୍ତୁ ।
20% EXTRA TABLETS
Provides Effective Relief
Balances Digestive Health
Ayurvedic Proprietary Medicine
Clinically Tested* *For efficacy and safety.
Divisa www.divisastore.com
24x7 Helpline: 91197 88888 | www.petsaffa.com
Available at all medical & general stores

# ମୁମ୍ବାଇର ବିସ୍ଫୋରକ ବ୍ୟାଟିଂ



ଶଟ୍ ଖେଳିବା ଅବସରରେ ରୋହିତ ଶର୍ମା ।

**ମୁଲାନପୁର, ୩୦।୫**

ଚଳିତ ଆଇପିଏଲ୍‌ରେ ଶୁକ୍ରବାର ଖେଳାଯାଇଥିବା ଏଲିମିନେଟର ମ୍ୟାଚ୍‌ରେ ମୁମ୍ବାଇ ଇଣ୍ଡିଆନ୍ସ (ଏମ୍‌ଆଇ) ଓ ଗୁଜରାଟ ଟାଇଟନ୍ସ (ଜିଟି) ପରସ୍ପରକୁ ଭେଟିଛନ୍ତି । ରୋହିତ ଶର୍ମାଙ୍କ ବିସ୍ଫୋରକ ଅର୍ଦ୍ଧଶତକ ବଳରେ ମୁମ୍ବାଇ ପ୍ରତିପକ୍ଷ ଗୁଜରାଟ ସମ୍ମୁଖରେ ୨୨୯ ରନର ବିଶାଳ ଟାର୍ଗେଟ ଧାର୍ଯ୍ୟ କରିଛି । ଏହି ମ୍ୟାଚ୍‌ର ବିଜେତା ଆସନ୍ତା ୧ ତାରିଖରେ ହେବାକୁ ଥିବା କ୍ୱାଲିଫାୟର-୨ ମ୍ୟାଚ୍‌ରେ ପଞ୍ଜାବ କିଙ୍ଗ୍ସ (ପିବିକେଏସ୍)କୁ ଭେଟିବ ।

ଟସ୍ ଜିତି ମୁମ୍ବାଇ ଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟା ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲେ । ଏହି ନିଷ୍ପତ୍ତିକୁ ରୋହିତ ଶର୍ମା ଓ ଜନି ବେଆରଷ୍ଟୋଙ୍କ ଓପନିଂ ଯୋଡ଼ି ସଠିକ୍ ସାବ୍ୟସ୍ତ କରିଥିଲା । ଦୁହେଁ ୭.୨ ଓଭରରେ ୮୪ ରନ ଯୋଡ଼ିଥିଲେ । ବେଆରଷ୍ଟୋ ୨୨ ବଲରେ ୪୭ (୪ ଚୌକା ଓ ୩ ଛକା) ରନ କରି ଆଉଟ୍ ହୋଇଥିଲେ । ରୋହିତଙ୍କ ସହ ସୂର୍ଯ୍ୟକୁମାର ଯାଦବ ମିଶି ଦଳୀୟ ସ୍କୋରକୁ ୧୪୦ ଅତିକ୍ରମ କରାଇଥିଲେ । ସୂର୍ଯ୍ୟ ୨୦ ବଲରେ ୩୩ (୧ ଚୌକା ଓ ୩ ଛକା) ରନ କରି ଆଉଟ୍ ହୋଇଥିବା ବେଳେ ରୋହିତ ୫୦ ବଲରେ ୯ ଚୌକା ଓ ୪ ଛକା ୮୧ ରନ କରି ପାଭିଲିଅନ ଫେରିଥିଲେ । ଶେଷ ଆଡ଼କୁ ତିଲକ ବର୍ମା ୧୧ ବଲରେ ୨୫ (୩ ଛକା) ଓ ଅଧିନାୟକ ହାର୍ଦ୍ଦିକ ୯ ବଲରେ ୨୨ (୩ ଛକା) ରନ କରିଥିଲେ । ଫଳରେ ମୁମ୍ବାଇ ନିର୍ଦ୍ଧାରିତ ୨୦ ଓଭରରେ ୫ ଉଇକେଟ ହରାଇ ୨୨୮ ରନ କରିବାକୁ ସକ୍ଷମ ହୋଇଥିଲା । ଗୁଜରାଟ ପକ୍ଷରୁ ଶାଇ କିଶୋର ଓ ପ୍ରସିଦ୍ଧ କ୍ରିଷ୍ଣା ଦୁଇ ଲେଖାଏ ଉଇକେଟ ନେଇଥିଲେ ।

**ଆଇପିଏଲ୍ ଏଲିମିନେଟର**

**ସଂକ୍ଷିପ୍ତ ସ୍କୋର**

ମୁମ୍ବାଇ ଇଣ୍ଡିଆନ୍ସ: ୨୦ ଓଭରରେ ୨୨୮/୫ (ରୋହିତ ଶର୍ମା-୮୧, ଜନି ବେଆରଷ୍ଟୋ-୪୭, ସୂର୍ଯ୍ୟକୁମାର ଯାଦବ-୩୩, ସାଇ କିଶୋର-୨/୪୨, ପ୍ରସିଦ୍ଧ କ୍ରିଷ୍ଣା-୨/୫୩, ମହମ୍ମଦ ସିରାଜ-୧/୩୭) ।

# ମାରାଡୋନାଙ୍କ ମୃତ୍ୟୁ ମାମଲାର ଶୁଣାଣିକୁ ଅସିଦ୍ଧ ଘୋଷଣାକଲେ କୋର୍ଟ

**ବୁଏନସ ଆରିଜ, ୩୦।୫(ଏପି)**

ଫୁଟ୍‌ବଲ କିମ୍ବଦନ୍ତୀ ଡିଏଗୋ ମାରାଡୋନାଙ୍କ ମୃତ୍ୟୁ ଘଟଣାରେ ୭ ଜଣିଆ ମେଡିକାଲ ଟିମ୍ ବିରୋଧରେ ଅଣାଯାଇଥିବା କାର୍ଯ୍ୟରେ ଅବହେଳା ମାମଲା ଏକ ରୋଚକ ମୋଡ଼ ନେଇଛି । ଏହି ମାମଲାର ଶୁଣାଣିକୁ ଆର୍ଜେଣ୍ଟିନାର ଏକ କୋର୍ଟ ଅସିଦ୍ଧ ବା ମିସଟ୍ରାଏଲ ଘୋଷଣା କରିଛନ୍ତି । ଆଗାମୀ ଡକ୍ୟୁମେଣ୍ଟାରିକୁ ନେଇ ପ୍ରବଳ ସମାଲୋଚନା କାରଣରୁ ଏହି ମାମଲାର ଶୁଣାଣି କରୁଥିବା ୩ ବିଚାରପତିଙ୍କ ମଧ୍ୟରୁ ଜଣେ ଓହରିଯିବାରୁ ଏଭଳି ନିଷ୍ପତ୍ତି ନିଆଯାଇଛି । ବିବାଦୀୟ ଭାବେ ଶୁଣାଣିରୁ ଓହରିଯିବାରୁ କୋର୍ଟଙ୍କ ନିକଟରେ ଉକ୍ତ ବିଚାରପତିଙ୍କ ସ୍ଥାନରେ ଅନ୍ୟ ଜଣଙ୍କୁ ନିଯୁକ୍ତ କରିବା କିମ୍ବା ଆରମ୍ଭରୁ ମାମଲାର ଶୁଣାଣି କରିବା ଭଳି ଦୁଇଟି ବିକଳ୍ପ ଥିଲା । ଗୁରୁବାର ବିଚାରପତିମାନେ ପୁଣି ଥରେ ମାମଲାର ଆରମ୍ଭରୁ ଶୁଣାଣି କରିବାକୁ ରାୟ ଦେଇଛନ୍ତି । କିନ୍ତୁ ଏହି ଶୁଣାଣି କେବେ ଆରମ୍ଭ ହେବ, ତାହା ସ୍ପଷ୍ଟ କରାଯାଇନାହିଁ ।

ପ୍ରସିକ୍ୟୁଟରଙ୍କ ପକ୍ଷରୁ ୬୦ ବର୍ଷୀୟ ମାରାଡୋନାଙ୍କ ମୃତ୍ୟୁ ପରବର୍ତ୍ତୀ ଘଟଣା ଉପରେ ନିର୍ମିତ 'ଡିଭାଇନ ଜଷ୍ଟିସ' ନାମକ ଡକ୍ୟୁମେଣ୍ଟାରିର ଟ୍ରେଲର ପ୍ରଦର୍ଶିତ କରାଯାଇଥିଲା । ଏଥିରେ ବିଚାରପତି ଜୁଲିଏଟା ମାକିନଟାଚ୍‌ଙ୍କୁ ମୁଖ୍ୟ ଖଳନାୟିକା ଭାବେ ପ୍ରଦର୍ଶିତ କରାଯାଇଥିଲା । ଏଥିଯୋଗୁ ବିଚାରପତି ମାକିନଟାଚ୍ ମଙ୍ଗଳବାର ନିଜ ପଦରୁ ଇସ୍ତଫା ଦେଇଥିଲେ । ଉଲ୍ଲେଖଯୋଗ୍ୟ ଯେ, ୧୯୮୬ରେ ଆର୍ଜେଣ୍ଟିନାକୁ ବିଶ୍ୱକପ୍ ଜିତାଇଥିବା ମାରାଡୋନାଙ୍କର ୨୦୨୦, ନଭେମ୍ବର ୨୫ ତାରିଖରେ ହେମାଟୋମା ସର୍ଜରିର ସମ୍ମୁଖୀନ ହେବାର ଦିନକ ପରେ ମୃତ୍ୟୁ ହୋଇଥିଲା ।



# ଚତୁର୍ଥ ରାଉଣ୍ଡରେ ସାବାଲେଙ୍କା

**ପ୍ୟାରିସ,୩୦।୫**

ଚଳିତ ଫ୍ରେଞ୍ଚ ଓପନ ଗ୍ରାଣ୍ଡସ୍ଲାମ ଟେନିସ ଟୁର୍ନାମେଣ୍ଟରେ ଶୁକ୍ରବାର ମହିଳା ସିଙ୍ଗଲ୍ସରେ ୱାର୍ଲ୍ଡ ନଂ-୧ ଆରିନା ସାବାଲେଙ୍କା ଓ ପଞ୍ଚମ ସିଡ୍ ଆଇଗା ସ୍ୱିଟେକ ଚତୁର୍ଥ ରାଉଣ୍ଡରେ ପ୍ରବେଶ କରିଛନ୍ତି । ପୁରୁଷ ସିଙ୍ଗଲ୍ସରେ ଅଷ୍ଟମ ସିଡ୍ ଲୋରେଞ୍ଜୋ ମୁସେଟି ପରବର୍ତ୍ତୀ ରାଉଣ୍ଡରେ ସ୍ଥାନ ପକ୍କା କରିଛନ୍ତି ।

ଶୁକ୍ରବାର ଖେଳାଯାଇଥିବା ମହିଳା ସିଙ୍ଗଲ୍ସ ତୃତୀୟ ରାଉଣ୍ଡ ମ୍ୟାଚ୍‌ରେ ସାବାଲେଙ୍କା ୬-୨, ୬-୩ ସିଧାସଳଖ ସେଟରେ ଓଲଗା ଡାନିଲୋଭିକଙ୍କୁ ପରାସ୍ତ କରିଛନ୍ତି । ସେହିଭଳି ପୋଲାଣ୍ଡର ସ୍ୱିଟେକ ୬-୨, ୭-୫ ସେଟ୍‌ରେ ରୋମାନିଆର ଜାକଲିନ କ୍ରିଷ୍ଟିଆନଙ୍କୁ ଓ ଅଷ୍ଟମ ସିଡ୍ କ୍ୱିନୱେନ ଝେଙ୍ଗ ୬-୩, ୬-୪ ସେଟ୍‌ରେ କାନାଡାର ଭିକ୍ଟୋରିଆ ଏମ୍‌ବୋକୋଙ୍କୁ ହରାଇଛନ୍ତି । ଅନ୍ୟ ମ୍ୟାଚ୍‌ରେ ୧୬ତମ ସିଡ୍ ଆମାଣ୍ଡା ଆନିସିମୋଭା ୭-୬(୭-୪), ୬-୪ ସେଟ୍‌ରେ କ୍ଲାରା ଟୌସନଙ୍କୁ, ୧୭ତମ ସିଡ୍ ଡାରିଆ କାସଟକିନା ୬-୪, ୬-୨ ସେଟ୍‌ରେ ଲେଓଲିଆ ଜିନଜିନଙ୍କୁ ଓ ଲିଉଡମିଲା ସାମସୋନୋଭା ୬-୨, ୬-୩ ସେଟ୍‌ରେ ଡାଏନା ୟଷ୍ଟ୍ରେମସ୍କାଙ୍କୁ ପରାସ୍ତ କରି ଚତୁର୍ଥ ରାଉଣ୍ଡରେ ସ୍ଥାନ ପକ୍କା କରିଛନ୍ତି । ପୁରୁଷ ସିଙ୍ଗଲ୍ସରେ ଅଷ୍ଟମ ସିଡ୍ ମୁସେଟି ୪-୬, ୬-୪, ୬-୩, ୬-୨ ସେଟ୍‌ରେ ଆର୍ଜେଣ୍ଟିନାର ମାରିଆନୋ ନାଭୋନଙ୍କୁ ଓ ଦଶମ ସିଡ୍ ହୋଲଗର ରୁନ ୪-୬, ୬-୨, ୫-୭, ୭-୫, ୬-୨ ସେଟ୍‌ରେ କୁଏଣ୍ଟିନ ହେଲିସଙ୍କୁ ପରାସ୍ତ କରିଛନ୍ତି । ଅନ୍ୟ ଏକ ମ୍ୟାଚ୍‌ରେ ଟମି ପଲ ୬-୩, ୩-୬, ୭-୬(୯-୭), ୩-୬, ୬-୩ ସେଟ୍‌ରେ ୨୪ତମ ସିଡ୍ କାରେନ ଖାଚନୋଭଙ୍କୁ ହରାଇଛନ୍ତି । ଆଲେକ୍ସି ପପରିନ ୬-୪, ୭-୬(୧୩-୧୧), ୭-୬(୭-୫) ସେଟ୍‌ରେ ନୁନୋ ବର୍ଗେସଙ୍କୁ ପରାସ୍ତ କରିଛନ୍ତି ।

**ଫ୍ରେଞ୍ଚ ଓପନ**



ଆରିନା ସାବାଲେଙ୍କା

## ନମ୍ବର ୱାନ ଯୋଡ଼ିକୁ ହରାଇଲେ ସାତ୍ତ୍ୱିକ-ଚିରାଗ

**ସିଙ୍ଗାପୁର, ୩୦।୫ (ପି.ଟି.):** ଭାରତର ଶୀର୍ଷ ପୁରୁଷ ଡବଲ୍ସ ଯୋଡ଼ି ସାତ୍ତ୍ୱିକସାଇରାଜ ରାଙ୍କିରେଡ୍ଡୀ ଓ ଚିରାଗ ଶେଟ୍ଟି ବିଶ୍ୱର ନମ୍ବର ୱାନ ମାଲେସୀୟ ଯୋଡ଼ି ଗୋହ ସିଜି ଫେଇ ଓ ନୂର ଇଜୁଦ୍ଦିନଙ୍କ ବିପକ୍ଷରେ ସିଧାସଳଖ ଗେମ୍‌ରେ ବିଜୟ ଲାଭ କରି ସିଙ୍ଗାପୁର ଓପନ ବ୍ୟାଡମିଣ୍ଟନ ଟୁର୍ନାମେଣ୍ଟର ସେମିଫାଇନାଲରେ ପ୍ରବେଶ କରିଛନ୍ତି । ଏଥିସହିତ ସେମାନେ ଚଳିତ ସିଜନରେ ସେମାନଙ୍କର ପ୍ରଥମ ଟାଇଟଲ ଆଡକୁ ଅଗ୍ରସର ହୋଇଛନ୍ତି । ଗତ କିଛି ସପ୍ତାହ ଧରି ଆଘାତଜନିତ ସମସ୍ୟାରେ ଥିବା ଏହି ଭାରତୀୟ ଯୋଡ଼ି ଦୃଢ଼ ପ୍ରତ୍ୟାବର୍ତ୍ତନ କରିଛନ୍ତି । ମ୍ୟାଚ୍‌ରେ ଚମତ୍କାର ଡିଫେନ୍ସ ପ୍ରଦର୍ଶନ କରିବା ସହ ଫ୍ରଣ୍ଟ କୋର୍ଟରେ ସଠିକ ନିୟନ୍ତ୍ରଣ ରଖି ସୁପର ୭୫୦ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟର କ୍ୱାର୍ଟରଫାଇନାଲ ମ୍ୟାଚକୁ ୨୧-୧୭, ୨୧-୧୫ରେ ଜିତି ନେଇଥିଲେ ।

## ଶୁଟ୍‌ଆଉଟରେ ହାରିଲା ଭାରତ

**ନୂଆଦିଲ୍ଲୀ, ୩୦।୫(ପି.ଟି.)**

ଆର୍ଜେଣ୍ଟିନାର ରୋସାରିଓଠାରେ ଚାଲିଥିବା ଚତୁଃରାଷ୍ଟ୍ରୀୟ ଜୁନିୟର ମହିଳା ବନ୍ଧୁତ୍ୱପୂର୍ଣ୍ଣ ହକି ଟୁର୍ନାମେଣ୍ଟରେ ଭାରତ ୧-୩ ଶୁଟଆଉଟରେ ଚିଲି ନିକଟରୁ ହାରିଯାଇଛି । ମ୍ୟାଚର ନିର୍ଦ୍ଧାରିତ ସମୟ ଖେଳ ୨-୨ ଗୋଲରେ ଅମୀମାଂସିତ ଭାବେ ଶେଷ ହୋଇଥିଲା । ଭାରତ ତରଫରୁ ସୁଖବୀର କୌର (୩୫ତମ ମିନିଟ) ଓ କନିକା ସିୱାଚ (୪୭ତମ) ଗୋଲ ସ୍କୋର କରିଥିବା ବେଳେ ଚିଲି ପକ୍ଷରୁ ଜାସିଣ୍ଟା ସିଲାରି (୨୭ତମ) ଓ ଅଧିନାୟିକା ଲାଉରା ମୁଲର (୪୨ତମ) ଗୋଟିଏ ଲେଖାଏ ଗୋଲ୍ ଦେଇଥିଲେ । ଶୁଟ୍‌ଆଉଟରେ ଜୋସେଫିନା କନ୍‌ଷ୍ଟାଞ୍ଜା, ଇସାବେଲ୍ ଲିଓନର ମେସେନ ଓ ତ୍ରିନିଦାଦ୍ ଆଣ୍ଟୋନିଆ ବାରିଅସ ଗୋଲ ସ୍କୋର କରିଥିବା ବେଳେ ଭାରତ ତରଫରୁ ଏକମାତ୍ର ଗୋଲ ସୋନମ ଦେଇଥିଲେ । ଭାରତ ଏହାର ପରବର୍ତ୍ତୀ ମ୍ୟାଚ ଜୁନ୍ ୧ରେ ଉରୁଗୁଏ ବିପକ୍ଷରେ ଖେଳିବ ।

## ଆଗୁଆ ଇଂଲଣ୍ଡ ଯିବେ ରାହୁଲ

**ନୂଆଦିଲ୍ଲୀ,୩୦।୫**

ଆସନ୍ତା ୨୦ ତାରିଖରୁ ଆରମ୍ଭ ହେବାକୁ ଥିବା ଇଂଲଣ୍ଡ ବିପକ୍ଷ ୫ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ ଲାଗି ପ୍ରସ୍ତୁତି କରିବା ପାଇଁ ଭାରତୀୟ ବ୍ୟାଟର ଲୋକେଶ ରାହୁଲ ଆଗୁଆ ଇଂଲଣ୍ଡ ଟୁର କରିବେ । ପ୍ରକୃତରେ ରାହୁଲଙ୍କୁ ଭାରତୀୟ ଦଳର ଅନ୍ୟ ଖେଳାଳିଙ୍କ ସହ ଜୁନ ୬ ତାରିଖରେ ଟୁର କରିବାର ଥିଲା । ହେଲେ ସେ ଇଂଲଣ୍ଡ ଲାୟନ୍ସ ଓ ଭାରତ ଏ' ମଧ୍ୟରେ ଖେଳାଯିବାକୁ ଥିବା ଦ୍ୱିତୀୟ ଅନ୍‌ଅଫିସିଆଲ ଟେଷ୍ଟରେ ଖେଳିବା ପାଇଁ ବିସିସିଆଇକୁ ଅନୁରୋଧ କରିଥିଲେ ।

## ଭାମ୍ବ୍ରି-ଗାଲୋୱେ ଯୋଡ଼ି ୩ୟ ରାଉଣ୍ଡରେ

**ପ୍ୟାରିସ, ୩୦।୫ (ପି.ଟି.):** ଭାରତର ୟୁକି ଭାମ୍ବ୍ରି ଓ ତାଙ୍କ ଆମେରିକା ପାର୍ଟନର ରବର୍ଟ ଗାଲୋୱେ ଫ୍ରେଞ୍ଚ ଓପନ ଗ୍ରାଣ୍ଡସ୍ଲାମ ଟେନିସ ପ୍ରତିଯୋଗିତାର ତୃତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି । ଶୁକ୍ରବାର ସେମାନେ ଏକ ୩ ସେଟ୍ ବିଶିଷ୍ଟ ମ୍ୟାଚରେ ୭ମ ସିଡ୍ ଯୋଡ଼ି ନିକୋଲା ମେକ୍ଟିକ୍ ଓ ମାଇକେଲ ଭେନସଙ୍କ ବିପକ୍ଷରେ ରୋମାଞ୍ଚକ ବିଜୟ ହାସଲ କରିଛନ୍ତି । ଇଣ୍ଡୋ-ଆମେରିକାନ ଯୋଡ଼ି ୬-୭ (୪), ୭-୬ (୭), ୬-୩ରେ କ୍ରୋଏସିଆନ-ନ୍ୟୁଜିଲାଣ୍ଡ ଯୋଡ଼ିଙ୍କୁ ହରାଇ ଦେଇଛନ୍ତି । ରୋଲାଣ୍ଡ ଗ୍ୟାରୋସଠାରେ ଏହି ମ୍ୟାଚ ଦୁଇ ଘଣ୍ଟା ୩୨ ମିନିଟ ଧରି ଚାଲିଥିଲା ।

# ଓଡ଼ିଆ ଖେଳାଳିଙ୍କୁ କ୍ରୀଡ଼ାମନ୍ତ୍ରୀଙ୍କ ସମ୍ବର୍ଦ୍ଧନା



ଭାରତୀୟ ଗେଟ୍‌ବଲ୍ ଦଳର ୪ ଓଡ଼ିଆ ଖେଳାଳିଙ୍କ ସହ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ।

**ଭୁବନେଶ୍ୱର,୩୦।୫ (ଅନାଦି କର)**

ତାଇୱାନଠାରେ ଅନୁଷ୍ଠିତ ବିଶ୍ୱ ମାଷ୍ଟର୍ସ ଗେମ୍ସର ଗେଟ୍ ବଲ ଚାମ୍ପିୟନଶିପ୍‌ରେ ଭାରତୀୟ ଦଳ ସ୍ୱର୍ଣ୍ଣ ପଦକ ଜିତିଥିଲା । ଏହି ଦଳରେ ଦ୍ୱୈପାୟନ ପଟ୍ଟନାୟକ, ଉମାକାନ୍ତ ପାଣି, ସର୍ବେଶ୍ୱର ମହାପାତ୍ର ଓ ଦିଲୀପ ଷଡ଼ଙ୍ଗୀ ପ୍ରମୁଖ ୪ ଓଡ଼ିଆ ଖେଳାଳି ସ୍ଥାନ ପାଇଥିଲେ । ଓଡ଼ିଆ ଖେଳାଳିମାନେ ଓଡ଼ିଶା ଫେରିବା ପରେ ଗୁରୁବାର କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ସେମାନଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି । ଏହି ଅବସରରେ ଆଇକନିକ ପ୍ରତିଷ୍ଠାତା ଚିଦମ୍ବିକା ଖଟୁଆ, ଡ. ଶେଖ ହମିମ, ଦର୍ଶନ କୁମାର ଓ ଭାରତୀୟ ଗେଟ୍ ବଲ ୟୁନିଅନ (ଆଇଜିୟୁ)ର କୋଷାଧ୍ୟକ୍ଷ ଶରତ ପାତ୍ର, ଅଳକା ରାୟ, ଡ. ପ୍ରଦୀପ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

**ଭାରତୀୟ ଗେଟ ବଲ ଦଳ**

# ଗୁଲ୍‌ବୀର, ପୂଜା, ନନ୍ଦିନୀଙ୍କୁ ସ୍ୱର୍ଣ୍ଣ

**ଗୁମି, ୩୦।୫ ( ପି.ଟି.)**

ଲଙ୍ଗ୍ ଡିଷ୍ଟାନ୍ସ ରନର ଗୁଲ୍‌ବୀର ସିଂ ଏଠାରେ ଚାଲିଥିବା ୨୬ତମ ଏସିଆନ ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍‌ରେ ଏକ ଦଶନ୍ଧି ଧରି କାଏମ ରହିଥିବା ପୁରୁଣା ମିଟ୍ ରେକର୍ଡକୁ ଭଙ୍ଗ କରି ଦେଇଥିବା ବେଳେ ସ୍ୱଳ୍ପ ବୟସ୍କା ହାଇଜମ୍ପର ପୂଜା ସିଂ ବ୍ୟକ୍ତିଗତ ଶ୍ରେଷ୍ଠ ପ୍ରଦର୍ଶନ ସହ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି । ଚାମ୍ପିୟନଶିପ୍ ଉଦ୍‌ଯାପିତ ହେବାକୁ ଆଉ ଗୋଟିଏ ଦିନ ବାକି ରହିଥିବା ବେଳେ ହେପ୍ଟାଥଲେଟ ନନ୍ଦିନୀ ଆଗାସାରା ଶୁକ୍ରବାର ଭାରତ ପାଇଁ ଅନ୍ୟ ଏକ ସ୍ୱର୍ଣ୍ଣ ପଦକ ଆଣି ଦେଇଛନ୍ତି ।

**ଏସିଆନ ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍**

ଭାରତର ଶ୍ରେଷ୍ଠ ଲଙ୍ଗ୍ ଡିଷ୍ଟାନ୍ସ ରନରମାନଙ୍କ ମଧ୍ୟରେ ଗୁଲ୍‌ବୀର ହେଉଛନ୍ତି ଅନ୍ୟତମ । ଶୁକ୍ରବାର କଡ଼ା ମୁକାବିଲାରେ ଅନୁଷ୍ଠିତ ପୁରୁଷ ୫,୦୦୦ ମିଟର ରେସ୍‌ରେ ସେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି । ପୂର୍ବରୁ ଚାମ୍ପିୟନଶିପ୍‌ର ପ୍ରଥମ ଦିବସରେ ସେ ୧୦,୦୦୦ ମିଟର ରେସ୍‌ରେ ମଧ୍ୟ ସ୍ୱର୍ଣ୍ଣ ପଦକ ଲାଭ କରିଥିଲେ । ଜାତୀୟ ରେକର୍ଡଧାରୀ ଏହି ଆଥ୍‌ଲେଟ ୧୩: ୨୪.୭୭ ସେକେଣ୍ଡ ଟାଇମିଂରେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଥାଇଲାଣ୍ଡର କିରନ ଟୁନିଟ୍‌ଭେଟ୍ (୧୩:୨୪.୯୭ ସେକେଣ୍ଡ)ଙ୍କୁ ପଛରେ ପକାଇ ପ୍ରଥମ ହୋଇଥିଲେ । ଜାପାନର ନାଗିୟା ମୋରି (୧୩:୨୫.୦୬)ଙ୍କୁ ବ୍ରୋଞ୍ଜ ପଦକ ମିଳିଥିଲା । ପରେ ୧୮ବର୍ଷୀୟା ପୂଜା ତାଙ୍କ ବ୍ୟକ୍ତିଗତ ଶ୍ରେଷ୍ଠ ୧.୮୯ ମିଟର ଜମ୍ପ୍ କରି ଉଜ୍‌ବେକିସ୍ତାନର ସାଫିନା ସାଦୁଲେଭା (୧.୮୬ ମିଟର)ଙ୍କୁ ପଛରେ ପକାଇ ଦେଇଥିଲେ । ହରିୟାଣାର ଏହି ସ୍ୱଳ୍ପ ବୟସ୍କାଙ୍କ ପିତା ହେଉଛନ୍ତି ଜଣେ କନଷ୍ଟ୍ରକ୍ସନ ୱାର୍କର । ପୂଜା ମହାଦେଶୀୟ ସ୍ତରରେ ଭଲ ପ୍ରଦର୍ଶନ କରି ଆସୁଛନ୍ତି । ପୂର୍ବରୁ ୨୦୨୩ରେ ୨୩ ବର୍ଷରୁ କମ୍ ଏସିଆନ ଚାମ୍ପିୟନଶିପ୍‌ରେ ସେ ଏକ ସ୍ୱର୍ଣ୍ଣ ପଦକ ପାଇଥିଲେ । ଏସିଆନ ସ୍ୱର୍ଣ୍ଣ ଜିତିବାରେ ସ୍ୱପ୍ନା ବର୍ମନ (୨୦୧୭) ଓ ସୋମା ବିଶ୍ୱାସ (୨୦୦୫) ପରେ ନନ୍ଦିନୀ ହେଉଛନ୍ତି ତୃତୀୟ ଭାରତୀୟ ହେପ୍ଟାଥଲେଟ । ନନ୍ଦିନୀ ୫୯୪୧ ପଏଣ୍ଟ ସହ ପ୍ରଥମ ସ୍ଥାନ ଅଧିକାର କରିଥିଲେ । ଜାଭେଲିନ୍ ଥ୍ରୋ (୩୪.୧୮ମିଟର)ରେ ତାଙ୍କର ପ୍ରଦର୍ଶନ ଖରାପ ରହିବା ପରେ ସେ ଦୃଢ଼ ପ୍ରତ୍ୟାବର୍ତ୍ତନ ସହ ୮୦୦ମିଟର ରେସ୍ ଜିତିଥିଲେ । ଜାଭେଲିନ୍ ଥ୍ରୋ ଜିତି ପ୍ରଥମେ ନନ୍ଦିନୀଙ୍କଠାରୁ ଆଗରେ ରହିଥିବା ଚାଇନାର ଲିୟୁ ଜିଙ୍ଗ୍‌ୟି ୫୮୬୯ ପଏଣ୍ଟ ସହ ରୌପ୍ୟ ଜିତିଥିଲେ । ଶୁକ୍ରବାର ସୁଦ୍ଧା ଭାରତର ପଦକ ସଂଖ୍ୟା ୮ ସ୍ୱର୍ଣ୍ଣ ସହ ୧୮ରେ ପହଞ୍ଚିଛି ।

### ଦଶନ୍ଧିର ରେକର୍ଡ ଭାଙ୍ଗିଲେ ଗୁଲବୀର




ଏଠାରେ ଗୁଲ୍‌ବୀର ୨ ସ୍ୱର୍ଣ୍ଣ ପଦକ ହାସଲ କରି ଉଲ୍ଲେଖନୀୟ ସଫଳତା ହାସଲ କରିଛନ୍ତି । ଚାମ୍ପିୟନଶିପ୍‌ର ପ୍ରଥମ ଦିବସରେ ୨୮:୩୮.୬୩ ସେକେଣ୍ଡ ଟାଇମିଂରେ ସେ ୧୦,୦୦୦ ମିଟର ପ୍ରତିଯୋଗିତା ଜିତିଛନ୍ତି । ଶୁକ୍ରବାରର ପ୍ରଦର୍ଶନ ଦ୍ୱାରା ଗୁଲ୍‌ବୀର କଣ୍ଟିନେଣ୍ଟାଲ ମିଟ୍‌ର ପୁରୁଷ ୫,୦୦୦ ମିଟର ଇଭେଣ୍ଟରେ ସ୍ୱର୍ଣ୍ଣ ହାସଲ କରିଥିବା ଭାରତୀୟ ଆଥଲେଟଙ୍କ ଏଲିଟ୍ ଗ୍ରୁପ୍‌ରେ ସ୍ଥାନ ପାଇଛନ୍ତି । ଏଥିରେ ସ୍ଥାନ ପାଇଥିବା ଅନ୍ୟ ୩ ଆଥ୍‌ଲେଟ ହେଲେ ଗୋପଲ ସଇନି (୧୯୮୧), ବାହାଦୁର ପ୍ରସାଦ (୧୯୯୩) ଓ ଜି. ଲକ୍ଷ୍ମଣନ (୨୦୧୭) ।

4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ